# ପ୍ରାର୍ଥନା

ସୂର୍ଯ୍ୟୋଦୟ ସଙ୍ଗେ ସଙ୍ଗେ ମୁଁ ଗାନ କଲି ଏ ପୃଥିବୀର ପ୍ରଶସ୍ତି – ଯେଉଁଠି ଖାଲି ତୁମକୁ କାମନା କରିବା ନୁହେଁ, ତୁମକୁ ଜାଣିବା ଏବଂ ତୁମ ସତ୍ତାରେ ପରିଣତ ହେବା ମଧ୍ୟ ସମ୍ଭବପର । ଆଉ ମୁଁ ବିସ୍ମିତ ହେଲି ଯେ ଏମିତି କେତେକ ଲୋକ ବି ଥାଆନ୍ତି, ଯେଉଁମାନେ ଏ ବିଶ୍ୱ ପରିତ୍ୟାଗ କରିବାକୁ ଏବଂ ଭିନ୍ନ ଏକ ପରୋତ୍କର୍ଷସମ୍ପନ୍ନ ପୃଥିବୀରେ ପ୍ରବେଶ ନିମନ୍ତେ ତୀବ୍ର ଅଭୀପ୍ସା ପୋଷଣ କରନ୍ତି ।

ମୋ ହୃଦୟରେ ତୁମେ ଏଭଳି ସନ୍ତୋଷ ଭରି ଦେଇଛ ଯେ ଆଭ୍ୟନ୍ତରୀଣ ବା ବାହ୍ୟିକ ଯେକୌଣସି ପରିସ୍ଥିତିରେ ତୃପ୍ତ ଅନୁଭବ ନ କରିବା ମୋ ପକ୍ଷରେ ଅସମ୍ଭବ । ତଥାପି ମୋ ସତ୍ତା ଭିତରେ ଏମିତି କିଛି ରହିଛି ଯାହା ସର୍ବଦା ଆହୁରି ଅଧିକ ସୌନ୍ଦର୍ଯ୍ୟ, ଆହୁରି ଅଧିକ ଆଲୋକ, ଆହୁରି ଅଧିକ ଜ୍ଞାନ, ଆହୁରି ଅଧିକ ପ୍ରେମ – ଗୋଟାଏ କଥାରେ କହିଲେ ତୁମ ସହ ଏକ ଅଧିକ ସଚେତନ, ଏକ ଅଧିକ ନିରନ୍ତର ସମ୍ପର୍କ ପାଇଁ ଅଭୀପ୍ସୁ... କିନ୍ତୁ ଏହା ମଧ୍ୟ ତୁମ ଇଚ୍ଛା ଉପରେ ନିର୍ଭର କରେ ଏବଂ ଯେତେବେଳେ ହେବ ତୁମର ଇଚ୍ଛା ସେତେବେଳେ ତୁମେ ମୋତେ ମଞ୍ଜୁର କରିବ ସାମଗ୍ରିକ ନବରୂପାୟନ ।

ଜୁଲାଇ ୨୫, ୧୯୧୪ — ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

The sadhana of inner concentration consists in :

1. Fixing the consciousness in the heart and concentrating there on the idea, image
   or name of the Divine Mother, whichever comes easiest to you.
2. A gradual and progressive quieting of the mind by this concentration in the heart.
3. An aspiration for the Mother's presence in the heart and the control by her of mind, life and action.

But to quiet the mind and get the spiritual experience it is necessary first to purify and prepare the nature.

– Sri Aurobindo

ଆନ୍ତର ଏକାଗ୍ରତାର ସାଧନା ନିମ୍ନଲିଖିତ କଥାଗୁଡ଼ିକୁ ନେଇ ଗଠିତ :

୧. ଚେତନାକୁ ହୃଦୟରେ କେନ୍ଦ୍ରିତ କରିବା ଓ ସେଠାରେ ଦିବ୍ୟଜନନୀଙ୍କ ସମ୍ବନ୍ଧୀୟ ଧାରଣା, ତାଙ୍କ ସ୍ୱରୂପ କିଂବା ତାଙ୍କ ନାମ, ଯେଉଁ ଗୋଟିକ ତୁମ ପାଇଁ ସହଜତମ ବୋଧ ହୁଏ ତା' ଉପରେ ଏକାଗ୍ର ହେବା ।

୨. ହୃଦୟରେ ଏକାଗ୍ରତା ମାଧ୍ୟମରେ ମନକୁ କ୍ରମାଗତ ପ୍ରଗତିଶୀଳ ଭାବେ ନିଶ୍ଚଳ କରିବା ।

୩. ହୃଦୟ ମଧ୍ୟରେ ଦିବ୍ୟଜନନୀଙ୍କ ଉପସ୍ଥିତି ଓ ତାଙ୍କ ଦ୍ୱାରା ମନ, ପ୍ରାଣ ତଥା କ୍ରିୟା ସକଳର ନିୟନ୍ତ୍ରଣ ନିମନ୍ତେ ଏକ ଅଭୀପ୍ସା ।

କିନ୍ତୁ ମନକୁ ନିଶ୍ଚଳ କରି ଆଧ୍ୟାତ୍ମିକ ଅନୁଭୂତି ଲାଭ କରିବାକୁ ହେଲେ ପ୍ରଥମେ ପ୍ରକୃତିକୁ ଶୁଦ୍ଧ ଓ ପ୍ରସ୍ତୁତ କରିବା ଆବଶ୍ୟକ ।

— ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧ୍ୟକୁ ଅବତରଣ

**(The Descent into Night)**

**(୫୩)**

## ଶ୍ରୀଅରବିନ୍ଦ

Aware of some dark wisdom still withheld
That was the seal and warrant of this strength,
He followed the track of dim tremendous steps
Returning to the night from which they came.

କୌଣସି ଅନ୍ଧକାରାଚ୍ଛନ୍ନ ପ୍ରଜ୍ଞା ଯାହା ଏବେ ବି ଧରା ଦେଇ ନାହିଁ, ଯେକି ଏହି ଶକ୍ତିକୁ ଦେଇଛି ନାଯ୍ୟତା ଓ ଅଧିକାର, ସେ ସମ୍ପର୍କରେ ସଚେତନ ହୋଇ ଆପଣା ରାତ୍ରି ମଧ୍ୟକୁ ବାହୁଡ଼ି ଯାଉଥିବା ସେହି ଅସ୍ପଷ୍ଟ ଭୀତିପ୍ରଦ ପଦଚିହ୍ନ ପରିପୂର୍ଣ୍ଣ ପଥକୁ ସେ (ଅଶ୍ୱପତି) ଅନୁସରଣ କରି ଚାଲିଲେ ।

A tract he reached unbuilt and owned by none:
There all could enter but none stay for long.

ସେ ଏପରି ଏକ ବିସ୍ତୃତ ଇଲାକାରେ ଆସି ପହଞ୍ଚିଲେ ଯାହା ଏବେ ବି ଯଥାଯଥଭାବେ ନିର୍ମିତ ହୋଇ ନାହିଁ ଏବଂ କାହା ଦ୍ୱାରା ଅଧିକୃତ ହୋଇ ନାହିଁ : ସେଠାରେ ସମସ୍ତେ ପ୍ରବେଶ କରନ୍ତି ଅଥଚ କେହି ସେଠାରେ ଦୀର୍ଘ ସମୟ ଧରି ରହିପାରନ୍ତି ନାହିଁ ।

It was a no man's land of evil air,
A crowded neighbourhood without one home,
A borderland between the world and hell.

ପାପର ବତାସରେ ଭରା ସେହି ରାଜ୍ୟ ଥିଲା ମାନବ ବର୍ଜିତ, ଆଖପାଖ ଚତୁର୍ଦ୍ଦିଗ ଜନବସତିରେ ପୂର୍ଣ୍ଣ ମାତ୍ର ଗୋଟିଏ ମଧ୍ୟ ବାସଗୃହ ସେଠାରେ ନଥିଲା, ପୃଥିବୀ ଓ ନର୍କ ମଧ୍ୟରେ ତାହା ଏକ ସୀମାନ୍ତ ପ୍ରଦେଶ ।

There unreality was Nature's lord:
It was a space where nothing could be true,
For nothing was what it had claimed to be:
A high appearance wrapped a specious void.

ସେଠାରେ ଅବାସ୍ତବତା ହେଲା ପରମା ପ୍ରକୃତିର ପ୍ରଭୁ : ତାହା ଏକ ଅବକାଶ ଯେଉଁଠି ସତ୍ୟର ସ୍ଥାନ ନାହିଁ, କାରଣ ଯାହା ସେ ହେବାକୁ ଚାହିଁଥିଲା, ତହିଁରୁ କିଛି ବି ହୋଇ ନାହିଁ । ଏକ ସମୁଚ୍ଚ ଉପସ୍ଥିତି ଭ୍ରାନ୍ତବୋଧ ହେଉଥିବା ଶୂନ୍ୟତାକୁ ଆବୃତ କରି ରଖିଥିଲା ।

Yet nothing would confess its own pretence
Even to itself in the ambiguous heart:
A vast deception was the law of things;
Only by that deception they could live.

ତଥାପି ନିଜର ପ୍ରତାରଣାକୁ ତାହା ସ୍ୱୀକାର କରେ ନାହିଁ, ଏପରିକି ନିଜ ପାଖରେ ନିଜର ଦ୍ୱିଧାଗ୍ରସ୍ତ ହୃଦୟ ପାଖରେ ସେ ସ୍ୱୀକାର କରେ ନାହିଁ : ଏକ ବିପୁଳ ପ୍ରବଞ୍ଚନା ବସ୍ତୁମାନଙ୍କର ବିଧାନ ହୋଇ ରହିଥିଲା; କେବଳ ସେହି କପଟତାକୁ ଆଶ୍ରୟ କରି ସେମାନେ ଜୀବନ ନିର୍ବାହ କରୁଥିଲେ ।

(କ୍ରମଶଃ)

ଗଦ୍ୟାନୁବାଦ : ସୁବୋଧ କୁମାର ଦାସ

❑❑❑

# ବାର୍ତ୍ତାଳାପ ସମ୍ପର୍କରେ

## ଶ୍ରୀମା

### ନିରର୍ଥକ ବାକ୍ୟାଳାପ ନିମ୍ନଗାମୀ କରେ

ଏପରି ଏକ ଅବସ୍ଥା ଆସିପାରେ ଯେତେବେଳେ ତୁମେ ଅନ୍ୟମାନଙ୍କ ସହିତ ସାଧାରଣ ଗଳ୍ପ କରୁ କରୁ ଅନୁଭବ କଲ ଯେ ତୁମେ ଖୁବ୍ ସାଧାରଣ ସ୍ତରକୁ ଖସି ପଡୁଛ ଓ ଯଦି ବେଶୀ ସମୟ ତୁମେ ସେହି ବାଜେ ଗଳ୍ପ ଆଳାପରେ ରହିଲ, ତେବେ ତୁମର ମୁଣ୍ଡ ବ୍ୟଥା ଆରମ୍ଭ ହୋଇଯିବ, ତୁମେ ପେଟରେ ଅସ୍ୱସ୍ତି ଅନୁଭବ କରିବ ଏବଂ ଆଉ ବେଶୀ ହେଲେ ତୁମକୁ ଜ୍ୱର ମଧ୍ୟ ହୋଇଯାଇପାରେ । ମୁଁ ଅବଶ୍ୟ ସେଇସବୁ ନିରର୍ଥକ ଅଯଥା ବାକ୍ୟାଳାପ କଥା କହୁଛି । ମୋର ବିଶ୍ୱାସ, ଅଳ୍ପ କେତେଜଣଙ୍କୁ ଛାଡ଼ି ଦେଲେ, ପ୍ରତ୍ୟେକ ଲୋକ ଏଥିରେ ମାତନ୍ତି ଏବଂ ଏପରି ସବୁକଥା ଗପନ୍ତି ଯାହା ସେମାନଙ୍କର ନ କହିବା ଉଚିତ – କିଂବା ଅନ୍ୟକଥା ଗପିବା ଉଚିତ । ଏହା କ୍ରମଶଃ ଏପରି ସ୍ୱାଭାବିକ ହୋଇଯାଏ ଯେ, ତୁମେ ତଦ୍ଦ୍ୱାରା କିଛି ଅସୁବିଧା ଭୋଗ କରି ନ ଥାଅ । କିନ୍ତୁ ତୁମେ ଯଦି ଏହିସବୁ ଅଯଥା ବାକ୍ୟାଳାପରେ ମାତି ରୁହ, ତେବେ ତୁମର ଚେତନା ଊର୍ଦ୍ଧ୍ୱକୁ ଉଠିବା ପଥରେ ତୁମେ ବାଧା ସୃଷ୍ଟି କର; ତୁମେ ନିଜକୁ ନିମ୍ନ ସାଧାରଣ ଚେତନା ସହିତ ଲୌହ ଶିକୁଳିରେ ବାନ୍ଧିରଖ । ଏବଂ ତୁମର ଅବଚେତନାରେ ଯେଉଁସବୁ କାର୍ଯ୍ୟ କରାଯିବା କଥା ତାହା କରାହୋଇ ନ ଥାଏ କିଂବା ତାହା ଆରମ୍ଭ ମଧ୍ୟ ହୋଇ ନ ଥାଏ । ଯେଉଁମାନେ ଊର୍ଦ୍ଧ୍ୱକୁ ଉଠିବା ଲାଗି ଇଚ୍ଛା କରନ୍ତି, ସେମାନେ ବାହାରୁ କୌଣସି ତାଡ଼ନା ନ ପାଇଥିଲେ ବି, ଅନେକ ଅସୁବିଧା ସେମାନଙ୍କ ଭିତରେ ଆଗରୁ ବି ରହିଥାଏ । ...

ତୁମେ କେବେ ବି ତୁମର ମନକୁ ନିମ୍ନଗାମୀ ହେବା ଲାଗି ପ୍ରଶ୍ରୟ ଦେବ ନାହିଁ: ନିରର୍ଥକ ଗପସପ ତୁମକୁ ନିମ୍ନଗାମୀ କରାଏ ଏବଂ ଯଦି ତୁମେ ଯୋଗ କରିବାକୁ ଚାହଁ, ତେବେ ନିଜକୁ ଏଥିରୁ ନିବୃତ୍ତ କରିବା ଉଚିତ । ଏଇ ହେଲା କଥା ।

### ସେତିକି କୁହ, ଯାହା ଅପରିହାର୍ଯ୍ୟ

ମୁଁ କହୁଛି ଯେ ତୁମେମାନେ ସମସ୍ତେ ଏକ ଚେଷ୍ଟା କର – ଓଃ ! ମୁଁ ବେଶୀ ସମୟ ପାଇଁ କରିବାକୁ କହୁନି, ଦିନକୁ ମାତ୍ର ଗୋଟିଏ ଘଣ୍ଟା ଚୁପ୍ ରୁହ – କେବଳ ଯେତିକି ନିତାନ୍ତ ଦରକାର ସେତିକି ବ୍ୟତୀତ ଅନ୍ୟକିଛି କହିବ ନାହିଁ, ଗୋଟିଏ ଶବ୍ଦ ବେଶୀ ନୁହେଁ କି ଗୋଟିଏ ଶବ୍ଦ କମ୍ ନୁହେଁ ।

ଦୈନନ୍ଦିନ ମାତ୍ର ଘଣ୍ଟାଏ ନିଅ, ଯେଉଁ ସମୟଟି ତୁମ ପାଇଁ ସବୁଠୁ ସୁବିଧାଜନକ, ଏବଂ ସେହି ସମୟତକ ନିଜକୁ ଭଲଭାବେ ନିରୀକ୍ଷଣ କର ଏବଂ ସେତେବେଳେ ଯାହା ଯେତିକି ନିତାନ୍ତ ଦରକାର ସେତିକିଟି ମାତ୍ର ଶବ୍ଦ ଉଚ୍ଚାରଣ କର ।

ପ୍ରଥମରୁ ତୁମ ପାଇଁ ଏହା ଅବଶ୍ୟ କଷ୍ଟକର ହେବ – ତୁମେ କିପରି ଜାଣିବ ଯେ କେଉଁଟା ନିତାନ୍ତ ଦରକାର ଓ କେଉଁଟା ଦରକାର ନୁହଁ । ସେଟା ତୁମେ ପ୍ରତିଦିନ ନିଜେ ନିଜେ ବିଚାର କରି ଦେଖି ଜାଣିପାରିବ ଏବଂ ପ୍ରତିଦିନ ତୁମେ ଏଥିରେ ଉନ୍ନତି କରିପାରିବ ।

ତା'ପରେ ତୁମେ ଦେଖିବ ଯେ ଯେପର୍ଯ୍ୟନ୍ତ ତୁମେ କିଛି କହୁ ନାହଁ, ସେପର୍ଯ୍ୟନ୍ତ ତୁମେ ସଂପୂର୍ଣ୍ଣ ନିରବ ରହିବା କଷ୍ଟକର ହେଉ ନାହିଁ । କିନ୍ତୁ ଯେତେବେଳେ ତୁମେ କଥାପଦେ କହିବାକୁ ଆରମ୍ଭ କଲ, ସେତେବେଳେ ତୁମେ ଲକ୍ଷ୍ୟ କରିବ ଯେ ପ୍ରାୟ ସର୍ବଦା ତୁମେ ଆବଶ୍ୟକତାଠାରୁ ଦୁଇଟି, ତିନୋଟି କିଂବା ଦଶଟି ବା କୋଡ଼ିଏଟି ଅଦରକାରୀ ଶବ୍ଦ କହିସାରିଛ ଯାହାକି ଆଦୌ ଦରକାର ନ ଥିଲା ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ପରିଚ୍ଛେଦ : ୪୫)

## ସ୍ୱଦେଶ ଆତ୍ମାର ବାଣୀମୂର୍ତ୍ତି

**ମନୋଜ ଦାସ**

ସରକାରଙ୍କ ତରଫରୁ ଅଭିଯୋଗ ହେଲା, 'ବନ୍ଦେ ମାତରମ୍' ସଂବାଦପତ୍ର ଘୋର ରାଜଦ୍ରୋହମୂଳକ ଲେଖାମାନ ପ୍ରକାଶ କରିଚାଲିଛି ଏବଂ ଶ୍ରୀଅରବିନ୍ଦହିଁ ସେସବୁରୁ ଅଧିକାଂଶ ରଚନାର ଲେଖକ ତଥା ସଂବାଦପତ୍ରଟିର ସଂପାଦକ । ଅତଏବ ସେ ଦଣ୍ଡିତ ହେବା ଅତ୍ୟନ୍ତ ଜରୁରୀ ।

'ବନ୍ଦେ ମାତରମ୍'ର ଯେକୌଣସି ସଂଖ୍ୟା ପଢ଼ିଲେହିଁ ଜଣେ ଯେ ବିଦେଶୀ ସରକାର ପ୍ରତି ବିରୂପ ହେବ ଏବଂ କ୍ରମେ ତା' ବିରୋଧରେ ବିଦ୍ରୋହୀ ହୋଇଉଠିବ, ଏଥିରେ ସନ୍ଦେହ ନଥିଲା । ସରକାର ଧରିନେଲେ ଯେ ଜୁରିର ସଭ୍ୟବର୍ଗ ଏବଂ ବିଚାରକ ମହାଶୟ ମଧ୍ୟ ଏକଥା ସହଜରେ ହୃଦୟଙ୍ଗମ କରିବେ । ପ୍ରବଳ ଉତ୍ସାହରେ ସେମାନେ ମକଦମାଟି ଆରମ୍ଭ କରିଦେଲେ । କିନ୍ତୁ ଯେତେବେଳେ ବିଚାରାଳୟରେ ସଠିକ୍ ଅଭିଯୋଗମାନ ଉପସ୍ଥାପନ କରିବା ନିମନ୍ତେ ସେମାନଙ୍କ ବିଚକ୍ଷଣ ଓକିଲମାନେ ଏବଂ ଉଚ୍ଚପଦସ୍ଥ ହାକିମମାନେ ଶହଶହ ପୃଷ୍ଠାର ସେ ପତ୍ରିକାଗୁଚ୍ଛ ଅଧ୍ୟୟନ କରିବାରେ ନିବିଷ୍ଟ ହେଲେ, ସେତେବେଳେ ସେମାନେ ହତାଶ ହେଲେ । ଲେଖାସବୁରେ ଭାଷା ଏଭଳି ମାର୍ଜିତ, ଏଭଳି ଚାତୁର୍ଯ୍ୟପୂର୍ଣ୍ଣ ଶୈଳୀରେ ସେସବୁ ଭିତରେ ବିଦ୍ରୋହର ଆହ୍ୱାନ ଲିପିବଦ୍ଧ ଯେ କୌଣସି ଆଇନ ସମ୍ମତ ଯୁକ୍ତି ଦ୍ୱାରା ସେସବୁକୁ ରାଜଦ୍ରୋହମୂଳକ ବୋଲି ପ୍ରମାଣ କରିହେବ ନାହିଁ ।

ଅବଶେଷରେ ବଙ୍ଗଳା 'ଯୁଗାନ୍ତର'ରୁ ଅନୂଦିତ ହୋଇ ପ୍ରକାଶ ପାଇଥିବା ଯୋଡ଼ିଏ ନିବନ୍ଧ ଏବଂ 'ସଂପାଦକଙ୍କୁ ପତ୍ର' ବିଭାଗରେ ପ୍ରକାଶିତ ଏକ ମନ୍ତବ୍ୟକୁ ରାଜଦ୍ରୋହର ଦଲିଲ ଭାବରେ ଉପସ୍ଥାପନ କରାଗଲା ।

ଭାରତର ଇତିହାସରେ ତହିଁ ପୂର୍ବରୁ କୌଣସି ସଂବାଦପତ୍ର ବିରୋଧରେ ବିଚାର ସେଭଳି ଚାଞ୍ଚଲ୍ୟ ସୃଷ୍ଟି କରି ନଥିଲା । ଶ୍ରୀଅରବିନ୍ଦଙ୍କ ପ୍ରତି ଈର୍ଷା ଓ ଅସୂୟା ଭାବ ପୋଷଣ କରୁଥିବା ତାଙ୍କର ଜଣେ ବଙ୍ଗଳା ଜୀବନୀକାର ଲେଖିଛନ୍ତି :

''ଶ୍ରୀଅରବିନ୍ଦ ସେ ପର୍ଯ୍ୟନ୍ତ ଖାଲି ବଂଗଦେଶର ନେତା ଥିଲେ । କିନ୍ତୁ ସପ୍ତାହରୁ କମ୍ ସମୟ ଭିତରେ ସେ ହୋଇଗଲେ ସାରା ଭାରତବର୍ଷରେ ବିଖ୍ୟାତ ।... ୧୯୦୨ ଖ୍ରୀଷ୍ଟାବ୍ଦରୁ ଶ୍ରୀଅରବିନ୍ଦ ଗୁପ୍ତ ସମିତିର ପ୍ରତିଷ୍ଠାତା ଓ ଜଣେ ଗୋପନ ବିପ୍ଳବୀ ଥିଲେ । ବିପିନଚନ୍ଦ୍ର ପାଲହିଁ 'ବନ୍ଦେମାତରମ୍'ର ସଂପାଦକ ରୂପେ ପରିଗଣିତ ହେଉଥିଲେ । କିନ୍ତୁ ଏହି ମକଦମା ଯୋଗୁଁ ଶ୍ରୀଅରବିନ୍ଦଙ୍କ ନାମ ଭାରତବର୍ଷର ସବୁ ପ୍ରଦେଶରେ ପ୍ରଚାରିତ ହେଲା । ଭାରତର ରାଜନୈତିକ ରଙ୍ଗମଞ୍ଚରେ ଶ୍ରୀଅରବିନ୍ଦ ପ୍ରକାଶ୍ୟ ରାଜନୈତିକ ନେତା ଭୂମିକାରେ ଅବତୀର୍ଣ୍ଣ ହେଲେ । ଗୋପନ ବିପ୍ଳବରୁ ପ୍ରକାଶ୍ୟ ରାଜନୈତିକ ନେତା – ଏହା ଥିଲା ଏକ ବିରାଟ ପରିବର୍ତ୍ତନ ନିଶ୍ଚୟ !''(୧)

ଚେନ୍ନାଇର ଇଂରାଜୀ ସଂବାଦପତ୍ର ''ମାଡ୍ରାସ୍ ଷ୍ଟାଣ୍ଡାର୍ଡ'' ଲେଖିଲେ : ''... ବଂଗଦେଶ ବାହାରେ ଅରବିନ୍ଦଙ୍କ ନାମ ବିଶେଷ ଜଣା ନଥିଲା । ଏପରିକି ଲଣ୍ଡନର 'ଟାଇମ୍‌ସ' ମଧ୍ୟ ମନେ କରୁଥାଏ ଯେ ବିପିନଚନ୍ଦ୍ର ପାଲହିଁ 'ବନ୍ଦେମାତରମ୍'ରେ ତୀବ୍ର ବିଦ୍ରୂପାତ୍ମକ ରଚନାସବୁର ଲେଖକ । କିନ୍ତୁ ବର୍ତ୍ତମାନ ସେ ଭୁଲ୍ ଧାରଣାର ଅବସାନ ଘଟିଛି । ବର୍ତ୍ତମାନ ସମସ୍ତେ ଜାଣୁଛନ୍ତି ଯେ ସେ ପତ୍ରିକା ପଶ୍ଚାତରେ ଅରବିନ୍ଦହିଁ ପ୍ରକୃତ ଶକ୍ତି ।''(୨)

ଇଂରାଜୀ 'ଇଣ୍ଡିଆନ୍ ପ୍ୟାଟ୍ରିଅଟ'ର ସଂପାଦନା କର୍ତ୍ତୃପକ୍ଷ ବୋଧହୁଏ ଶ୍ରୀଅରବିନ୍ଦଙ୍କୁ ବ୍ୟକ୍ତିଗତ ଭାବେ ଜାଣିଥିଲେ । ସେ ପତ୍ରିକାରେ ଲେଖିଲେ :

''ଉନ୍ମେଷଶୀଳ ଯୁବ ସମାଜରେ ସର୍ବାଧିକ ବୁଦ୍ଧି ଓ ପ୍ରତିଭାବନ୍ତ ହେଲେ ଅରବିନ୍ଦ । ସ୍ୱାଧୀନ ମତ ପ୍ରକାଶର ଅଧିକାର ଦାବି କରି ସେ ଦୁଃଖ ବରଣ କରିବାକୁ ପ୍ରସ୍ତୁତ ହୋଇ ଦଣ୍ଡାୟମାନ ।... ସେ ଚମତ୍କାର ସଂସ୍କୃତି-ସଂପନ୍ନ ବ୍ୟକ୍ତି, ପ୍ରୋଜ୍ଜ୍ୱଳ, ତୀକ୍ଷ୍ଣ ରସବୋଧରେ ସର୍ବଦା ପ୍ରାଣଚଞ୍ଚଳ; ମାର୍ଜିତ ପ୍ରତ୍ୟୁତ୍ତର ଦେବାରେ ପାରଙ୍ଗମ । ସେ ଏମିତି ଜଣେ ବ୍ୟକ୍ତି,

ଯାହାଙ୍କ ସମ୍ପର୍କରେ ଆସିବା ଆନନ୍ଦଦାୟକ, ଯାହାଙ୍କ ବହିଃସତ୍ତା ଅଭ୍ୟନ୍ତରରେ ଲକ୍ଷ୍ୟ ପ୍ରତି ଅଦୃଶ୍ୟ ଅନୁରକ୍ତିର ବହ୍ନି ଅନିର୍ବାଣ ଭାବେ ଜ୍ୱଳମାନ ।''[୩]

''ଦି ଏମ୍ପାୟାର'', ''ଦି ଇଣ୍ଡିଆନ୍ ଡେଲି ନିଉଜ'' ଭଳି ଇଂରାଜୀ ପତ୍ରପତ୍ରିକା ତଥା ଭାରତୀୟ ଭାଷାର ବହୁ ଦୈନିକ ସଂବାଦପତ୍ର ଘଟଣାଟି ଉପରେ ମନ୍ତବ୍ୟ ଦେଲେ । ଲୋକମାନ୍ୟ ତିଳକଙ୍କ ''ମାରାଠା'' ପତ୍ରିକା ଲେଖିଲା, ଶ୍ରୀଅରବିନ୍ଦ ଯଦି ଘୋଡ଼ାଚଢ଼ା ପରୀକ୍ଷାରୁ ଦୂରେଇ ରହି ନଥା'ନ୍ତେ ତେବେ ଆଇ.ସି.ଏସ୍. ପରୀକ୍ଷାରେ ବିଶେଷ କୃତିତ୍ୱ ସହକାରେ ଉତ୍ତୀର୍ଣ୍ଣ ବୋଲି ଘୋଷିତ ହୋଇଥା'ନ୍ତେ । ଆଜି ସେ ବସିଥା'ନ୍ତେ ବିଚାରକଙ୍କ ଆସନରେ । ଯେଉଁ ଭଦ୍ରଲୋକ ତାଙ୍କର ବିଚାର କରିବେ, ସେ ତାଙ୍କର ଅଧସ୍ତନ ପଦରେ ଥା'ନ୍ତେ !

''ମାରାଠା'' ଆହୁରି ବି ଲେଖିଲା, ''ଆଜି ଯାହା ରାଜଦ୍ରୋହ ଭାବରେ ନାମିତ ହୋଇଛି, କିଏ କହିବ ଭବିଷ୍ୟତରେ ତାହା ଦିବ୍ୟ ଆଶୀର୍ବାଦ ଭାବରେ ପରିଗଣିତ ନହେବ ! ଶ୍ରୀଅରବିନ୍ଦ ଘୋଷ ଏକ ମଧୁମୟ ଆତ୍ମା !''[୪]

ଶ୍ରୀଅରବିନ୍ଦଙ୍କ ପଟଭୂମିକୁ ନେଇ ପୁଣି ଇଂରାଜୀ ଦୈନିକମାନଙ୍କ ଭିତରେ ବାଦାନୁବାଦ ଚାଲିଲା । ଏକଦା ତାଙ୍କ ପ୍ରଥମ ନାମ 'ଅରବିନ୍ଦ' ପରେ 'ଆକ୍ରୋଏଡ୍' ଶବ୍ଦଟି ବ୍ୟବହୃତ ହେଉଥିଲା କାହିଁକି – ସେ ସମ୍ପର୍କରେ 'ଦି ଇଣ୍ଡିଆନ୍ ଡେଲି ନିଉଜ୍' ଯେଉଁ କାରଣ ଦର୍ଶାଇଲା, 'ଦି ଏମ୍ପାୟାର' ତାକୁ ଭୁଲ୍ ବୋଲି ପ୍ରତିପାଦିତ କଲା । ତାଙ୍କ ପିତା କିପରି ସମ୍ପୂର୍ଣ୍ଣ ମାତ୍ରାରେ ଇଂରେଜ ଜୀବନଧାରାରେ ସାମିଲ ଥିଲେ ଏବଂ ଶ୍ରୀଅରବିନ୍ଦ ଆବାଲ୍ୟ ପାଶ୍ଚାତ୍ୟ (ପ୍ରଥମେ ଆଇରିସ ଓ ପରେ ଇଂରେଜ) ସଭ୍ୟତା ଭିତରେ ରହିଥିବା ସତ୍ତ୍ୱେ ଭାରତ ପ୍ରତ୍ୟାବର୍ତ୍ତନ ମାତ୍ରେ ନିଜକୁ ସ୍ୱଦେଶର ସଭ୍ୟତା ଓ ସଂସ୍କୃତି ସହ ସାମିଲ କରିଦେଲେ, ଏସବୁ ପ୍ରସଙ୍ଗ ଆଲୋଚିତ ହେଲା । 'ବନ୍ଦେ ମାତରମ୍' ପଢ଼ି ଯେଉଁମାନେ ଦିନ ପରେ ଦିନ ରାଜନୀତି, ସମାଜ ଓ କୂଟନୀତି ସମ୍ପର୍କରେ ନିତ୍ୟନୂତନ ବ୍ୟାଖ୍ୟା ଦ୍ୱାରା ଉପକୃତ ହେଉଥିଲେ, ସେମାନେ ବର୍ତ୍ତମାନ ଜାଣିଲେ ସେସବୁର ଲେଖକ କିଏ । ନାନା ରୀତିରେ ସେମାନେ ଶ୍ରୀଅରବିନ୍ଦଙ୍କୁ ଅଭିନନ୍ଦନ ଜଣାଉଥା'ନ୍ତି । ସେସବୁ ଶତାଧିକ ବର୍ଷ ତଳର ପତ୍ରପତ୍ରିକାରେ ନିହିତ ଏବଂ ସଂରକ୍ଷଣାଗାରମାନଙ୍କର ଐଶ୍ୱର୍ଯ୍ୟ ।

କିନ୍ତୁ ଯେଉଁ ଅଭିନନ୍ଦନ ଅଦ୍ୟାବଧି ସହସ୍ର କଣ୍ଠରେ ଆବୃତ୍ତ ହୋଇଥାଏ, ତାହାରି ଅଂଶଟିଏ ଏ ପରିଚ୍ଛେଦର ଶିରୋନାମା । ରବୀନ୍ଦ୍ରନାଥଙ୍କର ଏ କବିତାର ଛତ୍ରେ ଛତ୍ରେ ବିଭାସିତ ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ତାଙ୍କର ଗଭୀର ଅନ୍ତର୍ଦୃଷ୍ଟି, ଶ୍ରୀଅରବିନ୍ଦଙ୍କ ପ୍ରତି ଅକୃତ୍ରିମ ଶ୍ରଦ୍ଧା ।

ସେତେବେଳକୁ ବିଖ୍ୟାତ କବି ଓ ନେତା ଭାବରେ ସମାଜରେ ରବୀନ୍ଦ୍ରନାଥ ସୁପ୍ରତିଷ୍ଠିତ । ଶ୍ରୀଅରବିନ୍ଦ ସାମାଜିକ ଓ ରାଜନୈତିକ ମଞ୍ଚରେ ନବାଗତ । ରବୀନ୍ଦ୍ରନାଥ ପୁଣି ଶ୍ରୀଅରବିନ୍ଦଙ୍କଠାରୁ ବୟସରେ ଏଗାର ବର୍ଷ ବଡ଼ । ତଥାପି କବି ମହୋଦୟ ଶ୍ରୀଅରବିନ୍ଦଙ୍କୁ ''ଭାରତ-ଆତ୍ମାର ବାଣୀମୂର୍ତ୍ତି'' ଭାବରେ ସମ୍ବୋଧନ କରିବା କବିଙ୍କର ନମ୍ରତା ବୋଧ ଏବଂ ପ୍ରଜ୍ଞା-ଶାଣିତ ଦୃଷ୍ଟିର ପରିଚୟ ବହନ କରେ । କବିତାଟିର ଅନୁବାଦ :

ଅରବିନ୍ଦ, ରବୀନ୍ଦ୍ରର ନିଅ ନମସ୍କାର !
ହେ ବନ୍ଧୁ, ହେ ଦେଶବନ୍ଧୁ, ସ୍ୱଦେଶ ଆତ୍ମାର
ବାଣୀମୂର୍ତ୍ତି ତୁମେ ! ତୁମ ପାଇଁ ନୁହେଁ ମାନ,
ନୁହେଁ ଧନ, ନୁହେଁ ସୁଖ; କିଛି କ୍ଷୁଦ୍ର ଦାନ
ଚାହିଁ ନାହିଁ, କିଛି କ୍ଷୁଦ୍ର କୃପା; ଭିକ୍ଷା ଲାଗି
ପାତି ନାହିଁ ଆତୁର ଅଞ୍ଜଳି ! ଅଛ ଜାଗି
ପରିପୂର୍ଣ୍ଣତାର ପାଇଁ ସର୍ବବାଧାହୀନ, –
ଯାହା ପାଇଁ ନର-ଦେବ ଚିର ରାତ୍ରି ଦିନ
ତପୋମଗ୍ନ; ଯାହା ପାଇଁ କବି ବଜ୍ରରବେ
ଗାଇଛନ୍ତି ମହାଗୀତ ମହାବୀର ସର୍ବେ
ଯାଇଛନ୍ତି ସଙ୍କଟ ଯାତ୍ରାରେ; ଆଗେ ଯା'ର
ଆରାମ କରିଛି ନତ ତା' ଲଜ୍ଜିତ ଶିର;
ମୃତ୍ୟୁ ଭୁଲିଅଛି ଭୟ; – ସେହି ବିଧାତାର
ଶ୍ରେଷ୍ଠଦାନ – ଆପଣାର ପୂର୍ଣ୍ଣ ଅଧିକାର –
ଚାହିଁଛ ଦେଶର ହୋଇ ଅକୁଣ୍ଠ ଆଶାରେ
ସତ୍ୟର ଗୌରବଦୀପ୍ତ ପ୍ରଦୀପ୍ତ ଭାଷାରେ,
ଅଖଣ୍ଡ ବିଶ୍ୱାସେ । ତୁମ ସେ ପ୍ରାର୍ଥନା ଆଜି
ବିଧାତା କି ଶୁଣିଛନ୍ତି ? ତେଣୁ ଉଠେ ବାଜି
ଜୟଶଙ୍ଖ ତାଙ୍କ ? ତୁମର ଦକ୍ଷିଣ କରେ
ତେଣୁ କି ସେ ଦେଲେ ଆଜି କଠୋର ଆଦରେ
ଦୁଃଖର ଦାରୁଣ ଦୀପ, ଆଲୋକ ଯାହାର
ଜଳିଅଛି ବିଦ୍ଧ କରି ଦେଶର ଅନ୍ଧାର
ଧ୍ରୁବ ତାରକାର ଭଳି ? ଜୟ ତବ ଜୟ
କେ କରିବ ଅଶ୍ରୁପାତ, କେ କରିବ ଭୟ,

ସତ୍ୟକୁ କରିବ ଖର୍ବ କେଉଁ କାପୁରୁଷ
କରିବାକୁ ଆତ୍ମରକ୍ଷା ! କେଉଁ ଅମଣିଷ
ତୁମ ବେଦନାରୁ ଆଜି ନପାଇବ ବଳ !
ପୋଛରେ ଦୁର୍ବଳ ଚକ୍ଷୁ, ପୋଛ ଅଶ୍ରୁଜଳ !

ଦେବତାର ଦୀପ ହସ୍ତେ ଯେ ଆସିଲା ଭବେ
ସେହି ରୁଦ୍ରଦୂତେ, କୁହ, କେଉଁ ରାଜା କେବେ
ଦେଇପାରେ ଶାସ୍ତି ! ବନ୍ଧନ ଶୃଙ୍ଖଳ ତା'ର
ଚରଣ ବନ୍ଦନା କରି କରେ ନମସ୍କାର –
କାରାଗାର କରେ ଅଭ୍ୟର୍ଥନା । ରୁଷ୍ଟ ରାହୁ
ବିଧାତାର ସୂର୍ଯ୍ୟ ଦିଗେ ବଢ଼ାଇ ତା' ବାହୁ
ନିଜେହିଁ ବିଲୁପ୍ତ ହୁଏ ମୁହୂର୍ତ୍ତକ ପରେ
ଛାୟା ଭଳି । ଶାସ୍ତି ମିଳେ ତା'ରେ
ପାରେନା ଯେ ଶାସ୍ତି ଭୟେ ହେବାକୁ ବାହାର
ଲଂଘି ନିଜ ଦ୍ୱାରା ଗଢ଼ା ମିଥ୍ୟାର ପ୍ରାଚୀର,
କପଟ ବେଷ୍ଟନ; ଯେ ନପୁଂସ କେଉଁଦିନ
ଅନାଇ ଧର୍ମର ମୁଖେ ନିର୍ଭୀକ ସ୍ୱାଧୀନ
ଅନ୍ୟାୟକୁ କହିନି ଅନ୍ୟାୟ, ଆପଣାର
ମନୁଷ୍ୟତ୍ୱ, ବିଧିଦତ୍ତ ନିତ୍ୟ ଅଧିକାର,
ଯେ ନିର୍ଲଜ୍ଜ ଭୟେ, ଲୋଭେ କରେ ଅସ୍ୱୀକାର
ସଭା ମଧ୍ୟେ ଦୁର୍ଗତିର କରେ ଅହଙ୍କାର;
ଦେଶର ଦୁର୍ଦ୍ଦଶା ନେଇ ଯା'ର ବ୍ୟବସାୟ,
ଅନ୍ନ ଯା'ର ଅକଲ୍ୟାଣ, ମାତୃରକ୍ତ ପ୍ରାୟ;
ସେହି ଭୀରୁ ନତଶିର ଚିର ଶାସ୍ତିଭାରେ
ରାଜକାରା ବାହାରେ ବି ନିତ୍ୟ-କାରାଗାରେ !
ବନ୍ଧନ ପୀଡ଼ନ ଦୁଃଖ ଆଉ ଅସମ୍ମାନେ
ତୁମ ମୂର୍ତ୍ତି ଅବଲୋକି ବାଜେ ମୋର କର୍ଣ୍ଣେ
ଆତ୍ମାର ବନ୍ଧନହୀନ ଆନନ୍ଦର ଗାନ,
ମହାତୀର୍ଥଯାତ୍ରୀର ସଙ୍ଗୀତ, ଚିର ପ୍ରାଣ
ଆଶାର ଉଲ୍ଲାସ, ଗମ୍ଭୀର ନିର୍ଭୟ ବାଣୀ
ଉଦାର ମୃତ୍ୟୁର । ଭାରତର ବୀଣାପାଣି,
ହେ କବି, ତୁମରି ମୁଖେ ରଖି ଦୃଷ୍ଟି ତାହାଙ୍କର
ତାରେ ତାରେ ଦେଇଛନ୍ତି ବିପୁଳ ଝଙ୍କାର, –
ନାହିଁ ତହିଁ ଦୁଃଖତାନ, ନାହିଁ କ୍ଷୁଦ୍ର ଲାଜ
ନାହିଁ ଦୈନ୍ୟ, ନାହିଁ ତ୍ରାସ ! ତେଣୁ ଶୁଣେ ଆଜ
କାହୁଁ ଆସେ ଝଂଜା ସାଥେ ସିନ୍ଧୁର ଗର୍ଜନ,
ଅନ୍ଧ ବେଗେ ନିର୍ଝରର ଉନ୍ମତ୍ତ ନର୍ତ୍ତନ
ପାଷାଣ-ପିଞ୍ଜର ତୁଟି, ବଜ୍ର ଗର୍ଜରବ
ଭେରୀ-ମନ୍ଦ୍ରେ ମେଘପୁଞ୍ଜ ଜଗାଏ ଭୈରବ ।
ଅଭ୍ୟନ୍ତରେ ଏ ଉଦାର ଗୀତ ତରଙ୍ଗର
ଅରବିନ୍ଦ, ରବୀନ୍ଦ୍ରର ନିଅ ନମସ୍କାର !

ତା'ପରେ ତାହାଙ୍କୁ ନମେ ଯିଏ କ୍ରୀଡ଼ାଛଳେ
ଗଢ଼ନ୍ତି ନୂତନ ସୃଷ୍ଟି ପ୍ରଳୟ-ଅନଳେ,
ମୃତ୍ୟୁରୁ ଦିଅନ୍ତି ପ୍ରାଣ; ବିପଦର ବୁକେ
ସମ୍ପଦେ ଲାଳନ କରି ହସ ହସ ମୁଖେ
ପଠାଇ ଦିଅନ୍ତି ଭକ୍ତେ କଣ୍ଟକ-କାନ୍ତାରେ
ରିକ୍ତ ହସ୍ତେ ଶତ୍ରୁ ମଧ୍ୟେ ରାତ୍ରି ଅନ୍ଧକାରେ ।
ନାନା କଣ୍ଠେ କହନ୍ତି ଯେ ନାନା ଇତିହାସେ,
ସକଳ ମହତ୍ କର୍ମେ, ପରମ ପ୍ରୟାସେ,
ସକଳ ଚରମ ଲାଭେ – ''ଦୁଃଖ କିଛି ନୁହଁ,
କ୍ଷତ ମିଥ୍ୟା, କ୍ଷତି ମିଥ୍ୟା, ମିଥ୍ୟା ସର୍ବ ଭୟ;
କାହିଁ ମିଥ୍ୟା ରାଜା, କାହିଁ ରାଜଦଣ୍ଡ ତା'ର,
କାହିଁ ମୃତ୍ୟୁ, ଅନ୍ୟାୟର କାହିଁ ମିଥ୍ୟାଚାର ।
ଆରେ ଭୀରୁ, ଆରେ ମୂଢ଼, ତୋଳ, ତୋଳ ଶିର,
ଅଛି ମୁହିଁ, ତୁମେ ଅଛ, ସତ୍ୟ ଅଛି ସ୍ଥିର !''[୫]

(କ୍ରମଶଃ) ❑

## ତଥ୍ୟ ନିର୍ଦ୍ଦେଶିକା

୧. ଗିରିଜା ଶଙ୍କର ରାୟ ଚୌଧୁରୀ : ''ଶ୍ରୀଅରବିନ୍ଦ ଓ ବାଂଲାର ସ୍ୱଦେଶୀ ଯୁଗ'' (ବଙ୍ଗଳା); ନବଭାରତ ପବ୍ଲିକେସନ, କଲିକତା, ୧୯୫୬; ୨. ତତ୍ରୈବ; ୩. ତତ୍ରୈବ; ୪. ଡ : କେ. ଆର ଶ୍ରୀନିବାସ ଆୟେଙ୍ଗାର, Sri Aurobindo : A Biography and a History. ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର, ପଣ୍ଡିଚେରୀ; ୫. ରବୀନ୍ଦ୍ର ନାଥଙ୍କ ରଚନାବଳି ବା 'ସଞ୍ଚୟିତା' । ଏ କବିତା ଅନ୍ୟାନ୍ୟ ବହୁ ସଂକଳନରେ ସ୍ଥାନିତ ।

# ପ୍ରକୃତିର ମୁକ୍ତି

[ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ **'The Synthesis of Yoga'** (ଯୋଗସମନ୍ୱୟ) ଗ୍ରନ୍ଥର ଚତୁର୍ଥ ଭାଗ ''ଆତ୍ମପରିପୂର୍ଣ୍ଣତାର ଯୋଗ''ର ନବମ ଅଧ୍ୟାୟ ''ପ୍ରକୃତିର ମୁକ୍ତି'' (**The Synthesis of Yoga, Part - IV, The Liberation of the Nature**ର ଅବଲମ୍ବନରେ ।]

## ପୂର୍ଣ୍ଣଚନ୍ଦ୍ର ମହାପାତ୍ର

ଆମ ସତ୍ତାର ଦୁଇଟି ପାର୍ଶ୍ୱ – ପ୍ରଥମଟି ଚେତନ ଆତ୍ମା, ଦ୍ୱିତୀୟଟି କ୍ରିୟାଶୀଳା ପ୍ରକୃତି । ନିମ୍ନ ପ୍ରକୃତିର ଶୁଦ୍ଧୀକରଣ ସମ୍ପର୍କରେ ଆଲୋଚନା ପରେ ଆତ୍ମାର ମୁକ୍ତି ସମ୍ପର୍କରେ ପୂର୍ବବର୍ତ୍ତୀ ପ୍ରବନ୍ଧରେ ଆଲୋଚନା କରିଛୁ । ଏବେ ପ୍ରକୃତିର ମୁକ୍ତି ସମ୍ପର୍କରେ ଆଲୋଚନା କରିବା । ସମଗ୍ରଜୀବନହିଁ ପ୍ରକୃତିର ଅନୁଭୂତି ସକଳର ସମନ୍ୱୟ, ଯାହାକୁ ଆତ୍ମା ସ୍ୱୀକାର କରେ । ଯେଉଁ ଚେତନା ସ୍ତରରେ ପ୍ରକୃତିର ଘାତ ପ୍ରତିଘାତ ସମ୍ପର୍କୀୟ ଅନୁଭୂତି ହୋଇଥାଏ, ତଦନୁସାରେ ଜୀବନର ଗୁଣବତ୍ତା ନିରୂପିତ ହୁଏ ।

ସାଧାରଣ ବ୍ୟକ୍ତି ନିଜକୁ ସେ କିଏ ଜାଣେ ନାହିଁ । ସେ ତା' ପ୍ରକୃତି କିପରି କାର୍ଯ୍ୟ କରେ ସେ ସମ୍ପର୍କରେ ସଚେତନ ନୁହେଁ । ସେ କାର୍ଯ୍ୟ କରେ ଯନ୍ତ୍ରବତ୍, ସେ ଏକ ବଦ୍ଧଜୀବ ଏ ଧାରଣା ତା'ର ନଥାଏ । ମୁକ୍ତି ସମ୍ପର୍କରେ ବିଚାର କଲାବେଳେ ପ୍ରଥମେ ଆମକୁ ଜାଣିବାକୁ ହେବ ଆମେ କେଉଁ ବନ୍ଧନରେ ପଡ଼ିଛୁ । ଯିଏ ଜନ୍ମରୁ ବନ୍ଧନରେ ଅଛି ତା'ର ବନ୍ଧନଜନିତ ଦୁଃଖାନୁଭୂତି ନଥାଏ । ସେ ଜାଣେ ନାହିଁ ଯେ ସେ ବନ୍ଧନରେ ରହିଛି । କାରଣ ସେ ବନ୍ଧନରେ ଅଭ୍ୟସ୍ତ । ସେ ବରଂ ଏଥିରେ ଖୁସିରେ ଥାଏ । ତାକୁ ହଠାତ୍ ବନ୍ଧନରୁ ମୁକ୍ତ କରିଦେଲେ ସେ ଅସ୍ୱସ୍ତି ବୋଧ କରିବ । ଶୁଣାଯାଏ ଯେ ଜଣେ ଚାଳିଶ ବର୍ଷ ଜେଲ ଖାନାରେ ରହିଥିବା ବନ୍ଦୀକୁ ମୁକ୍ତ କରି ଦିଆଯିବାରୁ ସେ ବାହାର ଦୁନିଆରେ ଅସ୍ୱସ୍ତି ବୋଧ କରି ପୁନରପି ଜେଲକୁ ଫେରିଗଲା । ଆମ ମଧ୍ୟରୁ ଅଧିକାଂଶ ସେପରି ମୁକ୍ତି ପାଇବାରେ ଉଦାସୀନ । ନିତ୍ୟନୈମିତ୍ତିକ କର୍ମ ଓ ଜୀବନଧାରାର ଗଡ୍ଡଳିକା ପ୍ରବାହକୁ ସେମାନେ ସ୍ୱାଭାବିକ ବୋଧ କରନ୍ତି । ମୁକ୍ତି ତାଙ୍କ ପାଇଁ ଅସ୍ୱାଭାବିକ ଓ ଅଜ୍ଞାତ, ତେଣୁ ସେମାନେ ନିଜ ନିତ୍ୟ, ଶୁଦ୍ଧ-ବୁଦ୍ଧ, ମୁକ୍ତ ସ୍ୱଭାବକୁ ଜାଣନ୍ତି ନାହିଁ । ଆନନ୍ଦ ବ୍ରହ୍ମ ସ୍ୱରୂପ ଆତ୍ମା ତାଙ୍କର କଳ୍ପନା ବାହାରେ, ବହିର ପାଠ । କିନ୍ତୁ ପ୍ରକୃତରେ ଜୀବହିଁ ଶିବ । ''ଜୀବଃ ଶିବଃ ଶିବୋ ଜୀବଃ ସ ଜୀବଃ କେବଳଃ ଶିବଃ ପାଶବଦ୍ଧଃ ସ୍ମୃତୋ ଜୀବଃ ପାଶମୁକ୍ତଃ ସଦା ଶିବଃ'' – କୁଳାର୍ଣ୍ଣବ ତନ୍ତ୍ର । ପୂର୍ବେ ଆଲୋଚନା କରିଛୁ ବନ୍ଧନର ପୀଡ଼ା ଅନୁଭବ କରିବା ଓ ନିମ୍ନ ପ୍ରକୃତିରୁ ମୁକ୍ତ ହେବା ପାଇଁ ଦୃଢ଼ ଅଭୀପ୍ସା ପୋଷଣ କରିବା ଆତ୍ମାର ମୁକ୍ତିର ପ୍ରଥମ ସୋପାନ । ଆମେ ଆତ୍ମାରେ ଯେଉଁ ପରିମାଣରେ ମୁକ୍ତ ହେଉ ସେଇ ପରିମାଣରେ ଅନୁଭବ କରୁ ଆମେ କେତେ ଦୟନୀୟଭାବେ ବନ୍ଦି ଜୀବନଯାପନ କରିଛୁ ।

ଆମେ ଜାଣୁ ମନୁଷ୍ୟ ଚାରିଗୋଟି ଗ୍ରନ୍ଥିରେ ବନ୍ଧା । ପ୍ରଥମ ଦୁଇଟି ବାସନା ବା କାମ ଓ ଅହଂକାର । ଦ୍ୱିତୀୟ ଦୁଇଗୋଟି ଗ୍ରନ୍ଥି – ତ୍ରୈଗୁଣ୍ୟ ଓ ଦ୍ୱନ୍ଦ୍ୱଭାବ । ପ୍ରଥମ ଦୁଇଟି ପୁରୁଷର । ଦ୍ୱିତୀୟ ଦୁଇଟି ପ୍ରକୃତିର ଗ୍ରନ୍ଥି । ପ୍ରଥମ ଦୁଇଟି ଗ୍ରନ୍ଥି ପୁରୁଷର ବନ୍ଧନ । ଏହା ପୂର୍ବବର୍ତ୍ତୀ ପ୍ରବନ୍ଧରେ ଆଲୋଚନା କରି ଏଥିରୁ ମୁକ୍ତି କିପରି ସମ୍ଭବ ତାହା ଦର୍ଶାଯାଇଛି । ଏବେ ପ୍ରକୃତିର ଗ୍ରନ୍ଥି ତ୍ରିଗୁଣ – ସତ୍ତ୍ୱ, ରଜଃ, ତମଃ ଏବଂ ଦ୍ୱନ୍ଦ୍ୱ ସମ୍ପର୍କରେ ଆଲୋଚନା କରିବା ।

ପ୍ରକୃତି ଗୁଣମୟୀ । ତା' ମଧ୍ୟରେ ଅନନ୍ତଗୁଣର ଲୀଳା-ଖେଳା ଚାଲିଛି । ପୁରୁଷ ସ୍ତରରୁ ଏହା ବହୁବର୍ଣ୍ଣା, ବିଚିତ୍ରା । ଯଦି ବୋଧଶକ୍ତି ନଥା'ନ୍ତା, ତେବେ ଗୁଣର ସ୍ଥିତି ଜାଣି ହୁଅନ୍ତା ନାହିଁ । ଗୁଣ ଅଛି କି ନାହିଁ କହି ହୁଅନ୍ତା ନାହିଁ, ଏ ବୋଧ ମୂଳରୁ ସ୍ପଷ୍ଟ ନୁହେଁ । ଏଥିରେ ପ୍ରଥମେ ଥାଏ ଚେତନାର ଆଚ୍ଛନ୍ନତା, ତା'ପରେ ପରସ୍ପର ମଧ୍ୟରେ ଦ୍ୱନ୍ଦ୍ୱ ଓ ବିକ୍ଷେପ, ତା'ପରେ ସ୍ପଷ୍ଟ ବୋଧ । ଏହାର ତୁଳନା ପ୍ରଥମେ ଗାଢ଼ ଅନ୍ଧକାର ରାତ୍ରୀ, ତା'ପରେ ସୂର୍ଯ୍ୟ ଉଦୟର ପୂର୍ବାବସ୍ଥା ଅନ୍ଧାର ଓ ଆଲୋକ ମଧ୍ୟରେ ଦ୍ୱନ୍ଦ୍ୱ । ତା'ପରେ ସର୍ବଦିଗକୁ ଉଜ୍ଜ୍ୱଳ କରି ସୂର୍ଯ୍ୟ ଉଦିତ

ହୁଏ । ପ୍ରଥମ ଅବସ୍ଥାକୁ ଯଦି କହିବା ତମଃ ବା ଆଛନ୍ନ ଅବସ୍ଥା, ଦ୍ୱିତୀୟ ଅବସ୍ଥାକୁ କହିବା ରଜଃ ଏବଂ ଅନ୍ତିମ ଆଲୋକିତ ଅବସ୍ଥାକୁ କହିବା ସତ୍ତ୍ୱ ଅବସ୍ଥା । ପ୍ରଥମେ ନିଶ୍ଚେତନାର ଗାଢ଼ ରୂପ, ଶେଷରେ ଚେତନାର ପୂର୍ଣ୍ଣତା ଓ ମଧ୍ୟସ୍ଥଳରେ ଚେତନାର ବିକ୍ଷେପ, ଯାହା ରଜଃର ଅବସ୍ଥା । ଏଇ ତିନିଗୁଣ ପ୍ରକୃତି ସମ୍ଭବ – 'ସତ୍ତ୍ୱଂ ରଜସ୍ତମ ଇତି ଗୁଣା ପ୍ରକୃତିସମ୍ଭବାଃ' (ଗୀତା ୧୪-୫) ଦୃଶ୍ୟମାନ ବାହ୍ୟ ଜଡ଼ ପ୍ରକୃତି ଦିଗରୁ ଗୁଣ କ'ଣ ଏହା ଅବୋଧ ହେଉ ନାହିଁ । ମାତ୍ର ଅନ୍ତଃପ୍ରକୃତିରେ କଥାଟା ଜଟିଳ ବୋଧହୁଏ । ଜଟିଳତାର କାରଣ ଗୁଣର ମିଶ୍ରଣ । କୌଣସି ଗୋଟିଏ ଗୁଣର କ୍ରିୟା ଦେଖାଯାଏ ନାହିଁ । ସବୁଗୁଣ ଏକାଠି କାମ କରନ୍ତି । ସତ୍ତ୍ୱ, ରଜଃ, ତମଃ ମଧ୍ୟରୁ ଆମ ମଧ୍ୟରେ ଗୋଟିଏ ପ୍ରଧାନ ଗୁଣ, ଆଉ ଦୁଇଟି ଅପ୍ରଧାନ ଗୁଣ ପ୍ରଚ୍ଛଦପଟରେ ରହି ମୁଖ୍ୟ ଗୁଣଟିକୁ ପ୍ରଭାବିତ କରି ଚାଲିଥା'ନ୍ତି । ଉଦାହରଣସ୍ୱରୂପ ତମୋଗୁଣର ଧର୍ମ ଚେତନାର ମୂଢ଼ତା, ଏହା ବ୍ୟକ୍ତିକୁ ଆଚ୍ଛନ୍ନ କରି ରଖେ । କିନ୍ତୁ ପଶ୍ଚାତ୍‌ରୁ ସତ୍ତ୍ୱର ଚାପ ପଡ଼େ । ଏଣୁ ସୃଷ୍ଟି ହୁଏ ବିକ୍ଷୋଭ । ଏହାକୁ କୁହାଯାଏ ରଜଃର ଚାଞ୍ଚଲ୍ୟ । ସତ୍ତ୍ୱ ପ୍ରଭାବକୁ ରଜଃ ମଧ୍ୟ କ୍ଷୀଣ କରି ଦିଗ୍‌ଭ୍ରଷ୍ଟ କରେ । ଏଣୁ ମୁନି ଋଷିଙ୍କର ବି ମତିଭ୍ରମ ଘଟେ । ଏହି ପରିସ୍ଥିତି ଚେତନାର ସ୍ତିମିତ ଅବସ୍ଥା । ସାଧକକୁ ଏହା ଜାଣି ନିଜକୁ ବାରଂବାର ଜାଗ୍ରତ୍ ହେବାକୁ ପଡ଼େ, ଯାହା ଏତେ ସହଜ ନୁହେଁ । ରାଜସିକ ଉତ୍ତେଜନା ମଧ୍ୟରେ ସତ୍ତ୍ୱର ପ୍ରଶାନ୍ତ ଔଜ୍ଜଲ୍ୟ ପାଇଁ ଆକୂତି ମଧ୍ୟ ରହିପାରେ ଓ ଏହା ରଜଃର ପ୍ରଭାବକୁ କ୍ଷୀଣ କରେ ।

ପ୍ରକୃତିର ଯେଉଁ କ୍ରିୟାତ୍ମକତାର ଭୂମିରେ ଆମେ ବାସ କରୁ, ସେଥିରେ କିଛି ମୂଳଭୂତ ଗୁଣାତ୍ମକ ରୀତି ରହିଛି । ମନ, ପ୍ରାଣ, ଶରୀର ନିଜ ପ୍ରକୃତିର ଗୁଣଗୁଡ଼ିକ ସହିତ ଯୁକ୍ତ ହୋଇଥା'ନ୍ତି । ଆତ୍ମା ଉପରେ ପ୍ରକୃତିର ଗୁଣଗୁଡ଼ିକର ସତତ ପ୍ରଭାବ ପଡ଼େ । ଏଣୁ ଆତ୍ମାକୁ ବିଭକ୍ତ ଓ ବିଷମତାପୂର୍ଣ୍ଣ ଅନୁଭବ ପ୍ରାପ୍ତ କରିବାକୁ ପଡୁଛି । ଯେତେବେଳେ ପରସ୍ପର ବିପରୀତ ବସ୍ତୁ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି ସେତେବେଳେ ଯାବତୀୟ ଅନୁଭବର ଏକ ଉଦ୍‌ବେଳନ ଅନୁଭବ ହେଉଛି । କେବେ କେବେ ଭାବାତ୍ମକତା ଓ ଅଭାବାତ୍ମକତା ମଧ୍ୟରେ ଦ୍ୱନ୍ଦ୍ୱ ଦେଖା ଯାଉଛି, ସତ୍ତ୍ୱ, ରଜଃ, ତମଃ ମଧ୍ୟରେ ଥିବା ଦ୍ୱନ୍ଦ୍ୱରୁ ମୁକ୍ତି ହେଲା 'ତ୍ରୈଗୁଣ୍ୟାତୀତତା' । ଗୀତା କହିଲେ – 'ମାନାପମାନୟୋଃ-ସ୍ତୁଲ୍ୟସ୍ତୁଲ୍ୟୋ ମିତ୍ରାରିପ କ୍ଷୟୋଃ । ସର୍ବାରମ୍ଭପରିତ୍ୟାଗୀ ଗୁଣାତୀତଃ ସ ଉଚ୍ୟତେ ॥' ମାନ, ଅପମାନରେ, ମିତ୍ର, ଶତ୍ରୁରେ ଯିଏ ସମ, ସମସ୍ତ କର୍ମରେ ଯିଏ କର୍ତ୍ତାପଣ ରହିତ ସେ ଗୁଣାତୀତ । ଏହି ଗୁଣାତୀତ ଅବସ୍ଥା ପ୍ରାପ୍ତ ହେଲେ ସମସ୍ତ ଅପମିଶ୍ରଣ ଓ ବିସଙ୍ଗତିରୁ ମୁକ୍ତି ମିଳିବ ।

ପ୍ରକୃତିରୁ ମୁକ୍ତିର ଦୁଇଟି ପଥ ରହିଛି । ଗୋଟିଏ ଅଭାବାତ୍ମକ, ଅନ୍ୟଟି ଭାବାତ୍ମକ । ପ୍ରଥମଟି ହେଲା ଚିଦ୍‌ଗତତାର ଏକ ସମ୍ପୂର୍ଣ୍ଣ ନିଶ୍ଚଳ ଓ ନିଷ୍କ୍ରିୟ ଆନନ୍ଦ ମଧ୍ୟରେ ପ୍ରବେଶ କରିବା । ପ୍ରକୃତିରୁ ମୁକ୍ତିର ଦ୍ୱିତୀୟ ଉପାୟ ଅଛି, ତାହା ହେଲା ପ୍ରକୃତିର ପରମ ଚିଦ୍‌ଗତତା ଓ ପରା ପ୍ରକୃତି ସହ ଦିବ୍ୟ ଏକତ୍ୱ । ଏହା ପୂର୍ଣ୍ଣ ମୁକ୍ତି, ପୂର୍ଣ୍ଣ ଶାନ୍ତି, ଶକ୍ତି, ଜ୍ଞାନ, ଆନନ୍ଦ ଓ ପ୍ରଭୁତ୍ୱଶାଳିତାରେ ନିମ୍ନ ପ୍ରକୃତିକୁ ପରିପୂର୍ଣ୍ଣ କରିପାରେ ।

ଆମ ପ୍ରକୃତି ମଧ୍ୟରେ ଦ୍ୱନ୍ଦ୍ୱର କାରଣ କ'ଣ ?

ସତ୍ତ୍ୱ, ରଜଃ, ତମଃ ପ୍ରକୃତିର ଯାବତୀୟ ବିରଚନାରେ ପରସ୍ପର ଦ୍ୱନ୍ଦ୍ୱରତ ହୋଇ ରହିଥା'ନ୍ତି । ସେମାନେ ସମ୍ମିଳିତ ହୋଇ ମଧ୍ୟ ରହିପାରନ୍ତି । ସାଂଖ୍ୟ ମତରେ ସତ୍ତ୍ୱ, ରଜଃ ଓ ତମଃ ଏଇ ତିନୋଟିଯାକ ଗୁଣ । ପୂର୍ବେ କହିଛୁ ତମଃ ହେଉଛି ଜଡ଼ ତତ୍ତ୍ୱ, ଜଡ଼ତାର ସାମର୍ଥ୍ୟ । ରଜଃ ହେଉଛି ଗତି, ଇଚ୍ଛା, ଉଦ୍ୟମ, ସଂଘର୍ଷ ଓ ସର୍ବାରମ୍ଭର ତତ୍ତ୍ୱ । ସତ୍ତ୍ୱ ହେଉଛି ଶାନ୍ତି, ସମନ୍ୱୟ, ସମତା ତଥା ସମଞ୍ଜସତାର ତତ୍ତ୍ୱ । ମନୋବୈଜ୍ଞାନିକ ପାଇଁ ଏହି ଗୁଣତ୍ରୟର ବିଚାରର ବିଶେଷ ମହତ୍ତ୍ୱ ରହିଛି । ଆମ ଭିତରେ କ୍ରିୟାସକଳ ଓ ଅନୁଭବ ଏହି ଗୁଣ ତ୍ରୟର ତୁଳନାତ୍ମକ ପ୍ରାଧାନ୍ୟ ତଥା ଏଗୁଡ଼ିକର ଆନୁପାତିକ ପାରସ୍ପରିକ ପ୍ରତିକ୍ରିୟା ଦ୍ୱାରା ନିରୂପିତ ହୋଇଥାଏ । ଆତ୍ମା ଏଗୁଡ଼ିକୁ ନିୟନ୍ତ୍ରଣ କରିବା ପରିବର୍ତ୍ତେ ଏମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇ ପଡୁଛି । ଆମେ ପୂର୍ବେ କହିଛୁ ଆତ୍ମା ଏହି ଗୁଣମାନଙ୍କର କ୍ରିୟା, ସଂଯୋଜନ ଏବଂ ଦ୍ୱନ୍ଦ୍ୱ ମଧ୍ୟରୁ ଖସିଯାଏ ବା ଏସବୁକୁ ପରିତ୍ୟାଗ କରି ଉପରକୁ ଉଠିଯାଇପାରେ, ଯହିଁରେ ମିଳେ ମୁକ୍ତି, ଶାନ୍ତି ଓ ନିଶ୍ଚଳତା । ଅଥବା ଆତ୍ମା ଏମାନଙ୍କୁ ନିୟନ୍ତ୍ରଣ କରିବାକୁ ସମର୍ଥ ହୁଏ ବା ଏମାନଙ୍କୁ ରୂପାନ୍ତରିତ କରିପାରେ ।

ଆମକୁ ସର୍ବଦା ମନେ ରଖିବାକୁ ହେବ ଯେ 'A divine unity of supreme spirit and its supreme nature is the integral liberation.' (The Synthesis of Yoga, p. 683) ଆମକୁ ଆମ ଆତ୍ମାର ମୁକ୍ତି ଓ ପ୍ରକୃତିର ମୁକ୍ତି ସାଧନ କରିବାକୁ ହେବ । ଏହା ଦ୍ୱୈତ ମୁକ୍ତି । ଏପରି ମୁକ୍ତିର କଥା

କୌଣସି ସାଧନାରେ ପୂର୍ବରୁ ଘୋଷଣା କରାଯାଇ ନାହିଁ । "But this double liberation is the very base of the Supramental manifestation as envisaged by Sri Aurobindo. (The Integral Yoga of Sri Aurobindo by Rishaba Chand, P. 399) ଏଇ ଦୁଇଟି ସ୍ତରର ମୁକ୍ତି ଅତିମାନସ ରୂପାନ୍ତରର ଭିତ୍ତି । ତୁଳନାତ୍ମକଭାବେ ଆମେ ଦେଖୁ ବୌଦ୍ଧଧର୍ମ 'ନିର୍ବାଣ'କୁ ପରମ ମୁକ୍ତି ମନେ କରେ । ଜୈନମାନେ ମୁକ୍ତିର ଅନ୍ୟ ନାମ କହନ୍ତି ମୋକ୍ଷ, ସାଂଖ୍ୟ ତାକୁ କୈବଲ୍ୟ କହେ, ବେଦାନ୍ତୀ ତାକୁ ମୁକ୍ତି କହେ । ବୁଦ୍ଧଙ୍କର ନିର୍ବାଣ ଅନନ୍ତ ଶୂନ୍ୟରେ ଆତ୍ମବିଲୋପନ । ଗୀତା ବି ନିର୍ବାଣ କଥା କହେ, ତାହା ବ୍ରହ୍ମରେ ଲୀନ ହେବା – ବ୍ରହ୍ମନିର୍ବାଣ । ଜୈନଙ୍କର ନିର୍ବାଣ ମୁକ୍ତି ହେଲା ଆତ୍ମାର ଚିତ୍‌ସ୍ୱରୂପରେ ମୁକ୍ତି । ସାଧକ ଯାହାକୁ ସର୍ବୋତ୍ତମ ଲକ୍ଷ୍ୟ ରଖି ନିଷ୍ଠାପର ସାଧନା କରେ, ସେ ତାହା ନିଶ୍ଚୟ ଉପଲବ୍ଧି କରିବ । ସେ ପୂର୍ଣ୍ଣ ଶାନ୍ତି ବା ପୂର୍ଣ୍ଣ ନୀରବତା ବି ଉପଲବ୍ଧି କରିପାରେ । ମାତ୍ର ଶ୍ରୀଅରବିନ୍ଦଙ୍କ ଯୋଗରେ ଉଭୟ ପୁରୁଷ ଓ ପ୍ରକୃତିର ମୁକ୍ତି କଥା କୁହାଯାଇଛି, ତଥାପି ଏହା ବି ଶେଷକଥା ନୁହେଁ, ଅତିମାନସ ଚେତନା ଉପଲବ୍ଧିର ଏହା ଭିତ୍ତି ବୋଲି କୁହାଯାଇଛି । ସେପରି କଥା କେଉଁଠି କୁହାଯାଇ ନଥିଲା । ଏଣୁ ଅନ୍ୟ ଯୋଗର ଶେଷ ଯେଉଁଠି ଶ୍ରୀଅରବିନ୍ଦଙ୍କ ଯୋଗର ଆରମ୍ଭ ସେଇଠି – ଏକଥା ବିଶିଷ୍ଟ ସାଧକ ଋଷଭଚାନ୍ଦ କହନ୍ତି । ତାଙ୍କ ଭାଷାରେ "The Integral Yoga really begins where the other Yogas usually end."

ଏଇ ଆଲୋଚନାକୁ ସ୍ମରଣ ରଖି ପ୍ରକୃତିର ମୁକ୍ତି ପ୍ରସଙ୍ଗରେ ଆମକୁ ଅଧିକ ଗଭୀର ଆଲୋଚନାରେ ପ୍ରବେଶ କରିବାକୁ ହେବ । ପ୍ରକୃତିର ମୁକ୍ତି ଘଟେ ତ୍ରୈଗୁଣ୍ୟରୁ ଆଉ ସମସ୍ତ ଦ୍ୱନ୍ଦ୍ୱରୁ ମୁକ୍ତି ଦ୍ୱାରା । ଏହା ପୂର୍ବେ ସୂଚିତ ହୋଇଛି । ଏଇ ତିନିଗୁଣ ସତ୍ତ୍ୱ, ରଜଃ, ତମଃର ପ୍ରଭାବ ସତ୍ତାର ତିନୋଟି ଅଙ୍ଗ ଶରୀର, ମନ, ପ୍ରାଣ ଉପରେ ପଡ଼େ । ଜଡ଼ ପ୍ରକୃତିରେ ଜଡ଼ତାର ଶକ୍ତି ତମଃ ପ୍ରବଳ । ଏହାର କ୍ରିୟା ଦୁଇ ପ୍ରକାର – ତାହା ଶକ୍ତି ସମ୍ବନ୍ଧୀ ଜଡ଼ତା ଓ ଜ୍ଞାନ ସମ୍ବନ୍ଧୀ ଜଡ଼ତା । ଜଡ଼ର ପ୍ରଭାବରେ ବ୍ୟକ୍ତିର କ୍ରିୟା ଧିମେଇ ଯାଏ ଅଥବା ନିଷ୍କ୍ରିୟ ହୋଇ ପଡ଼େ । ତା' ନହେଲେ ମନ-ବୁଦ୍ଧିର ନିୟନ୍ତ୍ରଣ ବାହାରେ ଯାନ୍ତ୍ରିକ କ୍ରିୟାର ରୂପ ନିଏ । ଜ୍ଞାନ ସମ୍ବନ୍ଧୀ ଜଡ଼ର କ୍ରିୟା ହେଲା ଜଡ଼ର ପ୍ରଭାବରେ ନିଶ୍ଚେତନା ବା ଆବୃତ ଚେତନାର ପ୍ରଭାବର ଅନୁଭୂତି । ବ୍ୟକ୍ତି ଏହାର ପ୍ରଭାବରେ ଯନ୍ତ୍ରବତ୍ କାର୍ଯ୍ୟ କରେ, ନିଜ କ୍ରିୟା ବିଷୟରେ ଆଦୌ ସଚେତନତା ତା'ର ନଥାଏ ।

ଏହିପରି ଭାବେ ଆମ ଶରୀରର ମୂଳତତ୍ତ୍ୱ ଆପଣା ସ୍ୱଭାବରେ ଜଡ଼ ହୋଇ ରହିଥାଏ । ସେ ଏତେ ଅଚେତନ ଥାଏ ଯେ ତା'ର ଅଜ୍ଞାତରେ ତା' ମଧ୍ୟରେ ଅଭ୍ୟାସଗତ ସ୍ୱୟଂଚାଳିତ କ୍ରିୟାଟି ଚାଲିଥାଏ । ତା' ମଧ୍ୟରେ ରଜଃ ଓ ସତ୍ତ୍ୱଗୁଣ ଥିଲେ ମଧ୍ୟ ସେମାନଙ୍କର ପ୍ରଭାବ କ୍ୱଚିତ୍ ପଡ଼େ । ଆମେ ଅଧିକାଂଶ କିପରି ଯନ୍ତ୍ରବତ୍ କାମ କରୁ ତାହା ଲକ୍ଷ୍ୟ କଲେ ଜାଣିବା ।

ଯେବେ ରଜଃର ଶକ୍ତି ପ୍ରବଳ ହୁଏ, ତେବେ ତା'ର ରାଜସିକ କ୍ରିୟା ଜୀବନର ବୃହତ୍ ଭାଗକୁ ସଞ୍ଚାଳିତ କରେ । ଏଥିପାଇଁ ସେ ଯେଉଁ ଚେତନା ପ୍ରାପ୍ତ କରେ ତାହା ମନୋମୟ ସତ୍ତାରୁ ମିଳେ । ପ୍ରାଣିକ ପ୍ରକୃତି ଉପରେ ରଜୋଗୁଣର ପ୍ରବଳ ପ୍ରଭାବ ରହିଥାଏ । ତଥାପି ରାଜସିକ ଉତ୍ତେଜନା ମଧ୍ୟରେ ରହିଥାଏ ଏକ ସାତ୍ତ୍ୱିକ ଉଜ୍ଜ୍ୱଳ ପ୍ରଶାନ୍ତିର ଆକୃତି । ଏହା ସତ୍ତ୍ୱର ଧର୍ମ । ଏହାକୁ ତମଃର ଅବସାଦ ପଛରୁ ଟାଣେ । ଆମ ଦେହ ହେଲା ତମଃ, ପ୍ରାଣ ହେଲା ରଜଃ ଓ ସତ୍ତ୍ୱ ହେଲା ଶାନ୍ତ ମନ । ଏସବୁ ଏକତ୍ର ରହନ୍ତି, କାହାଠାରୁ କାହାକୁ ବିଚ୍ଛିନ୍ନ କରି ହୁଏ ନାହିଁ । ପରସ୍ପର ଉପରେ ପରସ୍ପରର ପ୍ରଭାବ ପଡ଼େ । ଏଣୁ ଦେଖାଯାଏ ବୈଚିତ୍ର୍ୟ ।

ତମୋଗୁଣର ଧର୍ମ ହେଲା ନିଶ୍ଚଳ ସ୍ଥିତି (Inertia), ରଜୋଗୁଣର ଧର୍ମ ହେଲା ପ୍ରବୃତ୍ତି, ଆଉ ସତ୍ତ୍ୱ ଗୁଣର ଧର୍ମ ହେଲା ପ୍ରକାଶ (Illumination) । ସୃଷ୍ଟିର ଛନ୍ଦରେ ଆମେ ଦେଖୁ ଜଡ଼ରୁ ସୃଷ୍ଟି ଅଭିବ୍ୟକ୍ତି ଦିଗରେ ଚାଲିଛି । ତା' ଅର୍ଥ ଜଡ଼ରୁ ସତ୍ତ୍ୱ ଦିଗରେ ତା'ର ଗତି ଜାରି ହୁଏ । ତା'ର ବିପରୀତ ଚେତନାର ସଂକୋଚ ହୋଇ ଜଡ଼ ଦିଗରେ ଅଧୋଗତି ହୁଏ । ଏହା ପ୍ରଳୟର ଛନ୍ଦ, ସୃଷ୍ଟି ଛନ୍ଦର ଏହା ବିପରୀତ ।

ଏତେ ବୈଚିତ୍ର୍ୟ ଥିଲେ ବି ମଣିଷ ମଧ୍ୟରେ ତିନୋଟି ମୂଳ ଚରିତ୍ର ପ୍ରକାଶ ପାଏ । ତାହା ଯୋଗୁଁ ଆମେ ଦେଖୁ ତାମସିକ ମଣିଷ, ରାଜସିକ ମନୁଷ୍ୟ, ଆଉ ସାତ୍ତ୍ୱିକ ମନୁଷ୍ୟ । ଯାହା ମଧ୍ୟରେ ତମଃ ମୁଖ୍ୟ ଓ ଅଧିକ ସେ ତାମସିକ ମଣିଷ । ସେ ମୂଢ଼, ନିଷ୍କ୍ରିୟ, ଆଳସ୍ୟ ପରାୟଣ । ସେ ପରିବର୍ତ୍ତନ ବିମୁଖ । ରାଜସିକ ମଣିଷ ପ୍ରାଣର ଉତ୍ତେଜନାରେ ଅଧୀର, ଚଞ୍ଚଳ, ଭୋଗ ଲୋଲୁପ । ସେ ଗୋଟିଏ ସ୍ଥିତିରେ ବାନ୍ଧି ହୋଇ ରହିବାକୁ ଚାହେଁ ନାହିଁ । ସେ ନିତ୍ୟ ନୂତନର ସନ୍ଧାନୀ । ସେ ଭୋଗ,

କାମ ଓ କ୍ଷମତା ପ୍ରୟାସୀ । ସାତ୍ତ୍ୱିକ ମଣିଷ ଧୀର, ପ୍ରଶାନ୍ତ, ମନସ୍ୱୀ, ଦୂରଦର୍ଶୀ ଓ ପ୍ରତିଭାବାନ୍ । ସଂସାରରେ ତାମସିକ ମଣିଷଙ୍କ ସଂଖ୍ୟା ସର୍ବାଧିକ, ସାତ୍ତ୍ୱିକ ମଣିଷଙ୍କ ସଂଖ୍ୟା ସବୁଠାରୁ କମ୍ । କିନ୍ତୁ ଏଇ ସାତ୍ତ୍ୱିକ ମଣିଷମାନେ ସମାଜର କର୍ଣ୍ଣଧାର । କବି, ଦାର୍ଶନିକ, ବୈଜ୍ଞାନିକ, ଶିଳ୍ପୀ, ସାଧୁ-ସନ୍ଥ ଏଇମାନେ ସାତ୍ତ୍ୱିକ ମଣିଷ ।

ଆମେ ଜାଣୁ ତମଃ ଥିବାଯାଏ ମଣିଷ ଭିତରେ ପ୍ରକୃତିକୁ ଆକ୍ରାନ୍ତ କରିଥିବା ଯାବତୀୟ ଅଜ୍ଞାନ, ଜଡ଼ତା, ଦୁର୍ବଳତା ଓ ଅସାମର୍ଥ୍ୟ ରହିଥିବ । ବ୍ୟକ୍ତି ମଧ୍ୟରେ ରହିଥିବ ତମସାଚ୍ଛନ୍ନ ବିଚାରଣା, ଅବୁଦ୍ଧି, ଅଭ୍ୟସ୍ତ ବିଚାର, ଯାନ୍ତ୍ରିକ ଧାରଣା ପ୍ରତି ମୋହ ବା ଆସକ୍ତି, ଚିନ୍ତା କରିବା, ଅଧିକ କିଛି ଜାଣିବାରେ ଅନିଚ୍ଛା, ନୂତନ ଜ୍ଞାନ ପ୍ରତି ନିଜ ମନକୁ ବନ୍ଦ କରି ରଖିବାର ପ୍ରବୃତ୍ତି । ବ୍ୟକ୍ତିର ଜୀବନ ଚାରଣ ହେବ ଏଥିପାଇଁ ଅସ୍ପଷ୍ଟ; ଇଚ୍ଛା ହେବ ଶକ୍ତିହୀନ । ବ୍ୟକ୍ତିର ଆତ୍ମବିଶ୍ୱାସ ହେବ କ୍ଷୀଣ । ସେ କର୍ମାରମ୍ଭ କରିବାକୁ ଏପରିକି କୌଣସି କର୍ମ କରିବାକୁ ପଛଘୁଞ୍ଚା ଦେବ । ତା'ର ଆତ୍ମଭାବନା ହେବ ଦରିଦ୍ର । ସେ ନୀତିଗତ କ୍ଷେତ୍ରରେ ହେବ ଜଡ଼; ଭୀରୁ, ନୀଚ ଓ କର୍ମକୋଢ଼ି । ନୀଚ, କ୍ଷୁଦ୍ର, ହୀନ ଉଦ୍ଦେଶ୍ୟ ପାଖରେ ବ୍ୟକ୍ତି ଅଧୀନ ହୋଇ ରହିଥାଏ । ସଂବେଗଗତ କ୍ଷେତ୍ରରେ ଏପରି ତମଃ ପ୍ରଭାବିତ ବ୍ୟକ୍ତି ହୁଏ ଉଦାସୀନ । ତମଃ ଆତ୍ମାକୁ କିଳିନିଏ । ତମୋଗ୍ରସ୍ତ ବ୍ୟକ୍ତି ନିର୍ମମ ହୋଇଯାଏ, ବୁଦ୍ଧି ହରାଇ ବସେ । ବ୍ୟକ୍ତିର ସ୍ନେହ-ମମତା, ଅନୁଭବ ଶକ୍ତି ତମଃର ପ୍ରଭାବରେ କ୍ଷୀଣ ହୋଇଯାଏ । ଏହି ପ୍ରକାର ମନୁଷ୍ୟ ମଧ୍ୟରେ ସ୍ଥୂଳ, ତାମସିକ, ଅସଂସ୍କୃତ ଭାବନା ଉତ୍ପନ୍ନ ହୁଏ । ସେ ସୌନ୍ଦର୍ଯ୍ୟ ପ୍ରତି ସାମାନ୍ୟ ଆକର୍ଷଣ ଅନୁଭବ କରେ ନାହିଁ । ସେ ପଶୁତୁଲ୍ୟ ।

ରଜୋଗୁଣସମ୍ପନ୍ନ ମନୁଷ୍ୟର ସ୍ୱାଭାବିକ ପ୍ରକୃତି ଶୁଭ ଓ ଅଶୁଭ ଦୁଇଟିଯାକ ତତ୍ତ୍ୱ ଦ୍ୱାରା ସଂକ୍ରମିତ । ଯଦି ତା' ଉପରେ ଯଥେଷ୍ଟ ସାତ୍ତ୍ୱିକ ଶକ୍ତିର ପ୍ରଭାବ ପଡ଼େ ନାହିଁ ତେବେ ସେ ହୋଇଯାଏ ଅହଂକାରୀ, ସ୍ୱେଚ୍ଛାଚାରୀ, ହିଂସ୍ର, ବିକୃତ ବୁଦ୍ଧି, ଅନମନୀୟ । ତା'ର ନିଜ ମତକୁ କେବଳ ସତ୍ୟ ମନେ କରି ତାହା ଜାହିର କରେ । ସେ ଭୁଲ୍ ଭିତରେ ବୁଡ଼ି ରହେ । ତା' ବୁଦ୍ଧି ତା'ର କାମନା, ଅଗ୍ରରୁଚିର ଅନୁସରଣ କରେ । ସେ ହୋଇପଡ଼େ ମତାନ୍ଧ ଓ ସାମ୍ପ୍ରଦାୟିକ, ସ୍ୱେଚ୍ଛାଚାରୀ । ଗର୍ବ, ଔଦ୍ଧତ୍ୟ, ସ୍ୱାର୍ଥପରତା, ମହତ୍ତ୍ୱାକାଂକ୍ଷା, କାମୁକତା, ଲୋଭ, ନିଷ୍ଠୁରତା, ଘୃଣା, ବିଦ୍ୱେଷ ଓ ଅନେକ ପ୍ରକାର ଆସୁରିକତା ଓ ବିକୃତିର ଶାସନରେ ସେ ରହେ । ଗୀତାର ଚତୁର୍ଦ୍ଦଶ ଅଧ୍ୟାୟରେ କୁହାଯାଇଛି –

'ରଜୋ ରାଗାତ୍ମକଂ ବିଦ୍ଧି ତୃଷ୍ଣାସଙ୍ଗସମୁଦ୍ଭବମ୍ ।
ତନ୍ନିବଧ୍ନାତି କୌନ୍ତେୟ କର୍ମସଙ୍ଗେନ ଦେହିନମ୍' ॥୭॥

ଏହାର ଅର୍ଥ ''ହେ ଅର୍ଜୁନ ! ରାଗରୂପୀ ରଜୋଗୁଣ କାମନା ଓ ଆସକ୍ତିରୁ ଉତ୍ପନ୍ନ ହୁଏ । ତାହା ଏହି ଜୀବାତ୍ମାକୁ କର୍ମ ଓ କର୍ମଫଳ ସହିତ ଥିବା ସମ୍ବନ୍ଧ ଦ୍ୱାରା ବନ୍ଧନ କରେ ।'' ଗୀତା ପୁନଶ୍ଚ କହନ୍ତି 'ରଜସସ୍ତୁ ଫଳଂ ଦୁଃଖମ୍' ରଜର ଫଳ ଦୁଃଖମୟ । ପୁନଶ୍ଚ କହନ୍ତି 'ରଜସୋ ଲୋଭ ଏବ ଚ' – ରଜଃରୁ ଲୋଭର ସୃଷ୍ଟି । ପୁଣି କୁହାଯାଇଛି, 'ଲୋଭଃ ପ୍ରବୃତ୍ତିରାରମ୍ଭଃ କର୍ମଣାମଶମଃ ସ୍ପୃହା' । ରଜୋଗୁଣର ବୃଦ୍ଧି ଘଟିଲେ ଲୋଭ, ପ୍ରବୃତ୍ତି, ସ୍ୱାର୍ଥବୁଦ୍ଧି ପୂର୍ବକ ସକାମ କର୍ମାଚରଣ, ଅଶାନ୍ତି ଓ ବିଷୟ ଭୋଗ ଲାଳସା ଉତ୍ପନ୍ନ ହୁଏ । ରଜଃ ପ୍ରଧାନ ବ୍ୟକ୍ତିର ପ୍ରିୟ ଖାଦ୍ୟ – ପିତା, ଖଟା, ଲୁଣିଆ, ଅତି ଉଷ୍ମ, ରାଗ, ରୁକ୍ଷ, ଦାହକାରକ, ଦୁଃଖ, ଚିନ୍ତା ତଥା ରୋଗ ଉତ୍ପନ୍ନକାରୀ ଖାଦ୍ୟ – ''କଟ୍ୱମ୍ଳଲବଣାତ୍ୟୁଷ୍ଣତୀକ୍ଷ୍ଣରୂକ୍ଷବିବାହିନଃ'' । ସେହିପରି ତମଃ ପ୍ରଧାନ ଲୋକଙ୍କ ଖାଦ୍ୟ – ଅର୍ଦ୍ଧସିଦ୍ଧ, ରସହୀନ, ଦୁର୍ଗନ୍ଧଯୁକ୍ତ, ବାସି, ଅଇଁଠା ଓ ଅପବିତ୍ର । କେବଳ ନିଜ ଦମ୍ଭ, ପ୍ରୌଢ଼ି ଓ ଫଳପ୍ରାପ୍ତି ପାଇଁ ରଜଃ ପ୍ରଧାନ ବ୍ୟକ୍ତି ଯଜ୍ଞାଦି କର୍ମ କରେ । ଶାସ୍ତ୍ର ବିଧିରହିତ ଯଜ୍ଞାଦି କର୍ମ ସେହିପରି ତାମସକର୍ମ ।

ଏଇ ଆଲୋଚନାରୁ ତମଃ ଓ ରଜଃ କେତେ ପରିମାଣରେ ଆତ୍ମାକୁ ଆଚ୍ଛାଦିତ ଓ ବନ୍ଧନଯୁକ୍ତ କରନ୍ତି ତାହା ଜାଣି ହେବ ।

ସାତ୍ତ୍ୱିକ ଗୁଣ ସୁଖ ପ୍ରଦାନକାରୀ – 'ସତ୍ତ୍ୱଂ ସୁଖେ ସଂଜୟତି – ସତ୍ତ୍ୱାତ୍ ସଂଜାୟତେ ଜ୍ଞାନମ୍' । ସତ୍ତ୍ୱରୁ ଜ୍ଞାନର ଉଦ୍ଭବ ହୁଏ । ସତ୍ତ୍ୱପ୍ରଧାନ ବ୍ୟକ୍ତିଙ୍କର ଆହାର ବିହାର ଅନ୍ୟମାନଙ୍କଠାରୁ ଭିନ୍ନ । ''ଆୟୁଃସତ୍ତ୍ୱବଳାରୋଗ୍ୟସୁଖପ୍ରୀତିବିବର୍ଦ୍ଧନାଃ । ରସ୍ୟାଃ ସ୍ନିଗ୍ଧାଃ ସ୍ଥିରା ହୃଦ୍ୟା ଆହାରାଃ ସାତ୍ତ୍ୱିକପ୍ରିୟାଃ ।'' (ଶ୍ଳୋକ ୯/୧୭, ଗୀତା) ଆୟୁ, ବୁଦ୍ଧି, ବଳ, ଆରୋଗ୍ୟ, ସୁଖ ଏବଂ ପ୍ରୀତିବର୍ଦ୍ଧନକାରୀ ଖାଦ୍ୟ, ଯାହା ରସଯୁକ୍ତ, ସ୍ନିଗ୍ଧ, ସ୍ଥିର ଏବଂ ମନକୁ ସୁଖଦାନକାରୀ ସେଇ ସବୁ ଖାଦ୍ୟ ସାତ୍ତ୍ୱିକ ପ୍ରକୃତି ବ୍ୟକ୍ତିଙ୍କର । ସେମାନଙ୍କ ପ୍ରକୃତି ଶାନ୍ତ ।

ଖାଦ୍ୟର ମଧ୍ୟ ପ୍ରକୃତି ଉପରେ ପ୍ରଭାବ ଅଛି । ପ୍ରକୃତିର ଦୋଷ ଗୁଣ ଯୋଗୁଁ ବିଭିନ୍ନ ରୋଗର ଉତ୍ପତ୍ତି ହୁଏ ।

ତୀବ୍ରରାଗାତ୍ ଭବେଦ୍ ବାତୋ ।
ଦ୍ୱେଷାତ୍ ପିତ୍ତଂ ପ୍ରଜାୟତେ
କଫଃ ସଂଜାୟତେ ମୋହାତ୍
ତମସୋଽପି ଜଡଃ ସ୍ମୃତଃ ।
ଅତିଚିତ୍ତମଶୁଦ୍ଧଂ ହି
ତୀବ୍ରଂ ଚେଦ୍ ଦୋଷତାମିୟାତ୍ ।
ରାଗାଦିଦୂଷିତଂ ଚିତ୍ତଂ
ଗଦଜାଳଂ ତନୋତି ହି ॥

ଆସକ୍ତିରୁ ବାତ, ଦ୍ୱେଷରୁ ପିତ୍ତ, ମୋହରୁ କଫ, ତମଃରୁ ଜଡ଼ତା ଏସବୁ କାରଣରୁ ଚିତ୍ତର ଅଶୁଦ୍ଧି । ରାଗାଦିରୁ ଦୂଷିତ ଚିତ୍ତ ବହୁ ରୋଗର କାରଣ ଏବଂ ପ୍ରକୃତିକୁ ଏମାନେ ଦୂଷିତ ବି କରନ୍ତି ।

ସାତ୍ତ୍ୱିକ ବ୍ୟକ୍ତି ପ୍ରାୟଶଃ ସୁସ୍ଥ, କାରଣ ତାଙ୍କ ଚିତ୍ତ ପ୍ରସନ୍ନ । 'ପ୍ରସନ୍ନଚେତସଃ ସୌଖ୍ୟମାରୋଗ୍ୟଂ ଚ ଭବେତ୍ ସଦା ।' ଅପ୍ରସନ୍ନ ରହୁଥିବା ରଜଃ ଓ ତମଃ ପ୍ରକୃତିର ବ୍ୟକ୍ତି ଆତ୍ମା ଉପରେ ଯେଉଁ ଆବର୍ଜନା ଅଜାଡ଼ି ଦିଅନ୍ତି ତାହା ତାଙ୍କୁ ଶାରୀରିକ ଓ ମାନସିକ ସୁଖ ଦିଏ ନାହିଁ ଏବଂ ବହୁରୋଗ ଉତ୍ପନ୍ନ କରେ । ''ଅପ୍ରସନ୍ନସ୍ୟ ଚିତ୍ତସ୍ୟ ରୋଗାଃ ସର୍ବେ ଭବନ୍ତି ହି'' । ସାତ୍ତ୍ୱିକ ବ୍ୟକ୍ତିର ମନ କରୁଣାର୍ଦ୍ର, ଏଣୁ ଶୁଦ୍ଧ । ଏହା ସର୍ବରୋଗ ନିରୋଧକ । ''କରୁଣାର୍ଦ୍ରଂ ମନଃ ଶୁଦ୍ଧଂ ସର୍ବଜ୍ୱର-ବିନାଶନମ୍'' ।

ପ୍ରକୃତି ମଧ୍ୟରେ ଥିବା ତ୍ରିଗୁଣ, ତା'ର ପ୍ରଭାବ ଦେହ, ପ୍ରାଣ, ମନ ଓ ଆତ୍ମା ଉପରେ କ'ଣ ହୋଇପାରେ ସେ ସମ୍ପର୍କରେ ଆମେ ଏଠି ଗୀତାର ଭିତ୍ତିରେ କିଛି ଆଲୋଚନା କଲୁ । ସାତ୍ତ୍ୱିକ ମନୁଷ୍ୟ, ରାଜସିକ ମନୁଷ୍ୟ, ତାମସିକ ମନୁଷ୍ୟର ଆଚାର ବ୍ୟବହାର, ଖାଦ୍ୟପେୟ, ତଜ୍ଜନିତ ରୋଗ ବ୍ୟାଧି ମଧ୍ୟ ଆଲୋଚନା ପରିସରକୁ ଆଣିଲୁ । ଆଦର୍ଶ ସାତ୍ତ୍ୱିକ ମଣିଷ ଯେ ସମାଜର ନେତୃତ୍ୱ ନିଏ ସେ ବିଷୟରେ କିଛି ଆଲୋଚନା ହେଲା । ଏବେ ପ୍ରକୃତି ମଧ୍ୟରେ ଦ୍ୱନ୍ଦ୍ୱ ସମ୍ପର୍କରେ ଆଲୋଚନା କରିବା ।

ଯଦି ଗୁଣଗୁଡ଼ିକ ତାଙ୍କ ମୂଳ ଚିଦ୍‌ଗତ ସତ୍ତା ମଧ୍ୟକୁ ଉନ୍ନିତ ହୋଇ ଯାଇପାରନ୍ତା, ତେବେ ତମୋଗୁଣ ଦିବ୍ୟଶାନ୍ତିର ରୂପ ନିଅନ୍ତା, ଏହି ଶାନ୍ତି ଜଡ଼ତା ବା ଅସାମର୍ଥ୍ୟ ନୁହେଁ । ବରଂ ଏହା ଏକ ପୂର୍ଣ୍ଣ ଶକ୍ତି, ପୁନଶ୍ଚ ଚିଦ୍‌ଗତ ଭୂମିରେ ରଜୋଗୁଣ ସକଳ କର୍ମ ସାଧନର ଦିବ୍ୟସଂକଳ୍ପ ଶକ୍ତି ହୋଇ ଯାଆନ୍ତା, ଯାହାକୁ ବ୍ୟକ୍ତିର ବାସନା କୁହାଯିବ ନାହିଁ । ବରଂ ଏହାକୁ କହିବା ସତ୍ତାଗତ ପରିପୂର୍ଣ୍ଣ ଶକ୍ତି ଯାହା ଅନ୍ତହୀନ, ଅକ୍ଷୁବ୍ଧ ଓ ଆନନ୍ଦମୟ କର୍ମ କରିବାର ସାମର୍ଥ୍ୟ । ସେଇ ଭୂମିରେ ସତ୍ତ୍ୱଗୁଣ ଏକ ମିଶ୍ରଣଗତ ମାନସିକ ପ୍ରକାଶ ନୁହେଁ, ବରଂ ଏହା ଏପରି ଏକ ଶାନ୍ତ ଦିବ୍ୟ ଆଲୋକ ଯାହା ଦିବ୍ୟଶାନ୍ତି ଓ ଦିବ୍ୟକର୍ମ ସଂକଳ୍ପର ଏକତ୍ୱ ରୂପ । ଏପରି ଅବସ୍ଥାରେ ଚେତନାରେ ସଂକୋଚ ରହେ ନାହିଁ, ତମଃର ପ୍ରଭାବ ପଡ଼େ ନାହିଁ । ତେବେ ଦ୍ୱନ୍ଦ୍ୱର ଆବିର୍ଭାବ ହେବ କିପରି ?

ମନୁଷ୍ୟ ଯେଉଁ ଗୁଣର ଅଧୀନ ହେଉ ପଛେ, ତା'ର ଚେତନାର ଗଭୀରରେ ସେ ଚାହେଁ ସତ୍ତ୍ୱ ଗୁଣକୁ । ସେ ଚାହେଁ ପ୍ରଶାନ୍ତ, ପ୍ରୋଜ୍ଜ୍ୱଳ ପ୍ରଶାନ୍ତି । ଏଇ ସତ୍ତ୍ୱଗୁଣର ବି ଦୁଇଟି ରୂପ ଅଛି । ତାହା ହେଲା – ମଳିନ ସତ୍ତ୍ୱ ଆଉ ଶୁଦ୍ଧ ସତ୍ତ୍ୱ । ସେ ମଳିନ ସତ୍ତ୍ୱ କାରଣ ତା' ମଧ୍ୟରେ ରାଜସିକ ଚାଞ୍ଚଲ୍ୟ ଓ ତାମସିକ ମୂଢ଼ତାର ଅପମିଶ୍ରଣ ଘଟିଛି । ଏଣୁ ଏପରି ବ୍ୟକ୍ତିର ଅନେକ ସଦିଚ୍ଛା ଥିଲେ ମଧ୍ୟ ଏବଂ ଲୋକ କଲ୍ୟାଣ ପାଇଁ ଆଗ୍ରହ ଥିଲେ ମଧ୍ୟ ତା' ମଧ୍ୟରେ ଅହଂକାର, ପୁରସ୍କୃତ ହେବା ପାଇଁ ଅତ୍ୟାଗ୍ରହ, ମାନସମ୍ମାନ ଲାଭ ପାଇଁ ଦୁରାକାଙ୍କ୍ଷା, ଅଦୂରଦର୍ଶିତା, ଚିତ୍ତର ଚଞ୍ଚଳତାର ଭେଜାଲ ରହିଯାଏ । ଏହା ତାକୁ ଦିଏ ଅବସାଦ । ମନର ପ୍ରଭାବରୁ ମୁକ୍ତ ନହେବା ଯାଏ, ଗୁଣଲୀଳାର ଊର୍ଦ୍ଧ୍ୱକୁ ନଯିବା ଯାଏ, ଏଥିରୁ ମୁକ୍ତି ନାହିଁ ।

ଆମେ ସାଂଖ୍ୟରୁ ଜାଣୁ ଏସବୁ ଝାମେଲାରୁ ମୁକ୍ତି ନିସ୍ତ୍ରୈଗୁଣୀ ବା କୈବଲ୍ୟରୁ ସମ୍ଭବ । କାରଣ ସବୁ ଗୁଣର ବନ୍ଧନ ଅଛି । ତମଃ ଗୁଣର ବନ୍ଧନ ଜଡ଼ତା । ରଜୋଗୁଣର ବନ୍ଧନ ଚଞ୍ଚଳତା । ସେ ମଧ୍ୟ ବହୁ ଦୁଃଖର କାରଣ । ସତ୍ତ୍ୱଗୁଣ ଏମାନଙ୍କଠାରୁ ଭଲ । ତଥାପି ସେ ମଧ୍ୟ ଶୁଦ୍ଧ ନୁହେଁ । ବରଂ ଏହାର ବନ୍ଧନ ଅତ୍ୟନ୍ତ ଭୟଙ୍କର । ତମଃର ବନ୍ଧନ ଲୁହା କଡ଼ି ହେଲେ, ରଜଃର ବନ୍ଧନ ରୁପା କଡ଼ି । ମାତ୍ର ସତ୍ତ୍ୱର ବନ୍ଧନ ସୁନାକଡ଼ି । ଲୁହା ଓ ରୁପା କଡ଼ିକୁ କାଟି ଫିଙ୍ଗିଦେଇ ହେବ, କିନ୍ତୁ ଦୁର୍ମୂଲ୍ୟ ସୁନାକଡ଼ିରୁ ମୁକୁଳିବା ସହଜ ନୁହେଁ । କାରଣ ସେ ବାନ୍ଧେ ସୁଖ ଆଉ ଜ୍ଞାନ ଲାଭର ଆସକ୍ତିରେ । ରାଗ, ଦ୍ୱେଷ ଓ ମୋହ ଏଇସବୁ ଯଥାକ୍ରମେ ସତ୍ତ୍ୱ, ରଜଃ, ତମଃ ଗୁଣର ଛାୟା । ଏଇ ତିନି ଗୁଣକୁ ଅତିକ୍ରମ କରିଗଲେ ଚେତନାର ଆଉ କିଛି ତରଙ୍ଗ ବା ଉଦ୍‌ବେଳନ ସୃଷ୍ଟି ହେବ କିପରି ? ଏଣୁ ଆକର୍ଷଣ-ବିକର୍ଷଣ, ରୁଚି-ଅରୁଚି, ସୁଖ-ଦୁଃଖ, ଆନନ୍ଦ-ନିରାନନ୍ଦ, ସୌଭାଗ୍ୟ-ଦୁର୍ଭାଗ୍ୟ, ସାଫଲ୍ୟ-ଅସାଫଲ୍ୟ, ଧର୍ମ-ଅଧର୍ମ,

ଶୁଭାଶୁଭ, ଈର୍ଷା-ଦ୍ୱେଷ, ନିନ୍ଦା-ପ୍ରଶଂସା ଭଳି ସକଳ ଦ୍ୱନ୍ଦ୍ୱରୁ ମୁକ୍ତି ମିଳେ । କାରଣ ସେଇ ଚିରମୁକ୍ତ ଗୁଣାତୀତ ଅବସ୍ଥାରେ କୌଣସି ପ୍ରତି ଆସକ୍ତି ନଥାଏ । ଆସକ୍ତି ନଥାଏ କାରଣ କେଉଁ ବସ୍ତୁ ପ୍ରତି ମୋହ ନଥାଏ । ମୋହ ନଥିବାରୁ ଭଲ-ମନ୍ଦ, ସୁଖ-ଦୁଃଖର ଦ୍ୱନ୍ଦ୍ୱ ନଥାଏ । ଖାଲି ଦ୍ୱନ୍ଦ୍ୱରୁ ମୁକ୍ତି ମିଳେ ନାହିଁ, କର୍ମ ବନ୍ଧନରୁ ବି ମୁକ୍ତି ମିଳେ । ଏଇ ଅବସ୍ଥାରେ ବ୍ୟକ୍ତି କିଛି କର୍ମ କରିବାରେ ଆସକ୍ତ ବା ବାଧ୍ୟ ନଥାଏ । କର୍ମ କଲେ ତ ଚେତନାର ତରଙ୍ଗ ଉଠିବ । କର୍ମ ଚାଲୁଥିଲେ ବ୍ୟକ୍ତି ଗୁଣ ଲୀଳାର ବୈରାଗୀ ଉଦାସୀନ ଦ୍ରଷ୍ଟା । ଏଣୁ ସେ ଅକର୍ତ୍ତା । ଚେତନାର ଦର୍ପଣ ଏଠି ସ୍ୱଚ୍ଛ, କାହାର ବା କିଛିର ଛାୟା ଏଠି ପଡ଼ି ନଥାଏ । ବ୍ୟକ୍ତି ଏପରି ଅବସ୍ଥାରେ ତ୍ରିଗୁଣାତୀତ ।

ଗୁଣାତୀତ ହେଲେ ବି ବ୍ୟକ୍ତି ତଥାପି ଗୁଣାଧୀଶ ନୁହେଁ । ଏଣୁ ଗୁଣାତୀତତ୍ୱ ସାଧନାର ଶେଷ କଥା ନୁହେଁ । ପୁନଶ୍ଚ ତ୍ରିଗୁଣ ଓ ଗୁଣାତୀତତ୍ୱ ମଧ୍ୟରେ ଗୋଟିଏ ଭୂମିର ବିଷୟ ଆଲୋଚିତ ହୋଇ ନାହିଁ । ଏହା ପୂର୍ବେ ସୂଚିତ ହୋଇଛି ମାତ୍ର । ତାହା ହେଲା ଶୁଦ୍ଧ ସତ୍ତ୍ୱତ୍ୱ । ସତ୍ତ୍ୱ ଗୁଣ ଲାଭ ପାଇଁ ଆମର ସାଧନାର ଆରମ୍ଭ । କିନ୍ତୁ ପରବର୍ତ୍ତୀ କାଳରେ ଅନୁଭବ ହେଲା ବ୍ୟକ୍ତି ଯେତେଦିନଯାଏ ମନୋଭୂମି ମଧ୍ୟରେ ଅଛି, ସେତେଦିନଯାଏ ସତ୍ତ୍ୱଗୁଣରେ ମଧ୍ୟ ଅଶୁଦ୍ଧତା ରହିଯାଉଛି । ଏଣୁ ମନକୁ ଅତିକ୍ରମ କରି ବିଜ୍ଞାନ ଚେତନା ଭୂମିକୁ ଯିବାକୁ ହେବ । ଏଠି ସତ୍ତ୍ୱ ପୂର୍ବାଲୋଚିତ ମଳିନ ସତ୍ତ୍ୱ ନୁହେଁ । ଏଠି ତାହା ଶୁଦ୍ଧସତ୍ତ୍ୱ ବା ନିତ୍ୟ ସତ୍ତ୍ୱ । ଆମର ପ୍ରାଚୀନ ଶାସ୍ତ୍ରକାରମାନେ ସେ ସମ୍ପର୍କରେ ସୂଚନା ଦେଇଛନ୍ତି । ଉପମା ଛଳରେ କୁହାଯାଇଛି ଏହା ଉଦୟାସ୍ତ ବିହୀନ ନିତ୍ୟ ସୂର୍ଯ୍ୟ ବା କ୍ଷୟ ବୃଦ୍ଧିହୀନ ଚନ୍ଦ୍ରର ନିତ୍ୟ ଷୋଡ଼ଶୀ କଳା । ଏଠି ପ୍ରକୃତି ଅପରା ନୁହେଁ ପରାପ୍ରା; ପରମ ପୁରୁଷର ସ୍ୱୀୟ ପ୍ରକୃତି ଓ ତା'ର ସ୍ୱରୂପ ଶକ୍ତି । ଗୁଣର କ୍ରିୟାରେ ଏଠି ଅନ୍ୟୋଽନ୍ୟ ବିରୋଧ ନାହିଁ— ଏଠି ତାହା ଶୁଦ୍ଧ । ତେବେ ସେପରି ଅବସ୍ଥାରେ ଗୁଣ ତ୍ରୟର ସ୍ଥିତି କିପରି ରହେ ତାହା ସ୍ୱତଃ ଆଲୋଚନା ପ୍ରସଙ୍ଗକୁ ଆସି ଯାଉଛି । ପ୍ରକୃତିରେ ଯେ ତମଃ ପରାଭୂମିରେ ଅତିମାନସ ପ୍ରଭାବରୁ ତାହା ରୂପାନ୍ତରିତ ଚିଦ୍‌ଘନ ପ୍ରଶାନ୍ତିରେ । ରାଜସିକ ଚଞ୍ଚଳତା ଏଠି ସ୍ନିଗ୍ଧ ବୀର୍ଯ୍ୟର ସ୍ଫୁରଣ ଆଉ ସତ୍ତ୍ୱ ସର୍ବତୋଭାସ୍ୱର ଆତ୍ମଜ୍ୟୋତିଃ । ଏଠି ଗୁଣର ବିରୋଧିତା ନାହିଁ, ଅଛି ସାମ୍ୟତା । ଯଦି ଏହାକୁ ଅବ୍ୟକ୍ତ କହିବା ଏହା ଅନ୍ଧ ତମିସ୍ରା ନୁହେଁ, ଏହା ଜ୍ୟୋତିର୍ମୟ ଅବ୍ୟକ୍ତ । ଗୁଣାତୀତ ମଧ୍ୟ ଶୁଦ୍ଧ ଗୁଣର ସ୍ଫୂର୍ତ୍ତି । ତାନ୍ତ୍ରିକ ପାଇଁ ଏହା ''ସତତଂ ଶିବତା ସମାବେଶ'' । ଏ ଶିବ ପରମ ପରାତ୍ପର ଶିବ, ଯାହାଙ୍କ କୋଳରେ ଆସୀନା ସର୍ବୈଶ୍ୱର୍ଯ୍ୟ ବିଭୂଷିତା ମହାଶକ୍ତିମୟୀ ପରମ ଚେତନା ସ୍ୱରୂପିଣୀ ଉମାଙ୍କର ହିରଣ୍ୟ ପ୍ରତିମା । ଏଇ ନିତ୍ୟ ମୁକ୍ତ ଈଶ୍ୱର ଓ ରୂପାନ୍ତରିତା ଶୁଦ୍ଧା ପ୍ରକୃତି ମଧ୍ୟରେ ଦ୍ୱନ୍ଦ୍ୱର ପ୍ରଶ୍ନ ନାହିଁ । ଏହାହିଁ ଦୁଇଟିର ସାମରସ୍ୟ, ଯାହା ସତ୍ତାର ସାର୍ଥକତା । ଏଇଠି ଅଛି ପ୍ରକୃତିର ଶକ୍ତି । ଅର୍ଦ୍ଧାଙ୍ଗ ଈଶ୍ୱର, ଅର୍ଦ୍ଧାଙ୍ଗ ପାର୍ବତୀ । ଏହି ଭୂମି ଦିବ୍ୟତତ୍ତ୍ୱ ଭୂମି । ଆତ୍ମା ଏପରି ଅବସ୍ଥାରେ ବିଶ୍ୱାତ୍ମକ, ଅନନ୍ତ, ପରମସତ୍ୟ, ଶିବ, ସୁନ୍ଦର ଓ ଆନନ୍ଦ ସ୍ଥିତିରେ ମଧ୍ୟ ପ୍ରତିଷ୍ଠିତ । ଏଠି ପ୍ରକୃତି ଓ ପୁରୁଷ (ଆତ୍ମା)ର ମୁକ୍ତି ପରସ୍ପର ସହ ଅଭିନ୍ନ ଏକତ୍ୱରେ ଜଡ଼ିତ । ଏହାହିଁ ପରମ ମୁକ୍ତି ମଧ୍ୟରେ ପ୍ରତିଷ୍ଠିତ ପରମ ପରିପୂର୍ଣ୍ଣତା । ଏହି ପ୍ରବନ୍ଧର ଉପସଂହାରରେ ପ୍ରଭୁ ଏହାହିଁ କହିଛନ୍ତି । 'The liberation of the Nature becomes one with the liberation of the spirit, and there is founded in the integral freedom the integral perfection.'

(The Synthesis of Yoga, P. 690)

ଯେଉଁମାନେ ମାତ୍ର ସାଧକ ତାଙ୍କର ଏ ସ୍ଥିତିରେ ପହଞ୍ଚିବା ପାଇଁ ଚିନ୍ତା କରିବାର ନାହିଁ, କାରଣ ଲଳିତା ସହସ୍ରନାମ ଭାଷାରେ ଆମ ମା' ଭଗବତୀ ଆମ ପାଇଁ ଯୋଗାରୂଢ଼ା ଯୋଗଦା । ସେ ''**ପଶୁପାଶବିମୋଚିନୀ**'' । ସମର୍ପିତ ସାଧକ ପାଇଁ ସେ ସବୁ କରିଦେବେ । ଯଦି ସାଧକ ନିଷ୍ଠାପର ଓ ତା'ର ଅଭୀପ୍ସା ଏକମୁଖୀ ପରମଙ୍କ ଅଭିମୁଖେ, ତେବେ ସେ ତା' ଉପରେ ଅତିମାନସ ଚେତନା ଓ ଶକ୍ତିର ବର୍ଷା କରି ଦିନେ ନା ଦିନେ ସକଳ ପ୍ରକାର ମୁକ୍ତି ଓ ଦିବ୍ୟ ରୂପାନ୍ତର ପ୍ରଦାନ କରି ପୂର୍ଣ୍ଣତ୍ୱରେ ଭୂଷିତ କରିବେ, ଏହା ନିଃସନ୍ଦେହ ।

❑❑❑

# ସଦିଚ୍ଛା

## ଶ୍ରୀମା

ଏଥର ଆମେ ଦେଖିବା ଯେ ସଦିଚ୍ଛା ଦ୍ୱାରା ସମସ୍ତେ କିପରି ତୁମର ବନ୍ଧୁ ହୋଇ ଉଠନ୍ତି, ଏପରିକି ଜୀବଜନ୍ତୁମାନେ ମଧ୍ୟ ତାହା ବୁଝନ୍ତି, ଅନୁଭବ କରନ୍ତି ଏବଂ ତୁମଠାରୁ ପାଇଥିବା ସ୍ନେହର ପ୍ରତିଦାନ କିପରି ଦିଅନ୍ତି ।

ଇଂରେଜ ଶାସନର ପ୍ରଥମାବସ୍ଥାରେ ଭାରତବର୍ଷର ପଶ୍ଚିମାଞ୍ଚଳରେ ଗୋଟିଏ ଛୋଟ ରାଜ୍ୟ ଥିଲା । ସେହି ରାଜ୍ୟଟି ଛୋଟ ହେଲେ ବି ସମୃଦ୍ଧ ଥିଲା । ସେହି ରାଜ୍ୟର ବୃଦ୍ଧ ରାଜାଙ୍କର ପ୍ରଧାନମନ୍ତ୍ରୀ ଥିଲେ ପୁରାଣଭଗତ ।

ପୁରାଣଭଗତ ଥିଲେ ଶିକ୍ଷିତ, ଭଦ୍ର ଓ ସ୍ନେହୀ । ତାଙ୍କର ବୁଦ୍ଧିଦୀପ୍ତ ଚେହେରା, ଉଦାର ଚରିତ୍ର ଓ ଗମ୍ଭୀର ବ୍ୟକ୍ତିତ୍ୱ ପାଇଁ ଲୋକମାନେ ତାଙ୍କୁ ଶ୍ରଦ୍ଧା ଓ ଭକ୍ତି କରୁଥିଲେ । ସେ ବହୁତ କର୍ମଠ ମଧ୍ୟ ଥିଲେ । ରାଜ୍ୟ ପରିଚାଳନାର ସୁବ୍ୟବସ୍ଥା ପାଇଁ ରାଜ୍ୟର ପ୍ରଭୂତ ଉନ୍ନତି ହୋଇଥିଲା ଓ ଲୋକମାନେ ଆନନ୍ଦରେ ଥିଲେ ।

*

ହଠାତ୍ ଦିନେ ପ୍ରଜାମାନେ ଶୁଣିଲେ ଯେ ପୁରାଣଭଗତ ରାଜକାର୍ଯ୍ୟରୁ ଇସ୍ତଫା ଦେଉଛନ୍ତି । ତା'ର କାରଣ କ'ଣ କେହି ବୁଝିପାରିଲେ ନାହିଁ । ଦୁଃଖ, ନିରାଶା ଓ ବିଷାଦର ବାଦଲ ଯେପରି ରାଜ୍ୟକୁ ଘୋଡ଼ାଇ ପକାଇଲା, ଦଳ ଦଳ ହୋଇ ପ୍ରଜାମାନେ ପ୍ରଧାନମନ୍ତ୍ରୀଙ୍କ ଘରକୁ ଚାଲିଲେ । ସମସ୍ତେ ଦେଖିଲେ ଯେ ପୁରାଣଭଗତ ଖାଲିପାଦରେ ଏକୁଟିଆ ରାସ୍ତାକୁ ବାହାରି ଆସିଲେ । ଲୋକମାନେ ଦୁଇ ପଟକୁ ଆଡ଼େଇ ହୋଇଯାଇ ବହୁତ ସମ୍ମାନ ସହକାରେ ତାଙ୍କୁ ରାସ୍ତା ଛାଡ଼ି ଦେଲେ । ବର୍ତ୍ତମାନ ସମସ୍ତେ ବୁଝିପାରିଲେ ଯେ ପୁରାଣଭଗତ ଏକ ନୂତନ ଓ ଆଲୋକମୟ ଜୀବନର ସନ୍ଧାନରେ ବାହାରିଛନ୍ତି, ତାଙ୍କୁ ଏଥିରୁ ନିବୃତ୍ତ କରାଯାଇ ପାରିବ ନାହିଁ । ତଥାପି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାବଶତଃ ସମସ୍ତେ ନୀରବରେ ତାଙ୍କ ପଛେ ପଛେ ଚାଲିବାକୁ ଲାଗିଲେ ।

ରାଜଧାନୀରୁ ବାହାରି ସେ ପ୍ରଥମେ ଦକ୍ଷିଣ ଦିଗକୁ ଚାଲିବାକୁ ଲାଗିଲେ । କିଛି ସମୟ ପରେ ପଛକୁ ଫେରି ପ୍ରଜାମାନଙ୍କୁ ଦେଖି କହିଲେ, ''ବସ୍, ତୁମେମାନେ ଘରକୁ ଫେରିଯାଅ, ବୃଥାରେ କାହିଁକି ମୋ ସହ ଆସୁଛ, ମୁଁ ଏକ ଉଚ୍ଚତର ଜୀବନର ଡାକ ଶୁଣିପାରୁଛି, ତେଣୁ ମୋତେ ଆଗେଇ ଯିବାକୁହିଁ ହେବ, ତୁମେ ସବୁ ଦୟାକରି ଘରକୁ ଫେରିଯାଅ ।'' ସେ ତାଙ୍କ ପଥରେ ଆଗେଇ ଚାଲିଲେ । ଆଖି ଆଗରୁ ଲୁଚିଯିବା ପର୍ଯ୍ୟନ୍ତ ପ୍ରଜାମାନେ ଲୁହଭରା ଆଖିରେ ତାଙ୍କ ଯିବା ପଥକୁ ଚାହିଁ ରହିଲେ ।

*

ପୁରାଣଭଗତ ଚାଲିଛନ୍ତି । ନା ଅଛି ଖାଦ୍ୟର ଚିନ୍ତା ନା ଆଶ୍ରୟ ଚିନ୍ତା । ଯେଉଁଠି ଯାହା ମିଳିଲା ଖାଇଲେ, କେଉଁଠି ଗଛତଳେ ବା ମନ୍ଦିରରେ ଆଶ୍ରୟ ନେଲେ । ପୁରାଣଭଗତଙ୍କ ମା' ଥିଲେ ପାର୍ବତ୍ୟଦେଶୀୟ କନ୍ୟା, ତେଣୁ ତାଙ୍କ ରକ୍ତରେ ପାହାଡ଼ ଓ ବଣ୍ୟ-ପ୍ରକୃତି ପ୍ରତି ଆକର୍ଷଣ ଥିଲା । ସେ କେତେ ଗ୍ରାମ, ସହର ଓ ଶସ୍ୟକ୍ଷେତ୍ର ଅତିକ୍ରମ କରି ହିମାଳୟ ପାଦଦେଶରେ ଆସି ପହଞ୍ଚିଲେ, ତା'ପରେ ଗୋଟିକ ପରେ ଗୋଟିଏ ଉପତ୍ୟକା ଓ ଶୃଙ୍ଗ ଅତିକ୍ରମ କରି ହିମାଳୟର ଗୋଟିଏ ଉଚ୍ଚ ଶୃଙ୍ଗ ଉପରେ ଥିବା ଗୋଟିଏ ପୁରୁଣା ମନ୍ଦିର ନିକଟରେ ପହଞ୍ଚିଲେ । ଏ ସ୍ଥାନର ରମଣୀୟ ଦୃଶ୍ୟ ତାଙ୍କୁ ମୁଗ୍ଧ କଲା । ସମ୍ମୁଖରେ ତୁଷାରମଣ୍ଡିତ ହିମାଳୟ ଯୋଗିରାଜ ପରି ଧ୍ୟାନସ୍ଥ ଓ ଶାନ୍ତ । ପ୍ରତିଦିନ ସୂର୍ଯ୍ୟ ଆସି ତାକୁ ସୁବର୍ଣ୍ଣ ମୁକୁଟ ପିନ୍ଧାଇ ଦେଇ ସୁବର୍ଣ୍ଣ ସ୍ନାନ କରାନ୍ତି । ତଳେ ଦେବଦାରୁ ଓ ପାଇନ ବୃକ୍ଷର ଘନ ଜଙ୍ଗଲ ଉପର ଦେଇ ମେଘସବୁ ଉଡ଼ିଯାଆନ୍ତି । କେବେ କେବେ ଉଚ୍ଚ ଶୃଙ୍ଗ ଉପର ଦେଇ ଭାସିଯାଇ ପୁଣି ଆକାଶର ନୀଳିମାରେ ହଜିଯାଆନ୍ତି । ଚିତ୍ରଟିଏ ପରି ଏହି ସ୍ଥାନଟି ତାଙ୍କୁ ଖୁବ୍ ଭଲ ଲାଗିଲା ଏବଂ ସେ ସେଠାରେ ରହିବାକୁ ସ୍ଥିର କଲେ । ମନ୍ଦିରର ପଛପଟେ ଗଭୀର ଜଙ୍ଗଲ ଏବଂ ପ୍ରାୟ ପାଞ୍ଚଶହ ମିଟର ତଳେ ଛୋଟ ଗାଁଟିଏ ।

ଗଛରୁ ଡାଳ ଭାଙ୍ଗି ଆଣି ପୁରାଣଭଗତ ମନ୍ଦିରଟି ଓଳାଇ ପରିଷ୍କାର କଲେ । କାଠ ଜାଳି ନିଆଁ ଲଗାଇ ସେଠାରେ ଗୋଟିଏ ହରିଣ ଛାଲ ପକାଇ ବସିଲେ ।

ତଳ ଗାଁର ଲୋକମାନେ ମନ୍ଦିରରେ ନିଆଁ ଦେଖି କିଏ ଆସିଛି ବୋଲି ଦେଖିବାକୁ ଆସିଲେ । ମନ୍ଦିରର ପୂଜାରୀ ଆସି ତାଙ୍କୁ ପ୍ରଣାମ କରି କହିଲେ, ''ଆପଣଙ୍କୁ ଏଠି ଦେଖି ଆମେ ଭାରି ଖୁସି ହୋଇଛୁ । ଆପଣଙ୍କ ପାଇଁ କିଛି ଖାଦ୍ୟର ବ୍ୟବସ୍ଥା ଓ ଅନ୍ୟାନ୍ୟ ସୁବିଧା କରିପାରିଲେ ଆମେ ନିଜକୁ ଧନ୍ୟ ମନେ କରିବୁ । ପ୍ରତିଦିନ ଦୟା କରି ଆପଣଙ୍କ କମଣ୍ଡଳୁଟି ବାହାରେ ଥିବା ଏହି ଗଛତଳେ ରଖି ଦେଲେ ଆମେ ସେଥିରେ କିଛି ଖାଦ୍ୟ ରଖି ଦେଇଯିବୁ ।'' ଆଉ ଜଣେ ଗ୍ରାମବାସୀ ପଚାରିଲେ, ''ଶୀତଦାଉରୁ ରକ୍ଷା ପାଇବା ପାଇଁ ଆପଣଙ୍କର କିଛି ଅଛି କି ? ନିଆଁ ଜାଳିବା ପାଇଁ ଆପଣଙ୍କର ଆଉ କିଛି ଦରକାର କି ?'' ସେମାନଙ୍କୁ ଚାହିଁ ପୁରାଣଭଗତ ଅଳ୍ପ ହସି ମୁଣ୍ଡ ହଲାଇଲେ । ତାଙ୍କର ଶାନ୍ତ, ସୌମ୍ୟ ଚେହେରା ଓ ଚାହାଣି ଗ୍ରାମବାସୀଙ୍କୁ ମୁଗ୍ଧ କଲା । ସେମାନେ ପରସ୍ପର ମଧ୍ୟରେ କଥାବାର୍ତ୍ତା ହୋଇ ଫେରିଲେ, ''ବହୁତ ବର୍ଷ ପରେ ଏମିତି ଜଣେ ସନ୍ନ୍ୟାସୀଙ୍କୁ ପାଇ ଆମ ଜୀବନ ଧନ୍ୟ ହେଲା ।''

ପୁରାଣଭଗତ ଏଠି ରହି ନିଶ୍ଚିନ୍ତ ମନରେ ତାଙ୍କର ଆତ୍ମାନ୍ୱେଷଣ କରିବାକୁ ଲାଗିଲେ । ଗ୍ରାମବାସୀମାନେ ପ୍ରତିଦିନ ଆସି ତାଙ୍କ ପାଇଁ ରୁଟି, କ୍ଷୀର ଓ ଫଳ ରଖିଯାଆନ୍ତି, ନିଜର ଦୁଃଖ-ଦୁର୍ଦ୍ଦଶା ଜଣାଇ ତାଙ୍କୁ ପ୍ରାର୍ଥନା କରିବା ପାଇଁ ଅନୁରୋଧ କରନ୍ତି ଓ ତାଙ୍କର ଆଶୀର୍ବାଦ ନେଇ ଖୁସିରେ ଘରକୁ ଫେରି ଯାଆନ୍ତି । ଧୀରେ ଧୀରେ ପୁରାଣଭଗତ ଗଭୀର ସାଧନା ମଧ୍ୟରେ ହଜିଯିବାକୁ ଲାଗିଲେ । ଦିନେ ପରେ ଦିନ ହୋଇ ମାସ, ବର୍ଷ ବିତିଗଲା କିନ୍ତୁ ତାଙ୍କ ପାଇଁ ସମୟ ସତେ କି ଅଟକି ଯାଇଛି ।

ସେହି ମନ୍ଦିର ପଛପଟ ଜଙ୍ଗଲରେ ବହୁତ ମାଙ୍କଡ଼ ରହୁଥିଲେ । ସେମାନେ ମଧ୍ୟ ଏ ସାଧୁଙ୍କୁ ସବୁଦିନ ଲକ୍ଷ୍ୟ କରନ୍ତି । ଦିନେ ଗୋଟିଏ କୌତୂହଳୀ ମାଙ୍କଡ଼ ଖୁବ୍ ସାହସ କରି ମନ୍ଦିର ଭିତରକୁ ପଶିଲା, କମଣ୍ଡଳୁଟିକୁ ଗଡ଼ାଇ ପକାଇଲା, ହରିଣ ଛାଲଟିକୁ ଟାଣି, ଦାନ୍ତ ଦେଖାଇ ବହୁ ପ୍ରକାର ଭଙ୍ଗୀ କରିବାକୁ ଲାଗିଲା । ଆସ୍ତେ ଆସ୍ତେ ତା'ର ସାହସ ବଢ଼ିଲା, ସେ ସାଧୁଙ୍କର ଆହୁରି ପାଖକୁ ଯାଇ ଖାଦ୍ୟ ପାଇଁ ହାତ ପତାଇଲା । ପୁରାଣଭଗତ ତାକୁ କିଛି ଖାଦ୍ୟ ଦେବା ମାତ୍ରେ ସେ ସଙ୍ଗେ ସଙ୍ଗେ ତାକୁ ଖାଇଦେଲା । କିଛିଦିନ ପରେ ତା' ଦଳର ଆଉ କେତୋଟି ମାଙ୍କଡ଼ଙ୍କୁ ସଙ୍ଗରେ ଆଣି ମନ୍ଦିରରେ ପହଞ୍ଚିଲା । ସମସ୍ତେ ନିଆଁ ଚାରିପଟେ ଘେରି ବସିଲେ ସତେକି ସେମାନେ ସାଧୁଙ୍କର ବନ୍ଧୁବାନ୍ଧବ । ତା' ପରଠାରୁ ଗୋଟିଏ ମାଙ୍କଡ଼ ସବୁଦିନ ସାଧୁଙ୍କ ପାଖରେ ରହିବାକୁ ଲାଗିଲା । ଧ୍ୟାନସ୍ଥ ସାଧୁଟିଏ ପରି ଶାନ୍ତଶିଷ୍ଟ ହୋଇ, ହିମାଳୟର ତୁଷାରବୃତ ଶୃଙ୍ଗକୁ ଚାହିଁ ସେଠି ବସି ରହେ । ରାତିରେ ମଧ୍ୟ ପୁରାଣଭଗତଙ୍କ ପାଖରେ ଶୁଏ । ବସନ୍ତ ଋତୁ ଆସିଲା, ମାଙ୍କଡ଼ମାନେ ଦଳ ଦଳ ହୋଇ ଆସିବାକୁ ଲାଗିଲେ । କୌଣସି ମାଙ୍କଡ଼ ଛୁଆ ମନ୍ଦିର ଭିତରକୁ ଆସି ଗୋଳମାଳ କଲେ ଏଇ ମାଙ୍କଡ଼ଟି ସେମାନଙ୍କୁ ଶାସନ କରୁଥିଲା ।

ଦିନେ ଶିଙ୍ଗ ଥିବା ହରିଣଟିଏ ଆସି ମନ୍ଦିର କାନ୍ଥରେ ଶିଙ୍ଗ ଘଷିବାକୁ ଲାଗିଲା । କିନ୍ତୁ ମଣିଷ ଗନ୍ଧ ପାଇ ଦୌଡ଼ି ବଣ ଭିତରକୁ ଚାଲିଗଲା । ତା' ପରଦିନ ପୁଣି ଆସିଲା, ଦେଖିଲା ସନ୍ନ୍ୟାସୀ ଶାନ୍ତ ହୋଇ ମୂର୍ତ୍ତିଟିଏ ପରି ବସିଛନ୍ତି । ସେ ଧୀରେ ଧୀରେ ପାଖକୁ ଆସିଲା, ଗନ୍ଧ ବାରି ବୁଝିଲା ଯେ ଏ ଶତ୍ରୁ ନୁହନ୍ତି ମିତ୍ର । ପୁରାଣଭଗତ ତା' ଦେହ ଉପରେ ହାତ ରଖିଲେ । ଦୁଇଦିନ ପରେ ହରିଣଟି ତା'ର ଛୁଆପିଲା ସମସ୍ତଙ୍କୁ ଧରି ସେଠାରେ ଆସି ପହଞ୍ଚିଲା । ସେମାନଙ୍କର ନୀଳ ନୀଳ ସ୍ୱଚ୍ଛ ଆଖିଗୁଡ଼ିକ ଅନ୍ଧାରରେ ଉଜ୍ଜ୍ୱଳ ଦେଖାଯାଉଥିଲା । ତା'ପରେ ଦିନେ କସ୍ତୁରୀ ମୃଗଟିଏ ଆସିଲା । ଖୁବ୍ ଶାନ୍ତ ଓ ଧୀର ପଦକ୍ଷେପରେ ସମସ୍ତଙ୍କ ପଛରେ ଆସି ସେ ସନ୍ନ୍ୟାସୀଙ୍କ ନିକଟରେ ଠିଆହେଲା । ତା' ଦେହରୁ କସ୍ତୁରୀର ସୁଗନ୍ଧ ବାହାରୁଥିଲା । ସନ୍ନ୍ୟାସୀ ଏଇ ହରିଣଟିକୁ ବହୁତ ଭଲ ପାଇଲେ, ପ୍ରତିଦିନ ଯା ପାଇଁ ମଧ୍ୟ ଖାଦ୍ୟ ରଖି ଦିଅନ୍ତି । ସେ ସେମାନଙ୍କୁ ଭାଇ ବୋଲି ଡାକୁଥିଲେ । ଦିନରେ କେତେବେଳେ ବି ଭାଇ ବୋଲି ଡାକି ଦେଲେ ସେମାନେ ଆସି ତାଙ୍କ ପାଖରେ ପହଞ୍ଚି ଯାଉଥିଲେ ।

ତା'ପରେ ସୁନ୍ଦର ପୁଚ୍ଛଥିବା ମୟୂରଟିଏ ଓ ବେକରେ ଧଳାଧଳା ଲୋମଥିବା ଭାଲୁଟିଏ ମଧ୍ୟ ପୁରାଣଭଗତଙ୍କ ପାଖକୁ ଆସିବାକୁ ଲାଗିଲେ । ସନ୍ନ୍ୟାସୀ ପ୍ରତିଦିନ ସକାଳେ ଜଙ୍ଗଲ ଭିତର ଦେଇଯାଆନ୍ତି । ଦିନେ ସେହି ଭାଲୁଟି ତାଙ୍କୁ ଆକ୍ରମଣ କରିବାକୁ ଆସିଲା । କିନ୍ତୁ ସନ୍ନ୍ୟାସୀଙ୍କର ତା'ପ୍ରତି କୌଣସି ପ୍ରକାରର ବିରୁଦ୍ଧ ମନୋଭାବ ବା ଭୟ ନ ଦେଖି ସେ ମଧ୍ୟ ତାଙ୍କ ସ୍ନେହର ଅଂଶୀଦାର ହୋଇ ପାଖକୁ ଆସିଲା ।

ତଳ ଗାଁର ଲୋକମାନେ ଏଇ ପଶୁମାନଙ୍କୁ ପ୍ରତିଦିନ ସନ୍ନ୍ୟାସୀଙ୍କ ପାଖକୁ ଆସିବା ଦେଖି ଭାବିଲେ ଯେ ତାଙ୍କର ଅସାଧାରଣ ଶକ୍ତିହିଁ ଏହି ପଶୁମାନଙ୍କୁ ବଶ କରିଛି ।

*

ସମୟର ସ୍ରୋତ ବହି ଚାଲିଲା । ଦିନେ ଯେଉଁ ପିଲାମାନେ ସନ୍ନ୍ୟାସୀଙ୍କ ପାଇଁ ଖାଦ୍ୟ ଆଣି ଆସୁଥିଲେ କ୍ରମେ କ୍ରମେ ସେମାନେ ବୁଢ଼ା ହେଲେ ଓ ସେମାନଙ୍କ ପିଲାମାନେ ଖାଦ୍ୟ ନେଇଆସିଲେ । କେହି ଯଦି କେବେ ପଚାରେ, ''ସନ୍ନ୍ୟାସୀ କେତେ ବର୍ଷ ହେଲାଣି ଏଠାରେ ଅଛନ୍ତି ?'' ଉତ୍ତର ମିଳେ, ''ସେ ତ କେଉଁ ଅନାଦି, ଅନନ୍ତ କାଳରୁ ଏଠାରେ ଅଛନ୍ତି ।''

ଥରେ ଶୀତ ଋତୁରେ ପାହାଡ଼ ଉପରେ ବହୁତ ବରଫ ପଡ଼ିଲା, ଭୟଙ୍କର ବର୍ଷା ମଧ୍ୟ ହେଲା । ଏଇ ମେଘ ଓ ବରଫ ବର୍ଷା ତିନିମାସ ଧରି ଅନବରତ ଲାଗିରହିଲା । ସମୁଦ୍ରର ଢେଉ ପରି ଆକାଶରେ ଭାସି ଯାଉଥିବା ବାଦଲଗୁଡ଼ିକୁ ସନ୍ନ୍ୟାସୀ ତାଙ୍କ ଖୋଲା କବାଟ ବାଟେ ଦେଖନ୍ତି । ଭାସି ଭାସି ଯାଉ ଯାଉ ସେମାନେ ତରଳି ତରଳି ଅନବରତ ପୃଥିବୀ ଉପରେ ଝରି ପଡୁଥିଲେ । ଘନ କୁହୁଡ଼ିର ଚାଦର ଘୋଡ଼ାଇ ହୋଇ ତଳ ଗାଁ ଆଉ ଦେଖାଯାଉ ନଥିଲା, ଲୋକମାନେ ପାହାଡ଼ ଚଢ଼ି ଉପରକୁ ଆସିବା କଷ୍ଟସାଧ୍ୟ ହୋଇପଡ଼ିଲା । ଏପରିକି ସନ୍ନ୍ୟାସୀଙ୍କର ପଶୁଭାଇମାନେ ମଧ୍ୟ ଆସୁ ନ ଥିଲେ । ପୁରାଣଭଗତ କେବେକେବେ ସେମାନଙ୍କ ପାଇଁ ଚିନ୍ତିତ ହୋଇ ପଡୁଥିଲେ ।

ଶେଷରେ ଦିନେ ସେହି ଅବିଶ୍ରାନ୍ତ ବର୍ଷା ବନ୍ଦ ହେଲା । ଆକାଶରେ ସୂର୍ଯ୍ୟ ହସି ଉଠିଲେ । ସୂର୍ଯ୍ୟଙ୍କର ସୁନେଲି କିରଣରେ ଗଛପତ୍ର ଓ ପର୍ବତ ଶିଖର ଉଜ୍ଜ୍ୱଳ ଦେଖାଗଲା, ଓଦାମାଟିର ସୁଗନ୍ଧ ନେଇ ପବନ ବହି ଚାଲିଲା ଦୂରଦୂରାନ୍ତକୁ । ସନ୍ନ୍ୟାସୀ ଭାବିଲେ ଯେ ଏଥର ପଶୁଭାଇମାନେ ଆସିବେ; କିନ୍ତୁ ସେମାନଙ୍କ ନାଁ ଧରି ଡାକି ମଧ୍ୟ କିଛି ଜବାବ ପାଇଲେ ନାହିଁ ।

ସାତଟି ବର୍ଷାବିହୀନ ଦିନ ପରେ ପୁଣି ଥରେ ବର୍ଷା ଆରମ୍ଭ ହେଲା । ଏଥର ମେଘ ଯେପରି ଦ୍ୱିଗୁଣ ଶକ୍ତି ନେଇ ଆସିଲା । ପର୍ବତରୁ ସହସ୍ର ଧାରାରେ ପାଣିଝରସବୁ ବହି ଆସିଲେ । ସେମାନଙ୍କ ଭୀମଗର୍ଜନରେ ସେହି ପାର୍ବତ୍ୟଭୂମି କମ୍ପି ଉଠିଲା ।

ଅନ୍ଧାର ଘେରା ଗଭୀର ରାତି । ମଝି ରାତିରେ ସନ୍ନ୍ୟାସୀଙ୍କର ମନେହେଲା କିଏ ଯେପରି ତାଙ୍କ ହାତ ଧରି ଟାଣୁଛି । ଲୋମଭରା ସେ ହାତଟିକୁ ଛୁଇଁ ସେ ଜାଣିପାରିଲେ ଏହା ତାଙ୍କ ମାଙ୍କଡ଼ ଭାଇର ହାତ । ଦେହରୁ ଚାଦରଟି ବାହାର କରି ଦେଇ ସେ କହିଲେ, ''ଓଃ ତୁ ଆସିଛୁ, ଆ ମୋ' ପାଖରେ ଶୋଇପଡ଼ ।'' ମାଙ୍କଡ଼ କିନ୍ତୁ ତାଙ୍କ ହାତଧରି ପୁଣି ଟାଣିଲା । ସନ୍ନ୍ୟାସୀ ଉଠିପଡ଼ି କହିଲେ, ''ଭୋକ କରୁଛି କି ? ରହ, ଦେଖେ କିଛି ଖାଦ୍ୟ ଅଛି କି ନାହିଁ ।'' କିନ୍ତୁ ମାଙ୍କଡ଼ଟି ମନ୍ଦିର କବାଟ ପାଖକୁ ଦୌଡ଼ିଯାଇ ପୁଣି ଫେରି ଆସି ତାଙ୍କ ହାତ ଧରି ଟାଣିଲା । କଥା କହି ସିନା ବୁଝାଇ ପାରୁ ନଥିଲା କିନ୍ତୁ ତା' ଆଖି ଯେପରି କଥା କହୁଥିଲା । ପୁରାଣଭଗତ ପଚାରିଲେ, ''ତୁ ଏତେ ଉତ୍ତେଜିତ ହୋଇପଡ଼ିଛୁ କାହିଁକି ? ତୁମ ଭିତରୁ କିଏ ଶିକାରୀ ଫାନ୍ଦରେ ପଡ଼ିଛି କି ? କାହିଁ ଏଠି ସେସବୁ ହେବା କଥା ତ ମୋତେ କେହି କହି ନାହାନ୍ତି । ତୁ କ'ଣ ଚାହୁଁଛୁ ଯେ, ମୁଁ ମନ୍ଦିର ଭିତରୁ ବାହାରି ଯାଏ, କିନ୍ତୁ କାହିଁକି ?''

ଏତିକିବେଳେ ଶିଂଗବାଲା ହରିଣଟି ମଧ୍ୟ ମନ୍ଦିର ଭିତରକୁ ପଶିଲା, ସନ୍ନ୍ୟାସୀ କହିଲେ, ''ଦେଖ ଆଜି 'ଶିଂଗବାଲା' ମଧ୍ୟ ଆସିଲାଣି ।''

ହରିଣଟି ଭିତରକୁ ପଶି କିଛି ନକହି, ନଶୁଣି ତା' ଶିଙ୍ଗରେ ଠେଲି ଠେଲି ସନ୍ନ୍ୟାସୀଙ୍କୁ ମନ୍ଦିର ବାହାରକୁ ନେଇଗଲା । ସନ୍ନ୍ୟାସୀ କହିଲେ, ''କ'ଣ ହୋଇଛି ? ତୁମେ ସବୁ ଏମିତି ଭାବରେ ତୁମ ଭଲପାଇବା ଦେଖାଉଛ, ଏଇ ଭୟଙ୍କର ବର୍ଷାରେ ମୋତେ ବାହାରକୁ ଠେଲି ଦେଉଛ ।'' କିନ୍ତୁ ହରିଣଟି ତା' ନାକ ଦ୍ୱାରା ଏକ ଅଦ୍ଭୁତ ଶବ୍ଦ କରି ତାଙ୍କୁ ବାହାରକୁ ଠେଲିବାକୁ ଲାଗିଲା ।

ହଠାତ୍ ମାଟି ଭିତରୁ ଏକ ପ୍ରକାରର ଶବ୍ଦ ଶୁଣାଗଲା ଏବଂ ମନ୍ଦିରର କାନ୍ଥରୁ ଦୁଇ, ତିନୋଟି ପଥର ଖସି ପଡ଼ିଲା । ବିଜୁଳି ଆଲୁଅରେ ପୁରାଣଭଗତ ଦେଖିଲେ ଯେ ପାହାଡ଼ ଦେହରେ ଗୋଟିଏ ବିରାଟ ଫାଟ, ଶିଖରରୁ ଆରମ୍ଭ ହୋଇ ମନ୍ଦିର ପାହାଚ ପର୍ଯ୍ୟନ୍ତ ଲମ୍ବି ଆସିଛି ଏବଂ ଗୋଟିଏ ସ୍ରୋତ ଭୟଙ୍କର ଭାବରେ ତଳକୁ ବହି ଚାଲିଛି । ''ଓଃ ବୁଝିପାରିଲି, ଏଇ ପାହାଡ଼ଟି ଏଇକ୍ଷଣି ବିଧ୍ୱସ୍ତ ହୋଇଯିବ, ସେଥିପାଇଁ ତୁମେ ମୋ ପାଖକୁ ବାର୍ତ୍ତା ନେଇଆସିଛ, ମୁଁ ତୁମମାନଙ୍କ ସାଙ୍ଗରେ କେଉଁ ଜାଗାକୁ ଯିବି ?''

ହଠାତ୍ ଖାଲି କମଣ୍ଡଳୁଟି ଉପରେ ତାଙ୍କ ଆଖି ପଡ଼ିଲା । ତାଙ୍କ ଆଖିରେ ଝଲସି ଉଠିଲା କରୁଣାର ଜ୍ୟୋତିଃ, ମନେ ପଡ଼ିଲା ସେଇ ଗ୍ରାମବାସୀମାନଙ୍କ କଥା ଯେଉଁମାନେ ସବୁ ପ୍ରକାରର କଷ୍ଟ ସହି କେତେ ଭକ୍ତିରେ ପ୍ରତିଦିନ ଖାଦ୍ୟ ଯୋଗାଇଛନ୍ତି । ମନେ ମନେ କିଛି ଚିନ୍ତା କରି ସେ ପଶୁ ଦୁଇଟିଙ୍କୁ କହିଲେ, ''ଅପେକ୍ଷା କର, ମୋତେ ତୁମମାନଙ୍କ ସହ ଯିବାକୁହିଁ

ହେବ ।'' ଖଣ୍ଡେ କାଠରେ ନିଆଁ ଜଳାଇ ସେ ବାଁ ହାତରେ ଧରିଲେ ଏବଂ ହରିଣକୁ କହିଲେ, ''ଭାଇରେ, ମୋର ତ ଏଇ ଗୋଡ଼ ଦିଟା ଛଡ଼ା ଆଉ କିଛି ନାହିଁ, ତୁ ଟିକେ ମୋତେ ସାହାଯ୍ୟ କର ।'' ଏହା କହି ସେ ହରିଣ ବେକରେ ହାତ ପକାଇ ତଳକୁ ଓହ୍ଲାଇବାକୁ ଲାଗିଲେ ।

ଘନ ଅନ୍ଧକାର ବର୍ଷାରାତି, ମାଙ୍କଡ଼ଟି ବାଟ ଦେଖାଇ ଆଗରେ ଚାଲିଛି । ଏକ ଭୟାବହ ମୃତ୍ୟୁ କବଳରୁ ଗ୍ରାମବାସୀଙ୍କୁ ରକ୍ଷା କରିବା ପାଇଁ ପୁରାଣଭଗତ ତା' ପଛେ ପଛେ ଚାଲିଛନ୍ତି । କିଛି ବାଟ ଓହ୍ଲାଇ ସନ୍ନ୍ୟାସୀ ଦେଖିଲେ ଯେ ପାହାଡ଼ର ପଶୁମାନେ ତାଙ୍କୁ ଅପେକ୍ଷା କରି ସେଠି ଠିଆ ହୋଇଛନ୍ତି । ତାଙ୍କ ଭିତରେ ମାଙ୍କଡ଼ଦଳ, ହରିଣଦଳ ଓ ଭାଲୁଦଳ । ସେମାନଙ୍କୁ ଦେଖି ସ୍ମିତହସି ପୁରାଣଭଗତ କହିଲେ, ''ଓ, ଏଠି ସମସ୍ତେ ମୋ ପାଇଁ ଅପେକ୍ଷା କରିଛ ଏବଂ ମୋତେ ଡାକି ଆଣିବା ପାଇଁ ଏ ଦୁଇ ପ୍ରତିନିଧିଙ୍କୁ ପଠାଇଥିଲ, ଠିକ୍ ଅଛି, ଚାଲ ।''

ବଣପଶୁଙ୍କ ଦଳରେ ସନ୍ନ୍ୟାସୀ ଆଗେଇ ଚାଲିଲେ । ଗାଁ ମୁଣ୍ଡରେ ପହଞ୍ଚି ସେ ପ୍ରଥମ ଘରର କବାଟ ବାଡ଼େଇବାକୁ ଲାଗିଲେ । ମଣିଷ ଗନ୍ଧରେ ପଶୁମାନେ ଉତ୍ତେଜିତ ଓ ଭୀତ ହୋଇଉଠିଲେ । ଭାଲୁ ତ ଭୀଷଣ ରାଗି ଗରଗର ହେବାକୁ ଲାଗିଲା । ସନ୍ନ୍ୟାସୀ କବାଟରୁ କବାଟ ବାଡ଼େଇ ଜୋରରେ ଡାକି ଡାକି କହିବାକୁ ଲାଗିଲେ, ''ଉଠ, ଶୀଘ୍ର ଉଠିପଡ଼, ଯେତେ ଶୀଘ୍ର ପାର ଗାଁର ଅନ୍ୟମାନଙ୍କୁ ଖବର ଦିଅ, ଏ ପାହାଡ଼ଟି ଏଇନା ଭାଙ୍ଗି ପଡ଼ିବ, ଗୋଟିଏ ମୁହୂର୍ତ୍ତ ମଧ୍ୟ ନଷ୍ଟ କର ନାହିଁ । ଯେତେ ଚଞ୍ଚଳ ପାର ଦୌଡ଼ି ଦୌଡ଼ି ଏଠାରୁ ପଳାଅ, ତଳକୁ ଓହ୍ଲାଇ ଯାଅ । ଆମେ ସମସ୍ତେ ତୁମ ପଛରେ ଆସୁଛୁ ।''

ଗାଁ ଲୋକମାନେ ସନ୍ନ୍ୟାସୀଙ୍କ ଡାକରେ ଉଠିପଡ଼ି ତାଙ୍କ କଥାନୁସାରେ ତଳକୁ ଓହ୍ଲାଇବାକୁ ଲାଗିଲେ । ପଶୁମାନଙ୍କ ସହ ସନ୍ନ୍ୟାସୀ ମଧ୍ୟ ଓହ୍ଲାଇଲେ ।

ଗୋଟିଏ ଅଗଭୀର ନଦୀ ପାରହୋଇ, ବହୁ ସମୟ ଚାଲିବା ପରେ, ହରିଣଟି ଆଉ ଗୋଟିଏ ଶିଖର ଉପରେ ଆସି ଠିଆହେଲା । ସେଠାରେ କେତୋଟି ଦେବଦାରୁ ଗଛର ଜଙ୍ଗଲ । ସନ୍ନ୍ୟାସୀ ବୁଝିଲେ ଯେ ଏ ସ୍ଥାନ ବିପଦଶୂନ୍ୟ । କାରଣ ବଣର ପଶୁପକ୍ଷୀ ଏସବୁ ବିଷୟ ବହୁତ ଭଲଭାବରେ ବୁଝିପାରନ୍ତି । ସେ ଗ୍ରାମବାସୀମାନଙ୍କୁ ଡାକି କହିଲେ, ''ଏଠି ବିଶ୍ରାମ କର ଏବଂ ଗଣି ଦେଖ ସମସ୍ତେ ଆସିଛନ୍ତି କି ନାହିଁ ।'' ଗ୍ରାମବାସୀ ନିଜ ନିଜ ଲୋକମାନଙ୍କର ନାଁ ଧରି ଡାକି ଦେଖିଲେ ଯେ ସମସ୍ତେ ଆସିଛନ୍ତି ।

ହଠାତ୍ ସମସ୍ତେ ଗୋଟିଏ ଭୟଙ୍କର ଶବ୍ଦ ଶୁଣିଲେ, ତାହା ଆସ୍ତେ ଆସ୍ତେ ବଢ଼ିବାକୁ ଲାଗିଲା । ସେ ଶବ୍ଦରେ ସମସ୍ତଙ୍କ କାନ ବଧିରା ହୋଇଯିବା ପରି ଲାଗିଲା । ସମଗ୍ର ପାର୍ବତ୍ୟ ଅଞ୍ଚଳ ଥରିବାକୁ ଲାଗିଲା । ଦେବଦାରୁ ଓ ପାଇନ ଗଛସବୁ ମୂଳରୁ ଉପୁଡ଼ି ପଡ଼ିଲେ । ପ୍ରାୟ ପାଞ୍ଚମିନିଟ ଧରି ସେ ଶବ୍ଦ ଚାଲିବା ପରେ ସବୁ ପୁଣି ନୀରବ, ନିସ୍ତବ୍ଧ ହୋଇଗଲା ।

ପରଦିନ ସକାଳେ ସମସ୍ତେ ଦେଖିଲେ ଯେ ସେଠି ପାହାଡ଼, ଗଛପତ୍ର ବା ଗାଁର ଚିହ୍ନବର୍ଣ୍ଣ ନାହିଁ । ସବୁକିଛି ଲୁପ୍ତ ହୋଇଯାଇ ସେଠି ଠିଆହୋଇଛି ପାଣି କାଦୁଅ ପୂର୍ଣ୍ଣ ଗୋଟିଏ ବିରାଟ ପଡ଼ିଆ । ଯେଉଁ ଜାଗାରେ ପାଞ୍ଚଶହ ଫୁଟ ଓ ଦେଢ଼ କିଲୋମିଟର ଲମ୍ବର ପାହାଡ଼ଟିଏ ଥିଲା ତାହାର ଆଜି କି ଭୟଙ୍କର ଓ ଶୋଚନୀୟ ଅବସ୍ଥା !

ଦିନର ଆଲୋକରେ ଗ୍ରାମବାସୀ ସନ୍ନ୍ୟାସୀଙ୍କର ଉପକାର କଥା ମନେ କରି ତାଙ୍କ ନିକଟରେ ଅନ୍ତରର କୃତଜ୍ଞତା ଜଣାଇବାକୁ ଖୋଜିଲା ବେଳକୁ ସନ୍ନ୍ୟାସୀ ସେଠାରେ ନାହାନ୍ତି । ଗ୍ରାମବାସୀଙ୍କ ଜୀବନ ରକ୍ଷା କରି ସେ ତାଙ୍କର ପଶୁଭାଇମାନଙ୍କ ସହ ସେଠାରୁ ଚାଲି ଯାଇଥିଲେ ।

(*ରୁଡିୟାର କିପଲିଂଙ୍କ ଲିଖିତ ଗଳ୍ପର ଛାୟାରେ*)

ଅନୁବାଦ : ଜ୍ୟୋସ୍ନା ମହାନ୍ତି

❑❑❑

ସଭିଙ୍କ ପାଇଁ ଶୁଭେଚ୍ଛା ଓ ସଭିଙ୍କଠାରୁ ଶୁଭେଚ୍ଛା ହେଉଛି ଶାନ୍ତି ଓ ସଙ୍ଗତିର ଭିତ୍ତି ।

— ଶ୍ରୀମା

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୪୩)

### ବାରୀନଙ୍କୁ ଲିଖିତ ଶେଷପତ୍ର :

ବାହ୍ୟ ଜଗତରେ ରହି ସାଧକମାନଙ୍କର ଦେବ ଜୀବନ ଲାଭ କରିବାରେ ଶ୍ରୀଅରବିନ୍ଦଙ୍କର ପ୍ରସ୍ତୁତି ପର୍ବରେ ଚନ୍ଦନ-ନଗରରେ ମତିଲାଲ ଏବଂ କଲିକତାରେ ବାରୀନ ଉଭୟେ ଥିଲେ ପ୍ରଧାନ ସହଯୋଗୀ ମାଧ୍ୟମ। ୧୯୨୧ରେ ଶ୍ରୀଅରବିନ୍ଦଙ୍କଠାରୁ ମତିଲାଲ ଯେମିତି ଦୂରେଇ ଯାଇଥିଲେ, ୧୯୨୯ରେ ବାରୀନ ମଧ୍ୟ ସମାନଭାବରେ ନହେଲେ ବି ଶ୍ରୀଅରବିନ୍ଦଙ୍କଠାରୁ ଦୂରେଇ ଯାଇଥିଲେ। ଘଟଣାକ୍ରମରେ ଏହା ବେଶ୍ ପରେ ଘଟିଥିଲେ ମଧ୍ୟ ପରିଣାମ ଦୃଷ୍ଟିରୁ ଘଟଣାର ସାଦୃଶ୍ୟ ଥିବାରୁ ଏଠାରେ ତା' ଉଲ୍ଲେଖ କରୁଛୁ।

ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶ ମୁତାବକ ବାରୀନ ତାଙ୍କର ଭବାନୀପୁରସ୍ଥ ଯୋଗକେନ୍ଦ୍ରର ସମସ୍ତ ଦାୟିତ୍ୱ ଅନ୍ୟମାନଙ୍କ ହାତରେ ଅର୍ପଣ କରି ୧୯୨୩ର ଅଗଷ୍ଟ ଶେଷ ଆଡ଼କୁ ପଣ୍ଡିଚେରୀରେ ଆସି ପହଞ୍ଚିଥିଲେ।

ବାରୀନଙ୍କ ଉକ୍ତିରେ : ''...ମୁଁ ପଣ୍ଡିଚେରୀକୁ ଆସି ଧୀରେ ଧୀରେ ତତ୍‌କାଳୀନ ଆଶ୍ରମର ଶାନ୍ତ ଓ ଶୃଙ୍ଖଳିତ ଜୀବନଧାରାରେ ନିଜକୁ ପୂର୍ଣ୍ଣପ୍ରାଣରେ ଉତ୍ସର୍ଗ କଲି।... କିନ୍ତୁ ମୋ ସାଧନାର ଅଗ୍ରଗତି ଧୀରେ ଧୀରେ ଧିମେଇ ଆସିଲା; ନୂତନ କିଛି ଅଭିଜ୍ଞତା ଓ ଅନୁଭୂତି ବ୍ୟତିରେକେ ଜୀବନଟି ଖୁବ୍ ନିରସ ବୋଧ ହେବାକୁ ଲାଗିଲା। ମୋର କର୍ମଚଞ୍ଚଳ, ସକ୍ରିୟ ସ୍ୱଭାବଟି କ୍ରମଶଃ ଆଳସ୍ୟ-ପରାୟଣ ଓ ତାମସିକ ହୋଇଉଠିଲା। ଆଶ୍ରମରେ କେବଳ ଏକମାତ୍ର ଲକ୍ଷ୍ୟ ଉପରେ ଏକାଗ୍ର ହୋଇ ଜୀବନ ବିତାଇବା ମୋ ପକ୍ଷରେ ଅସମ୍ଭବ ହୋଇଉଠିଲା।...''

ଏହିପରି ଜୀବନଧାରାର ଉତ୍କଟ ସନ୍ଧିକ୍ଷଣରେ ଉପନୀତ ହୋଇ ବାରୀନ ଅବଶେଷରେ ଶ୍ରୀଅରବିନ୍ଦଙ୍କର ସାହାଯ୍ୟ ଲୋଡ଼ିଲେ। ଶ୍ରୀଅରବିନ୍ଦ ଏହି ସମସ୍ୟାର ସମାଧାନସ୍ୱରୂପ ବାରୀନଙ୍କୁ ୭ ଜୁନ୍ ୧୯୨୮ରେ ନିମ୍ନପ୍ରଦତ୍ତ ପତ୍ରଟି ଲେଖିଥିଲେ :

''ଏଠାରୁ ଚାଲିଯାଇ ଏକ କଠୋର ବୈରାଗ୍ୟର ତପସ୍ୟା କରିବାକୁ, ତୁମରି ଭାଷାରେ, 'ମୋ ନିଜସ୍ୱ ରାସ୍ତାରେ, ନିଜସ୍ୱ ଧାରାରେ, ନିଜସ୍ୱ ସଂଗ୍ରାମକୁ ଏକାକୀ ଲଢ଼ିବାକୁ'– ଏହି ଯେଉଁ ଭାବନାଟି ତୁମ ପାଖକୁ ଆସୁଛି, ଏହା ହେଉଛି ଏକ ଭ୍ରାନ୍ତ ଧାରଣା ଓ ବିରୋଧିଶକ୍ତିର ଇଙ୍ଗିତ, ଏବଂ ଯୁଗପତ୍ ଏହି ଭାବନାଟି ତୁମର ଅଗ୍ରଗତି ପଥରେ ବାଧାସ୍ୱରୂପ ଛିଡ଼ା ହୋଇଥିବା ଯଥାର୍ଥ ବାଧାବିପତ୍ତି ଆଡ଼କୁ ସିଧାସିଧା ମନୋଯୋଗ ଆକର୍ଷଣ କରୁଛି। ଯଦି ତୁମେ ଚାଲିଯାଅ, ତୁମେ ଯେ କେବଳ ଆମଠାରୁ ଅନେକ ଦୂରକୁ ଚାଲିଯିବ, ତା' ନୁହେଁ, ତୁମେ ଆମ ଯୋଗମାର୍ଗଠାରୁ ବି ଅନେକ ଦୂରକୁ ଚାଲିଯିବ ଓ ତୁମର ଯଥାର୍ଥ ମାର୍ଗଟିକୁ ହରାଇ ବସିବ, ଏବଂ ବର୍ତ୍ତମାନଠୁ ଅଧିକ ବାଧାବିପତ୍ତି ମଧ୍ୟଦେଇ ଗତିକରିବ। ବାଧାବିପତ୍ତିସବୁ ତୁମ ସ୍ୱଭାବରେ ସଦାବେଳେ ରହିଥିବ କିଂବା କେବଳ କିଛିକାଳ ନିମିତ୍ତ ଘୁମନ୍ତ ରହି ପୁଣି ଜାଗିଉଠିବ। ସଂଗ୍ରାମ ଯେତେ ବି କଠୋର ହୋଇଥାଉ ନା କାହିଁକି, ଏକମାତ୍ର କର୍ତ୍ତବ୍ୟ ହେଉଛି ଏହିଠାରେ ଏବଂ ଏଇ ମୁହୂର୍ତ୍ତରେ ସଂଗ୍ରାମ କରି ବିଜୟ ହାସଲ କରିବା।

''ଅସୁବିଧାଟି ହେଉଛି ତୁମେ କେବେହେଲେ ସମଗ୍ର ଭାବରେ ଯଥାର୍ଥ ବାଧାଟିର ସମ୍ମୁଖୀନ ହୋଇ ନାହଁ ଏବଂ ତା' ଉପରେ ବିଜୟ ହାସଲ କରି ନାହଁ। ତୁମ ସ୍ୱଭାବର ଏକ ବାସ୍ତବିକ ମୌଳିକ ଅଂଶରେ ଅହଂ-ବ୍ୟକ୍ତିତ୍ୱର ଏକ ଦୃଢ଼ ଗଠନ ରହିଛି ଯାହାକି ତୁମର ଆଧ୍ୟାତ୍ମିକ ଆସ୍ପୃହାରେ ଗର୍ବବୋଧ ଏବଂ ଆଧ୍ୟାତ୍ମିକ ଉଚ୍ଚାକାଙ୍କ୍ଷା ସହ ଦୃଢ଼ରୂପେ ଜଡ଼ିତ ଏକ ବସ୍ତୁ ସହିତ ଏକାତ୍ମ ହୋଇଉଠିଛି ଏବଂ ଯାହାକି ବହୁଦିନରୁ ଅଭ୍ୟସ୍ତ ତୁମର ନେତୃତ୍ୱ, ଆତ୍ମ-ପ୍ରତ୍ୟୟମୂଳକ କ୍ରିୟାକଳାପ ଓ ଆତ୍ମନିର୍ଭର-ଶୀଳତା ଦ୍ୱାରା ପ୍ରତିପାଳିତ ହେଉଛି। ତୁମ ସ୍ୱଭାବର ଏହି ଦୃଢ଼ ଗଠନଟି କେବେହେଲେ ତୁମ ଭିତରେ ଅଧିକତର ସତ୍ୟ ଓ ଦିବ୍ୟ କିଛି ବସ୍ତୁକୁ ସ୍ଥାନଦେବା ସକାଶେ ନିଜକୁ ନିଃଶେଷ କରିଦେଇ ସମ୍ମତି ପ୍ରଦାନ କରି ନାହିଁ। ସେଇଥିପାଇଁ, ମା' ଯେତେବେଳେ ତାଙ୍କର ଶକ୍ତି ତୁମ ଉପରେ ପ୍ରୟୋଗ କଲେ,

କିଂବା ତୁମେ ନିଜେ ଯେତେବେଳେ ନିଜ ଉପରକୁ ସେହି ଦିବ୍ୟଶକ୍ତିକୁ ଟାଣିଲ, ସେତେବେଳେ ସେହି ଦୃଢ଼ଗଠନଟି ପ୍ରତିମୁହୂର୍ତ୍ତରେ ତୁମ ମଧ୍ୟରେ ଶକ୍ତିର କାର୍ଯ୍ୟକୁ ତା' ନିଜସ୍ୱ ଧାରାରେ କାର୍ଯ୍ୟ କରିବାକୁ ବାଧା ପ୍ରଦାନ କଲା । ତୁମ ମନର କିଂବା ପ୍ରାଣର କେତେକ ଦାବିର ଧାରଣାସବୁ ନେଇ ତୁମ ମଧ୍ୟରେ ସେହି ଦୃଢ଼ଗଠନଟି ନିଜସ୍ୱ ଧାରାରେ ନିର୍ମିତ ହେବାକୁ ଏବଂ ନିଜସ୍ୱ ଧାରାରେ, ନିଜସ୍ୱ ଶକ୍ତିରେ ନିଜସ୍ୱ ସୃଷ୍ଟି କରିବାକୁ, ନିଜସ୍ୱ ସାଧନା କରିବାକୁ, ନିଜସ୍ୱ ତପସ୍ୟା କରିବାକୁ ସଚେଷ୍ଟ ହେବାକୁ ଆରମ୍ଭ କରିଦେଇଛି ।

''ତୁମ ମଧ୍ୟରେ କେବେହେଲେ ପ୍ରକୃତ ସମର୍ପଣ ଭାବ ଆସି ନାହିଁ, ଦିବ୍ୟଜନନୀଙ୍କ ହସ୍ତରେ ଅବାଧରେ, ସରଳ ଭାବରେ ନିଜକୁ ଦେଇଦେବାର ଭାବ ଆସି ନାହିଁ ଅଥଚ ଅତିମାନସ ଯୋଗରେ ସାଫଲ୍ୟଲାଭ କରିବାକୁ ହେଲେ ଏହି ସମର୍ପଣର ଭାବହିଁ ଏକମାତ୍ର ପନ୍ଥା । ଏଠାରେ ଜଣେ ଯୋଗୀ ହେବାର, ସନ୍ନ୍ୟାସୀ ହେବାର, ତପସ୍ୱୀ ହେବାର ଲକ୍ଷ୍ୟ ଆମର ନୁହେଁ, ଲକ୍ଷ୍ୟ ହେଉଛି ରୂପାନ୍ତର; ଏବଂ ଏହି ରୂପାନ୍ତର ତୁମ ନିଜ ଶକ୍ତିଠାରୁ ଅନନ୍ତ ଗୁଣରେ ମହାନ୍ ଏକ ଶକ୍ତି ଦ୍ୱାରାହିଁ କେବଳ ସମ୍ଭବପର; ଏହି ରୂପାନ୍ତର ଦିବ୍ୟଜନନୀଙ୍କ ହସ୍ତରେ ଯଥାର୍ଥରେ ଏକ ଶିଶୁତୁଲ୍ୟ ହୋଇଉଠିବାରେହିଁ କେବଳ ସମ୍ଭବପର ।

''ଯଦି ତୁମ ଭିତରେ ଥିବା ସେହି ପ୍ରଧାନ ବାଧାଟିକୁ ଦୂରେଇ ଦିଆଯାଏ, ତେବେ ଯେଉଁ ବାଧାବିପତ୍ତିସବୁ ତୁମକୁ ଦୋଦୁଲ୍ୟମାନ କରୁଛି, ସେସବୁର ଆଉ କୌଣସି ମୂଲ୍ୟ ରହିବ ନାହିଁ । ସେହିସବୁ ବାଧାଗୁଡ଼ିକ ସତ୍ତାର ବାହ୍ୟ ଅଂଶର ଦୁର୍ବଳତାରୁ ଉତ୍ପନ୍ନ ହୋଇଥାଏ, ଯାହାକି ସବୁବେଳେ ଅପର୍ଯ୍ୟାପ୍ତ ଓ ଅଧୀର; କିନ୍ତୁ ଅଗ୍ରଗତି ନିମିତ୍ତ ପ୍ରବଳ ଆନ୍ତରିକ ବା ନୈଷ୍ଠିକ ସଂକଳ୍ପର ସିଦ୍ଧି ନିମିତ୍ତ ଏହା ଏକ ଅତ୍ୟନ୍ତ ସଂକୀର୍ଣ୍ଣ ଆଦର୍ଶ ନିର୍ମାଣ କରିଥାଏ ଏବଂ ଅଧିକନ୍ତୁ ଏହା ତୁମ ଜୀବନର ଘାତ-ପ୍ରତିଘାତର ସମ୍ମୁଖୀନ ହୋଇ ପ୍ରଚଣ୍ଡ ଭାବରେ କ୍ଳାନ୍ତ ଓ ଅବସନ୍ନ ହୋଇପଡ଼ିଛି । ଏହାକୁ ସଂଶୋଧନ କରି ଉନ୍ନତ କରାଯାଇ-ପାରେ; ଏଥିପାଇଁ ଯାହା ଆବଶ୍ୟକ, ତା' ହେଉଛି ଶାନ୍ତିରେ ରହିବା, ଅଚଞ୍ଚଳ ରହିବା, ସ୍ଥିର ରହିବା ଏବଂ ନିଜକୁ ଭଗବତ୍ ଶକ୍ତି ପ୍ରତି ନିଶ୍ଚିତ ଭାବରେ ଦୃଢ଼ ବିଶ୍ୱାସ ସହ ଉନ୍ମୀଳିତ କରିରଖିବା । ଏବଂ ଯଥେଷ୍ଟ ପରିମାଣରେ ଏକ ଶାରୀରିକ ଭିତ୍ତି ସ୍ଥାପନ ହେବା ପର୍ଯ୍ୟନ୍ତ ଭଗବତ୍ ଶକ୍ତିକୁ ତୁମ ସତ୍ତା ମଧ୍ୟରେ ପୁନର୍ଗଠିତ କରିବାକୁ ଶକ୍ତିଶାଳୀ ଓ ପରିବ୍ୟାପ୍ତ ହୋଇଉଠିବାକୁ ଅବାଧରେ ଅନୁମତି ଦେବା ।

''ବର୍ତ୍ତମାନ, ଦିବ୍ୟଶକ୍ତିର ଚାପ ଫଳରେ, ଏହି ବାଧାବିପତ୍ତି ହୁଏତ ତମସ୍‌କୁ ଖସିଯିବ ନଚେତ୍ ଯଦି ଏହା ପ୍ରାଣଶକ୍ତିରାଜିର ସଂସ୍ପର୍ଶରେ ଆସେ, ରାଜସିକ ଗତିବିଧି ଦ୍ୱାରା ସ୍ୱୀକୃତି ଲାଭକରେ, ତେବେ ଏସବୁର ପ୍ରବଳ ପ୍ରବାହରେ ତୁମେ ନିଃସହାୟ ଭାବରେ ପରିଚାଳିତ ହେବ । ଏହିସବୁ ବାଧାବିପତ୍ତିକୁ ସହଜରେ ରୂପାନ୍ତରିତ କରିଦେଇ ହୁଏ (ସ୍ୱାଭାବିକ ଭାବେ, ମୁହୂର୍ତ୍ତକରେ ନୁହେଁ, ଅଥଚ ଦୃଢ଼ତାର ସହିତ ଓ ନିଶ୍ଚିତରୂପେ) ଯଦି କେନ୍ଦ୍ରୀୟ ବାଧାଟିକୁ ଦୂର କରିଦିଆଯାଏ । ଏଇଥି ସକାଶେ ତୁମେ ତୁମର ଅବସର-ଗ୍ରହଣକୁ ବ୍ୟବହାର କରିବା ଉଚିତ; ପ୍ରଥମେ ଏହାର ସମ୍ମୁଖୀନ ହେବାକୁ, ଏହାକୁ ତା'ର ସମଗ୍ର ବିସ୍ତୃତିରେ ଦେଖିବାକୁ ଏବଂ ବିଜୟ ହାସଲ କରିବାକୁ ।

''ପ୍ରଥମ ସର୍ତ୍ତ ହେଉଛି ସମର୍ପଣ ସକାଶେ ମନରେ ଏକ ଅଖଣ୍ଡ ସଂକଳ୍ପ, କିନ୍ତୁ କେବଳ ଏତିକି ଯଥେଷ୍ଟ ନୁହେଁ । ଅସଲ ଅସୁବିଧାଟି ବାହ୍ୟମନଠାରୁ ଗଭୀରତର ଏକ ଅଂଶରେ ରହିଛି ଏବଂ ତୁମକୁ ଏହି ଅଂଶଟିକୁ ଖୋଜି ବାହାର କରିବାକୁ ହେବ, ଏହା କେଉଁଠି ରହିଛି ଦେଖିବାକୁ ହେବ ଏବଂ ଏହାର ମୂଳୋତ୍ପାଟନ କରିବାକୁ ହେବ । ଯେତେବେଳେ ଏହି କାର୍ଯ୍ୟଟି କରିବାରେ କୃତକାର୍ଯ୍ୟ ହେବ, କେବଳ ତା'ପରେହିଁ ତୁମକୁ ଯେଉଁ ସାହାଯ୍ୟ ଦିଆଯାଉଛି ( ଏବଂ ଏହି ସାହାଯ୍ୟ ସଦାବେଳେ ଦିଆଯାଇଛି, ଏବେ ବି ଦିଆଯାଉଛି), ତାହା ତୁମ ସ୍ୱଭାବର ଅବାଧ ଅଂଶସବୁର ଯଥାର୍ଥ ଆଧ୍ୟାତ୍ମିକ ଏବଂ ଚୈତ୍ୟିକ (କିନ୍ତୁ ଏକ ବୈରାଗୀ ନୁହେଁ) ରୂପାନ୍ତର ଘଟାଇବାରେ ଫଳପ୍ରଦ ହୋଇପାରେ ।''

ବାରୀନ କିନ୍ତୁ ଏଥିରେ ସଫଳକାମ ହୋଇପାରି ନଥିଲେ । ଅବଶେଷରେ ବିରୋଧିଶକ୍ତିର ଇଙ୍ଗିତ ତାଙ୍କୁ କାବୁ କରି ନେଇଥିଲା । ଏହାର ପରିଣାମ ସ୍ୱରୂପ ଘଟିଥିବା ପରବର୍ତ୍ତୀ ଘଟଣାର ବର୍ଣ୍ଣନା ମୃତ୍ୟୁଞ୍ଜୟଙ୍କ ଲେଖାରୁ ଉଦ୍ଧାର କରୁଛୁ :

''ସେଦିନ ଥିଲା ୨୫ ଡିସେମ୍ବର ୧୯୨୯ । ଏହି ଦିନଟି ମୋ ସକାଶେ ଦୁଇଟି କାରଣରୁ ଏକ ବିଶେଷ ସ୍ମରଣୀୟ ଦିବସ ହୋଇରହିଛି । ପ୍ରଥମତଃ, ସେହି ସମୟରେ ଆଶ୍ରମରେ ଖୁବ୍ ସମ୍ଭବତଃ ପ୍ରଥମ ଥର ସକାଶେ ଖ୍ରୀଷ୍ଟମାସ୍ ଦିବସ ପାଳନ କରାଯାଇଥିଲା । ସେଦିନ ସନ୍ଧ୍ୟାରେ ମା' ସୁପ୍ ହଲ୍ (ବର୍ତ୍ତମାନର ରିସେପ୍‌ସନ୍ ଅଫିସ)ରୁ ଆନୁଷ୍ଠାନିକ ଭାବରେ ସୁପ୍ ବିତରଣ

କରିସାରିବା ପରେ ମେଡ଼ିଟେସନ୍ ଗୃହର ଉପର ମହଲାରେ ଥିବା ତାଙ୍କ କକ୍ଷକୁ ଯିବା ପୂର୍ବରୁ ଶିଡ଼ି ପାହାଚରେ ଛିଡ଼ା ହୋଇ ସମସ୍ତଙ୍କୁ ସବୁଜ ପତ୍ର ଥିବା ମରୁଆବୃନ୍ତଗୁଚ୍ଛ ବିତରଣ କରିଥିଲେ । ଏହି ବିତରଣ ପୂର୍ବରୁ ଉପସ୍ଥିତ ସମସ୍ତ ଅନ୍ତେବାସୀଙ୍କୁ ସେ କହିଥିଲେ, 'ମରୁଆର ପ୍ରତୀକ ହେଉଛି 'ନବଜନ୍ମ'; ଏହା ଶରୀରର ନବଜନ୍ମ ନୁହେଁ, ଚେତନାର ନବଜନ୍ମ । ଏହା ସମସ୍ତଙ୍କୁ ବିତରଣ କରାଯିବ ଏବଂ ପ୍ରତ୍ୟେକେ ନିଜ ନିଜର ଗ୍ରହଣଶୀଳତା ଅନୁଯାୟୀ ଏଥିରେ ସିଦ୍ଧିଲାଭ କରିବେ ।' ତା'ପରେ ମା' ପ୍ରତ୍ୟେକଙ୍କୁ ସ୍ୱହସ୍ତରେ ମରୁଆଗୁଚ୍ଛ ବିତରଣ କଲେ । ଏହି ବିତରଣ କରୁଥିବା ସମୟରେ ମା'ଙ୍କର ମୁଖମଣ୍ଡଳ ଅପୂର୍ବଶ୍ରୀ ଧାରଣ କରିଥିଲା, ସାକ୍ଷାତ୍ ଦିବ୍ୟଜନନୀ ଆମ ସମ୍ମୁଖରେ ଉଭା ହୋଇଥିଲେ ।

''ଏହି ବିତରଣ ଶେଷହୋଇ ଆସୁଥିବାବେଳେ ନଳିନୀ-ଦା' ଲକ୍ଷ୍ୟ କଲେ ଯେ ବାରୀନ-ଦା' ତଥାପି ଆସି ନାହାନ୍ତି; ତେଣୁ ମୋତେ ପାଖକୁ ଡାକି କହିଲେ, ତୁମେ ଶୀଘ୍ର ଯାଇ ବାରୀନ-ଦା'ଙ୍କୁ ଡାକି ଆଣ । ବାରୀନ-ଦା'ଙ୍କୁ ତାଙ୍କ ପ୍ରକୋଷ୍ଠରେ ନଦେଖି ମୋତେ ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା, ଶୀଘ୍ର ଆସି ନଳିନୀ-ଦା'ଙ୍କୁ ଏକଥା ଖବର ଦେବାବେଳକୁ ମା' ତାଙ୍କ କକ୍ଷକୁ ଚାଲି ଯାଇଥିଲେ । ତା'ପରଦିନ ସକାଳେ ନଳିନୀ-ଦା' ଓ ଅମୃତ ଦୁହେଁ ବାରୀନ-ଦା'ଙ୍କର ପ୍ରକୋଷ୍ଠକୁ ଗଲେ, ଭିତରକୁ ପ୍ରବେଶ କରି ଦେଖିଲେ ଯେ ବାରୀନ-ଦା' ଶ୍ରୀଅରବିନ୍ଦଙ୍କ ନିକଟକୁ ଏକ ପତ୍ର ଲେଖି ତାଙ୍କ ଟେବୁଲ ଉପରେ ଥୋଇଦେଇ ଚାଲି ଯାଇଛନ୍ତି । ପରେ ପରେ ଆମେ ଜାଣିବାକୁ ପାଇଲୁ ଯେ ବାରୀନ-ଦା' ଆଶ୍ରମ ଛାଡ଼ି ଚାଲିଯାଇଛନ୍ତି ବୋଲି ଶ୍ରୀଅରବିନ୍ଦ ଓ ମା'ଙ୍କୁ ସେହି ପତ୍ର ମାଧ୍ୟମରେ ଜଣାଇ ଦେଇଯାଇଛନ୍ତି ।...''

ଏହାର ପରବର୍ତ୍ତୀ ଘଟଣା ନଳିନୀକାନ୍ତ ସରକାରଙ୍କ ଲେଖାରୁ ଉଦ୍ଧାର କରୁଛୁ :

''୧୯୩୦ ମସିହା ଜାନୁଆରୀ ମାସରେ ହଠାତ୍ ଦିନେ ଶୁଣିବାକୁ ପାଇଲି ଯେ ବାରୀନ-ଦା' ପଣ୍ଡିଚେରୀରୁ କଲିକତା ଆସିଛନ୍ତି ଏବଂ କଲେଜ ଷ୍ଟ୍ରୀଟ ମାର୍କେଟର ଦୁଇ ମହଲାରେ, ଆର୍ଯ୍ୟ ପବ୍ଲିଶିଂ ହାଉସରେ ରହିଛନ୍ତି । ଖବର ପାଇବାମାତ୍ରେହିଁ ସେଠାକୁ ଗଲି । ଯାଇ ଦେଖିଲି ବାରୀନ-ଦା' ତାଙ୍କର ଅନୁଗାମୀ କେତେକ ବ୍ୟକ୍ତିଙ୍କ ଗହଣରେ ବସିଛନ୍ତି ।

''ମୁଁ ବାରୀନ-ଦା'ଙ୍କୁ ପ୍ରଣାମ କରି ପଚାରିଲି, 'ହଠାତ୍ କ'ଣ ମନେକରି ଚାଲିଆସିଲେ, ବାରୀନ-ଦା' !' ସେ କହିଲେ, 'କାଲି ଉପରଓଳି ଆସ, ସବୁକଥା କହିବି ।'

''ଠିକ୍ ତା' ପରଦିନ ସକାଳେ ପଣ୍ଡିଚେରୀରୁ ଦିଲୀପ କୁମାର ରାୟଙ୍କର ମୋ ପାଖକୁ ଲିଖିତ ଏକ ପତ୍ର ପାଇଲି : 'ଭାଇ, ଖୁବ୍ ଖରାପ ଖବର ଗୋଟିଏ ଅଛି; ବାରୀନ-ଦା' ଆଶ୍ରମ ଛାଡ଼ି ଚାଲିଯାଇଛନ୍ତି । ହୁଏତ କଲିକତାରେହିଁ ଯାଇ ରହିଥିବେ । ତୁମ ସହିତ ଦେଖାହେଲେ କ'ଣ କଥାବାର୍ତ୍ତା ହେଲା ଜଣାଇବ । ହଠାତ୍ ବାରୀନ-ଦା' ଏଠାରୁ ଚାଲିଯିବାରୁ ଆମେମାନେ ଅନେକେହିଁ ନିରୁଦ୍ୟମ ଓ ବିଷଣ୍ଣ ହୋଇପଡ଼ିଛୁ । ଏତେ ଦିନର ସାଧକ, ଏତେ ବଡ଼ ସାଧକ – ଏହାଙ୍କର ଯେତେବେଳେ ଏଇ ଅବସ୍ଥା, ଜାଣେନି ଆମମାନଙ୍କର କପାଳରେ କ'ଣ ଲେଖାଅଛି ।'

''ଉପରିଓଳି ବାରୀନ-ଦା'ଙ୍କ ପାଖକୁ ଗଲି । ମଧ୍ୟାହ୍ନ ଭୋଜନ ଶେଷ କରି ବାରୀନ-ଦା' ବସିଥିଲେ । ଏକୁଟିଆ । ମୋତେ ସସ୍ନେହରେ ପାଖରେ ବସାଇ କହିଲେ, 'ଗତକାଲି ତୁମେ ମୋତେ ପଚାରିଥିଲ, ମୁଁ ହଠାତ୍ କାହିଁକି ଏଠାକୁ ଆସିଲି । ଆଶ୍ରମଛାଡ଼ି ଚାଲିଆସିଛି । କୌଣସି ପ୍ରକାର ଝଗଡ଼ା ବା ମନୋମାଳିନ୍ୟ କିଛି ବି ଘଟିନି । ବେଶ୍ କିଛିଦିନ ଧରି ଇଚ୍ଛା ହେଉଥିଲା, ଥରେ ଯାଇ ବଙ୍ଗଦେଶଟା ଘୂରି ଆସେ । ସେଜ୍‌ଦା'ଙ୍କୁ ମୋ ମନର କଥା ଜଣାଇ ଅନୁମତି ସକାଶେ ଚିଠି ଲେଖିଲି । ଅନୁମତି ମିଳିଲା ନାହିଁ । ବରଂ ସେ ବାରଣ କଲେ । ମନଟା ବିକ୍ଷୁବ୍ଧ ହୋଇଉଠିଲା । ବାରଣ କରିବା ସତ୍ତ୍ୱେ ଚାଲିଆସିଲି ।'

''ମୁଁ ଚୁପ୍ କରି ସବୁ ଶୁଣିଲି । କିଛି ବି କହିପାରିଲି ନାହିଁ । ବାରୀନ-ଦା' ଯେ ଏଠାକୁ ଆସି ଭଲ କାର୍ଯ୍ୟ କରି ନାହାନ୍ତି, ଏକଥା ସେ ନିଜେହିଁ ଯଥେଷ୍ଟ ହୃଦୟଙ୍ଗମ କରିଛନ୍ତି । ଏକ ଦୀର୍ଘନିଃଶ୍ୱାସ ଛାଡ଼ିବା ବ୍ୟତୀତ ମୋର ଆଉ କ'ଣ କରିବାର ଥିଲା !

''୧୯୩୦ର ୨୧ ଫେବ୍ରୁଆରୀ ପାଖେଇ ଆସୁଥିଲା, ଦର୍ଶନ ଦିବସରେ ପଣ୍ଡିଚେରୀ ଆସିବାକୁ ବେଶ୍ ମନ ବଳାଇଲା ।... ସବୁକିଛି ବନ୍ଦୋବସ୍ତ ହୋଇଯିବା ପରେ, ପଣ୍ଡିଚେରୀକୁ ଆସିବାର କିଛିଦିନ ପୂର୍ବରୁ ଦିନେ ବାରୀନ-ଦା'ଙ୍କୁ ସାକ୍ଷାତ୍ କରି କହିଲି ଯେ ମୁଁ ଫେବ୍ରୁଆରୀ ଦର୍ଶନକୁ ପଣ୍ଡିଚେରୀ ଯାଉଛି । ବାରୀନ-ଦା' ଖୁବ୍ ଖୁସୀହୋଇ କହିଲେ, 'ଯିବା ପୂର୍ବରୁ ମୋ ସହିତ ଥରେ ଦେଖାକର, କିଛି ଦେବି, ନେଇ ଯିବାକୁ ହେବ ।'

''କିଛିଦିନ ପରେ ଯାଇ ବାରୀନ-ଦା'ଙ୍କୁ ଭେଟିବାରୁ ସେ ମୋତେ ଅତି ସୁଦୃଶ୍ୟ ଦୁଇଟି ପୁଷ୍ପାଧାର (ଫୁଲଦାନି) ଦେଇ କହିଲେ, 'ମୋ ନାମ କହି ଏହି ପ୍ରଣାମି ମା'ଙ୍କୁ ଦେବ ।'...

''ପଣ୍ଡିଚେରୀରେ ପହଞ୍ଚି କଥାଛଳରେ ଦିଲୀପଙ୍କ ସହିତ ବାରୀନ-ଦା'ଙ୍କ ପ୍ରସଙ୍ଗ ଉଠିଲା । ବାରୀନ-ଦା'ଙ୍କୁ ଆଶ୍ରମରେ ଅନେକେହିଁ ଉଚ୍ଚସ୍ତରର ସାଧକ ବୋଲି ମନେ କରୁଥିଲେ, ଦିଲୀପ ମୋତେ ଆଗରୁ ତାଙ୍କର ମନୋଭାବ କଥା ଜଣାଇଥିଲେ । ଏବେ ସାକ୍ଷାତ୍ ହେବାରୁ ବାରୀନ-ଦା'ଙ୍କର ଚାଲିଯିବା ସମ୍ବନ୍ଧେ ଅନେକ କିଛି କହିଲେ । କିନ୍ତୁ ସବୁକଥା ଆନୁମାନିକ ବୋଲି ସେ ସ୍ୱୀକାର କରିଥିଲେ । ତା' ମଧ୍ୟରେ ଗୋଟିଏ କଥା ଥିଲା – ବାରୀନ-ଦା' ହୁଏତ ଶ୍ରୀମା'ଙ୍କୁ ଭଲ ଭାବରେ ଗ୍ରହଣ କରିପାରି ନାହାନ୍ତି । ଶ୍ରୀମା'ଙ୍କର ସବୁକିଛି ବ୍ୟବସ୍ଥାପନା ସେ ହୁଏତ ପସନ୍ଦ କରୁ ନଥିଲେ । ବିଶେଷ କରି ଶ୍ରୀଅରବିନ୍ଦଙ୍କ ସହିତ ତାଙ୍କର ଦେଖାସାକ୍ଷାତ୍ ବନ୍ଦ କରିଦେବା,– ଏଥିରେ ବାରୀନ-ଦା'ଙ୍କର ବୀତରାଗ ହେବା ସ୍ୱାଭାବିକ ।

''ମୁଁ କହିଲି, 'କିନ୍ତୁ ମୁଁ ବା ସେକଥା କେମିତି କହିବି ! କଲିକତାରୁ ଆସିବା ପୂର୍ବରୁ ମୋତେ ଦେଖା କରିବାକୁ କହି ବାରୀନ-ଦା' ମୋତେ ଖୁବ୍ ସୁନ୍ଦର ଦୁଇଟି ଫୁଲଦାନି ଦେଇ କହିଛନ୍ତି, 'ଶ୍ରୀମା'ଙ୍କୁ କହିବ, ଏ ଦୁଇଟି ବାରୀନର ପ୍ରଣାମି ।' – ଦିଲୀପ ଏକଥା ଶୁଣି ବିସ୍ମୟ ବିମୁଗ୍ଧ ହୋଇଉଠିଲେ ।''

ବାରୀନ ଏଠାରୁ ଚାଲିଯିବା ପରେ ମା' ତାଙ୍କ ପାଖକୁ ନିୟମିତ ସାଧମତେ ଟଙ୍କା ମନିଅର୍ଡ଼ର କରୁଥିଲେ । ଏହି ପ୍ରସଙ୍ଗରେ ମା'ଙ୍କର ଏକ ବିଶେଷ ଉକ୍ତିର 'ମୁଁ ତୁମ ସହିତ ରହିଛି' ('I am with you') ବ୍ୟାଖ୍ୟା ସ୍ମରଣରେ ଆସେ । ଏହି ସୁଦୀର୍ଘ ବ୍ୟାଖ୍ୟାରୁ କିଛି ଉଦ୍ଧୃତି :

''...ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ବହୁ ପୂର୍ବରୁ ଆଶ୍ରମ ଛାଡ଼ି ଚାଲିଗଲେଣି,– ସେମାନେ ବିଦ୍ରୋହ କରି ଚାଲି ଯାଇଛନ୍ତି – ମାତ୍ର ତଥାପି ମୁଁ ସେମାନଙ୍କର ସକଳ ସମ୍ବାଦ ରଖିଥାଏ, ମୁଁ ସେମାନଙ୍କର ପରିଚର୍ଯ୍ୟା କରିଥାଏ । ତୁମେ କେହି କଦାପି ପ୍ରତ୍ୟାଖ୍ୟାତ ହୋଇ ରହିଯାଇ ନାହଁ ।

''ସତ କଥା ହେଉଛି, ମୁଁ ନିଜକୁ ପ୍ରତ୍ୟେକ ବ୍ୟକ୍ତି ଲାଗି ଦାୟୀକରି ରଖିଥାଏ, ଏପରିକି ଯେଉଁମାନଙ୍କ ସହିତ ମୋର ମାତ୍ର ଗୋଟିଏ ମୁହୂର୍ତ୍ତ ଲାଗି ଦେଖାହୋଇଥାଏ – ସେମାନଙ୍କ ଲାଗି ମଧ୍ୟ ମୁଁ ଦାୟୀ ହୋଇ ରହିଥାଏ ।''

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

## ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ

ଅଧ୍ୟକ୍ଷ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର, ମାତୃଭୂମି, ଗ୍ରା/ପୋ./ ଡେରା, କୋଲିଆରୀ, ତାଳଚେର, ଜି. ଅନୁଗୁଳ, ପିନ୍ - ୭୫୯୧୦୩, ମୋବାଇଲ୍ ନଂ. ୯୪୩୭୩୩୨୮୧୪, ୯୮୬୧୩୮୩୯୪୬, ୭୮୭୩୧୪୮୮୦୩ ଜଣାଇଛନ୍ତି ଯେ ଏହି ଆଶ୍ରମଭିତ୍ତିକ, ଆବାସିକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପାଇଁ ଇଂରାଜୀ ଓ ଓଡ଼ିଆ ଶିକ୍ଷାଦାନ ନିମନ୍ତେ ମାତୃପ୍ରେମୀ ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ । ଏଥିପାଇଁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ ।

# ସୁଛନ୍ଦ-ଜୀବନ

## ନଳିନୀକାନ୍ତ ଗୁପ୍ତ

ଅସ୍ଥିର ହେବା ଆଉ ଟିକିଏ ଏପାଖକୁ ତ ଟିକିଏ ସେପାଖକୁ ଢଳିଚାଲିବା, ଏମିତି ଜୀବନ ବିତାଇବା ଦୁର୍ବଳ ପ୍ରାଣର ପରିଚୟ ଦିଏ । ଆଖି ଆଗରେ ଜଣେ ରୋଗୀର ଚାଲିବାର ଭଙ୍ଗୀକୁ ଚାହଁ, ତା'ହେଲେ ଏକଥାର ସତ୍ୟତା ବୁଝିପାରିବ । ଶରୀର ମଧ୍ୟରେ ଛଟପଟ ହେବା ଭଳି ଅନୁଭବ କରିବା, ନିଃଶ୍ୱାସ-ପ୍ରଶ୍ୱାସର ତାଳ ନ ରହିବା, ରକ୍ତଚଳାଚଳର ଅନିୟମ, ମୁଣ୍ଡ ଭିତରେ ନାନା ଚିନ୍ତାଭାବନା ଆସି ତାଣ୍ଡବ-ନୃତ୍ୟ କରିବା ... ଏସବୁ ଲକ୍ଷଣ କେତେବେଳେ ଦେଖାଯାଏ ? ଯେତେବେଳେ ସ୍ୱଳ୍ପ ପ୍ରାଣଶକ୍ତିଟି ଫୁଲିଫାମ୍ପି ମାତିବାକୁ ବାହାରେ । ଏକପଟରେ ଏଇ ଉତ୍ତେଜନାର ଉତ୍ତାଳ ଢେଉ ଏବଂ ଅନ୍ୟ ପଟରେ ନିସ୍ତେଜ ଓ ଧିମେଇ ପଡ଼ିଥିବା ଗଭୀର ଅବସାଦଗ୍ରସ୍ତ ପ୍ରାଣ ଏପରି ହେବା ସ୍ୱାଭାବିକ ଦୁର୍ବଳପ୍ରାଣର ବ୍ୟକ୍ତିମାନଙ୍କ କ୍ଷେତ୍ରରେ । ଖାଲି ଯେ ରୋଗଗ୍ରସ୍ତ ହେଲେ ଏମିତି ହୋଇଥାଏ ତାହା ନୁହେଁ । ଯେଉଁମାନେ ନିଜକୁ ସୁସ୍ଥ ବୋଲି ମନେ କରୁଥା'ନ୍ତି, ସେମାନଙ୍କଠାରେ ମଧ୍ୟ ପ୍ରାଣଶକ୍ତିର ଅଭାବ ହେଲେ ଏମିତି ଦେଖାଯାଏ, ସେମାନଙ୍କ ଚାଲିଚଳଣରେ ଏଇ ଢଳିବାର ଭାବଭଙ୍ଗୀ; ସିଧାସଳଖ ବା ଋଜୁତାର ଅଭାବ ସେଭଳି ଲୋକଙ୍କଠାରେ ପରିଲକ୍ଷିତ ହୁଏ ।

ବିପରୀତ ଦିଗରେ କଥାକଥାକେ ସ୍ଥିରତା ହରାଇବା ଦ୍ୱାରା ବି ମଧ୍ୟ ପ୍ରାଣ ଦୁର୍ବଳ ହୋଇଯାଏ, ଶକ୍ତିର ବୃଥା ଅପଚୟ ହୁଏ । ସେଇ କାରଣରୁ ଡାକ୍ତର କହନ୍ତି ରୋଗୀକୁ ଯଥାସାଧ୍ୟ ଚୁପ୍‌ଚାପ୍ ରହି, ନିଶ୍ଚେଷ୍ଟ ହୋଇ ପଡ଼ିରହିବାକୁ; ରୋଗୀ ଯେମିତି ଭଲକରି ଶୋଇବ, ସେଥିପାଇଁ ଔଷଧ ବି ଦେଇଥା'ନ୍ତି । କାରଣ ଶାନ୍ତ ଓ ସ୍ଥିର ହୋଇ ରହିଲେ ଶକ୍ତିର ଅପବ୍ୟୟ ହୁଏ ନାହିଁ । ଆସ୍ତେ ଆସ୍ତେ ଶରୀର ଭିତରେ ଜାଗେ ସାମର୍ଥ୍ୟ ଯାହା ରୋଗଶକ୍ତିକୁ ଠେଲି ବାହାର କରିଦେଇପାରିବ । ସୁସ୍ଥ ମଣିଷଟିଏ ମଧ୍ୟ ଯଦି ସେମିତି ବିଶୃଙ୍ଖଳ ଭାବରେ ସବୁକାମ କରିବାକୁ ବସେ, ତେବେ ଯେତେ ଶକ୍ତି ସେଥିରେ ବ୍ୟୟ ହୁଏ, ସେତେ କାମ ଆଦାୟ ହୁଏ ନାହିଁ । ଶକ୍ତିର ଏପଟ ସେପଟକୁ ପଲା ବଦଳାଇବାରେହିଁ ସାମର୍ଥ୍ୟ ଆମର କଟିକାଟି ଯାଏ ସିନା ଅସଲ କାମ ହୁଏ ନାହିଁ, ଶକ୍ତିର ପୁଞ୍ଜି ନିଷ୍ଫଳ କାମରେ ବହିଯାଏ ଅଯଥାରେ । ଏଇ ହିସାବ ଆମେ ସାଧାରଣ ଜୀବନରେ ରଖୁନା, ଯେହେତୁ ମୋଟାମୋଟି କାମଟା କୌଣସି ନା କୌଣସି ପ୍ରକାରେ ଚଳିଯାଏ । ଆମ୍ଭମାନଙ୍କର ଉଦ୍ଦେଶ୍ୟ ହେଉଛି କାମଟିକୁ କିଛି ନା କିଛି ଉପାୟରେ ହାସଲ କରିବା; କାମଟି ବି ସେମିତି କିଛି ବଡ଼ ଧରଣର ନୁହେଁ, ତେଣୁ ସେଇଟି ପୂରା କରିବାକୁ କେତେ ସମୟ ଓ ଶକ୍ତି ଲାଗିଲା ତା'ର ହିସାବ ଆମେ କେହି ରଖୁନା । କିନ୍ତୁ ଶକ୍ତିର ମୂଲ୍ୟ ଯଦି କେବେ ମାପ କରିବାକୁ ଯାଆନ୍ତେ ବା ବୁଝିବାକୁ ସକ୍ଷମ ହୁଅନ୍ତେ, ତେବେ କେତେ ଅପବ୍ୟୟ ଆମ ଦ୍ୱାରା ହେଲା ଜାଣିପାରନ୍ତେ — ବିଜ୍ଞାନୀ ଜଗଦୀଶଚନ୍ଦ୍ର ଯଦି ଆମ ହାତରେ ସେଇଭଳି ଏକ ସୂକ୍ଷ୍ମ କଳ ଧରାଇ ଦେଇଥା'ନ୍ତେ ବା ଆମ ହାତ ପାଦରେ ମାପ କରିବା ଯନ୍ତ୍ରଟିଏ ଯୋଡ଼ି ଦିଅନ୍ତେ ତାହାହେଲେ ଆମଠାରେ ଶକ୍ତିର ବୃଥା କ୍ଷୟ ଦେଖି ଆମେ ଥରି ଉଠନ୍ତେ ।

ଶକ୍ତି ଓ ସାମର୍ଥ୍ୟକୁ ଜମାକରି ରଖିବାକୁ ହେଲେ କିଂବା ତାକୁ ବଢ଼ାଇବାକୁ ହେଲେ ପ୍ରଥମେ ଦରକାର ଭିତରେ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବା । ଶାନ୍ତି ରହିଲେ ଶକ୍ତି ଜମା ହୁଏ ଏବଂ ବାହାରେ ଶୃଙ୍ଖଳା ରହିଲେ ତାହାର ଯଥାଯୋଗ୍ୟ ବ୍ୟବହାର ହୁଏ । ଜୀବନକୁ ଛନ୍ଦୋମୟ କରିବାକୁ ହେଲେ ସର୍ବାଗ୍ରେ ଏଇ ଦୁଇଟି ବସ୍ତୁକୁ ପାଇବାକୁ ହେବ । ଆଉ ଛନ୍ଦତାଳରେ ଚାଲି ଯେଉଁ ଶକ୍ତି ବ୍ୟୟିତ ହୁଏ, ସେଥିରେ କ୍ଷୟ ହୁଏ ନାହିଁ, ଗତି ହୁଏ ଅବ୍ୟର୍ଥ ଓ ଆହୁରି ବି ସୁନ୍ଦର ହୁଏ । କାବ୍ୟ ବା ସଙ୍ଗୀତ ମନକୁ ଆକର୍ଷିତ କରେ କାହିଁକି, ତାହା ଏପରି ଶକ୍ତି ଧାରଣ କରିଥାଏ କେମିତି ? କାରଣ ସେଥିରେ ନିବିଡ଼ ଛନ୍ଦର ଖେଳ ରହିଥାଏ, ସଙ୍ଗୀତରେ ରହିଛି ଶାନ୍ତି ଓ ଶୃଙ୍ଖଳା — ଯତି ଓ ଗତି, ତାଳ ଓ ମାନ ।

ଆମେ ବ୍ୟକ୍ତି ବିଷୟରେ ଯେଉଁ କଥାଟି କହିଲୁ, ଜାତି ବିଷୟରେ ବି ସେଇ ଏକହିଁ ସୂତ୍ର ପ୍ରଯୁଜ୍ୟ । ଦୁର୍ବଳ ଜାତି ପାଖରେ ଦେଖିବାକୁ ପାଇବା ତାହାର କର୍ମ-ଜୀବନରେ ଅଧୈର୍ଯ୍ୟ, ଚାଞ୍ଚଲ୍ୟ ଓ ବିଶୃଙ୍ଖଳା । ଚୀନ, ପାରସ୍ୟ, ବଲ୍‌କାନ୍ ରାଜ୍ୟସଂଘ, ମେକ୍ସିକୋ ଆଦି ଅଳ୍ପପ୍ରାଣ ଜାତି ମଧ୍ୟରେ ସବୁବେଳେ ଅରାଜକତା ଲାଗିରହିଛି ଯାହା ସର୍ବସମକ୍ଷରେ ଦୃଶ୍ୟମାନ ହୋଇଥାଏ । ପୁନଶ୍ଚ ଯେଉଁ ଜାତି ଅଧୀର, ଚଞ୍ଚଳ, ବିଚଳିତ ଭାବରେ ନିଜର କାମ କରିବାକୁ ବସେ, ତା'ର ପ୍ରାଣଶକ୍ତି କ୍ରମଶଃ କ୍ଷୀଣ ହୋଇଯାଏ । ଫରାସୀ ଦେଶର ବିପ୍ଳବ-ଯୁଗରେ ତା'ର ଜାତୀୟ ଜୀବନରେ ଯେଉଁ ପ୍ରକାର ଓଲଟପାଲଟ, ବିଶୃଙ୍ଖଳା ଦେଖାଦେଲା, ଅନ୍ୟ କୌଣସି ଜାତିର

ଜୀବନରେ ସେଇଭଳି ଜିନିଷ ଆଜିଯାଏ ଦେଖାଯାଇ ନାହିଁ । ଏମିତି ଯେଉଁ ଓଲଟପାଲଟ ହେଲା ବା ହେବାକୁ ବାଧ୍ୟ ହେଲା, ଏହାର ଦରକାର ଥିଲା; ଏହା ଦ୍ୱାରା କିଛି ଲାଭ ବି ହେଲା, ଏକଥା ଆମେ ଅସ୍ୱୀକାର କରୁ ନାହୁଁ । କିନ୍ତୁ ଏଇ ଉନ୍ମତ୍ତତା ଫରାସୀ ଜାତିର ପ୍ରାଣଶକ୍ତିକୁ ଦୋହଲାଇ ଦେଇଛି, ନିସ୍ତେଜ କରିଦେଇଛି, ସେକଥା ମାନିବାକୁ ପଡ଼ିବ । ନେପୋଲିୟନ୍‌ଙ୍କ ପରି ମହାଶିଳ୍ପୀ ଆସି ସେଇ ଜାତିକୁ ତାଳମାନରେ ପକାଇବାକୁ ଚେଷ୍ଟା କରିଥିଲେ ସତ, ମାତ୍ର ସେଥିରେ ବିଶେଷ କିଛି ପରିବର୍ତ୍ତନ ହେଲା ନାହିଁ । ଏବେ ମଧ୍ୟ ସେଇ ଯେ ତାଣ୍ଡବ ବିପ୍ଳବ ଦିନେ ଘଟିଥିଲା, ତାହାର ପ୍ରଭାବରେ ଦେଶଟି ଉପରୁ ଏବେ ବି ଅବସାଦ ଓ ନିର୍ବୀର୍ଯ୍ୟର ପ୍ରଭାବ ଅପସରି ଯାଇ ନାହିଁ । ତା'ପରେ ଆଜିକାଲି ରୁଷିଆ ଦେଶରେ ଯେଉଁସବୁ କାଣ୍ଡ ଚାଲିଛି, ତାହାର ଫଳସ୍ୱରୂପ ସେ ଦେଶ ଯେ କେତେ ମାତ୍ରାରେ ଶକ୍ତିସାମର୍ଥ୍ୟ ହରାଇଛି ଏବଂ ଭାବୀ କାଳରେ ଆହୁରି ହରାଇବ, ସେକଥା ଭାବି ହେଉ ନାହିଁ । ନିକଟ ଭବିଷ୍ୟତରେ ସେ ଦେଶର କିଛି ଭଲ ହେବ ବୋଲି ଆଶା କରାଯାଇପାରୁ ନାହିଁ ।

ଅଥଚ ଇଂରେଜ ଜାତିର ବଳ ଠିକ୍ ଏଇ ଜାଗାରେ । ଇଂରେଜ ଜାତି ଯାହା କରିବାକୁ ସ୍ଥିର କରେ, ତାହା ସେ କରେ ଧୀର ସୁସ୍ଥେ, ଲକ୍ଷ୍ୟ ସହିତ ଉପାୟକୁ ମିଳାଇ ଦେଇ ଅବ୍ୟର୍ଥ ଭାବରେ ସେ ଆଗେଇବାକୁ ଲାଗେ । ତା'ର ମସ୍ତିଷ୍କର ଭାରସାମ୍ୟ ହରାଏ ନାହିଁ । ଇଂଲଣ୍ଡର ଜାତୀୟ ଜୀବନର ବିକାଶ କ୍ଷେତ୍ରରେ ଜୋରଜବରଦସ୍ତି, ଏପରି କି ବିପ୍ଳବ ଯେ ଆସି ନାହିଁ, ଆମେ ସେକଥା କହୁ ନାହୁଁ । ତେବେ ସେସବୁ ମାତ୍ରା ଡେଇଁ ବେଶୀଦୂର ଯାଇ ନାହିଁ, ଯିବାକୁ ଚାହିଁ ନାହିଁ । ତାହାର କର୍ମମୁଖର ଜୀବନରେ ଅଛି ଏକପ୍ରକାର ସ୍ଥୈର୍ଯ୍ୟ, ଶୃଙ୍ଖଳା ଓ ଛନ୍ଦ । ତା'ର ଜାତୀୟ ଜୀବନରେ ଆଜେବାଜେ ଚାଞ୍ଚଲ୍ୟ ଦେଖାଯାଏ ନାହିଁ, ଆଉ ଶକ୍ତିର ଅପବ୍ୟୟ ବି ଯଥେଷ୍ଟ କମ୍ ହୋଇଛି । ବିଗତ ଯୁଦ୍ଧରେ ଇଂଲଣ୍ଡ କି ପ୍ରକାର କମ୍ ଶକ୍ତି ବିନିମୟରେ ବୃହତ୍ତର ସାମର୍ଥ୍ୟ ଲାଭ କରିଛି ଓ ବିଜୟ ପାଇଛି, ଶସ୍ତାରେ ବାଜି ଜିତିଯାଇଛି, ଏହା ଦେଖି ଅନେକେ ଆଶ୍ଚର୍ଯ୍ୟଚକିତ, ଅନେକେ ଈର୍ଷାନ୍ୱିତ । ଚାଲାଖିରେ ଇଂରେଜ ଓସ୍ତାଦ, ଏଇ ଯୁକ୍ତି ସମସ୍ତେ କରିଥା'ନ୍ତି । ମାତ୍ର ଆମେ କହିବାକୁ ଯାଉଛୁ ଠକାଇବା ଉଦ୍ଦେଶ୍ୟ ନେଇ ଠକାଇବା କାମଟି କରାଯାଇ ନାହିଁ, ଏଇ ଚାଲାଖି ତା'ର ନିଜର ଅଜ୍ଞାତସାରରେହିଁ ଘଟିଛି, ଅନ୍ତତଃ କିଛି ପରିମାଣରେ । ଅର୍ଥାତ୍ ତା'ର ଜାତୀୟ-ଜୀବନରେ ଏମିତି ଏକ ଅଭ୍ୟାସ ବା ସଂସ୍କାର ଦୃଢ଼ ହୋଇଯାଇଛି ବା ଜମାଟ ବାନ୍ଧି ବସିଯାଇଛି ଯାହାଫଳରେ ବିନା ଆଡ଼ମ୍ବରରେ ଶକ୍ତିର ଯଥାଯଥ ପ୍ରୟୋଗ ହୋଇପାରେ, ଏପରି ଏକ କାମର କୌଶଳ ସେ ପାଇଛି ଯାହା ଯୋଗୁଁ ଅଳ୍ପ ପରିଶ୍ରମରେ ବହୁଳ ଫଳଲାଭ କରିବାକୁ ସେ ଯୋଗ୍ୟ ହୋଇଉଠିଛି; ସେ ଅଧିକାର ସେ ଲାଭ କରିଛି । ଇଂଲଣ୍ଡ ପରି ଆଉ ଏକ ଜାତିର ଜାତୀୟ ଜୀବନରେ ଅଛି ଛନ୍ଦୋବଦ୍ଧ ପ୍ରାଣର ପ୍ରସ୍ଫୁରଣ, ସେ ଜାତି ହେଉଛି ଜାପାନ । ଜର୍ମାନ ଜାତିର ଏଇ ପ୍ରକାର ଚେଷ୍ଟା କିଛି ପରିମାଣରେ ଅଛି । ତେବେ ଜର୍ମାନୀ ଦେଶ ଛନ୍ଦର ଛାଞ୍ଚଟା ଉପରେ ଯେତେ ଜୋର୍ ଦେଇଛି, ତା'ର ଭିତରେ ପ୍ରାଣ, ଗତି ଓ ତାଳ ଉପରେ ସେତେ ଚାପ ଦେଇ ନାହିଁ । ସେଥିପାଇଁ ବାହ୍ୟ ଶୃଙ୍ଖଳାଟିକୁ ଅତିମାତ୍ରାରେ ସେ ଦେଖିଛି କିନ୍ତୁ ହରାଇଛି ଜାତୀୟ ଜୀବନରେ ଥିବା ପ୍ରାଣଶକ୍ତିର ନିବିଡ଼ ଶାନ୍ତି ଓ ପ୍ରସାଦଗୁଣ । କ୍ରମଶଃ ସେସବୁ ଜିନିଷ ତା'ଠୁଁ ଦୂରେଇ ଯାଇଛି । ସେଥିପାଇଁ ଜର୍ମାନଜାତି ଏକ ଜାତି ହିସାବରେ ମୁଣ୍ଡ ଟେକିବାକୁ ଯାଉଯାଉ ପଥ ମଧ୍ୟରେହିଁ ପଡ଼ିଯାଇଛି, କହିବାକୁ ଗଲେ ଅସଫଳ ହୋଇଛି ।

ଆଜି ଭାରତବର୍ଷର ଜାତୀୟ-ଜୀବନରେ ଉଦ୍‌ବୋଧନର ଦିନ ଆସି ପହଞ୍ଚିଛି । ଏବେ ଏହାର ମୂଳରେ, ଭିତ୍ତିରେ ଆମେ ଯେଉଁ ସୁରଟିଏ ସଂଯୋଜିତ କରିବା, ସେଇ ସୁରଟିହିଁ ତାକୁ ବରାବର ନିୟନ୍ତ୍ରିତ କରିବ । ଆଜି ଯଦି ଆମେ ଭାବୁ ସେ ଦେଶର ଜାତିର ଭିତ୍ତିଟିକୁ ଏ ଅବସ୍ଥାରେ ଯେମିତି ସେମିତି ବସାଇଦେଲେ ଚଳିବ, ପରେ ଦେଖିବା କ'ଣ କଲେ, କେମିତି ଗଢ଼ିଲେ ଭଲ ହେବ – ସେ ଜିନିଷ, ସେପ୍ରକାର ଭାବନା ଠିକ୍ ନୁହେଁ । ଆଜିକାର ଯେଉଁ ଅଭ୍ୟାସ, ଆଜିକାର ଯେଉଁ ସଂସ୍କାର ଆମ କର୍ମକୁ ଚଳାଇନେବ, ତାହାରି ଫଳ ଭବିଷ୍ୟତରେ ଆମ ଜାତୀୟ ଜୀବନକୁ ଭୋଗ କରିବାକୁ ପଡ଼ିବ ବା ଭୋଗ କରିବାକୁ ପ୍ରସ୍ତୁତ ହୋଇ ରହିବାକୁ ପଡ଼ିବ । ଏବେ ଯଦି ଆମେ ଅସୁସ୍ଥ ବ୍ୟକ୍ତି ଭଳି, ଦୁର୍ବଳ-ପ୍ରାଣର ବ୍ୟକ୍ତି ଭଳି ଗୋଡ଼ହାତ ଛିଞ୍ଚାଡ଼ି, ବାଡ଼େଇ କଚାଡ଼ି ଓ ପାଚିଡୁଣ୍ଡ କରି କିଛି ଗୋଟାଏ ମସ୍ତ ବଡ଼ କାମ କରି ପକାଇବାକୁ ବାହାରିବା, ତେବେ ଆମର ପ୍ରାଣଶକ୍ତି ଆହୁରି କ୍ଷୀଣ ହୋଇଯିବ । ଆମ ଦେଶର ପ୍ରାଣରେ ଆଜି ଦରକାର ଅନ୍ତରର ସ୍ଥିରତା ଓ ପ୍ରଶାନ୍ତି, ଏକ ଉଦାର 'ଅଚଳ-ପ୍ରତିଷ୍ଠ' ଭାବ ଏବଂ ବାହ୍ୟକ୍ଷେତ୍ରରେ ଦରକାର ସୁସଂହତ ଶୃଙ୍ଖଳା ଓ ସୁଷମ ଛନ୍ଦର ଲାସ୍ୟ (Eurhythmic) ।

('ସ୍ୱରାଜ ଗଠନେର୍ ଧାରା'ରୁ 'ଛନ୍ଦେର ଜୀବନ'ର ଅନୁବାଦ)

ଭାଷାନ୍ତର : କୃଷ୍ଣାଦେବୀ ❑

# ଉଜ୍ଜ୍ୱଳ ଅତୀତ

## (୨୩)

## ପ୍ରମୀଳା ଦେବୀ

୧୭ ତାରିଖ, ନଭେମ୍ବର ୧୯୭୩ ମସିହା, ଶ୍ରୀମାଙ୍କର ମହାପ୍ରୟାଣ ଦିବସ ରୂପେ ଚିହ୍ନିତ ହେଲା । ଆମମାନଙ୍କ ଜୀବନରେ ସେଇ ଦିବସଟି ସବୁଠାରୁ ସ୍ମରଣୀୟ ହୋଇ ରହିଗଲା । ସେଦିନର ବର୍ଣ୍ଣନା ଦେବା ମୋ ପକ୍ଷେ ସାଧ୍ୟାତୀତ । ନଳିନୀଦା'ଙ୍କର ''ମଧୁମୟୀ ମା'' ବହିଟି ପାଠ କଲେ ମା'ଙ୍କ ମହାପ୍ରୟାଣ ବିଷୟରେ ସବୁକିଛି ବୁଝିହୁଏ । 'ମା' ନାହାନ୍ତି – ଏକଥା ଆମେ କେହି ଅନୁଭବ କରୁନା, ଆମେ ବୋଧକରୁ ଶ୍ରୀମା ତାଙ୍କର ସୂକ୍ଷ୍ମଦେହ ନେଇ ଆମ ଜୀବନ ଓ କର୍ମ ଆଦି ପରିଚାଳନା କରୁଛନ୍ତି । ସେଇ ୨୦ ତାରିଖରେ ମା'ଙ୍କ ଦେହ ସମାଧିସ୍ଥ କରାଗଲା, ତା'ପରେ ସେଇ ସମାଧି ପାଖରୁ ବସୁଧାବେନଙ୍କର ହାତଧରି ଧୀରେ ଧୀରେ ତାଙ୍କ ନିଜ ପ୍ରକୋଷ୍ଠରେ ନଳିନୀଦା' ପ୍ରବେଶ କଲେ । ଏ ଦୃଶ୍ୟ ଦେଖି ଖୁବ୍ କଷ୍ଟ ହେଲା ମୋ ମନରେ । ଶୀଘ୍ର ଶୀଘ୍ର ମୋ ଘରକୁ ଫେରିଆସିଲି ମା'ଙ୍କ ନାମ ଜପ କରି କରି । ସେଦିନ ପରଠାରୁ ମୁଁ ଅନେକ ଦିନ ଧରି ନଳିନୀଦା'ଙ୍କ ଦେଖା ପାଇନି । ଦିନେ କୌଣସି ଏକ କାମରେ ମୁଁ ନଳିନୀଦା'ଙ୍କ ଘରକୁ ଯାଇଥିଲି । ଦେଖିଲି ସେ ଚୌକିରେ ବସି ବହି ପଢୁଛନ୍ତି । ଅଣିମାଦି'ଙ୍କୁ ମୋର ପ୍ରୟୋଜନୀୟ ଜିନିଷଟି ଦେବାକୁ କହିବାରୁ, ସିଏ ଖୁସି ମନରେ ଜିନିଷଟି ଆଣି ମୋତେ ଦେଲେ । ଫେରି ଆସୁଛି, ଅଣିମାଦି' ମୋତେ ପଛରୁ ଡାକି କହିଲେ, ''ପ୍ରମୀଳାଦି, ନଳିନୀଦା ଆପଣଙ୍କ ଆଡ଼କୁ ଚାହିଁ ହସୁଛନ୍ତି ।'' ମୁଁ ଟିକିଏ ଫେରିଆସି ନଳୀନୀଦା'ଙ୍କ ସମ୍ମୁଖରେ ଠିଆହେଲି, ସେ ଧୀରେ କୋମଳ ହସରେ ମୋତେ ଚାହିଁ କିଛି କହିଲେ ନାହିଁ । ତାଙ୍କର ଏଇ ହସରୁ ବୁଝିଲି ସେ କେତେ ଗଭୀରକୁ ଯାଇ ମା'ଙ୍କର କାମ କରିଯାଉଛନ୍ତି । ତାଙ୍କର ଏଇ ହସ ଭିତରୁ ମା'ଙ୍କ ହସର ଅଭାବପୂରଣ ହେବାର ସାନ୍ତ୍ୱନା ଅନୁଭବ କଲି । ମା' ଯେ ନିକଟରେ ଅଛନ୍ତି – ଏକଥା ଯେ କେତେ ସତ୍ୟ, ତା'ର ପ୍ରମାଣ ନଳିନୀଦା'ଙ୍କର ହସରୁ ବୋଧ କଲି ।

*

ଶ୍ରଦ୍ଧେୟ ନଳିନୀଦା'ଙ୍କର ସ୍ନେହର ସ୍ପର୍ଶ ଆହୁରି କେତେ ଥର ପାଇଛି । ଥରେ ମୋର ଗୋଟିଏ ଜନ୍ମଦିନରେ ନଳିନୀଦା' ପ୍ରଥମ କରି ଏକାକୀ ଖାଇବାକୁ ଆସିଥିଲେ ମୋର ଆମନ୍ତ୍ରଣ ରଖି । ସାଧାରଣତଃ ଅମୃତଦା'ଙ୍କୁ ବାଦ୍ ଦେଇ ସେ ଏକା କେବେ ନିମନ୍ତ୍ରଣ ଗ୍ରହଣ କରନ୍ତି ନାହିଁ । ସେଥିପାଇଁ ଆମ ବୋଡ଼ିଂକୁ ଖାଇବାକୁ ଡାକିବାକୁ ହେଲେ ପ୍ରଥମେ ମୁଁ ଅମୃତଦା'ଙ୍କୁହିଁ ଡାକିବାକୁ ଯାଏ । ଥରେ ଅମୃତଦା' ଖାଇବା ଶେଷ କରିବା ଆଗରୁ ଫୁଲକୋବିର ଡାଲମା ଆଉ ଟିକିଏ ଖାଇବାକୁ ଇଚ୍ଛାକଲେ, ମୁଁ ତରକାରି ବାଟି ଧରି ଦେବାକୁ ଯାଉଛି, ନଳିନୀଦା' ବାଧାଦେଲେ । କହିଲେ, ''ଅମୃତକୁ ଆଉ ଦିଅ ନାହିଁ, ପେଟ ବ୍ୟଥା ନେଇ ରାତିରେ ଯନ୍ତ୍ରଣା ଭୋଗୁଛି'' । ମୁଁ ଦେଇପାରିଲି ନାହିଁ, ଅଥଚ ଠିଆ ହୋଇ ରହିବା ଦେଖି ନଳିନୀଦା' କହିଲେ, ''ଆଚ୍ଛା, ଟିକିଏ ମାତ୍ର ଦିଅ ତାଙ୍କୁ ।'' ଅମୃତଦା' ଛୋଟ ପିଲାଙ୍କ ପରି ଆଶ୍ୱସ୍ତ ହୋଇ ଖୁସିରେ ଇଙ୍ଗିତ କଲେ ଅଳ୍ପ ଦେବାକୁ । ଅମୃତଦା'ଙ୍କୁ କୋବିର ଡାଲମା ଦେଇସାରି ଟମାଟୋ ଚଟଣି ଦେବାକୁ ଗିନା ନେଇ ନଳିନୀଦା'ଙ୍କ ପାଖରେ ପହଞ୍ଚିଲା କ୍ଷଣି ସେ କହିଲେ, 'ଆହୁରି ଖାଇବାକୁ ହେବ ?' ଅମୃତଦା' ସାଙ୍ଗେ ସାଙ୍ଗେ ସେଇପରି କହିଲେ, ''ଆଉ ଟିକିଏ, ଆପଣଙ୍କୁ ଚଟଣି ଭଲଲାଗେ ଜାଣି ସେ ଦେବାକୁ ଚାହୁଁଛି ଆଉ ଟିକିଏ ଅଧିକା !''

ଯେବେ ଶେଷଥର ପାଇଁ ଦୁଇଜଣଯାକ ସାଙ୍ଗହୋଇ ଆସିଥିଲେ, ଅମୃତଦା' କେବଳ ଲେମ୍ବୁ ସରବତ ପିଇଲେ, କିଛି ଖାଇଲେ ନାହିଁ । ଏହାହିଁ ତାଙ୍କର ଝୁନ୍‌ଝୁନ୍ ହୋମ୍‌କୁ ଶେଷଥର ପାଇଁ ଆସିବା । ଅମୃତଦା'ଙ୍କର ଦେହରକ୍ଷା ପରେ ନଳିନୀଦା' ଥରେ ଜଣକର ଜନ୍ମଦିନ ଉପଲକ୍ଷ୍ୟେ ଆସିଥିଲେ; ପିଲାଟିର ଅନୁରୋଧ ରକ୍ଷା କରି ସନ୍ଧ୍ୟା ଛ'ଟା ପରେ ଟିକିଏ ବିଳମ୍ବରେ ପହଞ୍ଚିଲେ । କେହି ନାହାନ୍ତି ବୋଡ଼ିଂ ଖାଲି । ମୁଁ ନଳିନୀଦା'ଙ୍କୁ ଖାଇବାକୁ ଦେଉଥାଏ ଓ ସେ ଅତୀତ ଜୀବନର ରନ୍ଧାବଢ଼ାର କଥା କହୁଥା'ନ୍ତି । ସେଦିନ ତାଙ୍କ ପାଇଁ ଯାହା ଉପାଦେୟ ସେଇସବୁ ରାନ୍ଧିଥିଲି । ସବୁ ଜିନିଷ ଚାଖି ସେ

ମୋତେ ଚାହିଁ ଟିକିଏ ହସି ମନ୍ତବ୍ୟ କଲେ : ''ଏଥର ସବୁଯାକ ରନ୍ଧା ବେଶ୍ ଭଲ ହୋଇଛି ।'' ମୁଁ କହିଲି ମୁଁ ଆଗେ ଯେତେଥର ରାନ୍ଧି ଆପଣମାନଙ୍କୁ ଖାଇବାକୁ ଦେଇଛି, ମୋତେ ଲାଗେ ଯେ ସେସବୁର ସ୍ୱାଦ ଆପଣଙ୍କର ମନଃପୂତ ହୋଇ ନାହିଁ, ପ୍ରତିଟି-ଥର ବୋଧକରେ ଯେ ରନ୍ଧା ଠିକ୍ ହୋଇ ନାହିଁ, ସତ ନା ?'' ନଳିନୀଦା' ମୁଣ୍ଡ ହଲାଇ କହିଲେ, ''ଅମୃତ ଏତେ ଉଚ୍ଛ୍ୱସିତ ପ୍ରଶଂସା କରିପକାଏ ଯେ ମୁଁ ଆଉ କିଛି କହିପାରେନି । ସତରେହିଁ ଏଥର ଖୁବ୍ ଭଲ ରନ୍ଧା ହୋଇଛି – ସବୁକିଛି ।'' ଆମ ବୋଡ଼ିଂରେ ଏହା ତାଙ୍କର ଶେଷ ଖାଇବା ।

*

ଆମ ବୋଡ଼ିଂକୁ ଶେଷଥର ପାଇଁ ନଳିନୀଦା' ଆସିଥିଲେ ରବିର ଜନ୍ମଦିନରେ, ରବି ତାଙ୍କର ନାତି (ଭଣଜାର ପୁଅ) । ରବିକୁ ନଳିନୀଦା' ଖୁବ୍ ଭଲପା'ନ୍ତି । ସେଦିନର ସ୍ମୃତି ଆହୁରି ସୁନ୍ଦର । ରବି ମୋତେ ତାଙ୍କ ପାଖକୁ ସାଙ୍ଗରେ ନେଇଗଲା, ତାଙ୍କୁ ପ୍ରଣାମ କଲୁ ଦୁହେଁ, ରବି ତାଙ୍କୁ ଦ୍ୱିପ୍ରହର ଆହାର ନିମନ୍ତେ ନିମନ୍ତ୍ରଣ କଲା । ମାତ୍ର ସେ କହିଲେ, ''ମୋ ପାଇଁ ବିଶେଷ କିଛି କରିବ ନାହିଁ । ଆଜିକାଲି ଜଗିରଖି ଖାଇବାକୁ ହେଉଛି ମୋତେ । ଖାଇବାଟା ଗୌଣ, ଅସଲ କଥା ହେଲା ରବିକୁ ଦେଖିବାକୁ ବୋଡ଼ିଂକୁ ଯିବି ଥରେ, କେତେବେଳେ ଗଲେ ରବିକୁ ପାଇବି ? ଖେଳପଡ଼ିଆରୁ ଘ୬.୧୫ମି.ରେ ଗାଡ଼ି ଆସେ, ତା'ହେଲେ ଛ'ଟା ପରେ ମୁଁ ସିଧା ବୋଡ଼ିଂକୁ ଚାଲିଆସିବି ।''

ଯା' ହେଉ, ନଳିନୀଦା' ଠିକ୍ ଛଅଟାରେ ପହଞ୍ଚିଲେ । ଘରକୁ ପଶିଲେ ନାହିଁ, ବାରଣ୍ଡାରେ ବଗିଚା ପାଖରେ ଚେୟାର ପକାଇ ଦେଲି, ସିମେଣ୍ଟର ବେଞ୍ଚକୁ ଲାଗି ବସିଲେ ଓ ବଗିଚାକୁ ନିରୀକ୍ଷଣ କଲେ । ମୁଁ କହିଲି, ''ବଗିଚାଟା ଆଗଭଳି ଆଉ ନାହିଁ, ଖରାପ ହୋଇଯାଇଛି ।'' ନଳିନୀଦା' ମନ୍ତବ୍ୟ କଲେ, ''ଏଇ ଋତୁରେ ବଗିଚା ସୁନ୍ଦର ରହେ ନାହିଁ ।'' ସେ ତାଙ୍କ ଫାଇଲ ଖୋଲି ଗୋଟିଏ ଲଫାପା ବାହାର କଲେ, ସେଥିରୁ ଛବିଟିଏ କାଢ଼ିଲେ ଓ ମୋ ହାତରେ ଦେଇ ପଚାରିଲେ, ''କାହାର ଛବି କହିପାରିବ ?'' ମୁଁ ଉତ୍ତର ଦେଲି, ''ଆପଣଙ୍କ ଛବି ନଳିନୀଦା'' !' ଟିକିଏ ଚୁପ୍ ରହି ତା'ପରେ କହିଲେ, ''ହଁ ମୋରି ଛବି, ମା' ଆଙ୍କିଛନ୍ତି, ଚିହ୍ନିପାରିଛ ତା'ହେଲେ ।'' ମୁଁ କହିଲି, ''ଚିହ୍ନି ପାରିଲି ଓ ମା' ନିଜ ହାତରେ ଆଙ୍କିଛନ୍ତି, ତା' ବି ବୁଝିପାରିଲି । ଛବିଟା କି ସୁନ୍ଦର ହୋଇଛି !'' ନଳିନୀଦା'ଙ୍କର ଏକ ଉଜ୍ଜ୍ୱଳ ଜ୍ୟୋତିର୍ମୟ ଚିତ୍ରପଟ ! ଭିତର ବାହାର ଯେମିତି ସମାନ ଭାବରେ ଦୀପ୍ତ । ରବି ଗ୍ରୁପରୁ ଫେରିଆସିଲା । ଦୌଡ଼ିଯାଇ ହାତଗୋଡ଼ ଧୋଇ, ମୁହଁ ପରିଷ୍କାର କରି ଆସି ନଳିନୀଦା'ଙ୍କୁ ପ୍ରଣାମ କଲା । ଆଠବର୍ଷର ରବି ହାତରେ ନଳିନୀଦା' ଛବିଟି ବାହାର କରି ଦେଲେ । ଛବିଟିକୁ ଚାହିଁ ରବି କହିଲା, ''ଜେଜେବାପା, ଏଇଟା ମା'ଙ୍କର ଅଙ୍କା ତୁମର ଛବି !'' ପିଲାଟି ମୁହଁରୁ ଏତିକି କଥା ଶୁଣି ଖୁସିରେ ଉଚ୍ଛ୍ୱସିତ ହୋଇ କହିଲେ ନଳିନୀଦା', ''ତୁମେ ଠିକ୍ ଚିହ୍ନିପାରିଛ ।'' ମୁଁ ପ୍ରଶ୍ନ କଲି, ''ରବି ଖୁସି ହେଲ ତ ?'' ରବି ଉତ୍ତରରେ କହିଲା, ''ଜେଜେ ! ମୁଁ ଭାରି ଖୁସି'' । ନଳିନୀଦା' କହିଲେ, ''ମୁଁ ଆସେ ତା'ହେଲେ, କାଲି ସକାଳେ ମୋ ପାଖକୁ ଆସିବ ।''

ଆମ ବୋଡ଼ିଂକୁ ଏଇ ଆସିବାଟା ଆମ ପାଇଁ ତାଙ୍କର ଶେଷ ଆଗମନ । ଆମେ ତାଙ୍କୁ ପ୍ରଣାମ କଲୁ ।

ରବି ଓ ମୁଁ ନଳିନୀଦା'ଙ୍କ ସାଙ୍ଗରେ ତାଙ୍କୁ ବାଟେଇ ଦେବାକୁ ଆଶ୍ରମର ପଛପଟ ଫୁଟପାଥ୍ ଯାଏ ଗଲୁ । ଫୁଟପାଥ୍‌ରେ ଚଢ଼ି ନଳିନୀଦା' ତାଙ୍କ ପ୍ରକୋଷ୍ଠର ଝରକା ପାଖରେ ପହଞ୍ଚି, ସେଠାରୁ ସେ ପଛକୁ ଫେରି ଆମକୁ ଚାହିଁଲେ । ରବି ହାତ ହଲାଇ ତାଙ୍କୁ ବିଦାୟ ଦେଲା, ଦୁଇଜଣ ଯାକ ବୋଡ଼ିଂକୁ ଫେରିଆସିଲୁ ।

(କ୍ରମଶଃ)

ଅନୁବାଦ : କୃଷ୍ଣାଦେବୀ

❑❑❑

# ଅଭିଯୋଗକାରୀଙ୍କ ପାଇଁ

## ମାଧବ ପଣ୍ଡିତ

କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଅଭିଯୋଗ କରିବାରେ ଅଭ୍ୟସ୍ତ । ସେମାନେ କେବେ ସନ୍ତୁଷ୍ଟ ହୋଇ ନଥା'ନ୍ତି । ଏପରିକି ଉପସ୍ଥିତ ପରିସ୍ଥିତିରେ ବସ୍ତୁସକଳ ଯେତେ ଭଲ ହୋଇଥିଲେ ସୁଦ୍ଧା ସେମାନେ ସନ୍ତୁଷ୍ଟ ହୋଇ ନଥା'ନ୍ତି । ଅଭିଯୋଗ କରିବା ପାଇଁ ସେମାନେ ତଥାପି ସୁଯୋଗ ଖୋଜି ନିଅନ୍ତି । ଏହି ଅଭ୍ୟାସ ସେମାନଙ୍କ ଭିତରେ ଏତେ ବେଶୀ ମଜ୍ଜାଗତ ହୋଇଯାଏ ଯେ ସେମାନେ ସର୍ବଦା ଜୀବନର ନକାରାତ୍ମକ (negative) ଦିଗଟିକୁ ଦେଖିବାରେ ପ୍ରବୃତ୍ତ ହୁଅନ୍ତି ଏବଂ ସମୁଜ୍ଜ୍ୱଳ ଦିଗଟିକୁ ଉପେକ୍ଷା କରିଥା'ନ୍ତି । ସେମାନେ ପରିବେଷ୍ଟନୀ ଭିତରେ ଥିବା ଦୋଷତ୍ରୁଟିଗୁଡ଼ିକ ବିଷୟରେହିଁ ଚିନ୍ତା କରୁଥା'ନ୍ତି । ସେମାନଙ୍କ ପ୍ରତି ଅନ୍ୟମାନେ ସହାନୁଭୂତିହୀନ ବୋଲି ସେମାନେ ସର୍ବଦା ଅନୁଭବ କରୁଥା'ନ୍ତି । ସଂସାର ସେମାନଙ୍କ ପ୍ରତି ବିରୁଦ୍ଧ ଆଚରଣ କରୁଛି ବୋଲି ସେମାନେ ଦୀର୍ଘ ଆର୍ତ୍ତଚିତ୍କାର ସହ ପ୍ରକାଶ କରୁଥା'ନ୍ତି । ସେମାନଙ୍କ ସେହି ମନୋବୃତ୍ତି ଯେ ବାତାବରଣ ମଧ୍ୟରେ ପ୍ରତିକୂଳ ସ୍ପନ୍ଦନ ସୃଷ୍ଟି କରେ ଏବଂ ସେମାନଙ୍କ ଆଶଙ୍କା ଅନୁସାରେହିଁ ଘଟଣାସବୁ ଯେ ଘଟିଥାଏ, ଏହା ସେମାନେ ଲକ୍ଷ୍ୟ କରିପାରନ୍ତି ନାହିଁ । ଏହା ଏକ ଅନର୍ଥକାରୀ ଚକ୍ର ।

ଏହା ନିଶ୍ଚିତ ଯେ ଜୀବନ ଗୋଲାପ ଫୁଲର ଶଯ୍ୟା ନୁହେଁ । ଜୀବନ ହେଉଛି ଅନୁଭୂତିର ଏକ କ୍ଷେତ୍ର ଏବଂ ପ୍ରତ୍ୟେକ କୋଣରେ ବାଧାବିଘ୍ନ ଓ ସଂଘର୍ଷ ରହିଛି, କାରଣ ଅଜ୍ଞାନତାର ବର୍ତ୍ତମାନ ବ୍ୟବସ୍ଥା ଭିତରେ ଯଦି ପ୍ରଗତି ଲାଭ କରିବାକୁ ହେବ ତେବେ କେବଳ ପରିସ୍ଥିତିର ଏଭଳି ଚାପରେହିଁ ତାହା ସମ୍ଭବ । ଯଦି ଆମର ମନୋଭାବ ଯଥାର୍ଥ ହୋଇଥାଏ, ତେବେ ଜୀବନ ଆଗ୍ରହୋଦ୍ଦୀପକ ଓ ଆହ୍ୱାନମୂଳକ ହୋଇଉଠେ । ଆମେ ଯଦି ସର୍ବଦା ଅଭିଯୋଗ କରୁ ତେବେ ଅଭିଯୋଗଗୁଡ଼ିକ ବାସ୍ତବ ହେଉ ବା କାଳ୍ପନିକ ହେଉ, ସେଗୁଡ଼ିକର ଉତ୍‌ପ୍ରେରକ କାରଣ ବହୁଗୁଣିତ ହେବାକୁ ଲାଗେ । ଯେଉଁମାନେ ସର୍ବଦା ଅଭିଯୋଗ କରୁଥା'ନ୍ତି ଏବଂ ଆପଣାର ଦୁର୍ଭାଗ୍ୟଜନକ ଅବସ୍ଥାକୁ ନେଇ ରୋଦନ କରୁଥା'ନ୍ତି ସେମାନଙ୍କ ପାଇଁ ମାଆଙ୍କର ଏକ ସରଳ ଉପଦେଶ ରହିଛି – ''ଅବସ୍ଥାଗୁଡ଼ିକୁ ଠିକ୍ କରିନେବାକୁ ପ୍ରୟାସ କର ଅଥବା ସେଗୁଡ଼ିକୁ ଅନିବାର୍ଯ୍ୟ ବୋଲି ଭାବି ସହି ନିଅ ବା ସ୍ୱୀକାର କରି ନିଅ ଏବଂ ବିନା ପ୍ରତିବାଦରେ ସେଗୁଡ଼ିକୁ ସାଙ୍ଗରେ ନେଇ ଜୀବନ କାଟ ।''

ପ୍ରୟାସ ଦ୍ୱାରା ଆମ ଚାରିପାଖରେ ଥିବା ପରିସ୍ଥିତିଗୁଡ଼ିକୁ ବହୁ ପରିମାଣରେ ସୁଧାରିନେବା ସମ୍ଭବ । ସେଗୁଡ଼ିକ ଠିକ୍ କରି ନେବାକୁ ଚେଷ୍ଟା କରିବା ପୂର୍ବରୁ ଆମକୁ ନିରପେକ୍ଷ ଭାବରେ ପରିସ୍ଥିତିଗୁଡ଼ିକୁ ତଥା ସଂପୃକ୍ତ କାରଣଗୁଡ଼ିକୁ ଅନୁଧ୍ୟାନ କରିବାକୁ ପଡ଼ିବ । ଆମର ବ୍ୟକ୍ତିଗତ ପସନ୍ଦ, ନାପସନ୍ଦ ଦ୍ୱାରା ଆମର ମୂଲ୍ୟାୟନକୁ ପ୍ରଭାବିତ ଓ ବିକୃତ ହେବାକୁ ଛାଡ଼ିଦେବା ଅନୁଚିତ । ଅଧିକାଂଶ ସମୟରେ ଆମେ ଦେଖୁ ଯେ ଆମ ନିଜ ଭିତରେ ଏପରି ଅନେକ କିଛି ରହିଛି ଯାହାକି ଆମ ଚାରିପାଖର ବାଧାବିଘ୍ନଗୁଡ଼ିକୁ ଖୋରାକ ଯୋଗାଉଥାଏ । ଅନ୍ୟମାନଙ୍କ ଉପରେ ଆମର ଆଶା, ଆମର ବିଭିନ୍ନ ପ୍ରକାର ପ୍ରତିକ୍ରିୟା, ଦୈନନ୍ଦିନ ଜୀବନର ଦାବିଗୁଡ଼ିକର ପୂରଣ ପାଇଁ ଆମର ସାମର୍ଥ୍ୟ ବା ଅସାମର୍ଥ୍ୟ – ଏସବୁ ତାହାର ଅନ୍ତର୍ଭୁକ୍ତ । ଏହି ଉପାଦାନଗୁଡ଼ିକୁ ସିଧାସଳଖ ଦେଖିପାରିବା ଓ ଆମର ଚିନ୍ତାର ମାର୍ଗକୁ (wavelength)କୁ ତଦନୁସାରେ ସଜାଡ଼ି ନେବା ଆମ ପକ୍ଷରେ ସମ୍ଭବ ହେବା ଉଚିତ ।

ଯଦି ଆମ ବାହାରର କୌଣସି କାରଣ ଯୋଗୁଁ ଅସୁବିଧାଗୁଡ଼ିକ ସୃଷ୍ଟି ହୋଇଥିବା ସ୍ପଷ୍ଟତଃ ଜଣାପଡ଼େ ତେବେ ପରିସ୍ଥିତିକୁ ଯଥା ସମ୍ଭବ ବଦଳାଇବା ପାଇଁ ଆମକୁ ଆମର ଇଚ୍ଛାଶକ୍ତି ଓ ବୁଦ୍ଧିକୁ ଜାଗ୍ରତ୍ କରିବାକୁ ହେବ । ଆମେ ନିଜେ ନିଜେ କିଂବା ଅନ୍ୟମାନଙ୍କ ସହଯୋଗ ଦ୍ୱାରା ପରିସ୍ଥିତିରେ ଏକ ନିର୍ଦ୍ଦିଷ୍ଟ ପରିମାଣର ପରିବର୍ତ୍ତନ ଘଟାଇ ପାରିବା ସର୍ବଦା ସମ୍ଭବ । ଆମେ କୌଣସି ବିଷୟକୁ କଦାପି ପକାଇ ରଖିବା ନାହିଁ କି ଆପଣା ଭାଗ୍ୟକୁ ନେଇ ବିଳାପ କରିବା ନାହିଁ । ବିଶ୍ୱପ୍ରକୃତି ଭିତରେ ତଥା ପରିବେଶ ଭିତରେ ସର୍ବଦା ସହାୟକ ଉପାଦାନସବୁ ରହିଛି ଏବଂ ସର୍ବୋପରି ପ୍ରତ୍ୟେକ ଯଥାର୍ଥ ଉଦ୍ୟମକୁ ସାହାଯ୍ୟ ସମର୍ଥନ ଯୋଗାଇବାକୁ ଭଗବତ୍ କୃପା ବିଦ୍ୟମାନ । ଆମେ ଯଦି ଅନବରତ ଲାଗି ରହୁ, ତେବେ ବାଧାବିଘ୍ନସବୁ ଆସ୍ତେ ଆସ୍ତେ ଦୂର ହେବାକୁ ବାଧ୍ୟ ।

ଅବଶ୍ୟ ଯଦି ଏପରି ଏକ ଉଦ୍ୟମ ପାଇଁ ଆମର ସାହସ ନ ଥାଏ ତା'ହେଲେ ବସ୍ତୁସକଳ ଯେପରି ଅଛନ୍ତି ସେହି ରୂପରେ ସେଗୁଡ଼ିକୁ ସ୍ୱୀକାର କରିନେବା ବୁଦ୍ଧିମାନର କାର୍ଯ୍ୟ ହେବ । ସେପରି କ୍ଷେତ୍ରରେ ବାଧାବିଘ୍ନ ବିରୋଧରେ ସଂଗ୍ରାମ କରିବାକୁ ଆମର ସାମର୍ଥ୍ୟ ନାହିଁ ବୋଲି ଆମେ ମାନିନେଉ ଏବଂ ଜୀବନ ଯେପରି ଅଛି ସେହି ରୂପରେ ତାକୁ ଗ୍ରହଣ କରିନେଉ । ଏହାକୁ ଅତୀତର କୌଣସି କର୍ମର ଫଳ ବୋଲି କିଂବା ସାଧାରଣ ଅଗ୍ରଗତି (କିଂବା ଆମ ଦୃଷ୍ଟିରୁ ପଶ୍ଚାଦ୍‌ଗତି) କ୍ଷେତ୍ରରେ ଏହା ଏକ ସ୍ୱାଭାବିକ ଉପାଦାନ ବୋଲି କହି ଆପଣାକୁ ସାନ୍ତ୍ୱନା ଦେଉ କିଂବା ଏହାକୁ ଭଗବାନଙ୍କ ଇଚ୍ଛାରୂପେ ଗ୍ରହଣ କରି ଆଉ ସେ ବିଷୟରେ ଚିନ୍ତା କରୁ ନାହିଁ । ବାସ୍ତବରେ କେତେକ ବ୍ୟକ୍ତି ଏହି ମନୋଭାବ ପୋଷଣ କରି ଜୀବନରେ ବିନା କୌଣସି ଅଭିଯୋଗ ସହ ଆଗେଇ ଯା'ନ୍ତି । ସେମାନେ ପ୍ରଫୁଲ୍ଲତା ଓ ଆଶାବାଦର ଦୃଷ୍ଟାନ୍ତ ହୋଇ ନ ପାରନ୍ତି କିନ୍ତୁ ସେମାନେ ଆତ୍ମ-ଅନୁକମ୍ପାରେ ମଜ୍ଜିଯାଆନ୍ତି ନାହିଁ କିଂବା ସଂସାରର ଅନ୍ୟାୟଗୁଡ଼ିକ ପାଇଁ ଶୋକ କରନ୍ତି ନାହିଁ । ଏହା ନିଃସନ୍ଦେହ ଯେ ସେମାନେ ଦୃଢ଼ ସଂକଳ୍ପବାନ୍ ବ୍ୟକ୍ତି ନୁହନ୍ତି କିନ୍ତୁ ସେମାନେ ଅସୁଖୀ ବି ନୁହନ୍ତି ଏବଂ ନିଜ ଲାଗି ଅନ୍ୟମାନଙ୍କୁ ଅସୁଖୀ କରନ୍ତି ନାହିଁ ।

[Commentaries on the Mother's Ministry, Part-III, ପୁସ୍ତକର For Complainersର ଅନୁବାଦ]

ଭାଷାନ୍ତର : ଶେଖ୍ ଅବଦୁଲ୍ କାଶମ ❑

# କେହି ନ ଥିଲା ବେଳେ

## ଯଦୁନନ୍ଦନ ସାମଲ

କେହି ନଥିଲା ବେଳେ
ତୁମ ସାଥେ ହୁଏ ଯେବେ ଦେଖା
ଲାଗେ ନାହିଁ କେବେ ଏକା ଏକା,
ସବୁ ଖୋଲି କହି ହୁଏ
ନିରବରେ ନକରି ସଂକୋଚ,
ଲାଗେ ନାହିଁ ତୁମେ କେବେ
ମୋ ସକାଶେ ଚିର ଅପହଞ୍ଚ ।
ଏହିଭଳି ଯେବେ ଏକ ଏକଲା ମୁହୂର୍ତ୍ତେ
ତୁମ ଆଗେ ହୋଇଗଲି ଉଭା,
ତୁମ ହସିଲା ମୁହଁର ଜ୍ୱଳନ୍ତ ଅଧରେ
ପ୍ରକାଶିଲା ଦିବ୍ୟସ୍ନିଗ୍ଧ ପ୍ରଭା;
''ସବୁକିଛି ହେବ, ନିରାଶ ହୁଅନା,
ବିଶ୍ୱାସ ରଖ ତୁମ ଆଦର୍ଶ ଉପରେ,''



— ଏକଥା ଶୁଣିଲା ପରେ
ବିରାଜିଲା ଆଦର୍ଶ ମୋ
ତୁମ କଥା, ତୁମରି ରୂପରେ ।
ଆଉ ନାହିଁ କେହି ମୋର ପୃଥିବୀ ମାଟିରେ
ଯାହାକୁ କରି ଆଦର୍ଶ
ଚାଲିବି ମୁଁ ଅଚିନ୍ତା ଛାତିରେ ।
ମନ ମୋର ଯେତେବେଳେ ହୋଇବ ଅଥୟ,
ଦୁର୍ବଳ ପ୍ରାଣସତ୍ତା ହେବ ଅସହାୟ,
ସେ ବେଳରେ ତୁମେ ଏକା ଦେଇ ବରାଭୟ
ଚଳାଇବ ଯାତ୍ରାପଥେ,
ନବଶକ୍ତି ହୋଇବ ଉଦୟ ।
ତୁମେ ମୋର ଚିରସାଥୀ, ଚିର ସହଚର,
ତୁମ ବିନା ଜୀବନ ମୋ ତପ୍ତ ବାଲିଚର । ❑

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୨୮)

## ସାହାନା ଦେବୀ

**ସାହାନା :** ମା'ଗୋ, ଏକ ଅଦ୍ଭୁତ ଘଟଣା ଏହି ଯେ ମୁଁ ସବୁ ଜିନିଷକୁ ଖୁବ୍ ଭଲଭାବେ ଏବଂ ପରିଷ୍କାର ବୁଝି ପାରୁଛି, କିନ୍ତୁ ଯଦି ମୁଁ ତିଳେ ମାତ୍ର ପ୍ରଶ୍ରୟ ଦିଏ କୌଣସି ଭାବ ବିହ୍ୱଳତାର ଅନୁଭବକୁ ତେବେ ତା'ସହ ଅନ୍ୟ ଦିଗରୁ ଅନେକ କିଛି ସ୍ଫୀତ ହୋଇଯାଏ । ସର୍ବଦା ସତର୍କ ରହିବା ଆବଶ୍ୟକ ବୋଲି ମୋର ମନେ ହେଉଛି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଠିକ୍ ଏଇଟାହିଁ ତୁମର କରିବା ଉଚିତ ନୁହେଁ । ଏହାକୁ ସୁନିର୍ଦ୍ଦିଷ୍ଟ ଭାବେ ନିଶ୍ଚିତ ରୂପେ ଦୂରକୁ ନିକ୍ଷେପ କର ଏବଂ ତୁମ ମନକୁ ଏଇ ଧାରଣା ମଧ୍ୟରେ ବାସ କରିବାକୁ ଦିଅ ନାହିଁ । ଏଇସବୁ ବିରୁଦ୍ଧ ଶକ୍ତି ଏବଂ ସେମାନଙ୍କର ପ୍ରସ୍ତାବ ଆଦି ଦିଗକୁ ତୁମର ମୁଖ୍ୟ ଦରଜା ବନ୍ଦ କରି ରଖ ।

୨୬.୪.୩୩

**ସାହାନା :** ମା'ଗୋ, ତୁମମାନଙ୍କ ଅପାର କରୁଣାରୁ ମୁଁ ସବୁ ଦିଗରୁ ଭଲରେ ଅଛି, କେବଳ ଶରୀର ମନରେ ପୁରାତନ ଅଭ୍ୟାସର ଅନୁସନ୍ଧିତ୍ସା ଏବଂ କୌତୂହଳର ଏକ ବନ୍ଧନ ଅନୁଭବ କରୁଛି । ମୁଁ ଏଇ ଅଭ୍ୟାସର ଗତିବିଧିଠାରୁ ନିଜକୁ ବିଚ୍ଛିନ୍ନ କରି ରଖି ପାରିଥିଲି ଏଇ ଭାବରେ ଯେ, ଯେମିତି କିଛି ଗୋଟାଏ ମୋ' ଭିତର ଦେଇ ଚାଲିଯାଉଛି ବୋଲି ମୁଁ ଦେଖୁଛି ତା' ଆଡ଼କୁ କୌଣସି ମନୋଯୋଗ ନଦେଇ, କିନ୍ତୁ ଯେଉଁ ବନ୍ଧନ କଥା ଲେଖୁଛି ତାହା ମୋତେ ତା'ରି ଆଡ଼କୁ ମନୋଯୋଗ ଦେବା ସକାଶେ ଟାଣୁଥିଲା । ମୁଁ ଶାନ୍ତଭାବେ ତୁମକୁ ଡାକୁଥିଲି ଏବଂ ସ୍ଥିର, ଶାନ୍ତ ଚିତ୍ତରେ ତା' ଆଡ଼କୁ କୌଣସି ମନୋଯୋଗ ଦେବାକୁ ଅସ୍ୱୀକାର କରୁଥିଲି । ମା'ଗୋ, ମୁଁ ତୁମକୁ ଲେଖୁଛି କେବଳ ଜଣାଇବାକୁ ଯେ ଏଇ ବନ୍ଧନ ମୋର ଯେମିତି କୌଣସି କ୍ଷତି ନକରେ । ପ୍ରକୃତରେ ଘଟଣାଟି ଏହିପରି ହେଉଥିଲା : ମୋର ଛୋଟ ଏକ ଅଂଶ ଏହି ବନ୍ଧନ ଅନୁଭବ କରୁଥିଲା ଯେ ଘଟଣାଟି କ'ଣ ହୋଇ ଚାଲିଛି ତା' ଆଡ଼କୁ ଫେରି ଚାହିଁବାକୁ – ଏବଂ ଅନ୍ୟାନ୍ୟ ସମସ୍ତ ଅଂଶଗୁଡ଼ିକ ଏହାକୁ ପରିଷ୍କାର ଦେଖି ପାରୁଥିଲା । ମୁଁ ଅନୁଭବ କରୁଥିଲି – ମୁଁ ଏହା ନୁହେଁ, କିନ୍ତୁ ମୋର ଗୋଟିଏ ଅଂଶ ଏପରିକି ତାହା ବି ମୋ' ସହ ଯୁକ୍ତ ନୁହେଁ, କାରଣ ବିଚ୍ଛିନ୍ନତାର ଏକ ଭାବ ରହୁଥିଲା, ମୁଁ ଅନୁଭବ କଲି ଯେ ମୁଁ ସ୍ୱତନ୍ତ୍ର ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏଇ ବିଚ୍ଛିନ୍ନତା ଦ୍ୱାରା ଏଇ ସବୁର ଅପସାରଣ ସମ୍ଭବ ହୁଏ । ୫. ୫. ୩୩

**ସାହାନା :** ମା'ଗୋ, ତୁମର ମହାକାଳୀର ପନ୍ଥା ଅବଲମ୍ୱନ କରିବାର କଥାଟି ଟିକିଏ ବୁଝେଇ ଦେବ କି ? କାହିଁକି ସମସ୍ତଙ୍କ ସହ ଏଇ ମହାକାଳୀ 'ପନ୍ଥା' ଅବଲମ୍ୱନ କର ନାହିଁ ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହା ନିର୍ଭର କରେ ବ୍ୟକ୍ତି ଉପରେ, ଅବସ୍ଥା ଏବଂ ଘଟଣାବଳୀ ଉପରେ । ମା'ଙ୍କର ମହାକାଳୀ ପନ୍ଥା, ଯେଉଁ ପନ୍ଥାର କଥା ତୁମେ କହିଛ, ମା' ସେଇ ମହାକାଳୀ ପନ୍ଥା ଅବଲମ୍ୱନ କରନ୍ତି – (୧) ସେମାନଙ୍କ ପାଇଁ ଯେଉଁମାନଙ୍କର ଆନ୍ତର ଉନ୍ନତି କରିବାର ଏକ ପ୍ରବଳ ଆଗ୍ରହ ଅଛି, ଏବଂ ଏକ ଭିତ୍ତିମୂଳକ ଆନ୍ତରିକତା କେଉଁଠାରେ ମଧ୍ୟ ରହିଛି ଏପରିକି ପ୍ରାଣ ସତ୍ତାରେ ମଧ୍ୟ (Vital being) (୨) ସେମାନଙ୍କ ସମ୍ୱନ୍ଧରେ ଯେଉଁମାନଙ୍କ ସଙ୍ଗେ ସେ ଅନ୍ତରଙ୍ଗଭାବେ ମିଶନ୍ତି, ଏବଂ ସେଇମାନଙ୍କୁ, ଯେଉଁମାନଙ୍କୁ ସେ ଜାଣନ୍ତି ଯେ ତାଙ୍କ କଠୋରତାରେ ସେମାନେ ଅସନ୍ତୁଷ୍ଟ ହେବେ ନାହିଁ ବା ତାଙ୍କୁ ଭୁଲ୍ ବୁଝିବେ ନାହିଁ କିଂବା ସେଇ ପନ୍ଥାକୁ ତାଙ୍କ ଦୟାର ଅବା କରୁଣାର ପ୍ରତ୍ୟାହାର ବୋଲି ଗ୍ରହଣ କରିବେ ନାହିଁ, ବରଂ ମନେ କରିବେ ତାହା ପ୍ରକୃତରେ ତାଙ୍କ କରୁଣା ଏବଂ ସାଧନାର ସହାୟ ବୋଲି । ଏପରି ଅନେକ ଅଛନ୍ତି ଯେଉଁମାନେ ଏଇ ପନ୍ଥା ସହ୍ୟ କରିପାରନ୍ତି ନାହିଁ – ଯଦି ସେଇ ପନ୍ଥା ସେମାନଙ୍କ ନିମିତ୍ତ ଅବଲମ୍ୱନ କରାଯାଏ ତା'ହେଲେ ସେମାନେ ହଜାର ମାଇଲ ଦୂରକୁ ପଳାୟନ କରିବେ ଭୁଲ୍ ବୁଝି, ବିଦ୍ରୋହ କରି ଏବଂ ନିରାଶ ହୋଇ । ମା' ଚାହାନ୍ତି ମନୁଷ୍ୟମାନେ ଯେପରି ତାଙ୍କ ନିଜର ଆତ୍ମା ନିମନ୍ତେ ପୂର୍ଣ୍ଣ ସୁଯୋଗ ପାଆନ୍ତି, ସେଥିନିମନ୍ତେ ପ୍ରଣାଳୀ ସଂକ୍ଷିପ୍ତ ଓ କ୍ଷିପ୍ର ହେଉ ଅବା ଦୀର୍ଘ ଓ ବକ୍ର ମଧ୍ୟ ହେଉ । ପ୍ରତ୍ୟେକଙ୍କ ସହ ସେ ସେମାନଙ୍କର ସ୍ୱଭାବ ଅନୁଯାୟୀ ଆଚରଣ କରିଥାଆନ୍ତି ।

୯. ୫. ୩୩

**ସାହାନା :** ମୁଁ ଯଦି କିଛି ଦୋଷ କରି ପକାଏ, ତାହା କରିଛି ବୋଲି ଖୁବ୍ କଷ୍ଟ ପାଏ ଏବଂ ତା'ପାଇଁ ନିଜକୁ ଖୁବ୍ କଷ୍ଟ ଦିଏ । କାହିଁକି ଏତେ ତୀବ୍ର କଷ୍ଟ ହୁଏ ବୁଝିପାରେନି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** କୌଣସି ଏକ ମାତ୍ରାଧିକତା ଏବଂ ଅତିରଞ୍ଜନତା ତୁମ ପ୍ରାଣରେ କେଉଁଠି ରହିଛି । ଆହୁରି ଦୃଢ଼ତର ଅବିଚ୍ଛିନ୍ନ ସ୍ଥିରତା ଏବଂ ସଂଯମର ଆବଶ୍ୟକତା ଅଛି ତୁମ ପ୍ରାଣର — ସମସ୍ତ ଭାଗରେ — କାରଣ ମନର ଏଇସବୁ ଭାବଗତି କୌଣସି ସାହାଯ୍ୟ କରେ ନାହିଁ — ବରଂ ବାଧା ଦିଏ ତ୍ୱରାନ୍ୱିତ ଉଦ୍ଧାରକୁ । ସ୍ନାୟୁ ଏବଂ ଶରୀରକୁ ହଲଚଲ କରିଦିଏ ଏବଂ ଠେଲି ଦିଏ ଅର୍ଥହୀନ କର୍ମ ଆଡ଼କୁ ।

୨୩.୫.୩୩

ସାହାନା : ମୁଁ ବୁଝି ପାରୁଛି, ଅହଂମୁକ୍ତ ନହୋଇ ପାରିଲେ କୌଣସି ଦିଗରେ ବି ମୋର ମୁକ୍ତି ନାହିଁ । ଅଥଚ ଅହଂର ଯିବାର ତ କୌଣସି ଚିହ୍ନ ବର୍ଣ୍ଣ ନାହିଁ । ସାଧନା କରି ପାରିବି କି ନାହିଁ ତାହାହିଁ ଏବେ ମନରେ ସନ୍ଦେହ ଆଣୁଛି । ଚାଲିଯିବା କଥା ଯେ ମନରେ ଆସୁ ନାହିଁ ତା' ମଧ୍ୟ ନୁହେଁ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହା ସେଇ ଏକ ପ୍ରକାର ପ୍ରାଣର ଅଯୌକ୍ତିକ ପ୍ରବଣତା — ଖୁବ୍ ପ୍ରଗାଢ଼ ଅହଂଭାବ ଦ୍ୱାରା ଉଦ୍‌ବୁଦ୍ଧ । ଏହାରି ଭିତର ଦେଇ ବିରୋଧୀ ଶକ୍ତି କାର୍ଯ୍ୟ କରେ ଏବଂ ଏଠାରୁ ଚାଲିଯିବାର ଝୁଙ୍କ ହେଉଛି ଏଇ ଶକ୍ତିର ଏକ ପ୍ରିୟ ପ୍ରସ୍ତାବ ଯୋଗଭଙ୍ଗ ଉଦ୍ଦେଶ୍ୟରେ ।

୨୦. ୫. ୩୩

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

For enquiry and Home Delivery contact: Kanti Enterprises, Bhubaneswar
PH: 7894465420 / 7894465416
Buy online at www.ayurlabsindia.com/indshop

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ପ୍ରଥମ ଦର୍ଶନ

## ବ୍ରହ୍ମଶ୍ରୀ ଜି. ଭି. ସୁବ୍ବାରାଓ

### (୧୯୨୩)

୧୯୨୩ ମସିହା ଅକ୍ଟୋବର ମାସ । ମୁଁ ଶ୍ରୀଅରବିନ୍ଦଙ୍କୁ ପ୍ରତ୍ୟକ୍ଷଭାବେ ଦର୍ଶନ କରିବା ପାଇଁ ସ୍ଥିର କରି ତାଙ୍କ ଆଶ୍ରମକୁ ଗଲି ଓ ଦର୍ଶନ ପାଇଁ ତାଙ୍କ ଘରର ପ୍ରଥମ ମହଲାରେ ପହଞ୍ଚିଲି । ସେ ଘରର ସଂକୀର୍ଣ୍ଣ ବାରଣ୍ଡାରେ ଗୋଟିଏ ଛୋଟିଆ ଗଦିଥିବା ଚୌକିରେ ବସିଥିଲେ ଯେଉଁ ଘରେ ସେ ଚାଳିଶ ବର୍ଷରୁ ଊର୍ଦ୍ଧ୍ୱ-କାଳ ରହିଥିଲେ । ସେହି ପ୍ରକୋଷ୍ଠରେ ପ୍ରାୟ ଏକ ଡଜନ ଚୌକି ଏବଂ ଗୋଟିଏ ଛୋଟ ଟେବୁଲ ତାଙ୍କ ସାମନାରେ ଥିଲା । ସେହି ଟେବୁଲ ଉପରେ କିଛି କାଗଜପତ୍ର, ଫୁଲ ଏବଂ କିଛି ବହି ରହିଥିବାର ମୁଁ ଦେଖିଲି । ଆଉ ମଧ୍ୟ ସେହି ଟେବୁଲ ଉପରେ ସମୟ ସୂଚେଇ ଦେବା ପାଇଁ ଗୋଟିଏ ଛୋଟ ଘଣ୍ଟା ରହିଥିଲା । କାରଣ ଏହି ଆଶ୍ରମରେ ପ୍ରତ୍ୟେକ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟରେ ଓ ଯଥୋଚିତ ଶୃଙ୍ଖଳାରେ ହେଉଥିଲା ।

ଶ୍ରୀଅରବିନ୍ଦଙ୍କ ଶରୀର ଅତ୍ୟନ୍ତ ଉଜ୍ଜ୍ୱଳ ଆଭାରେ ଝଲସୁଥିଲା । କୁହାଯାଉଥିଲା ଯେ ଶ୍ରୀଅରବିନ୍ଦଙ୍କ ଶରୀରର ବର୍ଣ୍ଣ ବାଦାମୀ ଓ ଅଧିକ କୃଷ୍ଣବର୍ଣ୍ଣର ଥିଲା ବୋଲି । ମୁଁ ଦେଖିଲି ତାଙ୍କର ଲମ୍ବା ଏବଂ ଅଧାଧଳା ପତଳା ଦାଢ଼ି ଏପଟ ସେପଟ ହୋଇ ତାଙ୍କ ଶରୀରରେ ପଡ଼ିଥିଲା । ଶ୍ରୀଅରବିନ୍ଦଙ୍କ ଶରୀର କୃଶ ଦେଖାଯାଉଥିଲେ ମଧ୍ୟ ଗାନ୍ଧିଜିଙ୍କଠାରୁ ସାମାନ୍ୟ ସ୍ଥୂଳ ଥିଲେ ଓ ତାଙ୍କଠାରୁ ବେଶୀ ଡେଙ୍ଗା ନଥିଲେ । ତାଙ୍କର ଉଜ୍ଜ୍ୱଳ ଚକ୍ଷୁ ଦୁଇଟି ଦୀର୍ଘ ଥିଲା ଓ ଚାହାଣି ଖୁବ୍ ତୀକ୍ଷ୍ଣ ଓ ତୀବ୍ର ଥିଲା । ସେ ଗୋଟିଏ ଉତ୍ତମ ପତଳା ସୂତାବସ୍ତ୍ର ପରିଧାନ କରିଥିଲେ କିନ୍ତୁ ତାହା ଖଦଡ଼ ନଥିଲା । ସେ ଦୁଇଟି ବସ୍ତ୍ର ପରିଧାନ କରିଥିଲେ । ଗୋଟିଏ ଧୋତି ଭାବରେ ପିନ୍ଧିଥିଲେ, ଅନ୍ୟଟି ତାଙ୍କର କାନ୍ଧ ଉପରେ ପରମ୍ପରାଗତ ପଇତାଭଳି ପଡ଼ିଥିଲା ଅର୍ଥାତ୍ ଶ୍ରୀଅରବିନ୍ଦଙ୍କର ଡାହାଣ ହାତ ଓ ଡାହାଣ କାନ୍ଧ ଅନାବୃତ ରହିଥିଲା । ତାଙ୍କ ଗୋଡ଼ର ତଳଭାଗ ଅର୍ଥାତ୍ ପାଦ ସାମାନ୍ୟ ସରୁ ଓ କୋମଳ ଦେଖା ଯାଉଥିଲା ଓ ପାଦ ଦୁଇଟି ଛୋଟ ଚପଲ ଦ୍ୱାରା ଆବୃତ ହୋଇ ରହିଥିଲା ।

ତାଙ୍କର କଣ୍ଠ ସ୍ୱର ମୃଦୁ ଅଥଚ ସ୍ପଷ୍ଟ, ଦ୍ରୁତ ତଥା ସଙ୍ଗୀତ ପରି ଶୁଣାଯାଉଥିଲା । କଥା କହିଲା ବେଳେ ସେ ଖୁବ୍ ଶୀଘ୍ର କହୁଥିଲେ ଯାହା ସ୍ଫଟିକ ପରି ସ୍ୱଚ୍ଛ ଓ ବିଶ୍ଳେଷଣାତ୍ମକ ହେଉଥିଲା । ପନ୍ଦର ମିନିଟ ମଧ୍ୟରେ ଶ୍ରୀଅରବିନ୍ଦ ତାଙ୍କ ଦର୍ଶନ ସମ୍ବନ୍ଧରେ ମୋତେ ସଂକ୍ଷେପରେ କହିଗଲେ । ପ୍ରଶ୍ନ କରାଯାଉଥିବା ବେଳେ ସେ ଅତ୍ୟନ୍ତ ସରଳ, ଭଦ୍ର ଓ ସ୍ପଷ୍ଟ ଭାବରେ ନିଜର ଉତ୍ତର ପ୍ରଦାନ କରୁଥିଲେ । ଆଖିର ପଲକ ମାତ୍ରେ ସେ ଯେକୌଣସି ବ୍ୟକ୍ତିଙ୍କୁ ଜାଣିପାରୁଥିଲେ ଓ ଫଟୋ ଦେଖି ସେମାନଙ୍କର ମନୋଭାବକୁ ପଢ଼ି ପାରୁଥିଲେ । ସମୟର ଉପଯୁକ୍ତ ମୂଲ୍ୟ ସେ ବୁଝିପାରୁଥିଲେ ଏବଂ ମୋତେ ଦିଆଯାଇଥିବା ପନ୍ଦର ମିନିଟ ସମୟ ଅତିକ୍ରାନ୍ତ ହେବା ପରେ ଘଣ୍ଟାକୁ ଚାହିଁ ସେ ସାଙ୍ଗେ ସାଙ୍ଗେ ଛିଡ଼ା ହୋଇ ପଡ଼ିଲେ । ଯେଉଁଥିରୁ ସୂଚିତ ହେଉଥିଲା ମୋ'ର ପ୍ରସ୍ଥାନର ସମୟ ହୋଇଯାଇଛି । ସମଗ୍ର ସାକ୍ଷାତ୍କାରରେ ସେ ଅତ୍ୟନ୍ତ ସଦୟ ହୋଇ ଏକ ଶିଶୁଭଳି ମୋତେ ବୁଝାଉଥିଲେ । କିନ୍ତୁ ତାଙ୍କର ଆଚରଣରୁ ମୁଁ ଜାଣି ପାରିଥିଲି ଯେ ଆବଶ୍ୟକ ପଡ଼ିଲେ ସେ ଅତ୍ୟନ୍ତ କଠୋର ମଧ୍ୟ ହୋଇପାରିବେ । ତାଙ୍କର ଶିଷ୍ୟମାନଙ୍କୁ ଜଣେ ସହାନୁଭୂତିଶୀଳ ଗୁରୁ ଭଳି ସେ ଭଲ ପାଉଥିଲେ କିନ୍ତୁ ତାଙ୍କ ହୃଦୟର ସ୍ଥାନ ପାଇବା ଲାଗି ଶିଷ୍ୟମାନଙ୍କଠାରୁ ପୂର୍ଣ୍ଣ ଆଧ୍ୟାତ୍ମିକ ସମର୍ପଣ ଆଶା କରୁଥିଲେ ।

ପୂର୍ବରୁ ନିର୍ଦ୍ଦିଷ୍ଟ ହୋଇଥିବା ପନ୍ଦର ମିନିଟ ଶେଷ ହେବାରୁ ସେ ଘଣ୍ଟାକୁ ଅନାଇ ଛିଡ଼ା ହୋଇଗଲେ । ମୋତେ ଲାଗିଲା ଯେପରି ମୁଁ ସେଠାରୁ ପ୍ରସ୍ଥାନ କରିବାକୁ ସେ ସଙ୍କେତ ଦେଉଛନ୍ତି । ମୁଁ ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି ଓ କୃତଜ୍ଞତା ଜଣାଇ ସେଠାରୁ ଫେରି ଆସିଲି ।

(କ୍ରମଶଃ)

(Ref : First Darshan of Lord Sri Aurobindo & Divine Mother, Part- II, P. 27-28 )

ଅନୁବାଦ : ପ୍ରୀତି ପଟ୍ଟନାୟକ

❑❑❑

# ମହାଜାଗତିକ ସପ୍ତତତ୍ତ୍ୱ

## (୧)

## ସୂର୍ଯ୍ୟକାନ୍ତି ମହାନ୍ତି

ପ୍ରାଚୀନ ଭାରତୀୟ ଇତିହାସ, ଶାସ୍ତ୍ର ଏବଂ ସମଗ୍ର ଋଗ୍‌ବେଦରେ ସପ୍ତତତ୍ତ୍ୱ ଉପରେ ବର୍ଣ୍ଣନା ଦେଖିବାକୁ ମିଳେ । ଯେପରି ସପ୍ତନଦୀ, ସପ୍ତସାଗର, ସପ୍ତଦ୍ୱୀପ, ସପ୍ତର୍ଷି, ସପ୍ତାହ, ସପ୍ତାଶ୍ୱର୍ଯ୍ୟ, ମନୁଷ୍ୟ ଶରୀରର ସପ୍ତଚକ୍ର, ସଂଗୀତ ଶାସ୍ତ୍ରର ସପ୍ତସ୍ୱର, ସପ୍ତ ଚତୁଷ୍ଟୟ, ଊର୍ଦ୍ଧ୍ୱସ୍ଥ ସପ୍ତଲୋକ ଓ ନିମ୍ନସ୍ଥ ସପ୍ତଲୋକ ଏବଂ ସୂର୍ଯ୍ୟଙ୍କର ସପ୍ତାଶ୍ୱ ଆଦି ।

ଶିବ ପୁରାଣରେ ସୂର୍ଯ୍ୟାଷ୍ଟକମ୍‌ରେ ଉଲ୍ଲିଖିତ ଅଛି :

''ସପ୍ତାଶ୍ୱରଥମାରୂଢ଼ ପ୍ରଚଣ୍ଡଂ କଶ୍ୟପାତ୍ମଜମ୍ ।
ଶ୍ୱେତପଦ୍ମଧରଂ ଦେବଂ ତଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ।।''

ଅର୍ଥାତ୍ ସେହି କଶ୍ୟପନନ୍ଦନ, ଶ୍ୱେତ ପଦ୍ମଧାରୀ ସୂର୍ଯ୍ୟଦେବଙ୍କୁ ମୋର ପ୍ରଣାମ, ଯିଏ ସାତଟି ଅଶ୍ୱଯୁକ୍ତ ରଥ ଆରୋହଣ କରି ନିଜ ଯାତ୍ରା ପଥରେ ଗତିମାନ । ସୂର୍ଯ୍ୟଙ୍କର ସପ୍ତରଙ୍ଗ ସମ୍ମିଳିତ ହୋଇ ଶୁଭ୍ର ଭାବରେ ଦୃଶ୍ୟମାନ ହେଉଥିବାରୁ ସୂର୍ଯ୍ୟଙ୍କୁ ଶ୍ୱେତପଦ୍ମଧାରୀ କୁହାଯାଏ । ପ୍ରତୀକାତ୍ମକ ଭାବରେ ଅଶ୍ୱ ସୂଚିତ କରେ ବିଶ୍ୱର କ୍ଷିପ୍ର ଗତିଶୀଳତା ଏବଂ ରଥ ସୂଚିତ କରେ ପ୍ରକାଶମାନ ଆତ୍ମାର ଯାନ ଯାହା ସର୍ବଦା ଗତିଶୀଳ ଏବଂ ପରିବର୍ତ୍ତନଶୀଳ । ଶ୍ରୀମାଙ୍କ ଭାଷାରେ, ''The horse signifies the powers of individual being, which must be controlled (briddled).'' (CWM - 15, p. 41) ଅର୍ଥାତ୍ ଅଶ୍ୱ ସୂଚିତ କରେ ନିର୍ଦ୍ଦିଷ୍ଟ ବ୍ୟକ୍ତିସତ୍ତାର ସାମର୍ଥ୍ୟ ଯାହା ନିଶ୍ଚିତ ଭାବରେ ନିୟନ୍ତ୍ରିତ ହେବା ଆବଶ୍ୟକ ।

ପ୍ରକାଶମାନ ସୂର୍ଯ୍ୟ ଏକ ବିରାଟ ରଥରେ ଯାତ୍ରା କରନ୍ତି, ଯାହାର ଲମ୍ବ ୯୦୦୦ ଯୋଜନ (୧ ଯୋଜନ = ୪ କ୍ରୋଶ = ୧୪.୪୮ କି.ମି. ପ୍ରାୟ) । ଏଥିରେ ସମୟ ରୂପକ ଚକ ଲାଗିଥାଏ । ଚକଗୁଡ଼ିକରେ ତିନିଟି କେନ୍ଦ୍ର ବିନ୍ଦୁ, ଯାହା ତିନି ବେଦ, ପାଞ୍ଚଟି ଟାୟାର (tyres) ଯାହା ପଞ୍ଚ ମହାଭୂତ ଏବଂ ଛଅଟି ଅର (spokes), ଯାହା ଷଡ଼୍‌ଋତୁକୁ ବୁଝାଏ । ଏହି ଚକଗୁଡ଼ିକ ବର୍ଷରେ ଥରେ ଯୋଚାହୁଏ । ସୂର୍ଯ୍ୟଙ୍କର ରଥ ଏତେ ବିରାଟ ଯେ ଏହାକୁ ଗତିଶୀଳ କରାଇବା ନିମନ୍ତେ ସାତୋଟି ଅଶ୍ୱର ଆବଶ୍ୟକ ପଡ଼େ । ବାସ୍ତବରେ ଏହିସବୁ ଅଶ୍ୱ ପ୍ରତୀକାତ୍ମକ ଭାବରେ ସିଦ୍ଧାନ୍ତ ସହିତ ସାତଟି ବୈଦିକ ଛନ୍ଦ, ଯଥା : ଗାୟତ୍ରୀ, ବୃହତୀ, ଉଷ୍ଣିକ, ଜଗତୀ, ତ୍ରିଷ୍ଟୁଭ୍, ଅନୁଷ୍ଟୁପ ଏବଂ ପଂକ୍ତି ।[୧]

ପୁନଶ୍ଚ ସୂର୍ଯ୍ୟଙ୍କର ସାତୋଟି ଅଶ୍ୱ ସାତୋଟି ଜଗତକୁ ବୁଝାଏ । ଋଗ୍‌ବେଦରେ ଏହି ସାତୋଟିକୁ 'ସପ୍ତହରିତ୍' କୁହାଯାଏ । ସୂର୍ଯ୍ୟଙ୍କ ରଥକୁ ମନୁଷ୍ୟ ସହ ତୁଳନା କରାଯାଇଛି । ମନୁଷ୍ୟର ଭୌତିକ ଓ ଚୈତ୍ୟିକ ଶରୀର ହେଉଛି ଦିବ୍ୟମାନବର ଏକ ଯାନ । ମନୁଷ୍ୟ ସୌରପଥକୁ ଅନୁସରଣ କରିବାର ଅର୍ଥ ହେଉଛି – ନିଜ ସତ୍ତାର ସପ୍ତ ଅଶ୍ୱର ସଞ୍ଚାଳନ ଓ ନିୟନ୍ତ୍ରଣ କରିବାକୁ ଶିକ୍ଷା କରିବା ।

ସୂର୍ଯ୍ୟ ତାଙ୍କ ରଥରେ ପ୍ରତ୍ୟେକ ମାସରେ ଭିନ୍ନ ଭିନ୍ନ ସାତଜଣ ଅଧିକାରୀ (officer)ଙ୍କୁ ସଙ୍ଗରେ ନେଇ ଯାତ୍ରା କରନ୍ତି । ସେମାନେ ହେଲେ ଆଦିତ୍ୟ, ତପସ୍ୱୀ, ନାଗ, ଅସୁର, ଦିବ୍ୟକନ୍ୟା, ଗନ୍ଧର୍ବ ଓ ଯକ୍ଷ । ଆଦିତ୍ୟଗଣ ସୂର୍ଯ୍ୟଙ୍କ ଚତୁଃପାର୍ଶ୍ୱରେ ଦଣ୍ଡାୟମାନ ହୁଅନ୍ତି । ତପସ୍ୱୀମାନେ ସୂର୍ଯ୍ୟଙ୍କ ସ୍ତୁତିଗାନ କରନ୍ତି, ନାଗମାନେ ଅଶ୍ୱମାନଙ୍କୁ ରଥରେ ଯୋଚିବା ପାଇଁ ପ୍ରସ୍ତୁତ କରନ୍ତି, ଅସୁରଗଣ ପ୍ରହରୀ ଭାବରେ ପଶ୍ଚାତରେ ଚାଲନ୍ତି । ଦିବ୍ୟକନ୍ୟାମାନେ ନୃତ୍ୟ କରନ୍ତି, ଗନ୍ଧର୍ବଗଣ ସଂଗୀତ ଗାନ କରନ୍ତି ଏବଂ ଯକ୍ଷମାନେ ଅଶ୍ୱମାନଙ୍କର ଲଗାମ ଧରନ୍ତି ।[୨]

ପ୍ରତ୍ୟେକ ମାସରେ ଯେଉଁ ଭିନ୍ନ ଭିନ୍ନ ସପ୍ତ ଅଧିକାରୀମାନେ ସୂର୍ଯ୍ୟଙ୍କ ରଥରେ ଯାତ୍ରା କରନ୍ତି, ସେମାନଙ୍କର ଏକ ତାଲିକା (Table) ପରପୃଷ୍ଠାରେ ପ୍ରଦତ୍ତ କରାଗଲା ।

ପୁନଶ୍ଚ ପ୍ରତ୍ୟେକ ମନ୍ୱନ୍ତର (ମନୁଯୁଗ)ରେ ଭିନ୍ନ ଭିନ୍ନ ସପ୍ତର୍ଷି ଥା'ନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ୧୪ଟି ମନ୍ୱନ୍ତର, ମହାପ୍ରଳୟ ପୂର୍ବରୁ ଅତିକ୍ରାନ୍ତ ହୋଇସାରିଛି । ଏଣୁ ୯୮ ଜଣ ମହର୍ଷି ଜନ୍ମ ଓ ମୃତ୍ୟୁ ଲଭିଛନ୍ତି । ବର୍ତ୍ତମାନର ମନ୍ୱନ୍ତରରେ ସପ୍ତର୍ଷି ହେଲେ – ମରୀଚି, ଅଙ୍ଗିରସ, ଅତ୍ରି, ପୁଲସ୍ତ୍ୟ, ବଶିଷ୍ଠ, ପୁଲହ ଏବଂ କ୍ରତୁ ।

ସୂର୍ଯ୍ୟ ହେଉଛନ୍ତି ଜୀବନ ଦାତା । ଶରୀରକୁ ସୁସ୍ଥ ରଖିବା ତଥା ନିରାମୟତା ପ୍ରଦାନ କରିବାରେ ସୂର୍ଯ୍ୟ କିରଣରେ ଅଦ୍ଭୁତ

| ମାସ | ଆଦିତ୍ୟ | ତପସ୍ୱୀ | ନାଗ | ଅସୁର | ଦିବ୍ୟକନ୍ୟା | ଗନ୍ଧର୍ବ | ଯକ୍ଷ |
|---|---|---|---|---|---|---|---|
| ବୈଶାଖ | ଆର୍ଯ୍ୟମନ | ପୁଲହ | କଚବୀର | ପ୍ରହେତି | ପୁଞ୍ଜିକସ୍ଥଳା | ନାରଦ | ରଥୌଯଶ |
| ଜ୍ୟେଷ୍ଠ | ମିତ୍ର | ଅତ୍ରି | ତକ୍ଷକ | ପୌରୁଷେୟ | ମେନକା | ହାହା | ରଥଶ୍ୱାନ |
| ଆଷାଢ଼ | ବରୁଣ | ବଶିଷ୍ଠ | ନାଗ | ରଥ | ସହଜନ୍ୟା | ହୁହୁ | ଚିତ୍ରରଥ |
| ଶ୍ରାବଣ | ଇନ୍ଦ୍ର | ଅଙ୍ଗିରସ | ଏଲାପୁତ୍ର | ସର୍ପୀ | ପ୍ରମଲୋଚା | ବିଶ୍ୱାବସୁ | ସ୍ରୋତସ୍ |
| ଭାଦ୍ରବ | ବିଭାସ୍ୱାନ | ଭୃଗୁ | ଶଙ୍ଖପାଳ | ବ୍ୟାଘ୍ର | ଅନୁମ୍ଲୋଚା | ଉଗ୍ରସେନ | ଆପୁରନ |
| ଆଶ୍ୱିନ | ପୁଷା | ଗୌତମ | ଧନଞ୍ଜୟ | ବାତ | ଘ୍ରତାଚି | ବସୁରୁଚି | ସୁସେଣ |
| କାର୍ତ୍ତିକ | ପରଜନ୍ୟ | ଭରଦ୍ୱାଜ | ଐରାବତ | ଆପ | ବିଶ୍ୱାଚି | ବିଶ୍ୱାବସୁ | ସେନାଜିତ୍ |
| ମାର୍ଗଶୀର | ଅଂଶ | କାଶ୍ୟପ | ମହାପଦ୍ମ | ବିଦ୍ୟୁତ୍ | ଉର୍ବଶୀ | ଚିତ୍ରସେଣା | ତାର୍କ୍ଷ |
| ପୌଷ | ଭାଗ | କ୍ରତୁ | କର୍କୋଟକ | ସ୍ଫୁର୍ଜ | ପୂର୍ବଚିତି | ଉର୍ନାୟୁ | ଅରିଷ୍ଟନେମି |
| ମାଘ | ତ୍ୱଷ୍ଟା | ଯମଦଗ୍ନି | କମ୍ବଳ | ବ୍ରହ୍ମୋପେତ | ତିଳୋତ୍ତମା | ଧୃତରାଷ୍ଟ୍ର | ଋତଜିତ୍ |
| ଫାଲ୍ଗୁନ | ବିଷ୍ଣୁ | ବିଶ୍ୱାମିତ୍ର | ଅଶ୍ୱତର | ଯଜ୍ଞୋପେଚ | ରମ୍ଭା | ସୁବର୍ଚ୍ଚା | ସତ୍ୟଜିତ୍ |
| ଚୈତ୍ର | ଧାତା | ପୁଲସ୍ତ୍ୟ | ବାସୁକୀ | ହେତି | କ୍ରତୁସ୍ଥଳା | ତୁମ୍ବୁରୁ | ରତବ୍ରତ |

ଶକ୍ତି ରହିଛି । ଏଣୁ ପୁରାତନ ଯୁଗରୁ ଭାରତ ବର୍ଷରେ ସୂର୍ଯ୍ୟପୂଜା ପ୍ରଚଳିତ ହୋଇ ଆସୁଛି । ପ୍ରାୟ ପାଞ୍ଚହଜାର ବର୍ଷ ପୂର୍ବରୁ ଭାରତୀୟମାନଙ୍କର ଏ ଜ୍ଞାନ ଥିଲା ।

ପୁରାଣ ଅନୁଯାୟୀ ଶ୍ରୀକୃଷ୍ଣଙ୍କର ପୁତ୍ର ଶାମ୍ବ କଳିଙ୍ଗର ମହୋଦଧି କୂଳରେ ସୂର୍ଯ୍ୟପୂଜା କରି ଦୁରାରୋଗ୍ୟ କୁଷ୍ଠ ବ୍ୟାଧିରୁ ମୁକ୍ତ ହୋଇ ସୁନ୍ଦର ଶରୀର ଲାଭ କରିଥିଲେ । ଏହି ଦିନଟି ଥିଲା ମାଘମାସ ଶୁକ୍ଳ ପକ୍ଷ ସପ୍ତମୀ ତିଥି । ତା'ପରେ ଶାମ୍ବ ସେହି ସ୍ଥାନରେ ଗୋଟିଏ ସୂର୍ଯ୍ୟମନ୍ଦିର ନିର୍ମାଣ କରାଇ ଥିଲେ । ଏପରିକି ସମଗ୍ର କଳିଙ୍ଗରେ ସୂର୍ଯ୍ୟପୂଜା ବିଧିର ପ୍ରଚାର କରାଇଥିଲେ । ସେହି ମନ୍ଦିରର ଭଗ୍ନାବଶେଷ ଉପରେ ନୂତନ ବିରାଟ ମନ୍ଦିର ନିର୍ମାଣ କରିଥିଲେ ଓଡ଼ିଶାର ଗଜପତି ମହାରାଜା ଲାଙ୍ଗୁଳା ନରସିଂହ ଦେବ । ସୂର୍ଯ୍ୟପୀଠ ଭାରତର ସାତୋଟି ସ୍ଥାନରେ ଅଛି । ସେଗୁଡ଼ିକ ହେଲେ – ଉଲ୍ଲାର୍କ, ପୂଣ୍ଡାର୍କ, ମାର୍କେତୋୟାର୍କ, ବାଲୋର୍କ, କୋଣାର୍କ, ଚାପାର୍କ ଏବଂ କଳିଙ୍ଗର କୋଣାର୍କ ।[୩]

ସୂର୍ଯ୍ୟାଲୋକ ହେଉଛି ଶକ୍ତିର ଏକ ଆକୃତି । ଏହା ଲକ୍ଷ ଲକ୍ଷ କ୍ଷୁଦ୍ର କଣିକା ଦ୍ୱାରା ଗଠିତ । ଏହାକୁ ଫୋଟନ୍ (Photon) କୁହାଯାଏ । ଏହି ଫୋଟନ୍ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ତରଙ୍ଗାୟିତ ଭାବରେ ଗତି କରେ । ଆମେ ଯେଉଁ ସୂର୍ଯ୍ୟାଲୋକ ଦେଖୁ, ତାହା ସାତଟି ରଙ୍ଗ ବିଶିଷ୍ଟ । ସାର୍ ଆଇଜାକ୍ ନିଉଟନ୍ ସୂର୍ଯ୍ୟ କିରଣକୁ ପ୍ରିଜିମ୍ (Prism) ମଧ୍ୟରେ ଗତି କରାଇ ସାତଟି ରଙ୍ଗ ପାଇଥିଲେ । ଏହାକୁ ବର୍ଣ୍ଣାଳୀ (spectrum) କୁହାଯାଏ । ଏହି ରଙ୍ଗଗୁଡ଼ିକ ଇନ୍ଦ୍ରଧନୁର ସାତରଙ୍ଗ । ଇନ୍ଦ୍ରଧନୁ ହେଉଛି ଇନ୍ଦ୍ରଙ୍କର ଧନୁ । ଏହି ରଙ୍ଗସବୁର ପ୍ରଭାବ ଓ ପ୍ରୟୋଗ ଇନ୍ଦ୍ର ଜାଣିଥିଲେ । ଏଣୁ ଇନ୍ଦ୍ରହିଁ ସୂର୍ଯ୍ୟକିରଣ ଚିକିତ୍ସା ବା ରଙ୍ଗ ଚିକିତ୍ସା (chromopathy)ର ଆଦି ପ୍ରବର୍ତ୍ତକ । ଏହି ସାତରଙ୍ଗର ଭିନ୍ନ ଭିନ୍ନ ତରଙ୍ଗ ଦୈର୍ଘ୍ୟ (wave length) ଅଛି । ଯାହାର ସବୁଠାରୁ ଅଧିକ ତରଙ୍ଗ ଦୈର୍ଘ୍ୟ, ତାହା ଲାଲ ରଙ୍ଗ ଏବଂ ଯାହାର ସବୁଠାରୁ କମ୍ ତରଙ୍ଗ ଦୈର୍ଘ୍ୟ ତାହା ବାଇଗଣୀ ରଙ୍ଗ । ଏହି ସାତଟି ତରଙ୍ଗ ଦୈର୍ଘ୍ୟ ହେଉଛନ୍ତି ସୂର୍ଯ୍ୟଙ୍କର ସାତୋଟି ଅଶ୍ୱ ।

ପୁନଶ୍ଚ ଏହି ରଙ୍ଗସବୁ ମନୁଷ୍ୟ ଶରୀରର ସପ୍ତଚକ୍ର ସହିତ ସମ୍ପର୍କିତ । ଯେପରି ମୂଳାଧାର ଚକ୍ରର ରଙ୍ଗ ଲାଲ, ସ୍ୱାଧିଷ୍ଠାନ – ନାରଙ୍ଗୀ, ମଣିପୁର – ହଳଦୀ, ଅନାହତ – ସବୁଜ, ବିଶୁଦ୍ଧ – ନୀଳ, ଆଜ୍ଞା – ଘନନୀଳ ଏବଂ ସହସ୍ରାର – ବାଇଗଣୀ । ରଙ୍ଗମାନଙ୍କ ଧର୍ମ ଅନୁଯାୟୀ ନୀଳରଙ୍ଗ ହେଉଛି ବୈଦ୍ୟୁତିକ ଭାବରେ ବିଯୁକ୍ତାତ୍ମକ (-ve) ଏବଂ ଲାଲରଙ୍ଗ ହେଉଛି ଯୁକ୍ତାତ୍ମକ (+ve) । ସବୁଜରଙ୍ଗ ହେଉଛି ନିରପେକ୍ଷ (neutral) । ଏଣୁ ସବୁଜ ରଙ୍ଗ ବିଦ୍ୟୁତ୍-ଚୁମ୍ବକୀୟ ମେରୁ (electromagnetic polarity) ମଧ୍ୟରେ ଭାରସାମ୍ୟ ରକ୍ଷା

କରେ । ଏପରିକି ଏହାର ପ୍ରଭାବ ଶରୀରର ଅମ୍ଳ (Acidity) ଓ କ୍ଷାର (Alkaline)ର ମଧ୍ୟ ଭାରସାମ୍ୟ ରକ୍ଷା କରେ । ଯେତେବେଳେ ଦୁଇ ମେରୁ, ଯଥା :– ଲାଲ ଯାହା ଅମ୍ଳଯୁକ୍ତ ଏବଂ ନୀଳ ଯାହା କ୍ଷାରଯୁକ୍ତ ଭାରସାମ୍ୟ ରକ୍ଷା କରନ୍ତି, ସେତେବେଳେ ଉଭୟ ମେରୁରେ କାର୍ଯ୍ୟ ଉତ୍ତମ ରୂପେ ହୋଇଥାଏ ।

ପୁରାତନ ସଭ୍ୟତା ସମୂହ ସାଧାରଣତଃ କୃଷିଭିତ୍ତିକ ଏବଂ ଶସ୍ୟ ଉପରେ ନିର୍ଭରଶୀଳ ଥିଲା । କୃଷି ନିମିତ୍ତ ମୁଖ୍ୟତଃ ସୂର୍ଯ୍ୟଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା । ଉଦ୍ଭିଦ ଜଗତ୍ ବଞ୍ଚିବା, ବୃଦ୍ଧିପ୍ରାପ୍ତ ହେବା ଏବଂ ଫଳଧାରଣ କରିବା ପାଇଁ ଆଲୋକ ବିଶ୍ଳେଷଣ (Photo synthesis) ଆବଶ୍ୟକ କରିଥାଏ । ଏଥିପାଇଁ ଯେଉଁ ଶକ୍ତି ଆବଶ୍ୟକ, ତାହା ସୂର୍ଯ୍ୟକିରଣର ସାତଟି ରଙ୍ଗରୁ ପ୍ରାପ୍ତ ହୁଏ । ଏଣୁ ମଣିଷ, ପଶୁ, ପକ୍ଷୀ, ଉଦ୍ଭିଦ ଆଦି ସମସ୍ତ ଜୀବଜଗତ୍ ବଞ୍ଚିବା ପାଇଁ ସୂର୍ଯ୍ୟ କିରଣ ଉପରେ ନିର୍ଭର କରନ୍ତି । ମଣିଷ ଶରୀର ମଧ୍ୟ ସପ୍ତତତ୍ତ୍ୱରେ ଗଠିତ । ସେଗୁଡ଼ିକ ହେଲେ – ରସ, ରକ୍ତ, ମେଦ, ମାଂସ, ଅସ୍ଥି, ମଜ୍ଜା ଓ ଶୁକ୍ର । ସୂର୍ଯ୍ୟକିରଣ ଏହି ସପ୍ତତତ୍ତ୍ୱର ସୃଷ୍ଟିକର୍ତ୍ତା ।

ନବଜାତ ଶିଶୁକୁ ଗାଧୋଇ ଦେବା ପାଇଁ ସଦ୍ୟ ଜଳରେ ଟିକିଏ ତେଲ ଓ ହଳଦୀଗୁଣ୍ଡ ପକାଇ ସୂର୍ଯ୍ୟ କିରଣରେ ଘଣ୍ଟାଏ, ଦୁଇ ଘଣ୍ଟା ରଖି ଦିଆଯାଏ । ସେହି ପାଣିରେ ଶିଶୁକୁ ଗାଧୋଇ ଦିଆଯାଏ । ଏପରି ପାଣିରେ ସାତରଙ୍ଗର ସୂର୍ଯ୍ୟକିରଣ ପଡ଼ିବା ଦ୍ୱାରା ରୋଗନାଶକାରୀ ଶକ୍ତିର ସୃଷ୍ଟି ହୋଇଥାଏ । ମାତ୍ର ବର୍ତ୍ତମାନ ଯୁଗରେ ଏହିପରି ଏକ ପ୍ରାକୃତିକ ଚିକିତ୍ସା ପ୍ରଣାଳୀକୁ ଲୋକମାନେ ପୁରୁଣା କାଳିଆ କଥା କହି ବ୍ୟବହାର କରୁନାହାନ୍ତି ।

ବାସ୍ତବରେ ରଙ୍ଗ ଚିକିତ୍ସା (chromopathy)ରେ ସପ୍ତରଙ୍ଗ ମଧ୍ୟରୁ ମାତ୍ର ତିନୋଟି ରଙ୍ଗର ବ୍ୟବହାର କରାଯାଏ । ଯଥା : ବା, ଘ, ନି – ଏହି ତିନିଟିକୁ ନୀଳ ରଙ୍ଗ ଏବଂ ହ, ନା, ଲା – ଏହି ତିନିଟିକୁ ନାରଙ୍ଗୀ ରଙ୍ଗ ଅନ୍ତର୍ଭୁକ୍ତ କରାଯାଏ । ସବୁଜ ରଙ୍ଗ ଅଲଗା ଭାବରେ ବ୍ୟବହୃତ ହୁଏ । ଏହି ରଙ୍ଗ ଚିକିତ୍ସା ପ୍ରାକୃତିକ, ନିରାପଦ, ଶସ୍ତା ଏବଂ ପ୍ରସ୍ତୁତ ପ୍ରଣାଳୀ ଅତି ସରଳ । ସୂର୍ଯ୍ୟ ପୂଜା ଓ ସୂର୍ଯ୍ୟକିରଣର ସଠିକ୍ ବ୍ୟବହାର କରି ମଣିଷ ଦୀର୍ଘ ଓ ନିରାମୟ ଜୀବନଯାପନ କରିପାରେ ।

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା :**


୧. Puranic Encyclopaedia, by Vettam Mani, Published by Motilal Bawarsidass Publishers Pvt. Ltd. Delhi, page - 692

୨. ତତ୍ରୈବ – ପୃଷ୍ଠା. ୭୭୦

୩. ସୂର୍ଯ୍ୟ ଉପାସନା ଓ ଶାମ୍ବଦଶମୀ ବ୍ରତ –'ସମାଜ' ୧ଜାନୁଆରୀ, ୨୦୧୨ ଲେଖକ - ଶ୍ରୀ ବଳରାମ ମିଶ୍ର, ରବିବାର ସଂକଳନ, ପୃଷ୍ଠା - ୬


ହେ ଆମର ପରମପ୍ରଭୁ, ତୁମେ ନିଷ୍ପତ୍ତି ନେଇଛ ଆମ ଆସ୍ଥା ଓ ବିଶ୍ୱାସର ଗୁଣାତ୍ମକତାକୁ ପରୀକ୍ଷା କରିବା ପାଇଁ, ଯେପରି ତୁମର କଷଟି ପଥରରେ ଆମ ଆନ୍ତରିକତାର ପରଖ ହୁଏ । ଅନୁମତି ପ୍ରଦାନ କର ଯେପରି ମହତ୍ତର ଓ ଶୁଦ୍ଧତର ହୋଇ ଆମେ ସେହି ଅଗ୍ନି-ପରୀକ୍ଷାରୁ ଉତ୍ତୀର୍ଣ୍ଣ ହେଉ ।

– ଶ୍ରୀମା

### ପୂର୍ଣ୍ଣାଙ୍ଗ ଜୀବନରେ ପୂର୍ଣ୍ଣାଙ୍ଗ ଶିକ୍ଷା :

# ଶିକ୍ଷକମାନଙ୍କ ପ୍ରତି

**ପିଲାମାନଙ୍କ ଲାଗି :**

ସେମାନେ ବର୍ତ୍ତମାନ ପିଲା, କେବଳ ସେହି କାରଣରୁହିଁ, ସେମାନଙ୍କ ଭିତରେ ଭବିଷ୍ୟତ୍ ଉପରେ ବିଜୟ ହାସଲ କରିବାର ଯଥାର୍ଥ ଇଚ୍ଛାଟିକୁ ସଞ୍ଚାରିତ କରି ରଖିବା ପ୍ରକୃତରେ ସର୍ବୋତ୍ତମ ହେବ । ସେମାନଙ୍କ ଭିତରେ ଏପରି ଏକ ଇଚ୍ଛାଶକ୍ତିକୁ ସଞ୍ଚାରିତ କରି ରଖିବାକୁ ହେବ, ଯାହାଦ୍ୱାରା କି ସେମାନଙ୍କର ଦୃଷ୍ଟି ସର୍ବଦା ସମ୍ମୁଖ ଆଡ଼କୁ ରହିବ ଏବଂ ସେମାନେ ଭବିଷ୍ୟ ଆଡ଼କୁହିଁ ଯଥାସମ୍ଭବ ଅଧିକ ଶୀଘ୍ର ଗତିରେ ଅଗ୍ରସର ହୋଇଯିବାକୁ ଇଚ୍ଛା କରିବେ । ମାତ୍ର ସେମାନଙ୍କୁ ଯେପରି କେବେ ହେଲେ ଅତୀତରୂପୀ ସେହି ସମଗ୍ର ଉତ୍ପୀଡ଼ନକାରୀ ଭାରଟିକୁ ସତେଅବା ଗୋଟାଏ ବୋଝ ଅଥବା ପଥର ପରି ବୋହିବାକୁ ନପଡ଼େ । ହଁ, ଯେତେବେଳେ ଆମେ ଚେତନାରେ ଓ ଜ୍ଞାନରେ ଅନେକ ଉଚ୍ଚକୁ ଉଠିଯାଇ ପାରିବା, କେବଳ ସେତିକି ବେଳେ ଯାଇ ପଛକୁ ଦୃଷ୍ଟିପାତ କରି, ଭବିଷ୍ୟତ୍ ଯେ କେଉଁସବୁ ବିନ୍ଦୁରୁ ନିଜକୁ ଆବିର୍ଭୂତ କରାଇ ଆଣିବାକୁ ଆରମ୍ଭ କଲା, ତାହାର ଆବିଷ୍କାର କରିବା ଦ୍ୱାରା ପ୍ରକୃତରେ ଭଲ ହେବ । ଆମେ ଯେତେବେଳେ ସମଗ୍ର ଚିତ୍ରଟି ଉପରେ ଦୃଷ୍ଟି ପକାଇ ପାରିବା, ଆମର ଦୃଷ୍ଟି ଯେତେବେଳେ ସମଗ୍ର ହୋଇପାରିବ, ସେତେବେଳେ ଏହି କଥାଟିକୁ ଜାଣିବା ପ୍ରକୃତରେ ଖୁବ୍ ଆଗ୍ରହୋଦ୍ଦୀପକ ଲାଗିବ ଯେ ଏକ ପରବର୍ତ୍ତୀ କାଳରେ ଯାହା ବାସ୍ତବରେ ପରିଣତ ହେବାକୁ ଯାଉଛି, ଅନେକ ଆଗରୁହିଁ ତା'ର ଘୋଷଣା କରାଯାଇ ସାରିଛି । ଦିବ୍ୟଜୀବନ ଜଡ଼ର ଗଭୀର ମଧ୍ୟରେ ପୂର୍ବରୁ ସଂବୃତ୍ତ ହୋଇରହିଛି ଓ ତେଣୁ ଏହି ପୃଥିବୀପୃଷ୍ଠରେ ତାହାର ଅଭିବ୍ୟକ୍ତି ଘଟିବ ବୋଲି ଶ୍ରୀଅରବିନ୍ଦ ଯେପରି କହିଥିଲେ, ଏହା ଠିକ୍ ସେହିପରି ଘଟନା । ଏହି ଦୃଷ୍ଟିରୁ ପଛକୁ ଅନାଇ ଦେଖିବା ବା ତଳକୁ ଅନାଇ ଦେଖିବା ନିଶ୍ଚୟ ଖୁବ୍ ଆଗ୍ରହୋଦ୍ଦୀକ ହେବ । ଅତୀତରେ କ'ଣ ସବୁ ଘଟିଛି କେବଳ ସେତିକି କଥାକୁ ଜାଣିବା ସକାଶେ ନୁହେଁ, ଅଥବା ଲୋକେ ଯାହାସବୁ ଜାଣିଛନ୍ତି, କେବଳ ତାହାକୁହିଁ ଜାଣିବା ଲାଗି ନୁହେଁ – ସେଗୁଡ଼ାକରେ ଆଦୌ କୌଣସି ଫଳ ମିଳିବ ନାହିଁ କି ଲାଭ ହେବ ନାହିଁ ।

**ପିଲାମାନଙ୍କୁ ଆମେ ଏହିପରି କହିବା :**

ଅଦ୍ଭୁତ ବିସ୍ମୟକର ବସ୍ତୁସବୁ ପ୍ରକାଶିତ ହେବାକୁ ଯାଉଛି, ସେଗୁଡ଼ିକୁ ଗ୍ରହଣ କରିବା ସକାଶେ ତୁମେମାନେ ନିଜକୁ ପ୍ରସ୍ତୁତ କରି ରଖ । ସେହି କ୍ଷେତ୍ରରେ ଭଲ କରି ବୁଝିପାରିବା ଲାଗି ଯଦି ସେମାନେ ଅଧିକ ମୂର୍ତ୍ତ ଓ ଅଧିକ ସହଜ ଆଉକିଛି ଆବଶ୍ୟକ କରିବେ, ତେବେ ସେମାନଙ୍କୁ ତୁମେ ଏହିପରି କହିପାରିବ : ଏହିସବୁ ବିଷୟର ଘୋଷଣା କରିବା ଲାଗି ଶ୍ରୀଅରବିନ୍ଦ ପୃଥିବୀକୁ ଆସିଥିଲେ । ଯେତେବେଳେ ତୁମେମାନେ ତାଙ୍କୁ ପଢ଼ିବା ଲାଗି ସମର୍ଥ ହେବ ସେତେବେଳେ ନିଶ୍ଚୟ ବୁଝିବ । ତେଣୁ ଏହିପରି ଭାବରେ ସେମାନଙ୍କର ଆଗ୍ରହ ଆସିବ, ଶିକ୍ଷା କରିବାର ବାସନା ଜାତ ହେବ ।

– ଶ୍ରୀମା ❑



# ଶିକ୍ଷା : ନୂତନର ସନ୍ଧାନରେ

## ସମରେନ୍ଦ୍ର ରାଉତ

Harvard ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ପ୍ରଧାପକ Harward Gardner ଏକଦା ଆମେରିକାକୁ ସେଠାରେ ପ୍ରଚଳିତ ଶିକ୍ଷା ପ୍ରଣାଳୀକୁ କଟାକ୍ଷ କରି ଉପଦେଶ ଦେଇଥିଲେ, ''ଫିନଲାଣ୍ଡଠାରୁ ଶିକ୍ଷା ନିଅ, ଯେଉଁଠାରେ ଅଛି ଅତ୍ୟନ୍ତ ଫଳପ୍ରଦ ବିଦ୍ୟାଳୟ ଏବଂ ଆମେରିକା ଶିକ୍ଷାରେ ଯାହା ଆମେ କରୁଅଛୁ ତା'ର ବିପରୀତ ସେଠାରେ କରାଯାଉଛି ।''[୧]

ଉପରୋକ୍ତ ଉକ୍ତି ଏକ ଚିନ୍ତାନୁଶୀଳ ଆଧୁନିକ ମନ ପାଇଁ ବିସ୍ମୟକର ବିଷୟ, କାରଣ ଆମେରିକା ଭଳି ଏକ ପ୍ରଗତିଶୀଳ ଓ ଐଶ୍ୱର୍ଯ୍ୟପୂର୍ଣ୍ଣ ଦେଶର ଶିକ୍ଷା ବ୍ୟବସ୍ଥା ଫିନ୍‌ଲାଣ୍ଡ ଭଳି ୫୫ ଲକ୍ଷ ଜନବହୁଳ ଓ ପ୍ରାୟ ୩୪ ହଜାର ବର୍ଗ କିଲୋମିଟର ବିଶିଷ୍ଟ ଏକ କ୍ଷୁଦ୍ର ଦେଶର ଶିକ୍ଷା ବ୍ୟବସ୍ଥାଠାରୁ ନଗଣ୍ୟ !

ଏହି କ୍ଷୁଦ୍ର ପରିସୀମା ବିଶିଷ୍ଟ ଦେଶର ଶିକ୍ଷା କ୍ଷେତ୍ରରେ ତା'ର ଅଗ୍ରଗଣ୍ୟତାକୁ ଜାତିସଂଘର ଶିକ୍ଷାସୂଚକର ପରିମାପରେ ଏହାକୁ କିଛି ବର୍ଷ ଧରି ପ୍ରଥମ ସ୍ଥାନ ଦେଇ ଆସିଛି ଏବଂ ଚଳିତ ବର୍ଷ ଏହାର ସ୍ଥାନ କିଛି ପାଦ କମିଥିଲେ ମଧ ତାହାର ଶିକ୍ଷା ବ୍ୟବସ୍ଥା ଏବେ ମଧ ବିଶ୍ୱଦରବାରରେ ଅନୁଶୀଳନ ଯୋଗ୍ୟ ।

ଏପରି କ୍ଷୁଦ୍ର ଦେଶର, ଶିକ୍ଷାକ୍ଷେତ୍ରରେ ବିଶାଳ ପ୍ରୟାସକୁ ଅନୁଧ୍ୟାନ କଲେ ତା'ର ଶ୍ରେଷ୍ଠତାକୁ ସ୍ୱୀକାର ଏବଂ ସ୍ୱୀକୃତି ପ୍ରଦାନ ନକରି ରହି ହେବ ନାହିଁ ।

ଫିନିସ୍ ଭାଷାରେ ଏକ ପ୍ରବାଦରୁ ଜାଣି ହୁଏ, ସେଠାକାର ଅଧିବାସୀ କେତେ ସକାରାତ୍ମକ ଏବଂ ତାହାର ପ୍ରତିଫଳନ ମଧ ଶିକ୍ଷା ବ୍ୟବସ୍ଥାରେ ପଡ଼ିବା ସ୍ୱାଭାବିକ । ପ୍ରବାଦଟି ହେଲା, "There is no bad Weather only inadequate clothing", ଅର୍ଥାତ୍, ପରିସ୍ଥିତିକୁ ଦୋଷ ନ ଦେଇ ତା' ପାଇଁ ପ୍ରସ୍ତୁତି ହେଉଛି ସର୍ବୋତ୍ତମ ବିକଳ୍ପ । ବାରଂବାରଭାବେ ଶୁଣିବାକୁ ପାଉ ଏକ ମନ୍ତ୍ର ସୁଲଭ ବାକ୍ୟ ଯାହା ସୂଚିତ କରେ ସେଠାକାର ଶିକ୍ଷା ବ୍ୟବସ୍ଥାରେ ସେମାନେ କେତେ ସୂକ୍ଷ୍ମ ସ୍ପର୍ଶୀ – "Let child be child - The Work of a child is to play and children learn best through play."[୨] ଅର୍ଥାତ୍, ''ଶିଶୁକୁ ଶିଶୁ ଭଳି ରହିବାକୁ ଦିଅ । ଶିଶୁର ସ୍ୱାଭାବିକ କାର୍ଯ୍ୟ ଖେଳିବା । ଶିଶୁ ଖେଳ ମାଧ୍ୟମରେ ସର୍ବୋତ୍ତମ ଶିକ୍ଷା ପାଇଥାଏ ।'' ଅନ୍ୟ ଏକ ଘଟଣା ତାହା ହେଲା ଏଠାକାର ଶିକ୍ଷାନୁଷ୍ଠାନରେ ସୃଷ୍ଟି କରାଯାଇଥିବା ସମ୍ବେଦନଶୀଳ ଓ ସୁରକ୍ଷିତ ବାତାବରଣ । ତାହା ସ୍ୱୀକୃତ ଯୋଗ୍ୟ । ଜଣେ ଚୀନ ଦେଶର ପ୍ରାକ୍ତନ ଛାତ୍ର ଏଠାକାର ଶିକ୍ଷା ବ୍ୟବସ୍ଥାକୁ ଦେଖି କହିଲେ, ''ଚାଇନାର ବିଦ୍ୟାଳୟରେ ଅନୁଭବ ହେବ ତୁମେ ସୈନ୍ୟବିଭାଗରେ ଅଛ, କିନ୍ତୁ ଏଠାରେ ତୁମେ ଅନୁଭବ କରିବ ତୁମେ ପରିବାର ସହିତ ଅଛ ।''[୩] ଉପରୋକ୍ତ ମନସ୍ତାତ୍ତ୍ୱିକ ପରିବେଶ କେବଳ ଆମକୁ ବିସ୍ମିତ କରେନି, ତାହା ସହ ଏହି ଦେଶର ସାଙ୍ଗଠନିକ ବ୍ୟବସ୍ଥା ମଧ ତଦନୁରୂପ ବିସ୍ମୟକର । ଏଠାକାର ସମସ୍ତ ବିଦ୍ୟାଳୟ ସରକାରୀ । ୯୭% ଛଅ ବର୍ଷର ଶିଶୁ ସେଠାରେ ସ୍କୁଲକୁ ପ୍ରାରମ୍ଭିକ ଅଧ୍ୟୟନ ପାଇଁ ଆସିଥା'ନ୍ତି । ସେମାନଙ୍କୁ ବିଦ୍ୟାଳୟରେ ଖାଦ୍ୟ, ସ୍ୱାସ୍ଥ୍ୟସେବା ଏବଂ ପରିବହନ ସେବା ଯେଉଁଠି ଆବଶ୍ୟକ ଦିଆଯାଇଥାଏ ।

ସମସ୍ତଙ୍କୁ ବାଧ୍ୟତାମୂଳକଭାବେ ସମାନ ପରୀକ୍ଷା ମଧ ଦେଇ ଯିବା ଅନାବଶ୍ୟକ ଏବଂ ତେରବର୍ଷ ପରେହିଁ ସେମାନେ ପରୀକ୍ଷା ବ୍ୟବସ୍ଥା ମଧକୁ ଯାଆନ୍ତି । ପରସ୍ପର ମଧରେ ପ୍ରତିଯୋଗିତା, ତୁଳନା ଭଳି ଏକ ଅସ୍ୱାସ୍ଥ୍ୟକର ବ୍ୟବସ୍ଥାଠାରୁ ସେମାନେ ଦୂରରେ । ଶିଶୁମାନଙ୍କ ମଧରେ ବୌଦ୍ଧିକ ବିକାଶର ତାରତମ୍ୟ ନଗଣ୍ୟ । 'ସମାନତା' ଫିନିସ୍ ଶିକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ' ବିଷୟ । ସମସ୍ତ ରାଜନୈତିକ ଦଳ ବାମରୁ ଦକ୍ଷିଣପନ୍ଥୀ ପର୍ଯ୍ୟନ୍ତ ସେଠାରେ ଏହାକୁ ସ୍ୱୀକାର କରନ୍ତି ।

ଯଥାର୍ଥରେ ଶିକ୍ଷାରେ ମନସ୍ତାତ୍ତ୍ୱିକ ବ୍ୟାପାରଟି ଅତି ଗୁରୁତ୍ୱପୂର୍ଣ୍ଣ, ଯାହା ବାହ୍ୟ ସାଙ୍ଗଠନିକ ବ୍ୟବସ୍ଥାଠାରୁ ଅଧିକ ଆକର୍ଷିତ କରିଥାଏ । ଆମ ଦେଶ ଓ ବିଦେଶରେ ଶିକ୍ଷାର ଗବେଷଣାରେ ମନସ୍ତାତ୍ତ୍ୱିକ ଦିଗକୁ ପ୍ରମୁଖଭାବେ ଗ୍ରହଣ କରିବାକୁ, ସମ୍ବେଦନଶୀଳ ବୁଦ୍ଧିଜୀବୀ ଏକ ଉଚ୍ଚତର ଚେତନାର ଚାପରେ ସ୍ୱୀକାର କରିବାକୁ ବାଧ ହେଲେଣି ।

ଭବିଷ୍ୟତର ଦ୍ରଷ୍ଟା ଶ୍ରୀଅରବିନ୍ଦ ଆଧ୍ୟାତ୍ମିକ ଯୁଗର ଆଗମନରେ ଯେଉଁ ସାମାଜିକ ପରିବର୍ତ୍ତନ ଦେଖାଯିବ ତାହା ସେ ନିମ୍ନୋକ୍ତ ଉକ୍ତିରେ ପ୍ରକାଶ କରିଅଛନ୍ତି । ତାହା ଏବେ ଆଧୁନିକ ବିଜ୍ଞାନର ଗବେଷଣାରେ ପ୍ରକାଶିତ ହେଉଛି । ଯାହା ସୂକ୍ଷ୍ମ ଓ ସ୍ଥୂଳ ମଧ୍ୟରେ ପରଦାଟିକୁ ପତଳା କରିବାକୁ ଆରମ୍ଭ କଲାଣି ।

''ବିଜ୍ଞାନକ୍ଷେତ୍ରରେ, ବା ଅନ୍ତତଃ ଗବେଷଣାର କ୍ଷେତ୍ରରେ ଅପ୍ରତ୍ୟାଶିତ ଭାବରେ ଅନେକ ନୂତନ ଦିଗରେ ବିଚରଣ କରିବା ଆରମ୍ଭ ହୋଇଯିବ; କାରଣ ରକ୍ଷଣଶୀଳ ବର୍ତ୍ତମାନ ଗବେଷଣାର ସବୁଠାରୁ ଅଧିକ ଫଳପ୍ରଦ କ୍ଷେତ୍ରଗୁଡ଼ିକରେ ମଧ୍ୟ ଏପରି ଏକ ଦିକ୍‌ପରିବର୍ତ୍ତନକୁ ତଥାପି ବିଜ୍ଞାନ ବୋଲି କହିବାକୁ ଆଦୌ ସମ୍ମତ ହୋଇପାରନ୍ତି ନାହିଁ । ସେତେବେଳେ ଏପରି ନାନା ନୂତନ ଉଦ୍ଭାବନ ମଧ୍ୟ ସମ୍ଭବ ହେବ, ଯାହାକି ଆତ୍ମା ଓ ଜଡ଼ ମଧ୍ୟରେ ରହିଥିବା ବ୍ୟବଧାନଗୁଡ଼ିକୁ କ୍ରମଶଃ ହ୍ରାସ କରି ଆଣିବ; ମନୋଗତ ଏବଂ ଚୈତ୍ୟ କ୍ଷେତ୍ରଗୁଡ଼ିକର ନିଜସ୍ୱ ବିଧାନମାନ ରହିଛି ଏବଂ ସେଗୁଡ଼ିକୁ ବାହ୍ୟ ଭୌତିକ ବିଧାନଗୁଡ଼ିକ ଦ୍ୱାରା କଦାପି ପରିଚାଳିତ ହେଉ ନାହାନ୍ତି ଓ ବାହ୍ୟ ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ଧରା ଦେଉ ନଥିବାରୁ ଓ ଅନ୍ତହୀନଭାବରେ ସ୍ଥିତିସ୍ଥାପକ ତଥା ସୂକ୍ଷ୍ମ ହୋଇଥିବାରୁ ସେଗୁଡ଼ିକୁ ଯେ ତଥାପି କୌଣସି ନିମ୍ନସ୍ତରର ବିଧାନ ବୋଲି ଆଦୌ କୁହାଯାଇ ପାରିବ ନାହିଁ, ଏହି ସତ୍ୟଟିର ଉପଲବ୍ଧି ଦ୍ୱାରା ପ୍ରେରିତ ହୋଇ ସେହିସବୁ କ୍ଷେତ୍ରର ଯଥାର୍ଥ ଲବ୍ଧ ଜ୍ଞାନକୁ ମଧ୍ୟ ସଂଶୟମୁକ୍ତ ଯଥାର୍ଥ ଜ୍ଞାନ ବୋଲି କୁହାଯିବ ।''[୪]

ଆଧୁନିକ ସମାଜରେ, ସମସ୍ତ ଆଧୁନିକ ବ୍ୟବସ୍ଥା ଯେଉଁ ପୂର୍ଣ୍ଣତା ପ୍ରାପ୍ତ ଦିଗରେ ଧାବିତ ହେଉଛି ତା'ର ପ୍ରାପ୍ତି ସେୟାଏ ପୂର୍ଣ୍ଣତା ପ୍ରାପ୍ତ ହେବ ନାହିଁ, ଯେପର୍ଯ୍ୟନ୍ତ ସେ ତା' ଅନ୍ତଃସ୍ଥ ଆତ୍ମାକୁ ଉପଲବ୍ଧି କରି ନାହିଁ । ଆତ୍ମାହିଁ ଶାଶ୍ୱତ ପୂର୍ଣ୍ଣତାର ଉତ୍ସ ।

ଦେଶ ବିଦେଶରେ ଶିକ୍ଷା ବ୍ୟବସ୍ଥାର ଅନେକ ପରିବର୍ତ୍ତନ ପରିଲକ୍ଷିତ ହେଉଅଛି । ଯାହା ସ୍ୱାଗତଯୋଗ୍ୟ କିନ୍ତୁ ଏହାକୁ ଦେଖିବାର ଦୃଷ୍ଟିକୋଣ ମହାନ୍ ଓ ବିସ୍ତାର ହେବା ଆବଶ୍ୟକ ନଚେତ୍ ସେ ଆମକୁ ଅଜ୍ଞାନ ଓ ବିଭ୍ରାନ୍ତି ମଧ୍ୟରୁ ଟାଣି ନେଇଯିବ । "... you must know the whole before you can know the part and the highest before you can truly understand the lowest."[୫] – *ଶ୍ରୀଅରବିନ୍ଦ*

ଆମେ ଶିକ୍ଷାର ବାହାର ଦିଗର ଅବଲମ୍ବନରେ ବ୍ୟସ୍ତ ରହି ତା'ର ଅନ୍ତଃସ୍ଥ ସତ୍ୟକୁ ଯେପରି ଭୁଲି ଯାଉ ।

ପୂର୍ଣ୍ଣାଙ୍ଗ ଶିକ୍ଷା, ଏହି ସୀମିତ ଓ ଅପୂର୍ଣ୍ଣତାରୁ ଏକ ପୂର୍ଣ୍ଣତା ପ୍ରାପ୍ତି ଦିଗରେ ପ୍ରାରମ୍ଭିକ ପ୍ରୟାସ ଆରମ୍ଭ କରି-ସାରିଲାଣି । ଏହା ସତ୍ୟ ଯାହାର ସମ୍ପୂର୍ଣ୍ଣ ସ୍ୱରୂପ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ଅନୁଭୂତ ହୋଇ ନାହିଁ । ''ପ୍ରତ୍ୟେକ କ୍ଷେତ୍ରରେ ତାକୁ ତା'ର ଗଭୀରତର ଆତ୍ମପରିଚୟଟି ଲାଭ କରିବାରେ ଅର୍ଥାତ୍ ତାହାର ଭିତରେ ରହିଥିବା ଚୈତ୍ୟସତ୍ତାଟିର ଆବିଷ୍କାର କରିବାରେହିଁ ସହାୟତା କରିବାକୁ ଯେ ଶିକ୍ଷାର ଗୁପ୍ତ ଅସଲ କଥା ବୋଲି ଜାଣିବାକୁ ହେବ ।''[୬]

ପୂର୍ଣ୍ଣାଙ୍ଗ ଶିକ୍ଷା ଯେଉଁ ସ୍ୱର୍ଣ୍ଣାଭ ରାଜରାସ୍ତାରେ ଅଗ୍ରସର ହେଉଛି, ଅନ୍ୟ ସମସ୍ତ ଶିକ୍ଷା ପ୍ରଣାଳୀ ଓ ପ୍ରୟୋଗ ତାହାକୁ ସଂଯୋଗ କରୁଥିବା ଏକ ଏକ ବାଟ ନିଶ୍ଚିତ ହୋଇପାରେ ।

ପୂର୍ଣ୍ଣାଙ୍ଗ ଶିକ୍ଷା ପଶ୍ଚାତରେ ଯେଉଁ ପ୍ରକାଶୋନ୍ମୁଖ ଶକ୍ତି କାର୍ଯ୍ୟରତ ତାହା ଚୂଡ଼ାନ୍ତ ପୂର୍ଣ୍ଣତା ଆଡ଼କୁ ସବୁକିଛିକୁ ସମନ୍ୱୟ କରି, କ୍ରମବର୍ଦ୍ଧିଷ୍ଣୁ ଭାବରେ ତା'ର ଲକ୍ଷ୍ୟସ୍ଥଳରେ ନିଶ୍ଚିତ ପହଞ୍ଚାଇବ ।

କେବଳ ଆମକୁ ସେହି ଶକ୍ତି ଓ ଚେତନା ପ୍ରତି ଆନୁଗତ୍ୟ ପ୍ରଦାନ କରିବା ଏକାନ୍ତ ଆବଶ୍ୟକ ।

❑❑❑

**ତଥ୍ୟ ନିର୍ଦ୍ଦେଶିକା**

୧. *The Sunday Morning herald,* March 16, 2016

୨. ତତ୍ରୈବ; ୩. ତତ୍ରୈବ

୪. *The Human Cycle The Ideal of Human Unity War and Self-Determination,* Sri Aurobindo, p. 249.

୫. *Letters on Yoga, part - IV,* Sri Aurobindo, p. 616; ୬. *The Human Cycle,* Sri Aurobindo, p. 33

# ଆମ ସ୍ୱାସ୍ଥ୍ୟ

## (୧୧)

## ଭୋଳେଶ୍ୱର ଭୂୟାଁ

''ତୁମେ ତୁମର ସ୍ନାୟୁକୁ ଇସ୍ପାତ ଭଳି ଶକ୍ତିଶାଳୀ ଏବଂ ତୁମ ମାଂସପେଶୀକୁ ଇଲାଷ୍ଟିକ (ରବର) ଭଳି ଗଢ଼ି ତୋଳିବାକୁ ହେବ ଯାହାଦ୍ୱାରା ଦରକାର ପଡ଼ିଲେ ତୁମେ କୌଣସି କଠିନ କାମକୁ ସହଜରେ କରିପାରିବ ।'' – ଶ୍ରୀମା

ଶ୍ରୀମା ପୁଣି କହୁଛନ୍ତି : ''ଶାରୀରିକ ଶିକ୍ଷାର ଲକ୍ଷ୍ୟ ହେଲା – ଏପରି ଏକ ଶରୀର ଗଢ଼ିବାକୁ ହେବ ଯଦ୍ଦ୍ୱାରା ଏହା ଉଚ୍ଚତର ଚେତନାର ଏକ ଯଥାର୍ଥ ଯନ୍ତ୍ର ଭାବରେ କାମ କରିପାରିବ । ଏହା ଆମ ପାଇଁ ଏକ ବଡ଼ ତପସ୍ୟା ଯାହା ଆମ ନିଦ୍ରା, ଖାଦ୍ୟ, ବ୍ୟାୟାମ ଏବଂ ଅନ୍ୟ କାର୍ଯ୍ୟକଳାପ ପାଇଁ ନିୟମାନୁବର୍ତ୍ତିତା ଆଣିପାରିବ ।'' – ଶ୍ରୀମା

(The Four Austerities and the Four Liberations)

ଶରୀରକୁ ଏତେ ମଜଭୁତ କରି ଗଢ଼ିବା ଦରକାର କ'ଣ ? ଆମେ ଭଗବତ୍ ଚେତନାରେ ଏକ ହୋଇ ମହା-ଆନନ୍ଦରେ ରହିପାରିବୁ । ଏତେ କଠିନ ବ୍ୟାୟାମ, ଶରୀର ଶିକ୍ଷା କରିବାର ଆବଶ୍ୟକତା କ'ଣ ?

ଏହି ଚିନ୍ତାଧାରା ଅନୁସାରେ ଆମେ ଏତେଦିନ ଯୋଗ କରି ଆସିଲୁ । କିନ୍ତୁ ଏହାର ଫଳ କ'ଣ ହେଲା ? କେବଳ ବ୍ୟକ୍ତିଗତ ଭାବରେ ମୁଷ୍ଟିମେୟ ଲୋକ ପୁରାତନ ଯୋଗ ଆଚରଣ କରି ନିଜର ଚେତନାକୁ ଏହି ବାହ୍ୟ ଜଗତରୁ ଉଠାଇ ନେଇ ଭଗବତ୍ ଚେତନାରେ ପ୍ରତିଷ୍ଠା କରି ନିର୍ବାଣର ଅନୁଭୂତି ନେଇ ଅର୍ଥାତ୍ ଜନ୍ମ ମୃତ୍ୟୁର ଚକ୍ରରୁ ବାହାରି ଯାଇ ଏହି ପୃଥିବୀକୁ ଯେପରି ଥିଲା ସେହିପରି ଛାଡ଼ିଗଲେ । ସାମୂହିକ ଭାବରେ ଏ ପୃଥିବୀର କିଛି ବି ମଙ୍ଗଳ ବା ଅଗ୍ରଗତି ହୋଇପାରିଲା ନାହିଁ । ସେଥିପାଇଁ ଆଜି ଏ ଦେବମୁହୂର୍ତ୍ତ ଆଗମନ ହୋଇଛି । ଏହି ଦେବମୁହୂର୍ତ୍ତରେ ସବୁକିଛିକୁ ସମୂଳେ ପରିବର୍ତ୍ତନ କରି ତାକୁ ଚରମ ପୂର୍ଣ୍ଣତାର ଦିଗରେ ନେଇଯିବା ପାଇଁ ଏ ପୃଥିବୀରେ ଅତିମାନସ ଶକ୍ତିର ଆବିର୍ଭାବ ହେଲା ମା' ଶ୍ରୀଅରବିନ୍ଦଙ୍କ କୃପାରୁ । ଏହି ଦୁର୍ଲଭ ଦେବମୁହୂର୍ତ୍ତର ଆମେ ଯଦି ଯଥାର୍ଥ ଉପଯୋଗ କରି ନପାରୁ ତେବେ ଏହା ପୃଥିବୀ ପାଇଁ କ୍ଷତିକାରକ ହେବ । ଏ ବିଷୟରେ ଶ୍ରୀଅରବିନ୍ଦ କହୁଛନ୍ତି : ''ମଣିଷ ଓ ଦେଶ ଦୁଃଖି ହେବେ ଯେତେବେଳେ ଭଗବତ୍ ମୁହୂର୍ତ୍ତ ଉପସ୍ଥିତ ହୁଏ ଏବଂ ସେମାନେ ଯଦି ଶୋଇ ରହନ୍ତି ବା ଏହି ମୁହୂର୍ତ୍ତକୁ ବ୍ୟବହାର କରିବା ପାଇଁ ପ୍ରସ୍ତୁତ ନଥାଆନ୍ତି । କାରଣ ପ୍ରଦୀପର ବଳିତା ଠିକ୍ ଭାବରେ କଟା ହୋଇ ନଥାଏ ଏହାକୁ ସ୍ୱାଗତ କରିବା ପାଇଁ ଏବଂ ଭଗବତ୍ ଡାକରା ପ୍ରତି କାନ ବନ୍ଦ ହୋଇ ରହିଥାଏ ।'' (The Hour of God)

ଏହି ଦେବମୁହୂର୍ତ୍ତକୁ ଯଥାର୍ଥ ଭାବରେ ବ୍ୟବହାର କରିବା ପାଇଁ ନିଷ୍କ୍ରିୟ ସମର୍ପଣର କାମ ଚଳିବ ନାହିଁ । ''ମା'ଙ୍କୁ ସମର୍ପଣ କର ସେ ସବୁ କରିଦେବେ'' – ଏହି କଥାର ଅର୍ଥ ଆମେ ଏବେବି ବୁଝି ନାହୁଁ । ମା'ସବୁ କରିଦେବେ କହି ଆମେ ଯଦି କିଛି କରିବୁ ନାହିଁ, ତେବେ ମା' ଆମମାନଙ୍କ ପାଇଁ କିଛି ବି କରିପାରିବେ ନାହିଁ । କିନ୍ତୁ ଆମେ ଯଦି ପ୍ରତ୍ୟେକ କାମକୁ ଯଥାର୍ଥ ଭାବରେ ମା'ଙ୍କର କାମ ବୋଲି ମନେ କରି କରିବା – ଏହାହିଁ ଆମର ଯଥାର୍ଥ ସମର୍ପଣ ହେବ ଏବଂ ଆମ ପାଇଁ ମା'ଙ୍କ ସାହାଯ୍ୟ ଏସବୁ କାମରେ ରହିବ ଏବଂ ଏହିସବୁ କର୍ମରେ ଆମେ ସଫଳତା ଲାଭ କରିପାରିବା ।

ଅତଏବ ଆମେ ଶରୀରର ପୂର୍ଣ୍ଣତା ପାଇଁ, ଏହାକୁ ସୁସ୍ଥ-ସବଳ ଓ ନୀରୋଗ ରଖିବା ପାଇଁ କେବଳ ମା'ଙ୍କୁ ପ୍ରାର୍ଥନା କରିବା ଫଳରେ ଏହା ବିଶେଷ ଫଳ ଦେଇ ନଥାଏ । କିନ୍ତୁ ଶରୀରର ସ୍ୱାସ୍ଥ୍ୟ ପାଇଁ, ଏହାର ପୂର୍ଣ୍ଣତା ପାଇଁ ଆମେ ଯଦି ଯଥାର୍ଥ ବ୍ୟାୟାମ, ଆସନ, ପ୍ରାଣାୟମ କରୁ, ଯଥାର୍ଥ ଖାଦ୍ୟ ଗ୍ରହଣ କରୁ ଓ ଠିକ୍ ସମୟରେ ସବୁ କାମ କରୁ ତେବେ ଆମେ ଆମ ସ୍ୱାସ୍ଥ୍ୟକୁ ଗଠନ କରି ମା'ଙ୍କର ଉପଯୁକ୍ତ ଯନ୍ତ୍ର ହୋଇପାରିବୁ । ୨୦୧୫ ମସିହା ନଭେମ୍ବର ୧୭ ତାରିଖରେ ଆଶ୍ରମରେ ଶ୍ରୀଅରବିନ୍ଦଙ୍କର ଯେଉଁ ବାଣୀ ବିତରଣ କରାଯାଇଥିଲା ତାହା ଏଠାରେ ଦିଆଗଲା : ''ତୁମକୁ ଶିଖିବାକୁ ହେବ କିପରି ତୁମେ ତୁମ ଗଭୀରତମ ହୃଦୟରୁ ଆସୁଥିବା ଆତ୍ମାର ବାଣୀ, ଗୁରୁଙ୍କ ନିର୍ଦ୍ଦେଶ, ପରମପ୍ରଭୁଙ୍କ ଆଦେଶ ଓ ତୁମ ଭିତରେ ମା'ଙ୍କ କ୍ରିୟାଶୀଳତାକୁ ବୁଝିବାକୁ ହେବ । ଯେ ନିଜର କାମନା ସହିତ ଜଡ଼ିତ ହୋଇ ରହିଥାଏ, ଶାରୀରିକ

ଆକର୍ଷଣର ଦୁର୍ବଳତା, ପ୍ରାଣସତ୍ତାର ପ୍ରବଳ ବାସନାର ପ୍ରାଦୁର୍ଭାବ, ନିଜ ବ୍ୟକ୍ତିଗତ ମନ ଯାହା ଶାନ୍ତ ହୋଇ ନଥାଏ ଏବଂ ଉଚ୍ଚତର ଜ୍ଞାନ ଦ୍ୱାରା ଉଦ୍ଭାସିତ ହୋଇ ନଥାଏ, ତା'ର ଆଦେଶକୁ ମାନିଥାଏ ସେ କେବେହେଲେ ଅନ୍ତରର ଅନୁଶାସନ ପାଇ ନଥାଏ ଏବଂ ଭାଗବତ ପଥରେ ବାଧା ବିପତ୍ତିର ପାହାଡ଼ ତିଆରି କରିଥାଏ । ଯେ କେହି ଏହିସବୁ ଅଜ୍ଞାନ ଅନ୍ଧକାରର ଶତ୍ରୁଙ୍କୁ ଦୂରରୁ ଚିହ୍ନି ଏମାନଙ୍କୁ ପ୍ରତ୍ୟାଖ୍ୟାନ କରିବ ଏବଂ ଆନ୍ତର ଓ ବାହ୍ୟ ପରିଚାଳନାକୁ ଅନୁସରଣ କରିବ, ସେ ଆଧ୍ୟାତ୍ମିକତାର ଅନୁଶାସନକୁ ଆବିଷ୍କାର କରି ଯୋଗର ଲକ୍ଷ୍ୟରେ ଉପନୀତ ହେବ ।'' – ଶ୍ରୀଅରବିନ୍ଦ

ଆମେ ଆମ ସ୍ୱାସ୍ଥ୍ୟ ପାଇଁ ଆସନ ବିଷୟରେ ଆଲୋଚନା କରୁଛୁ । ମେରୁଦଣ୍ଡର ନମନୀୟତା ପାଇଁ ଆମେ କେତେକ ଆସନ ବିଷୟରେ ଜାଣିଛୁ । ଆଜି ଆମେ ମେରୁଦଣ୍ଡର ଆଉ ଦୁଇଟି ଆସନ ବିଷୟରେ କହିବୁ ।

**ଚକ୍ରାସନ :** ପୂର୍ଣ୍ଣ ଚକ୍ରାସନ କରିବା କଠିନ କିନ୍ତୁ ଅର୍ଦ୍ଧଚକ୍ରାସନ କରିବା କିଛି କଷ୍ଟ ନୁହେଁ । ଅର୍ଦ୍ଧ-ଚକ୍ରାସନକୁ ଆମେ ଜିମ୍ନାଷ୍ଟିକରେ Arch କହୁ । ଅର୍ଥାତ୍ ଶରୀରକୁ ଏକ Arch ଭଳି କରିବାକୁ ହେବ । ପ୍ରଥମେ ଆମେ ଶୟନ ଅବସ୍ଥାରୁ କିପରି ଅର୍ଦ୍ଧ-ଚକ୍ରାସନ କରିବୁ ତା'ର ପ୍ରଣାଳୀ କହିବୁ । ପ୍ରଥମେ ଚିତ୍ ହୋଇ ଶୋଇଯାଅ । ଗୋଡ଼କୁ ଆଣ୍ଠୁରୁ ଭାଙ୍ଗି ପାଦକୁ ପିଚା ପାଖରେ ରଖ । ଦୁଇ ପାଦର ଦୂରତା ଏକ ଫୁଟ ହେବ । ହାତର ପାପୁଲିକୁ କାନ୍ଧ ପାଖରେ ରଖ । ହାତର ଅଙ୍ଗୁଳି କାନ୍ଧ ଦିଗରେ ରହିବ । ସ୍ୱାଭାବିକଭାବେ କହୁଣି ଉପରକୁ ରହିବ । ଏଥର ହାତ ଓ ପାଦରେ ଭରା ଦେଇ ପୂରା ଶରୀରକୁ ଏପରିକି ମୁଣ୍ଡକୁ ମଧ୍ୟ ଉପରକୁ ଉଠାଅ । ପିଠିର ମେରୁଦଣ୍ଡ ବକ୍ର ହୋଇ ଏକ ସେତୁ ଭଳି ହେବ । ଏହି ଆସନରେ ୧୦ ସେକେଣ୍ଡରୁ ଅଧମିନିଟ ପର୍ଯ୍ୟନ୍ତ ରହିପାର । ଶରୀର ନମନୀୟ ହେଲେ ହାତ ଦୁଇଟିକୁ ପାଦ ପାଖକୁ ଆଣିବାକୁ ଚେଷ୍ଟା କର । ଯଦି ହାତରେ ଗୋଡ଼ର ଗୋଇଠିକୁ ଧରିପାର ତେବେ ଏହା ପୂର୍ଣ୍ଣ ଚକ୍ରାସନ ହେବ ।

ଏହି ଆସନକୁ ଛିଡ଼ା ହେବା ଅବସ୍ଥାରେ ମଧ୍ୟ କରାଯାଇ ପାରେ । ପାଦ ଦୁଇଟିକୁ ଏକ ଫୁଟ ଫାଙ୍କ କରି, ହାତ ଉପରକୁ ଟେକି ଛିଡ଼ା ହୁଅ । ହାତର ପାପୁଲି ସାମନାକୁ ରହିବ । ଏଥର ହାତ କାନ ପାଖରେ ରଖି ପଛକୁ ବାଙ୍କିବାକୁ ଚେଷ୍ଟା କର । ପଛକୁ ବାଙ୍କିବା ସମୟରେ ତୁମର ଜାନୁ ଓ ଅଣ୍ଟାକୁ ସାମନାକୁ ନିଅ । ମଥା ପଛକୁ ପୂରା ବଙ୍କାଅ । ଏହିପରି ଆସ୍ତେ ଆସ୍ତେ ପଛକୁ ବାଙ୍କି ଯେତେ ପାର ହାତର ପାପୁଲିକୁ ଭୂମି ନିକଟକୁ ନିଅ । ହାତର ପାପୁଲି ଭୂମିକୁ ସ୍ପର୍ଶ କରିବା ପାଇଁ ଏକ ଫୁଟରୁ ଦେଢ଼ଫୁଟ ଥିବା ସମୟରେ ତଳକୁ ପଡ଼ି ହାତ ପାପୁଲି ଭୂମିରେ ସ୍ଥାପନ କର । ମନେରଖ ତୁମେ ଯେତେବେଳେ ପଛକୁ ବାଙ୍କୁଛ ସେତେବେଳେ ତୁମର ମେରୁଦଣ୍ଡକୁ ଯେତେ ପାର Arch ଭଳି କର । ଏହିପରି ତୁମେ ଅର୍ଦ୍ଧ-ଚକ୍ରାସନ ଅବସ୍ଥାକୁ ଆସିପାରିବ ।

**ଉପକାରିତା :** ମେରୁଦଣ୍ଡକୁ ନମନୀୟ ରଖିବା ପାଇଁ ଏହି ଆସନ ଅତୀବ ଉତ୍କୃଷ୍ଟ । ଧନୁରାସନ, ଭୁଜଙ୍ଗାସନ ପ୍ରଭୃତି ଆସନ ଦ୍ୱାରା ଯେଉଁ ଉପକାର ମିଳିଥାଏ ତାହା ଏହି ଚକ୍ରାସନରୁ ମଧ୍ୟ ମିଳିଥାଏ । ଏହି ଆସନ ଅଭ୍ୟାସ କଲେ ବାଳକ, ବାଳିକାଙ୍କ ଶରୀର ସୁଶ୍ରୀ ଓ ସୁଠାମ ହୁଏ । ଏହା ଶରୀରରେ ଚର୍ବି କମ୍ କରି ଶରୀରକୁ ସୁଗଠିତ କରିଥାଏ । ଏହି ଆସନ ଅଭ୍ୟାସ ଦ୍ୱାରା କୋଷ୍ଠବଦ୍ଧତା, ଅଜୀର୍ଣ୍ଣ, ଅଣ୍ଟା ଦରଜ ପ୍ରଭୃତି ରୋଗ ଦୂର ହୋଇଥାଏ ।

**ଜାନୁଶିରାସନ :** ଏହି ଆସନରେ ମଥାକୁ ଜାନୁ ବା ଆଣ୍ଠୁରେ ଛୁଇଁବାକୁ ହୁଏ । ବାମ ପାଦ ଲମ୍ବାଇ ବସ । ଡାହାଣ ପାଦ ଗୋଇଠିକୁ ଆଣ୍ଠୁରୁ ବଙ୍କାଇ ମଳଦ୍ୱାର ନିକଟରେ ସ୍ଥାପନ କର । ଏବେ ଶ୍ୱାସତ୍ୟାଗ କରି କରି ସାମନାକୁ ଝୁଙ୍କି ଦୁଇ ହାତରେ ବାମ ପାଦର ଅଙ୍ଗୁଳିକୁ ଧର ବା ପାଦକୁ ଧର । ମଥାକୁ ବାମ ପାଦର ଆଣ୍ଠୁରେ ଲଗାଅ । ମଥା ଆଣ୍ଠୁରେ ଲଗାଇବା ସମୟରେ ଆଣ୍ଠୁ ଯେପରି ବଙ୍କା ନହୁଏ । ପ୍ରଥମ ଅଭ୍ୟାସ ସମୟରେ ହୁଏତ ଆଣ୍ଠୁ ଟିକିଏ ବଙ୍କା ହୋଇପାରେ । ଏହି ଆସନରେ ୧୦ରୁ ୩୦ ସେକେଣ୍ଡ ରହିପାର । ପରେ ପାଦ ବଦଳାଇ ଏହି ଆସନ କରିବାକୁ ହେବ ।

**ଉପକାରିତା :** ଏହି ଆସନ ଆମ ଜଠରାଗ୍ନିକୁ ବୃଦ୍ଧି କରିଥାଏ । ଆମ ନାଭି ପ୍ରଦେଶର ସ୍ନାୟୁ ଓ ମାଂସପେଶୀକୁ ଏହି ଆସନ ସବଳ କରିଥାଏ । ଏହି ଆସନ କରିବା ଦ୍ୱାରା ଶରୀରର ଆଳସ୍ୟ ଓ ଜଡ଼ତା ଦୂର ହୋଇଥାଏ । ସାଧାରଣତଃ ଆମେ ସବୁଠାରୁ ବେଶୀ ଅଳସୁଆମି କରିଥାଉ ସକାଳେ ବିଛଣାରୁ ଉଠିବା ପାଇଁ । ସେହି ସମୟରେ ଜାନୁଶିରାସନ କଲେ ତତ୍କ୍ଷଣାତ୍ ଆମ ଅଳସୁଆମି ଚାଲି ଯାଇଥାଏ । ଏହି ଆସନ କରିବା ଦ୍ୱାରା ସାଇଟିକା, ଅର୍ଶ, ଅଣ୍ଟା ଦରଜ ପ୍ରଭୃତି ରୋଗ ଭଲ ହୋଇଥାଏ । ଆମ ମଙ୍ଗଳଗ୍ରନ୍ଥି (Thymus gland) ଦୁର୍ବଳ ହେଲେ ଶରୀର ଦୁର୍ବଳ ହୋଇଥାଏ । ଜାନୁଶିରାସନ

କରିବା ଦ୍ୱାରା ଏହି ଗ୍ରନ୍ଥି ସୁସ୍ଥ ହୋଇଥାଏ ଓ ଆମ ସ୍ୱାସ୍ଥ୍ୟର ଉନ୍ନତି ହୋଇଥାଏ ।

ଆମେ ବେକ ଓ ମେରୁଦଣ୍ଡର ଆସନ ବିଷୟରେ ଆଲୋଚନା କରିଛୁ । ଏହା ଦ୍ୱାରା ଆମେ ଆମ ମେରୁଦଣ୍ଡକୁ ସୁସ୍ଥ, ସବଳ ଓ ନମନୀୟ ରଖିପାରିବୁ । ଏହା ଆମର ରୋଗ ପ୍ରତିରୋଧକ ଶକ୍ତି ତଥା ଜୀବନୀ ଶକ୍ତିକୁ ବୃଦ୍ଧି କରିଥାଏ ଯାହା ଆମକୁ ଅକାଳ ବାର୍ଦ୍ଧକ୍ୟ କବଳରୁ ରକ୍ଷା କରିଥାଏ । ଏହାପରେ ଆମେ ପେଟର ଆସନ ବିଷୟରେ ଆଲୋଚନା କରିବୁ । ପେଟରୁ ପ୍ରାୟ ସବୁ ରୋଗର ଆରମ୍ଭ ହୋଇଥାଏ । ଅନ୍ତ୍ରନଳୀରେ ପ୍ରାୟ ସବୁ ରୋଗର ଜୀବାଣୁ ବାସ କରି ଥାଆନ୍ତି । ଏମାନଙ୍କ ବଂଶ ବୃଦ୍ଧି ହେଲେ ଆମକୁ ରୋଗାକ୍ରାନ୍ତ କରିଥାଏ । ତେଣୁ ପେଟର ମାଂସପେଶୀକୁ ଆମକୁ ଶକ୍ତିଶାଳୀ କରି ଗଢ଼ି ତୋଳିବାକୁ ପଡ଼ିବ । ପେଟ ଭିତରେ ଥିବା ବିଭିନ୍ନ ପାଚକ ଗ୍ରନ୍ଥିକୁ ସୁସ୍ଥ, ସବଳ ରଖିବାକୁ ହେବ । ପେଟରେ ଥିବା ଅନ୍ୟ ଯନ୍ତ୍ର ଯଥା : ମଧୁରକୋଷ, କିଡ୍‌ନି, ପ୍ଲୀହା ଆଦି ଯନ୍ତ୍ରମାନଙ୍କର କ୍ରିୟା କଳାପକୁ ସଦା ସକ୍ଷମ ରଖିବାକୁ ହେବ । ଆମେ ଯଦି ଠିକ୍ ଭାବରେ ଖାଦ୍ୟ ଖାଉ, ତାହା ଆମ ପେଟରେ ଠିକ୍ ଭାବରେ ହଜମ ହୁଏ ଏବଂ ଖାଦ୍ୟର ଅଦରକାରୀ ବସ୍ତୁ ମଳ ଆକାରରେ ସହଜରେ ନିଷ୍କାସିତ ହୋଇଥାଏ ଏବଂ କିଡ୍‌ନି ରକ୍ତକୁ ଛାଣି ପରିଷ୍କାର ରଖିବା କାମରେ ସଦା ସକ୍ଷମ ରହିଥାଏ । ଫଳରେ ଆମ ସ୍ୱାସ୍ଥ୍ୟ ସର୍ବଦା ଅତୁଟ ରହେ । ଆମେ ସୁସ୍ଥ-ସବଳ ଓ ନୀରୋଗ ରହି ମା'ଙ୍କର ଉପଯୁକ୍ତ ଯନ୍ତ୍ର ହୋଇ ପାରିଥାଉ ଏବଂ ନିଜକୁ ରୂପାନ୍ତର ପାଇଁ ପ୍ରସ୍ତୁତ କରିଥାଉ ।

(କ୍ରମଶଃ) ❑

# ଦିଶେ ମୁକ୍ତିର ରାହା

## ଶରତ କୁମାରୀ ସ୍ୱାଇଁ

ଆଲୋକ ପିଆସୀ ମାନବ ଶିଶୁ ତୁ
ପୂର୍ବାଶା କୋଳେ ଚାହାଁ
ସ୍ୱର୍ଣ୍ଣିମ ଧାରା ଫିଟିପଡ଼େ ଏଯେ
ଦିଶେ ମୁକ୍ତିର ରାହା । (୧)

ତନ୍ଦ୍ରାତୁରା ରାତି ବିଦଗ୍ଧ ଆକାଶୁ
ମେଲାଣି ଘେନୁଛି ଧୀରେ
ଉଛୁଳି ଉଛୁଳି ହିରଣ୍ମୟ ପାତ୍ର
ପ୍ରେମର ଶ୍ରାବଣୀ ଝରେ । (୨)

ଆକାଶ ଅୟନୁ ବହ୍ନି-କନ୍ୟା ସେ
ଧରଣୀକୁ ଯାଏ ଛୁଇଁ
ଅଙ୍ଗ ଉପକୂଳେ ଦୀପ୍ତ ଆଲୋକ
ଅନୁରତ ଉଠେ ଚେଇଁ । (୩)

ନବ ସୃଷ୍ଟିର ଉନ୍ମାଦନାରେ
ବିଭୋର ନୟନ ଦୁଇ
ସୁପ୍ତ ଚେତନା ଜାଗିଉଠେ ଚାହିଁ –
ତା' ଦିବ୍ୟପରଶ ପାଇ । (୪)

ପ୍ରସାରି ସେ ବାହୁ ମୃଦୁ ହିଲ୍ଲୋଳେ
ଡାକି ଯାଏ ରହି ରହି
ଅବସାଦ ଭୁଲି ଉଠ ସଇନିକ
ବେଳ ନାହିଁ, ବେଳ ନାହିଁ । (୫)

ରଣ ଉନ୍ମାଦେ କ୍ଳାନ୍ତି ତୋ' ତେଜି
ଜାଗି ଉଠ ଆରେ ଥରେ
ସକଳ କାଳିମା ଅପସରି ଯାଉ
ଅମୃତ ପଥ ଧାରେ । (୬)



# ବୀରବଲ

## ଝରଣା ଘୋଷାଲ

ଅନେକ ଦିନ ତଳର କଥା, ବୈଶାଖ-ଜ୍ୟେଷ୍ଠ ମାସରେ ପ୍ରଚଣ୍ଡ ଗରମ ପଡ଼ିଥାଏ । ଗ୍ରୀଷ୍ମ ଦାଉରୁ ରକ୍ଷା ପାଇବା ପାଇଁ ବାଦଶାହ ଆକବର ପାତ୍ର-ମନ୍ତ୍ରୀ ପାରିଷଦ ବର୍ଗଙ୍କୁ ସାଙ୍ଗରେ ନେଇ ଶିକାର କରିବା ଉଦ୍ଦେଶ୍ୟରେ ବାହାରିଲେ । ଗଭୀର ଅରଣ୍ୟ ମଧ୍ୟରେ ମାଇଲ ପରେ ମାଇଲ ଘୂରି ଘୂରି କ୍ଳାନ୍ତ ଓ ତୃଷାର୍ତ୍ତ ହୋଇ ପଡ଼ିଲେ । ଆଖ ପାଖରେ କେଉଁଠାରେ ହେଲେ ଜଳାଶୟଟିଏ ଆଖିରେ ପଡ଼ିଲା ନାହିଁ ।

ଆକବର ତାଙ୍କ ସାଥୀମାନଙ୍କୁ କହିଲେ, ଅରଣ୍ୟ ମଧ୍ୟରେ ଘୂରି ଅଯଥାରେ ସମୟ ନଷ୍ଟ କରିବାର ଆବଶ୍ୟକତା ନାହିଁ, ବରଂ କୌଣସି ଗ୍ରାମ ଆଡ଼କୁ ଆଗେଇବା ଉଚିତ । ସେଠାରେ ନିଶ୍ଚୟ ଜଳର ସନ୍ଧାନ ମିଳି ପାରିବ ।

ବାଟରେ ଯାଉ ଯାଉ ସେମାନେ ଦେଖିଲେ, ଗୋଟିଏ ବାଳକ କାଠ ଗୋଛାଏ ମୁଣ୍ଡରେ ଲଦି ଯାଉଛି । ପିଲାଟିକୁ ପାଖକୁ ଡାକି ବାଦଶାହ ପଚାରିଲେ, ପାଖରେ କେଉଁଠି ଜଳ ମିଳିବାର ସମ୍ଭାବନା ଅଛି କି ନାହିଁ । ତାଙ୍କ ଘର ପାଖରେ ଜଳାଶୟଟିଏ ଅଛି ବୋଲି ପିଲାଟି କହିଲା । ସେ ଆଉ ମଧ୍ୟ କହିଲା ଯେ, ସେହି ଜଳାଶୟର ଜଳ ଖୁବ୍ ସ୍ୱଚ୍ଛ ଓ ମଧୁର । ଗ୍ରାମର ସମସ୍ତେ ସେଇ ଜଳ ବ୍ୟବହାର କରନ୍ତି । ଜଳାଶୟଟି ନିକଟରେ ଗୋଟିଏ ଝଙ୍କା ବରଗଛ ଅଛି, ତା' ଛାଇରେ ବିଶ୍ରାମ ମଧ୍ୟ ନେଇ ହେବ ।

ଆକବର ଏବଂ ତାଙ୍କର ସାଥୀମାନେ ବାଳକଟିର କଥାବାର୍ତ୍ତାରେ ମୁଗ୍ଧ ହୋଇ ତାକୁ ଘୋଡ଼ା ପିଠିରେ ବସାଇ ସେହି ଜଳାଶୟଟି ଦେଖାଇବା ପାଇଁ ଆଗେଇଲେ ।

ବାଟରେ ଯାଉ ଯାଉ ଆକବର ପିଲାଟିକୁ ତା'ର ନାମ ପଚାରିଲେ ।

ପିଲାଟି କହିଲା, ପ୍ରଥମେ ଆପଣ ଆପଣଙ୍କର ନାମ କୁହନ୍ତୁ ।

ପିଲାଟିର ନିର୍ଭୟ ଉତ୍ତର ଶୁଣି ବାଦଶାହ ଅବାକ୍ ହୋଇଗଲେ । ମନେ ମନେ ଭାବିଲେ, ଯାର ସାହସ ତ କମ୍ ନୁହେଁ, ଏତେ ବଡ଼ ଦୁଃସାହସ ! ବିରକ୍ତ ହୋଇ କହିଲେ, 'ତୁ ଜାଣୁ ମୁଁ କିଏ ?'

ପିଲାଟି ହସି ହସି କହିଲା, 'ବାଃ ରେ, ଆପଣ କ'ଣ ଆମ ଗ୍ରାମର ପୂଜାରୀ ବ୍ରାହ୍ମଣର ନାମ ଜାଣନ୍ତି ?'

— 'ମୁଁ କିପରି ଜାଣିବି ? ମୁଁ କ'ଣ ଏହି ଗ୍ରାମରେ ବାସ କରେ ?'

— 'ମୋର ମଧ୍ୟ ସେଇ ଏକ ଉତ୍ତର ।'

ପିଲାଟିର ଏପରି ବୁଦ୍ଧିଦୀପ୍ତ ଉତ୍ତର ଶୁଣି ବାଦଶାହ ମୁଗ୍ଧ ହେଲେ ।

କିଛି ସମୟ ପରେ ସମସ୍ତେ ସେହି ଜଳାଶୟ ନିକଟରେ ପହଞ୍ଚିଲେ । ସୁଶୀତଳ ଜଳ ପାନକରି ଏବଂ ଗଛ ଛାଇରେ ବିଶ୍ରାମ ନେଇ ସମସ୍ତେ ଆରାମ ପାଇଲେ ।

ସନ୍ତୁଷ୍ଟ ହୋଇ ଆକବର ପିଲାଟିକୁ ପାଖକୁ ଡାକି ନିଜ ଆଙ୍ଗୁଠିରୁ ମୁଦିଟିଏ ବାହାର କରି ପିଲାଟିକୁ ଉପହାର ଦେଇ କହିଲେ, 'ଏଥିରୁ ତୁମେ ମୋର ପ୍ରକୃତ ପରିଚୟ ପାଇ ପାରିବ ।'

ମୁଦି ଉପରେ ବାଦଶାହଙ୍କର ପ୍ରତୀକ ଚିହ୍ନ ଦେଖି ପିଲାଟି ବୁଝି ପାରିଲା ଏତେ ବେଳଯାଏ ସିଏ କାହା ସହିତ କଥାବାର୍ତ୍ତା ହେଉଥିଲା ।

ଏହି ଘଟଣା ପରେ ଅନେକଗୁଡ଼ିଏ ବର୍ଷ ବିତି ଯାଇଛି । ସେହି ଛୋଟ ବାଳକଟି ବର୍ତ୍ତମାନ ପୂର୍ଣ୍ଣବୟସ୍କ ଯୁବକ । ପିତୃହୀନ ସେହି ଯୁବକଟିକୁ ଡାକି ତା'ର କକା ସସ୍ନେହରେ କହିଲେ, 'ବାପାରେ, ତୁ ବର୍ତ୍ତମାନ ଉପଯୁକ୍ତ ହୋଇଛୁ, ନିଜ ଭାଗ୍ୟବଳରେ ନିଜକୁ ପ୍ରତିଷ୍ଠା କରିବାର ଏହାହିଁ ହେଉଛି ଉପଯୁକ୍ତ ସମୟ । ବର୍ତ୍ତମାନ ତୁ ଅନ୍ୟ ରାଜ୍ୟକୁ ଯାଇ ଅଭିଜ୍ଞତା ସଞ୍ଚୟ କରି ସମାଜ ଓ ସଂସାରରେ ନିଜକୁ ପ୍ରତିଷ୍ଠିତ କରିପାରିବୁ । ତୋ'ର ବାପା ଏବେ ଇହ ସଂସାରରେ ନାହାନ୍ତି, ସିଏ ବଞ୍ଚିଥିଲେ ତୋତେ ଏଇ ଏକା କଥା କହିଥା'ନ୍ତେ ।'

ଆନନ୍ଦ ମନରେ ମହେଶ କକାଙ୍କର ଉପଦେଶ ଗ୍ରହଣ କଲା । ଦିଲ୍ଲୀ ଯାଇ ବାଦଶାହଙ୍କୁ ତାଙ୍କର ଦେଇଥିବା ମୁଦିଟି ଦେଖାଇ ତାଙ୍କର ଅନୁଗ୍ରହ ପାଇବା ଆଶାରେ ମନରେ ଯୋଜନା କଲା ।

ମହେଶର ମାଆ ତା'ର ବିଦେଶ ଯିବା କଥା ଶୁଣି ମନେ ମନେ ବଡ଼ କଷ୍ଟ ପାଇଲେ । ସିଏତ ତାଙ୍କର ଏକମାତ୍ର ପୁତ୍ର, ତା'ର ଅନୁପସ୍ଥିତିରେ ତାଙ୍କର ମନ ବ୍ୟାକୁଳ ହେବ ।

*(ଅବଶିଷ୍ଟାଂଶ ପୃଷ୍ଠା ୪୩ରେ ଦେଖନ୍ତୁ)*

# ଇସଲାମୀୟ କେତେକ ବିଶିଷ୍ଟ ଦାର୍ଶନିକ
## (୨)
**ଶ୍ରୀପତି ଦାସ**

[ଏହି ପ୍ରବନ୍ଧଗୁଡ଼ିକ Clifford Sawhneyଙ୍କ ଲିଖିତ "The World's Greatest Seers & Philosophers" ପୁସ୍ତକର ଅବଲମ୍ବନରେ ଲିଖିତ । – ଲେଖକ ।]

### ଇବ୍‌ନ୍ ସିନା
IBN SINA (980-1037 AD)

ଇବ୍‌ନ୍ ସିନା ଉଜ୍‌ବେକିସ୍ତାନର ବୁଖାରା ନିକଟରେ ଥିବା ଆଫ୍‌ଶାନେ (Afshaneh) ସହରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଅବଦୁଲ୍ଲା ଥିଲେ ବାଲ୍‌ଖ ସହରର ଅଧିବାସୀ ଏବଂ ମାତା ଥିଲେ ବୁଖାରା ନିକଟସ୍ଥ ଏକ ଗ୍ରାମର ଅଧିବାସୀ । ଇବ୍‌ନ୍ ସିନା ତାଙ୍କ ପିତାଙ୍କଠାରୁ ପ୍ରାଥମିକ ଶିକ୍ଷା ଲାଭ କରିଥିଲେ । କୁହାଯାଏ ଯେ ଦଶବର୍ଷ ବୟସରେ ସେ କୋରାନର ଅନେକାଂଶ ଓ ବିଭିନ୍ନ ବିଜ୍ଞାନକୁ ଅଧିଗତ କରିଥିଲେ ।

ତତ୍ପରେ ସେ ଅଧ୍ୟୟନ କରିଥିଲେ ବିଭିନ୍ନ ଦର୍ଶନ ଓ ଗ୍ରୀକ୍ ଭାଷା । ଏହାପରେ ନ୍ୟାୟଶାସ୍ତ୍ର, ଅଧିବିଜ୍ଞାନ (Metaphysics) ଏବଂ ସେ ସମୟରେ ଆବୁ ଅବ୍‌ଦୁଲ୍ଲା ନାତିଲି ନାମକ ଜଣେ ପ୍ରସିଦ୍ଧ ଦାର୍ଶନିକଙ୍କଠାରୁ ସେ ଅନେକ ବିଦ୍ୟା ଶିକ୍ଷା କରିଥିଲେ ।

କୁହାଯାଏ ଯେ ଇବ୍‌ନ୍ ସିନା ଅଳ୍ପ ସମୟ ମଧ୍ୟରେ ଜ୍ଞାନରେ ତାଙ୍କର ସମସ୍ତ ଶିକ୍ଷକଙ୍କୁ ଅତିକ୍ରମ କରିଯାଇଥିଲେ । ପରବର୍ତ୍ତୀ କେତେବର୍ଷ ସେ ନିଜେ ନିଜେ କୌଣସି ଶିକ୍ଷକଙ୍କ ସହାୟତା ବ୍ୟତୀତ ଶିକ୍ଷାଲାଭ କରିଥିଲେ । ଏହି ସମୟରେ ସେ ଇସଲାମୀୟ ନ୍ୟାୟବିଦ୍ୟା ଓ ଭେଷଜ ବିଦ୍ୟାରେ ନିପୁଣତା ଲାଭ କରିଥିଲେ ।

ଅଠର ବର୍ଷ ବୟସରେ ସେ ଭେଷଜ ବିଦ୍ୟାରେ ଏପରି ନିପୁଣତା ଲାଭ କରିଥିଲେ ଯେ ତାଙ୍କର ଯଶଃ ଚତୁର୍ଦ୍ଦିଗରେ ପରିବ୍ୟାପ୍ତ ହୋଇଯାଇଥିଲା । ଏହି ସମୟରେ ବୁଖାରା ରାଜ୍ୟର ରୋଗଗ୍ରସ୍ତ ରାଜା ନୁର୍ ଇବ୍‌ନ୍ ମନ୍‌ସୁର୍ (Noor Ibn Monsoor) ଯାହାଙ୍କୁ କୌଣସି ବୈଦ୍ୟ ସୁସ୍ଥ କରିପାରୁ ନଥିଲେ, ତାଙ୍କର ଚିକିତ୍ସା ନିମିତ୍ତ ଇବ୍‌ନ୍ ସିନାଙ୍କ ନିକଟକୁ ସମ୍ବାଦ ପଠାଯାଇଥିଲା । ଏଥିରେ ଇବ୍‌ନ୍ ସିନା ସଫଳ ହୋଇଥିଲେ ଏବଂ ତାଙ୍କୁ ଯେକୌଣସି ପୁରସ୍କାର ମାଗିବା ପାଇଁ କୁହାଯାଇଥିଲା । ତେଣୁ ସେ ସେହି ରାଜ୍ୟର ରାଜକୀୟ ପୁସ୍ତକାଗାରକୁ ବ୍ୟବହାର କରିବାକୁ ଅନୁମତି ଚାହିଁଥିଲେ । ଏହି ପୁସ୍ତକାଗାରରେ ନାନା ବିଷୟରେ ବହୁ ବିରଳ ପାଣ୍ଡୁଲିପି ରହିଥିଲା ଏବଂ ଏଥିପାଇଁ ସେ ଅନୁମତି ପ୍ରାପ୍ତ ହୋଇଥିଲେ ।

ଯେତେବେଳେ ତାଙ୍କର ବୟସ ୨୧ ବର୍ଷ ହୋଇଥିଲା ସେତେବେଳେ ସେ ନାନା ବିଷୟରେ ଜ୍ଞାନ ଲାଭ କରିପାରିଥିଲେ ଏବଂ ତାଙ୍କର ପ୍ରଥମ ପୁସ୍ତକ ଲେଖିବାକୁ ସମର୍ଥ ହୋଇଥିଲେ । ଏତିକିବେଳେ ସେ ଶାସନ ବିଭାଗରେ ଜଣେ କିରାନି ଭାବରେ କାର୍ଯ୍ୟ କରିଥିଲେ ।

### ଇବ୍‌ନ୍ ସିନାଙ୍କ ଭ୍ରମଣ କାଳ :

ଏହି ସମୟରେ ତାଙ୍କ ଭାଗ୍ୟର ଆକସ୍ମିକ ପରିବର୍ତ୍ତନ ଘଟିଲା ଏବଂ ସେ ନାନା ଦୁର୍ଭାଗ୍ୟର ସମ୍ମୁଖୀନ ହୋଇଥିଲେ । ପ୍ରଥମତଃ ତାଙ୍କ ପିତାଙ୍କର ମୃତ୍ୟୁ ଘଟିଥିଲା । ଦ୍ୱିତୀୟତଃ ସେତେବେଳେ ସେ ରହୁଥିବା ବୁଖାରା ରାଜ୍ୟର ଶାସକ, ଗଜନୀର ମାମୁଦଙ୍କ ଦ୍ୱାରା ଯୁଦ୍ଧରେ ପରାସ୍ତ ହୋଇଥିଲେ । ଗଜନୀର ମାମୁଦ ଇରାନ୍ ଓ ଆଫଗାନିସ୍ଥାନର ଅଧିକାଂଶ ଅଞ୍ଚଳକୁ ଅଧିକାର କରିଥିଲେ । ତେଣୁ ସେ ବୁଖାରା ରାଜ୍ୟ ତ୍ୟାଗ କରି ନାନା ରାଜ୍ୟରେ ଭ୍ରମଣ କରିଥିଲେ । ପ୍ରଥମେ ସେ ପଶ୍ଚିମ ଦିଗରେ ଯାତ୍ରା କରି ନାନା ସହର ଅତିକ୍ରମ କରିଥିଲେ । ସେ କିଛି ସମୟ ଖିବା (Khiva) ରାଜ୍ୟର ରାଜା ଅଲି ଇବ୍‌ନ୍ ମାମୁନ୍ (Ali ibn Mamun)ଙ୍କ ରାଜ୍ୟରେ କାର୍ଯ୍ୟ କରିଥିଲେ ।

କିନ୍ତୁ ଗଜନୀର ମାମୁଦଙ୍କ ଦ୍ୱାରା ଧୃତ ହେବାର ଭୟରେ ସେ ଅନ୍ୟପଥ ଦେଇ ଯାଇଥିଲେ । ନାନା ରାସ୍ତା ଭ୍ରମଣ କରି ସେ କାସ୍ପିଆନ୍ ସାଗର ନିକଟରେ ଥିବା ଜୁର୍ଜନ୍ ରାଜ୍ୟରେ ପହଞ୍ଚିଲେ । ଜୁର୍ଜନ୍ ରାଜ୍ୟର ରାଜା ପଣ୍ଡିତମାନଙ୍କର ପୃଷ୍ଠପୋଷକ ଥିବାରୁ ସେଠାରେ ସେ ଆଶ୍ରୟ ନେଇଥିଲେ । କିନ୍ତୁ ଇବ୍‌ନ୍ ସିନା ସେଠାରେ ପହଞ୍ଚିବା ପରେ ଜୁରଜନ୍‌ର ରାଜା ସିଂହାସନରୁ ବିତାଡ଼ିତ ହୋଇ ମୃତ୍ୟୁପ୍ରାପ୍ତ ହୋଇଥିଲେ । ସେଠାରେ ସେ କିଛି କାଳ ରହି ନ୍ୟାୟଶାସ୍ତ୍ର ଓ ଜ୍ୟୋତିର୍ବିଦ୍ୟା ଉପରେ ଭାଷଣ ଦେଇଥିଲେ ଏବଂ ତାଙ୍କର ଲିଖିତ ମହାନ୍ ଗ୍ରନ୍ଥ ''କାନୁନ୍ ଫିଆଲ୍ ଟିବ୍‌ବ'' (Qanun fi al-Tibb)ର ପ୍ରଥମ ଭାଗ ଲେଖିଥିଲେ ଯାହା ପାଶ୍ଚାତ୍ୟ ଦେଶମାନଙ୍କରେ କ୍ୟାନନ୍ (Canon) ନାମରେ ପ୍ରସିଦ୍ଧି ଲାଭ କରିଥିଲା ।

ତତ୍ପରେ ଇବ୍‌ନ୍ ସିନା ତେହେରାନ ନିକଟସ୍ଥ ଏକ ସ୍ଥାନକୁ ଏବଂ କାଜ୍‌ଭିନ୍ (Qazvin)କୁ ଯାଇଥିଲେ । କିନ୍ତୁ ସେଠାରେ ସେ ଭେଷଜବିଦ୍ୟାର ଅଭ୍ୟାସ ନିମିତ୍ତ କୌଣସି ସୁବିଧା ପାଇ ନଥିବାରୁ ଶାନ୍ତିରେ ରହି ପାରି ନଥିଲେ । ତେଣୁ ସେ ପାରସ୍ୟରେ ଥିବା ହାମାଡ଼ାନ୍ ନାମକ ଏକ ରାଜ୍ୟକୁ ଯାଇଥିଲେ ଯାହା ଶାମସ୍ ଆଦ୍-ଦୌଲ୍ଲାଙ୍କ (Shams ad-Daulah) ଦ୍ୱାରା ଶାସିତ ହେଉଥିଲା । ସେହି ରାଜ୍ୟର ରାଜାଙ୍କୁ ଭୀଷଣ ପେଟବ୍ୟଥା ରୋଗରୁ ସଫଳତାର ସହିତ ସୁସ୍ଥକରି ତାଙ୍କର ପ୍ରିୟପାତ୍ର ହୋଇଥିଲେ ।

ସେଠାରେ ସେ ରାଜାଙ୍କର ବୈଦ୍ୟରୂପେ ନିଯୁକ୍ତ ହୋଇ ପ୍ରଶଂସିତ ହୋଇଥିଲେ । ତେବେ ରାଜ୍ୟର କେତେକ ବ୍ୟକ୍ତି ଈର୍ଷାପର ହୋଇ ତାଙ୍କ ବିରୋଧରେ ଷଡ଼୍‌ଯନ୍ତ୍ର କରିଥିଲେ । ଏହା ଫଳରେ ସେ କିଛିକାଳ ଗୁପ୍ତରେ ରହିଥିଲେ ମଧ୍ୟ ତାଙ୍କୁ କାରାଗାରରେ ରଖାଯାଇଥିଲା । ସୌଭାଗ୍ୟବଶତଃ ଶାମସ୍ ଆଦ୍-ଦୌଲ୍ଲା ପୁନର୍ବାର ପେଟବ୍ୟଥା ରୋଗରେ ଆକ୍ରାନ୍ତ ହୋଇ ତାଙ୍କୁ ଡକାଇ ଥିଲେ ଏବଂ ବୈଦ୍ୟରୂପେ ତାଙ୍କୁ ପୁନର୍ସ୍ଥାପିତ କରିଥିଲେ ।

**ଭେଷଜ ବିଦ୍ୟାରେ ଦକ୍ଷତା :**

ଏହି ସମୟରେ ଇବ୍‌ନ୍ ସିନା ଦିବା ସମୟରେ ଭେଷଜ ବିଦ୍ୟାର ଅଭ୍ୟାସ କରିବାର କାରଣ ହେଉଛି ଏହି ଯେ, ସେ ରାତିରେ ଅନେକ ସମୟ ପର୍ଯ୍ୟନ୍ତ ତାଙ୍କର ଶିଷ୍ୟମାନଙ୍କୁ ଭାଷଣ ଦେବାରେ ଏବଂ ତାଙ୍କ ରଚିତ ପୁସ୍ତକର ସଂକ୍ଷିପ୍ତ ବିବରଣୀ ଦେବାରେ ଅତିବାହିତ କରୁଥିଲେ । ଏତିକିବେଳେ ସେ ''ସୁସ୍ଥ ହେବାର ପୁସ୍ତକ'' (Kitab ash.Shif) ନାମକ ଏକ ପୁସ୍ତକ ଲେଖୁଥିଲେ । ଏହା ଥିଲା ଏକ ଦାର୍ଶନିକ ତଥା ବୈଜ୍ଞାନିକ ଜ୍ଞାନକୋଷ ଏବଂ କୁହାଯାଏ ଯେ ସେପର୍ଯ୍ୟନ୍ତ ଲେଖାହୋଇଥିବା ପୁସ୍ତକଗୁଡ଼ିକ ଅପେକ୍ଷା ଏହା ଥିଲା ବୃହତ୍ତର । ଏପରିକି ତାଙ୍କର କାରାବାସ ସମୟରେ ମଧ୍ୟ ସେ ଏହି ଲେଖିବା ବନ୍ଦ କରି ନ ଥିଲେ । ନ୍ୟାୟଶାସ୍ତ୍ର, ମନସ୍ତତ୍ତ୍ୱ, ପ୍ରାକୃତିକ ବିଜ୍ଞାନ, ଜ୍ୟାମିତି, ଗଣିତ, ଜ୍ୟୋତିର୍ବିଦ୍ୟା, ସଂଗୀତବିଦ୍ୟା ଓ ତତ୍ତ୍ୱଜ୍ଞାନ ଆଦି ଏହି ପୁସ୍ତକର ଅନ୍ତର୍ଭୁକ୍ତ ଥିଲା । ଅନେକ ପରିମାଣରେ ଆରିଷ୍ଟୋଟଲ୍ ଓ ଅନ୍ୟ ଗ୍ରୀକ୍ ଦାର୍ଶନିକଗଣଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ଏହି ପୁସ୍ତକ ଲେଖିଥିଲେ । ଏହି ପୁସ୍ତକର ସାରତତ୍ତ୍ୱ ହେଉଛି ଭଗବତ୍ ଅସ୍ତିତ୍ୱ ।

ଏତିକିବେଳେ ସେ ଅନ୍ୟ ଯେଉଁ ପୁସ୍ତକଟି ଲେଖିଥିଲେ, ତାହା ଥିଲା ''ଭେଷଜ ବିଦ୍ୟାର ସାଧାରଣ ନୀତି'' । ଏହା ଥିଲା ଦଶଲକ୍ଷ ଶବ୍ଦର ସମାହାର ବିଶିଷ୍ଟ ଏକ ଜ୍ଞାନକୋଷ । ଏହାର ଭିତ୍ତି ଥିଲା ମୂଳତଃ ଗ୍ରୀକ୍ ଓ ଆରବୀୟ ଭେଷଜ ବିଶେଷଜ୍ଞମାନଙ୍କର ତଥା ନିଜ ଚିକିତ୍ସାଳୟରୁ ଗୃହୀତ ଜ୍ଞାନ ଯଦିଓ ତାଙ୍କର ନିରନ୍ତର ଭ୍ରମଣ କାଳରେ ତହିଁରୁ କେତେକାଂଶ ନଷ୍ଟ ହୋଇଯାଇଥିଲା । ଏଥିରେ ୭୬୦ରୁ ଅଧିକ ଔଷଧ ସମ୍ବନ୍ଧେ ବର୍ଣ୍ଣନା କରାଯାଇଥିଲା ଏବଂ ଏହା ଏହି ସମୟର ସର୍ବୋତ୍କୃଷ୍ଟ ପୁସ୍ତକରୂପେ ବିବେଚିତ ହୋଇଥିଲା । ଶରୀର-ବିଜ୍ଞାନ, ସ୍ତ୍ରୀରୋଗ ବିଜ୍ଞାନ ଓ ଶିଶୁସ୍ୱାସ୍ଥ୍ୟ ସମ୍ବନ୍ଧେ ଏହା ଥିଲା ତାଙ୍କର ବିଶେଷ ଅବଦାନ । ପୁନଶ୍ଚ ସେ ଥିଲେ ସର୍ବପ୍ରଥମ ଭେଷଜବିଜ୍ଞାନୀ ଯେ କି ମସ୍ତିଷ୍କ ବିଜ୍ଞାନ ସମ୍ବନ୍ଧେ ବର୍ଣ୍ଣନା କରିଥିଲେ ।

୧୦୨୨ ଖ୍ରୀଷ୍ଟାବ୍ଦରେ ଶାମ୍‌ସ ଆଦ୍-ଦୌଲ୍ଲାଙ୍କ ମୃତ୍ୟୁ ପରେ ଇବ୍‌ନ୍ ସିନାଙ୍କ ଜୀବନରେ ପୁନଶ୍ଚ ନାନା ବାଧା ଦେଖାଦେଇଥିଲା । କିଛିକାଳ ସକାଶେ ସେ ବନ୍ଦୀ ହୋଇଥିଲେ କିନ୍ତୁ ତତ୍ପରେ ସେ ଇସ୍‌ଫାହାନ ସହରକୁ ପଳାୟନ କରିବାକୁ ସକ୍ଷମ ହୋଇଥିଲେ । ଏହି ସହର ତେହେରାନର ୨୫ ମାଇଲ ଦକ୍ଷିଣରେ ଅବସ୍ଥିତ । ଏହାପରେ ଚଉଦ ବର୍ଷ ପର୍ଯ୍ୟନ୍ତ ସେ ଶାନ୍ତିରେ କାଳାତିପାତ କରିଥିଲେ ଏବଂ ତାଙ୍କର ଦୁଇଟି ବିଶିଷ୍ଟ ପୁସ୍ତକର ଲେଖା ଶେଷ କରିଥିଲେ । ଇସ୍‌ଫାହାନରେ ସେ ତାଙ୍କର ଅଧିକାଂଶ ପୁସ୍ତକ ଲେଖିଥିଲେ । ଏହି ବର୍ଷଗୁଡ଼ିକରେ ସେ ଇସ୍‌ଫାହାନର ଶାସକ ଆଲା ଆଦ୍-ଦୌଲ୍ଲାଙ୍କ ସେବାରେ ସମୟ ଅତିବାହିତ କରିଥିଲେ । ସେ ଏହି ରାଜାଙ୍କୁ ବିଜ୍ଞାନ ଓ ସାହିତ୍ୟ ବିଷୟରେ ଉପଦେଶ ଦେଇଥିଲେ ଏବଂ ଏପରିକି ତାଙ୍କ ସହିତ ସାମରିକ ଅଭିଯାନରେ ମଧ୍ୟ ଯାଉଥିଲେ ।

**ସାହସିକ ପୁସ୍ତକ ରଚନା :**

ଏହି ସମୟରେ ସେ ତାଙ୍କର ଅନ୍ତିମ ମୁଖ୍ୟ ଦାର୍ଶନିକ ପୁସ୍ତକ ଲେଖିଥିଲେ । ଏଥିରେ ସେ ରହସ୍ୟବାଦୀମାନଙ୍କର ଶ୍ରଦ୍ଧାପୂର୍ଣ୍ଣ ସାଧନାରୁ ଆରମ୍ଭ କରି ଭଗବତ୍ ଦର୍ଶନ ପର୍ଯ୍ୟନ୍ତ ସକଳ ବିଷୟ ବର୍ଣ୍ଣନା କରିଥିଲେ ।

ଇବ୍‌ନ୍ ସିନା ତାଙ୍କର ଶୃଙ୍ଖଳିତ କ୍ରିୟାକଳାପ ମଧ୍ୟରେ ଗ୍ରୀକ୍ ଯୁକ୍ତିବାଦ ଓ ଇସ୍‌ଲାମୀୟ ଚିନ୍ତାଧାରା ମଧ୍ୟରେ ଏକ ସମନ୍ୱୟ ଆଣିବାକୁ ସମର୍ଥ ହୋଇଥିଲେ । ଏହା ବ୍ୟତୀତ ସେ କେତେକ ପରମ୍ପରାଗତ ଧର୍ମନୀତିକୁ ସମର୍ଥନ କରୁଥିଲେ । ତେଣୁ କେତେକ ଦାର୍ଶନିକ ତାଙ୍କର ଏହି ମତାମତକୁ ସମାଲୋଚନା କରିଥିଲେ । ଇବ୍‌ନ୍ ସିନା କହିଥିଲେ ଯେ ଧର୍ମ ହେଉଛି ଏକ ଦର୍ଶନ ଯାହା ଜନସାଧାରଣଙ୍କ ନିକଟରେ ସେମାନଙ୍କ ଅବୋଧଗମ୍ୟ ବିଷୟକୁ ନୀତିରୂପେ ପ୍ରକାଶ କରିଥାଏ ।

ପୃଥିବୀରୁ ବିଦାୟ ନେବା ପୂର୍ବରୁ ସେ ୯୯ଟି ପୁସ୍ତକ ଲେଖିଥିଲେ, ଯେଉଁଗୁଡ଼ିକ ମଧ୍ୟରୁ ଅଧିକାଂଶ ଆରବୀୟ ଭାଷାରେ ଲିଖିତ ହୋଇଥିଲା । କାରଣ ଏହି ଭାଷା ତତ୍କାଳୀନ ଇସଲାମୀୟ ଜଗତରେ ପ୍ରଚଳିତ ଥିଲା । ଏଥିମଧ୍ୟରୁ ସେ ଦୁଇଟି ପୁସ୍ତକ ତାଙ୍କର ଆଞ୍ଚଳିକ ଭାଷାରେ ଲେଖିଥିଲେ । ତାଙ୍କ ଲିଖିତ ପୁସ୍ତକଗୁଡ଼ିକ ମଧ୍ୟରୁ ୬୮ଟି ପୁସ୍ତକ ତତ୍ତ୍ୱଜ୍ଞାନ ଓ ବ୍ରହ୍ମତତ୍ତ୍ୱ ସମ୍ବନ୍ଧେ, ୧୬ଟି ଭେଷଜ ବିଦ୍ୟା ସମ୍ବନ୍ଧେ, ୧୧ଟି ଜ୍ୟୋତିର୍ବିଦ୍ୟା ସମ୍ବନ୍ଧେ ଏବଂ ୪ଟି ପୁସ୍ତକ କବିତା ସମ୍ବନ୍ଧେ ଲିଖିତ ହୋଇଥିଲା । ଆରବୀୟ ଭାଷାରେ ଲିଖିତ ତାଙ୍କର ସର୍ବାଧିକ ପ୍ରସିଦ୍ଧ କବିତା ଶରୀର ମଧ୍ୟରେ ସ୍ୱର୍ଗରୁ ଆଗତ ଆତ୍ମାର ଅବରୋହଣ ସମ୍ବନ୍ଧେ ଲିଖିତ ।

ଇବ୍‌ନ୍ ସିନାଙ୍କ ନିରନ୍ତର ଭ୍ରମଣ ଓ ଅବିରତ କର୍ମ ଓ ଲେଖା ସକାଶେ ତାଙ୍କ ସ୍ୱାସ୍ଥ୍ୟର ଅବନତି ଘଟିଥିଲା । ବନ୍ଧୁମାନଙ୍କ ଉପଦେଶ ସତ୍ତ୍ୱେ ସେ ତାଙ୍କର ନିର୍ଦ୍ଧାରିତ କର୍ମବ୍ୟସ୍ତତାରେ ଦୃଢ଼ ରହିଥିଲେ । ଆଲା ଆଡ୍-ଦୌଲ୍ଲାଙ୍କ ସହ ତାଙ୍କର ଏକ ଭ୍ରମଣ ସମୟରେ ସେ ଅସୁସ୍ଥ ହୋଇପଡ଼ିଲେ । ନାନା ଚିକିତ୍ସା ସତ୍ତ୍ୱେ ସେ ଉଦର-ରୋଗରେ ପୀଡ଼ିତ ହୋଇ ୧୦୩୭ ଖ୍ରୀଷ୍ଟାବ୍ଦରେ ହାମାଡ଼ାନ୍ ସହରରେ ପ୍ରାଣତ୍ୟାଗ କରିଥିଲେ । ସେତେବେଳେ ତାଙ୍କର ବୟସ ମାତ୍ର ୫୮ ବର୍ଷ ଥିଲା । ବର୍ତ୍ତମାନ ମଧ୍ୟ ହାମାଡାନ୍ ସହରରେ ତାଙ୍କର କବର ଦେଖାଯାଏ । ❑

---

*(ପୃଷ୍ଠା ୪୦ ର ଅବଶିଷ୍ଟାଂଶ)*

ତଥାପି ପୁଅର ଭବିଷ୍ୟତ୍ କଥା ଭାବି ତାକୁ ଆଶୀର୍ବାଦ କରି ବିଦାୟ ଦେଲେ ।

ଅନେକ ପଥଶ୍ରମ ସ୍ୱୀକାର କରି ମହେଶ ଦିଲ୍ଲୀରେ ପହଞ୍ଚିଲା । ବାଦଶାହଙ୍କ ନାମାଙ୍କିତ ମୁଦିଟି ଦେଖାଇ ଦରବାରରେ ପ୍ରବେଶ କଲା । ଦେଖିଲା, ଏକ ସ୍ୱର୍ଣ୍ଣ ସିଂହାସନରେ ଆକବର ବାଦଶାହ ବସିଛନ୍ତି ।

– ସଭାସଦ୍‌ମାନଙ୍କୁ ବାଦଶାହ ପ୍ରଶ୍ନ କଲେ, 'ପୃଥିବୀର ସୁନ୍ଦରତମ ଫୁଲଟିର ନାମ କହିପାରିବ ?'

ଜଣକ ପରେ ଜଣେ ସଭାସଦ୍ ଭିନ୍ନ ଭିନ୍ନ ଫୁଲର ନାମ କହିଲେ, କିନ୍ତୁ ବାଦଶାହଙ୍କର ସେସବୁ ନାମ ମନକୁ ପାଇଲା ନାହିଁ ।

ସମସ୍ତଙ୍କର କହିବା ଶେଷ ହେବାରୁ ମହେଶ ସାହସ ଭରି କହିଲା, 'କପା ଫୁଲ ଜାହାଁପନା ।'

ଉତ୍ତରଟି ଶୁଣି ସଭାସଦମାନେ ହୋ ହୋ କରି ହସି ଉଠିଲେ । ସେମାନଙ୍କ ମଧ୍ୟରୁ ଜଣେ କହିଲା, ସେ ଫୁଲର ନା ଅଛି ସୁଗନ୍ଧ ନା ଅଛି ରୂପ ।

ଗୁଣ ଚିହ୍ନେ ଗୁଣିଆ । ଆକବର ଏଇ ଅପରିଚିତ ଯୁବକର ଉତ୍ତର ଶୁଣି କୌତୂହଳୀ ହେଲେ । ଯୁବକକୁ କହିଲେ, 'ତୁମେ ଯାହା କହିଲ, ତାହା ପ୍ରମାଣ କରି ପାରିବ ତ ?'

ମହେଶ କହିଲା, 'କପାଫୁଲର ଫଳରୁ ଯେଉଁ ତନ୍ତୁ ବାହାରେ ସେଥିରେ ସୂକ୍ଷ୍ମ ମସୃଣ ବସ୍ତ୍ର ବୟନ ହୁଏ । ମହିଳାମାନଙ୍କର ମନୋଲୋଭା ଓଢ଼ଣି ମଧ୍ୟ ଏଥିରୁ ତିଆରି ହୁଏ । ମୟୂର ପୁଚ୍ଛ ପରି ଏଇ ଧଳା କପା ଫୁଲ ଦେଖିଲେ ଭଲ ଲାଗେ ।'

ଉତ୍ତରଟି ଶୁଣି ବାଦଶାହ ଯୁବକର ପରିଚୟ ଜାଣିବାକୁ ଚାହିଁଲେ । ମହେଶ ଉପହାର ସ୍ୱରୂପ ପାଇଥିବା ମୁଦିଟି ଦେଖାଇ ନିଜର ପରିଚୟ ଦେଇ ଦିଲ୍ଲୀ ଆସିବାର କାରଣ ମଧ୍ୟ ସବିନୟରେ ନିବେଦନ କଲା ।

ବାଦଶାହ କହିଲେ, 'ଆଜିଠାରୁ ତୁମେ ମୋ ପାଖରେ ରହିବ । ତୁମକୁ ମୁଁ ଗୋଟିଏ ନୂଆ ନାଆଁ ଦେଲି – ବୀରବଲ । ଏହି ନାମର ଅର୍ଥ କ'ଣ ଜାଣ ?'

'ଜାଣେ ଜାହାଁପନା', ଯୁବକ କହିଲା, 'ଏହାର ଅର୍ଥ ଜ୍ଞାନୀ ।'

ବାଦଶାହ ଆକବର ଖୁସି ହେଲେ । ❑

# ଶବରୀମାଳାର ପୁଣ୍ୟପୀଠ

## ଧର୍ମ କୁମାର ଶତପଥୀ

ସେଇ ଅତୁଳନୀୟ ଉଜ୍ଜ୍ୱଳତେଜ ଯାହା ଉତ୍ସରିତ ହେଉଛି ଅତ୍ୟନ୍ତ ଆକର୍ଷକ ଓ ମୁଗ୍ଧକର ନାରାୟଣ ବିଗ୍ରହରୁ – ସେଇ ଅବର୍ଣ୍ଣନୀୟ ସୌନ୍ଦର୍ଯ୍ୟ ଓ ଜ୍ଞାନର ଅପୂର୍ବ ସମ୍ମେଳନ, ସେଇ ଦୀପ୍ତିମାନ୍ ପ୍ରଶାନ୍ତ ଆଲୋକ ବହିର୍ଗତ ହୋଇଚାଲିଛି ନିରବଚ୍ଛିନ୍ନ ଭାବେ, ଆୟପ୍ପା ରୂପ ପରିଗ୍ରହ ମଧ୍ୟରେ ଦକ୍ଷିଣ-ଭାରତର ଶବରୀମାଳାଠାରେ, କେରଳର ଅସଂଖ୍ୟ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଭକ୍ତିପୂତ ପୂଜାର୍ଚ୍ଚନାରେ । ସେଇ ଉତ୍‌ଫୁଲ୍ଲ, ଭକ୍ତିଭାବ ମିଶ୍ରିତ, ଅନ୍ତରର ଅଭ୍ୟନ୍ତରରୁ ପ୍ରଶଂସାର ପ୍ରାଣୋଚ୍ଛଳ ନିନାଦରେ ପ୍ରକମ୍ପିତ ଶ୍ରଦ୍ଧାଳୁଙ୍କ ସ୍ନେହପୂର୍ଣ୍ଣ ଆହ୍ୱାନ – ''ସ୍ୱାମୀୟେ ଶରଣମ୍ ଆୟପ୍ପା !''– ''ହେ ଆୟପ୍ପାସ୍ୱାମି ! ତୁମର ଶରଣ'' ଧ୍ୱନିରେ ଗଗନ ପବନ ମୁଖରିତ ହୋଇଉଠେ ଚତୁର୍ଦ୍ଦିଗ, ଏଇ ନଡ଼ିଆବଣ ତଥା ଅନ୍ୟାନ୍ୟ ବନସ୍ପତିରେ ଭରପୂର ମୃତ୍ତିକା – ''ମଣ୍ଡଳ'' ପୂଜାର ମହାର୍ଘ ପୁଣ୍ୟମୟ ସମୟ ଆସିଲେ, ସାଧାରଣତଃ ନଭେମ୍ବର ମାସର ମଧ୍ୟଭାଗରୁ ଜାନୁଆରୀ ମାସର ମଧ୍ୟଭାଗ – ମକର ସଂକ୍ରାନ୍ତି ପର୍ଯ୍ୟନ୍ତ, ତିନିମାସ ଧରି; ଯେତେବେଳେ ତୀର୍ଥଯାତ୍ରୀମାନେ ଦଳଦଳ ହୋଇ ଏଠାକୁ ଦର୍ଶନ ପାଇଁ ଧାଇଁ ଆସନ୍ତି ।

ଭୂମିଠାରୁ ଭୂମା ହୋଇଉଠେ ଈଶ୍ୱରମୟ ଚେତନା । ପାଣି, ପବନ, ମାଟିରେ ଭରିଯାଏ ଦେବମାନସର ସୁଗନ୍ଧ । ଆୟପ୍ପା ଉପାସକଙ୍କ ବ୍ରତଚର୍ଯ୍ୟାରେ ସାଧାରଣ ମାନବର ଚେତନାରେ ଦେବତାତ୍ମା ବିରାଜମାନ ହେବାର ପରିବେଶ । ଏଇ ଭରସାରେ ମାଟି, ପାଣି ପାଲଟିଯାଏ ଏକ ଭିନ୍ନ ଦେବଭୂମିରେ । ବର୍ଷ ପରେ ବର୍ଷ ଆୟପ୍ପା ଭକ୍ତଙ୍କ ସଂଖ୍ୟା ବଢ଼ିଚାଲେ ଏବଂ ଆୟପ୍ପା ଉପାସନାର ତରଙ୍ଗାୟିତ ଚେତନା ପଶ୍ଚିମଘାଟ ପର୍ବତମାଳାର ସ୍ନିଗ୍ଧ ଉପତ୍ୟକା, ଅଧିତ୍ୟକା ଅତିକ୍ରମ କରି ଭାରତ ତଥା ନୀଳ ଜଳରାଶି ଉପର ଦେଇ ବାହିତ ହୋଇ ଚାଲିଯାଏ ପାଶ୍ଚାତ୍ୟ ଭୂଖଣ୍ଡକୁ, କେଉଁ ଅଗମ୍ୟ ଅଭାବିତ ମୂଲକକୁ ଆଉ ଟାଣି ଆଣେ ଏଇ ଅଜ୍ଞାତ ଅମରାବତୀର ଚାରୁ ଚିତ୍ରିତ ପରିବେଶକୁ ।

ଆୟପ୍ପା – ଭଗବାନ୍ କାର୍ତ୍ତିକେୟଙ୍କ ଏକ ଭିନ୍ନ ରୂପ ।

କେରଳର ରାଜଧାନୀ ତିରୁଅନନ୍ତପୁରମ୍‌ଠାରୁ ଏକଶହ ଅଶୀ କିଲୋମିଟର ଦୂର ଏବଂ କେରଳୀମାନଙ୍କ ଦ୍ୱାରା ପୁଣ୍ୟତୋୟା ଗଙ୍ଗା ମାନ୍ୟତା ପ୍ରାପ୍ତ ସର୍ପିଣୀ ନଦୀ 'ପମ୍ପ'ଠାରୁ ଅଳ୍ପ କେଇ କିଲୋମିଟର ଊର୍ଦ୍ଧ୍ୱକୁ, ଅଗନା ଅଗନି ବନସ୍ତ ମଧ୍ୟରେ ସର୍ପିଳ, ଦନ୍ତୁରିତ ପଥ ମଧ୍ୟଦେଇ ଅତିକ୍ରମ କରିବାକୁ ହୁଏ । ପଶ୍ଚିମ ଘାଟ ପର୍ବତର ଛାୟା ସ୍ନିଗ୍ଧ ପରିବେଶ, ମନୋରମ ବୃକ୍ଷରାଜିର ଶୀତଳ ଛାୟା ଓ ସମିର ମନକୁ ଉତ୍‌ଫୁଲ୍ଲ କରେ, ବ୍ୟଗ୍ର କରେ, ଔତ୍ସୁକ୍ୟ ବଢ଼ାଏ ପ୍ରଭୁଙ୍କ ବିଗ୍ରହ ଦର୍ଶନ କରି କୃତାର୍ଥ ହେବାକୁ । ଅନ୍ତର ତଳେ ସେଇ ଦେବ ସାନ୍ନିଧ୍ୟ ଅନୁଭବିବାକୁ । ଆଃ କି ମନୋମୁଗ୍ଧକର, କି ଶାନ୍ତ, କି ସୁଶୀତଳ ଏଇ କମନୀୟ ପରିବେଷ୍ଟନୀ ।

ଜଣେ ଆୟପ୍ପା-ଉପାସକ ହେବା ନିମନ୍ତେ ଦୃଢ଼ ମାନସିକ ପ୍ରସ୍ତୁତି ନେବାକୁ ହୁଏ । ''ମୁଁ ଜଣେ ଆୟପ୍ପା ଭକ୍ତ'' – କହିବାକୁ ହେଲେ ଏକଚାଳିଶ ଦିନ ପାଇଁ ଶୁଦ୍ଧ ଶୁଚିସ୍ନାତ ବ୍ରତ ରଖିବାକୁ ହୁଏ । ଏହି ସମୟରେ କୌଣସି ତାମସିକ ଖାଦ୍ୟ, ସୁରା, ମାଂସ ଅଥବା ତମାଖୁ ସେବନ ହୁଏ ନାହିଁ । ବ୍ରତଧାରୀମାନେ ଦିନକୁ ଥରଟିଏ ଭୋଜନ ଗ୍ରହଣ କରନ୍ତି । ଶୀତଳ ଜଳରେ ସ୍ନାନ କରି କଳା ରଙ୍ଗର ପୋଷାକ ଧାରଣ କରନ୍ତି । ଖାଲି ପାଦରେ ଚାଲିବା ଓ ଖାଲି ଚଟାଣରେ ଶୋଇବାକୁ ପଡ଼େ । ମୁହଁରେ ସେଇ ଶରଣ ମନ୍ତ୍ର ''ସ୍ୱାମୀୟେ ଶରଣମ୍ ଆୟପ୍ପା !'' – ଅନ୍ୟ ବ୍ରତଧାରୀମାନଙ୍କୁ ସାଦର ସମ୍ବୋଧନ – ''ଆୟପ୍ପାସ୍ୱାମୀ'' ।

ଚିନ୍ତା ଓ ଚେତନାରେ ଗଭୀର ପ୍ରଭାବ ପକାଇବା ପାଇଁ ସବୁପ୍ରକାର ଶାରୀରିକ ବିଳାସ ବ୍ୟବସ୍ଥାର ଏସବୁ ଯେପରି ଚରମ କଟକଣା, କଠୋର ନିଷ୍ଠାପାଳନ । ନିଷ୍ଠୁର ନିୟମ କାନୁନର ସଂରଚନା ।

ବେକରେ ତାଙ୍କର ଲମ୍ବିଥାଏ ରୁଦ୍ରାକ୍ଷମାଳ । ହାତରେ ଥାଏ କନା ତିଆରି ଏକ ମୁଣି ଯହିଁରେ ପ୍ରଭୁ ଆୟପ୍ପାଙ୍କୁ ଅର୍ପଣାର୍ଥେ ପୂଜା ସାମଗ୍ରୀ ରଖାଯାଏ । ସଂକଳ୍ପିତ ଇଚ୍ଛାର ପରିପୂର୍ତ୍ତି ପାଇଁ ସମର୍ପିତ କିଛି ପବିତ୍ର ଦ୍ରବ୍ୟ – ଯାହା ସ୍ଥାନୀୟ ଭାଷାରେ ''ଇରୁମୁଡ଼ି'' କୁହାଯାଏ ।

ସବୁ ପୀଠସ୍ଥଳୀ ପରି ଶବରୀମାଳା ମଧ୍ୟ ଐତିହାସିକ ଓ ପୌରାଣିକ ଆଖ୍ୟାନ, ଜନଶ୍ରୁତି ସହିତ ଯୋଡ଼ି ହୋଇଛି ।

ସେସବୁ କଥାବସ୍ତୁ ଯେପରି ନିରାଟ ସତ୍ୟର ଅନତିକ୍ରମ୍ୟ ଘଟଣାକୁ ଦୃଢ଼ରୁ ଦୃଢ଼ତରଭାବେ ପିଢ଼ି ପିଢ଼ି ଧରି ଗଡ଼ି ଆସିଛି କେଉଁ ଆବହମାନ କାଳରୁ, ଯାହାକୁ କପୋଳକଳ୍ପିତ ବୋଲି ହେୟ ମନେ କରାଯାଇପାରେ ନାହିଁ କିଂବା ସମାଜରେ ଏକ ଅବାନ୍ତର, ଅସମୀଚୀନ ମନଗଢ଼ା ଚିତ୍ରଣ କହି ଭୁଲିଯିବାକୁ ପରାମର୍ଶ ଦିଆଯାଏ ନାହିଁ । ବରଂ ଆହୁରି ଦୃଢ଼, ଆହୁରି ବିଶ୍ୱାସ-ଯୋଗ୍ୟ, ଆହୁରି ନିବିଡ଼ଭାବରେ ଚେତନାରେ ଜୀବନ୍ତ ରଖି ସ୍ମରଣ କରିବାକୁ ହୁଏ । ମନନ କରି ମଜ୍ଜମାନ ହେବାକୁ ହୁଏ ।

ତାହାହିଁ ସତ୍ୟର ଏକ ଭିନ୍ନ ରୂପ ।

ସେପରି ଏକ କାହାଣୀ ରହିଛି – ଏଇ ଶବରୀମାଳା ପୀଠ ସମ୍ପର୍କରେ ।

କୌଣସି ଏକ ଅନାମଧେୟ ଅସୁରର ତପସ୍ୟାରେ ସନ୍ତୁଷ୍ଟ ହୋଇ ଆଶୁତୋଷ ଶିବ, ଏକ ତନ୍ମୟ ମୁହୂର୍ତ୍ତରେ ସେଇ ଅସୁରକୁ ଏପରି ଏକ ବର ପ୍ରଦାନ କଲେ ଯେ ଅସୁରଟି ଯାହା ମୁଣ୍ଡରେ ହାତ ରଖିବ ସିଏ ସେଇଠି ଭସ୍ମ ହୋଇଯିବ । ଏକେ ତ ଦୁଷ୍ଟ, କ୍ରୋଧୀ, ପରାକ୍ରମୀ ଅସୁର, ତହିଁରେ ପୁଣି ପ୍ରଭୁ ଶିବଙ୍କ ଅମୋଘ ଶକ୍ତିଶାଳୀ ବରପ୍ରାପ୍ତ ହୋଇ ଉଦ୍ଧତ ହେବା ସ୍ୱାଭାବିକ । ସେ ଯେ କାହାରି ଦ୍ୱାରା ବିନାଶ ହେବ ନାହିଁ, ବରଂ ତା' ହାତ ସ୍ପର୍ଶରେ ଯେତେ ଶକ୍ତିମାନ୍ ହେଲେ ମଧ ପରାଭୂତ, ପାଉଁଶ ହେବା ନିଶ୍ଚିତ – ଏଇ ଧାରଣା ତା' ମୁଣ୍ଡରେ ବଳବତ୍ତର ରହିଲା ଦୃଢ଼ଭାବେ । ତାକୁ କିପରି ସଦ୍‌ବ୍ୟବହାର କରିବ ସେଇ ଚିନ୍ତାରେ ବୁଦ୍ଧିହୀନ ତଥା ବିପଥମାଗୀ ହେଲା ସିଏ । ଫଳରେ ଯାହା ହେବାର କଥା ତାହାହିଁ ହେଲା । ଏଡ଼େ ବଡ଼ ଅଭାବିତ ପ୍ରତାପ ତା' ପାଖରେ ଥିବାରୁ ତାକୁ କାର୍ଯ୍ୟରେ ପରିଣତ କରି ଯଥାଶୀଘ୍ର ପରୀକ୍ଷା କରିବାକୁ ସିଏ ବ୍ୟଗ୍ର ହେଲା । କୁଟିଳ ବୁଦ୍ଧିରେ ପରିଚାଳିତ ହେଲା ସିଏ । ଶିବ ପ୍ରଦତ୍ତ ବରର ପ୍ରତାପକୁ ଶିବଙ୍କଠାରେହିଁ ପରୀକ୍ଷା ନିଆଯାଉ ପ୍ରଥମେ : ସେ ଦୌଡ଼ିଲା ଶିବଙ୍କ ମୁଣ୍ଡରେ ହାତ ଥାପିବାକୁ । ଅତର୍କ୍କ ହୋଇ ଶିବ ଭଗବାନ୍ ତ୍ରାହି ତ୍ରାହି ଚିତ୍କାର କରି ବିଷ୍ଣୁଙ୍କୁ ସ୍ମରଣ କଲେ । ବିଷ୍ଣୁ ଏକ ମୋହିନୀ, ସୁନ୍ଦରୀ ରୂପରେ ଅସୁରର ପଥରୋଧ କଲେ । ଅସୁର ଭୁଲିଗଲା ତା'ର ପରୀକ୍ଷା କରିବା ବିଷୟ ଏବଂ ପ୍ରଲୋଭିତ ହେଲା ମୋହିନୀର ଅନିନ୍ଦ୍ୟ ସୁନ୍ଦର ରୂପ ଲାବଣ୍ୟରେ । ସିଏ ଅନୁନୟ କଲା, ମୋହିନୀଙ୍କ ପାଣିପ୍ରାର୍ଥୀ ହେବାକୁ । ମୋହିନୀ ନିଜ ଉଦ୍ଦେଶ୍ୟ ସାଧିତ ହେବା ଜାଣି ସର୍ତ୍ତ ରଖିଲେ ଯେ, ଉଭୟେ ଶାସ୍ତ୍ରୀୟ ସଙ୍ଗୀତ ଗାନ ମାଧ୍ୟମରେ ନୃତ୍ୟରତ ରହିବେ । ଅସୁର ରାଜି ହେଲା । ଏମିତି ନୃତ୍ୟରତ ଅବସ୍ଥାରେ ମୋହିନୀ ଏକ ନୃତ୍ୟ ମୁଦ୍ରାରେ ତାଙ୍କ ହାତ ନିଜ ମୁଣ୍ଡରେ ସ୍ଥାପନ କଲେ । ତାଙ୍କୁ ଦେଖି ଅସୁର ମଧ ସେଇ ଲଳିତ ମୁଦ୍ରାର ଅନୁକରଣ କଲା । ବାସ୍, ଆଉ ଯାଏ କୁଆଡ଼େ ? ଶିବଙ୍କ ପ୍ରଦତ୍ତ ବରର ପରୀକ୍ଷା ହେଇଗଲା ସେଇଠାରେ । ଅସୁର ନିମିଷକରେ ସେଇଠି ଗଦାଏ ପାଉଁଶରେ ପରିଣତ ହୋଇଗଲା । ତାକୁ ଆଖ୍ୟାନ-କାରୀମାନେ 'ଭସ୍ମାସୁର' ନାମ ଦେଲେ । ଗର୍ବ, ଅହଙ୍କାର, ପ୍ରତାପର ଶେଷ ପରିଣତି ତ ଏପରି ମୁଠାଏ ପାଉଁଶ ।

ଲୁକ୍କାୟିତଭାବେ ଶିବ ଏଇ ନୃତ୍ୟ ଓ ପରିଣତିକୁ ଲକ୍ଷ୍ୟ କରୁଥିଲେ । ଅସୁରର ବିନାଶ ହୁଅନ୍ତେ ମୋହିନୀଙ୍କ ନୃତ୍ୟ ଲାଳିତ୍ୟରେ ବିମୁଗ୍ଧ ହୋଇ ମୋହିନୀଙ୍କ ସହ ସେ ଯୁଗଳ ଲଗ୍ନରେ ମଗ୍ନ ରହିଲେ । ଫଳତଃ ଉଭୟଙ୍କ ନୃତ୍ୟ କ୍ରୀଡ଼ାରୁ ଜନ୍ମ ନେଲେ ହରିହର ପୁତ୍ର – ମଣିକାନ୍ତନ୍ ।

କିଛି କାଳ ଅନ୍ତେ ମୋହିନୀ ଓ ଶିବ ଶିଶୁ ପୁତ୍ରକୁ ସେଠାରେ ଛାଡ଼ି ଦେଇ ସ୍ୱ ସ୍ୱ ଧାମକୁ ପ୍ରତ୍ୟାବର୍ତ୍ତନ କଲେ । ଅସହାୟ ଶିଶୁଟିର ସୁରକ୍ଷା ପାଇଁ ସେଠାରେ ବିଧି ପ୍ରେରିତଭାବେ ପ୍ରବେଶ କଲେ 'ପାଣ୍ଡାଳମ୍' ରାଜ୍ୟର ରାଜା କୁଳଶେଖର । ଶିକାର ଉଦ୍ଦେଶ୍ୟରେ ଅରଣ୍ୟରେ ବୁଲୁ ବୁଲୁ ସେ ଶିକାର ପରିବର୍ତ୍ତେ ପାଇଗଲେ ଏକ ମହାର୍ଘ ସମ୍ପଦ । ସହଜେ ରାଜା ଥିଲେ ଅପୁତ୍ରିକ, ବିଷାଦଗ୍ରସ୍ତ । ଅତଏବ ସେ ଶିଶୁ ପୁତ୍ରକୁ ଆଦରରେ କୋଳେଇ ନେଲେ । ସେଇ ଅଦୃଷ୍ଟକୁ ବାରଂବାର ପ୍ରଣାମ କଲେ, ଧନ୍ୟବାଦ ଦେଲେ । ତାଙ୍କର ଅନ୍ତରାତ୍ମାଟି ଯେଉଁ ମହାନ୍ ଦ୍ରବ୍ୟଟିର ସନ୍ଧାନ କରୁଥିଲା, ତାହା ତାଙ୍କ ସାମନାରେ ଆକସ୍ମିକଭାବେ ଆଣି ଭେଟାଇ ଦେଲା – ଏହାଠାରୁ ବଳି ଈଶ୍ୱରଙ୍କ କରୁଣା ବା ଅନ୍ୟ କ'ଣ ହୋଇପାରେ ? ଭୋକିଲା ପ୍ରାଣୀକୁ ଖାଦ୍ୟ ଅଥବା ତୃଷାରେ ଆଉଟୁପାଉଟୁ ଲୋକକୁ ଶୀତଳ, ସ୍ୱଚ୍ଛ ଜଳପୂର୍ଣ୍ଣ ପାତ୍ରଟିଏ ଧରାଇ ଦେବା ପରି ।

ରାଜା ଫେରିଗଲେ ଶିଶୁଟିକୁ ଧରି ନଗରକୁ । ଉତ୍ସବ ମନାଇଲେ । ବିଭୁ ଚିନ୍ତାରେ ମଗ୍ନ ରହିଲେ ।

ତେର ବର୍ଷ ବୟସରେ ମଣିକାନ୍ତନ ହେଲେ ଜଣେ ପୂର୍ଣ୍ଣ ବୟଃପ୍ରାପ୍ତ ଯୁବକ ଓ ଦାୟିତ୍ୱବାନ୍ ତରୁଣ । ଯଦିଓ ରାଣୀଙ୍କ ଗର୍ଭରୁ ପରବର୍ତ୍ତୀ କାଳରେ ଆଉ ଏକ ପୁତ୍ର ଜନ୍ମ ନେଲା, ରାଜା କିନ୍ତୁ ମଣିକାନ୍ତନଙ୍କୁ ନିଜର ଉତ୍ତରାଧିକାରୀ କରିବାକୁ ମନସ୍ଥ

କରିଥିଲେ । ଅହଙ୍କାରୀ ରାଣୀ କିନ୍ତୁ ଏଥିରେ ବାଧକ ସାଜିଲେ । ତାଙ୍କ ଆତ୍ମଜ କୁମର ଯେ ଅରକ୍ଷିତ ହେବ ଏବଂ ବନ୍ୟପ୍ରାପ୍ତ କୁମାର ମଣିକାନ୍ତନ ରାଜ୍ୟର ରାଜା ହେବ – ଏହାକୁ ବିରୋଧ କଲେ ସେ । ଏଣୁ ତାଙ୍କ ଦୃଷ୍ଟିରେ ମଣିକାନ୍ତନ ହେଲେ ଭିନ୍ନ ଏକ ଧ୍ରୁବ । ମଣିକାନ୍ତନ କିନ୍ତୁ ଏସବୁ ପ୍ରତି ରହିଲେ ଆସକ୍ତିହୀନ, ନିର୍ବିକାର ।

ଏପରିକି ରାଣୀ ମଣିକାନ୍ତନକୁ ସବୁଦିନ ପାଇଁ ରାସ୍ତାରୁ ହଟାଇ ନିଜର ପୁତ୍ର ପାଇଁ ନିରଙ୍କୁଶ ଶାସନ ଭାର ପ୍ରାପ୍ତି ସକାଶେ ଆରମ୍ଭ କରିଦେଲେ ବିଭିନ୍ନ ଫନ୍ଦିଫିକର । ନିଜ ପେଟ ଭିତରେ ଉତ୍କଟ ରୋଗ ହୋଇଥିବାର ଛଳନା କଲେ । ଆଉ ସେଇ ଦୁରାରୋଗ୍ୟ ପୀଡ଼ାର ଉପଶମ ହେବ ଦୁର୍ଲଭ ବାଘୁଣୀର ଦୁଗ୍ଧରୁ ତିଆରି କ୍ୱାଥରୁ । ଏଣୁ ଦୁର୍ଲଭ ବାଘୁଣୀର ଦୁଗ୍ଧ ସଂଗ୍ରହ ସକାଶେ ଆଜ୍ଞାବହ କୁମାର ମଣିକାନ୍ତନକୁ ପ୍ରେରଣ କଲେ ଅରଣ୍ୟକୁ । ଉଦ୍ଦେଶ୍ୟ ଏକମାତ୍ର ମନ୍ଦଚିନ୍ତା । ଅଭିସନ୍ଧି ନକାରାତ୍ମକ । ଯେତେଶୀଘ୍ର ସେ ବାଘୁଣୀର ଦୁଧ ଧରି ଫେରିବେ, ତହିଁରୁ କ୍ୱାଥ ତିଆରି ହେବ ଓ ରାଣୀ ସେବନ କରି ଆରୋଗ୍ୟ ଲାଭ କରିବେ । ମଣିକାନ୍ତନ ଚାଲିଗଲେ ଅରଣ୍ୟକୁ । ଅରଣ୍ୟରେ ସେ ଅନେକ ଅସୁର, ବଣ୍ୟ ମହିଷ ଏବଂ ପ୍ରତିଘାତର ସମ୍ମୁଖୀନ ହେଲେ । ସବୁ ପ୍ରତିବନ୍ଧକକୁ ପାଦ ତଳେ ଚାପି ଗୋଟିଏ ବାଘୁଣୀ ପିଠିରେ ସବାର ହୋଇ ନଗରକୁ ଫେରିଲେ ପଛରେ ପଂଝାଏ ପଶୁବଳ ଧରି । ରାଣୀଙ୍କର ସେତେବେଳକାର ଅବସ୍ଥା ନକହିଲେ ଭଲ । ଆପଣା ମୁହଁରେ କାଳିବୋଳି ହେଲା ପରି ରହିଲେ ।

ସେଥିପାଇଁ ସମ୍ଭବତଃ ଆୟପ୍ପା ସ୍ୱାମୀଙ୍କ ବିଗ୍ରହକୁ ଘେରି କେତୋଟି ବାଘମୂର୍ତ୍ତି ମନ୍ଦିର ଭିତରେ ଦୃଶ୍ୟମାନ ରହିଛନ୍ତି । ମଣିଷର ପ୍ରଚେଷ୍ଟା ଆଗରେ ହାର ମାନିଛି ପଶୁବଳ ।

ମଣିକାନ୍ତନ କିନ୍ତୁ ଅତଃପର ରାଣୀଙ୍କର ଗତିବିଧିକୁ ଅନୁଧ୍ୟାନ କରି ରାଜପ୍ରାସାଦ ତ୍ୟାଗ କଲେ । ଅରଣ୍ୟରେ ଯାଇ ତପସ୍ୱୀ ଜୀବନ ଆରମ୍ଭ କଲେ ଏଇ ଶବରୀମାଳାଠାରେ । ଏକନିଷ୍ଠ ଧ୍ୟାନମଗ୍ନ ରହି ସେ ଜ୍ଞାନପ୍ରାପ୍ତ ହେଲେ । ହେଲେ ବୋଧିପ୍ରାପ୍ତ, ଜୀବନ୍ମୁକ୍ତ ।

ଏଇ ଶବରୀମାଳା କ୍ଷେତ୍ରଟି ସମାଜର ସବୁବର୍ଗ ଓ ସବୁ କ୍ଷେତ୍ରର ଲୋକମାନଙ୍କ ପାଇଁ ଖୋଲା ରହିଥାଏ । ସବୁ ଶ୍ରେଣୀର ଭକ୍ତଙ୍କୁ ଆକର୍ଷଣ କରେ ଏହାର ସ୍ନିଗ୍ଧ ଶୀତଳ ପରିବେଶ, ଶାନ୍ତ ସ୍ୱଚ୍ଛ ବନରାଜି, କଳନାଦିନୀ 'ପମ୍ପ' ନଦୀର କୋମଳ ପରଶ । ତେବେ ଆୟପ୍ପା ଉପାସକମାନଙ୍କୁ ସେମାନଙ୍କ କଳା ପୋଷାକ, ''ସ୍ୱାମୀୟେ ଶରଣମ୍ ଆୟପ୍ପା'' – ଉଚ୍ଚାରଣ, ଏବଂ ''ଇରୁମୁଡ଼ି'' ଧାରଣରୁ ସହଜରେ ଚିହ୍ନି ହୋଇଯାଏ ।

ଶବରୀମାଳାର ପୁଣ୍ୟପୀଠରେ ପହଞ୍ଚିବା ନିଶ୍ଚୟ ଏକ କଷ୍ଟସାଧ ପଥଶ୍ରମ । ଅନ୍ତତଃ ଚାଳିଶ କିଲୋମିଟରର ପାହାଡ଼, ଉପତ୍ୟକା, ଘଞ୍ଚ ଜଙ୍ଗଲ ଅତିକ୍ରମ କରିବାକୁ ହୁଏ । ଏଇ ଯାତ୍ରାପଥର ପ୍ରଥମ ରହଣୀ ସ୍ଥଳ ହେଉଛି 'ଏରୁମେଲି' । ଏଠାରେ ଏକ ଅନତିବୃହତ୍ ମନ୍ଦିର ରହିଛି । ଭକ୍ତମାନେ ଏଠାରେ ଆୟପ୍ପା ସ୍ୱାମୀଙ୍କ ଜଣେ ପରମଶିଷ୍ୟ, ମୁସଲମାନ ସନ୍ଥ – 'ଶ୍ରୀ ଭୋଭାର ସ୍ୱାମୀ'ଙ୍କ ଉଦ୍ଦେଶ୍ୟରେ ଭକ୍ତି ଅର୍ପଣ କରି ଊର୍ଦ୍ଧ୍ୱଗାମୀ ହୋଇଥା'ନ୍ତି । ଏଇ ସ୍ମାରକୀ ପୀଠଟି ରାଜା ରାଜଶେଖର ନିର୍ମାଣ କରିଥିଲେ ।

ଏହାପରେ ଶ୍ରଦ୍ଧାଳୁମାନେ ସମ୍ମୁଖୀନ ହୁଅନ୍ତି 'ପମ୍ପ' ନଦୀର । କେରଳୀମାନଙ୍କ ଚିନ୍ତା ଚେତନାରେ ଏହା ଗଙ୍ଗା ପରି ପୁଣ୍ୟତୋୟା, ପାପନାଶିନୀ, ପତିତପାବନୀ । 'ମଣ୍ଡଲମ୍' ପାର୍ବଣବେଳେ ପମ୍ପ ନଦୀରେ ସ୍ନାନ କରିବା ଅତ୍ୟନ୍ତ ପବିତ୍ର ବୋଲି ଶ୍ରଦ୍ଧାଳୁମାନେ ଜ୍ଞାନ କରନ୍ତି । ବୁଡ଼ ପକାଇ ଶ୍ରଦ୍ଧାଳୁ ଆୟପ୍ପା ସ୍ୱାମୀଙ୍କ ଦର୍ଶନ କରିବା, ଜୀବନର ଏକ ଶ୍ରେଷ୍ଠ କାର୍ଯ୍ୟ ବୋଲି ମାନ୍ୟ କରେ ଆଉ ନିଜକୁ ଧନ୍ୟ ମନେ କରେ ।

ଏଠାରୁ ଅଳ୍ପ ଦୂରରେ ରହିଛି 'ଶବରୀ ପୀଠ' – ଯେଉଁଠାରେ ତପସ୍ୱିନୀ ଶବରୀ ନିଜର ଏକନିଷ୍ଠ ବ୍ରତ ପାଳନ କରି ପ୍ରଭୁ ରାମଚନ୍ଦ୍ରଙ୍କ ଅନୁଗ୍ରହ ପ୍ରାପ୍ତ ହୋଇଥିଲେ । ସେଥିପାଇଁ ଏହା ଶବରୀମାଳା ନାମରେ ଖ୍ୟାତ ହୋଇଛି ।

ଆୟପ୍ପା ମନ୍ଦିରର ଗର୍ଭଗୃହ, ଯେଉଁଠି ପ୍ରଭୁଙ୍କ ବିଗ୍ରହ ବିରାଜମାନ କରିଛନ୍ତି, ସେଠାକୁ ପହଞ୍ଚିବାକୁ ହେଲେ ଅଠରଟି ପାହାଚ ଉଠିବାକୁ ହୁଏ । ଏଇ ପାହାଚ ସମୂହକୁ ସ୍ଥାନୀୟ ଭାଷାରେ – 'ପାଠୀନେଟ୍ଟାମଦୀ' କୁହାଯାଏ । ଏ ପାହାଚ ଶ୍ରେଣୀ ପୁଣି ରାଜା ରାଜଶେଖରଙ୍କ ଦ୍ୱାରା ନିର୍ମିତ ଏବଂ ଏହା ଏକ ଉଚ୍ଚତର ଧାର୍ମିକ ମହତ୍ତ୍ୱ ରଖେ । ଅଠରଟି ପାହାଚ ମଧ୍ୟ ସାଙ୍କେତିକ ଜ୍ଞାନରେ ଭରପୂର । ଏହାର ପ୍ରଥମ ପାଞ୍ଚଟି ପାହାଚ ପଞ୍ଚେନ୍ଦ୍ରିୟର ପ୍ରତୀକ । ପରବର୍ତ୍ତୀ ଆଠଟି ପାହାଚ ଆଠଟି ରାଗ (ସା, ରେ, ଗା, ମା, ପା, ଧା, ନି, ଶା) ପରବର୍ତ୍ତୀ ତିନୋଟି ପାହାଚ ତ୍ରିଗୁଣ (ସତ୍ତ୍ୱ, ରଜଃ, ତମଃ) ଏବଂ ଶେଷ ଦୁଇଟି ପାହାଚ ବିଦ୍ୟା ଓ ଅବିଦ୍ୟାର ପ୍ରତିନିଧିତ୍ୱ କରୁଥିବା ମାନ୍ୟ କରାଯାଏ । ଏସବୁକୁ ଆରୋହଣ କରି ଊର୍ଦ୍ଧ୍ୱଗାମୀ ହେଲେ ଶେଷରେ ମିଳେ ପ୍ରଭୁ ଆୟପ୍ପାଙ୍କ ସ୍ୱର୍ଗୀୟ ସାନ୍ନିଧ୍ୟ, ଜୀବନର ପରମାର୍ଥ ।

ମାନସିକ ସ୍ତରରେ ଏଇ ଅଠରଟି ପ୍ରତିବନ୍ଧକ ସ୍ତରକୁ ନିୟନ୍ତ୍ରିତ କରି ସଂଯମଶୀଳ ହେବାକୁ ଯେପରି ପ୍ରବର୍ତ୍ତାଏ ଏଇ ପାହାଚ ଶ୍ରେଣୀ । ତତ୍‌ପରେ ରହିଛି ଦେବ ସାନିଧ, ଈଶ୍ୱର ପ୍ରାପ୍ତି ।

ଆୟପ୍ପା ଉତ୍ସବର ଅନ୍ତିମ ଭାଗ ତଥା ଏକ ମହତ୍ତ୍ୱପୂର୍ଣ୍ଣ ଦିଗ, ଏଇ ଶବରୀମାଳା ତୀର୍ଥ ଭ୍ରମଣର ମହାର୍ଘ ଯୋଗ ହେଉଛି ପବିତ୍ର 'ମକର ଜ୍ୟୋତିଃ' ସନ୍ଦର୍ଶନ । ଏଇ ମକର ଜ୍ୟୋତିଃ ଯାହା ଐଶ୍ୱରୀୟ ଆଲୋକର ଏକ ଉଜ୍ଜ୍ୱଳ ପିଣ୍ଡ, ପାହାଡ଼ ଶିଖରରେ ଦୃଶ୍ୟମାନ ହୁଏ 'ମକର ସଂକ୍ରାନ୍ତି'ର ଗୋଟିଏ ଦିନ ପରେ । ଏଇ ବିରଳ ମହାଜାଗତିକ ଜ୍ୟୋତିଃ ସମସ୍ତଙ୍କ ଦୃଷ୍ଟିଗୋଚର ହୁଏ ନାହିଁ । ଯେଉଁ ଅଳ୍ପ କେତେଜଣ ଏହାକୁ ଦେଖି ପାରନ୍ତି ସେମାନେ ଦିବ୍ୟପ୍ରେମରେ ଉଦ୍‌ବୁଦ୍ଧ, ଦିବ୍ୟ-ଚେତନାରେ ଅଭିଭୂତ ଓ ଧନ୍ୟ ହୁଅନ୍ତି ।

ପ୍ରଭୁ ଆୟପ୍ପାଙ୍କ କରୁଣା ବିନା ଏ ମହନୀୟ ଜ୍ୟୋତିଃର ସମ୍ମୁଖ କରିବା ସମ୍ଭବ ନୁହେଁ — ସର୍ବସାଧାରଣରେ ଏ ଧାରଣା, ବିଶ୍ୱାସ ରହିଛି ।

ପ୍ରକୃତରେ ଶବରୀମାଳା ତୀର୍ଥଯାତ୍ରା ହେଉଛି ମୋଟାମୋଟି ଭାବରେ ମାନବ ଆତ୍ମାର ସେଇ ଐଶ୍ୱରୀୟ ପରମସତ୍ତାଙ୍କ ସହ ଏକ ହେବାର ଯଥାର୍ଥ ଓ ଶ୍ରେଷ୍ଠପଥ ।

ଆମ ଭାରତ ସରକାର ସମ୍ପ୍ରତି ଏଇ ଶବରୀମାଳା ପୀଠକୁ ଏକ ଜାତୀୟ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି । ଭାରତ ମନ୍ତ୍ରଣାଳୟର ପର୍ଯ୍ୟଟନ ବିଭାଗ ବିଭିନ୍ନ ଯୋଜନା ଜରିଆରେ ଶବରୀମାଳାକୁ ଜାତୀୟ ତୀର୍ଥସ୍ଥାନ ଓ ପର୍ଯ୍ୟଟନ ସ୍ରୋତରେ ସାମିଲ କରି Pilgrimage Rejuvenation and Spirituality Augmentation Drive (PRASAD) ଯୋଜନାରେ ରଖିଛନ୍ତି । ଏଇ PRASAD ହେଉଛି ପର୍ଯ୍ୟଟନ ମନ୍ତ୍ରଣାଳୟ ଅଧୀନରେ ଏକ ସରକାରୀ ଯୋଜନା । ❑

*କର୍ମର ପ୍ରେରଣାରେ ସତ୍ୟ ଓ ମିଥ୍ୟା ଭିତରେ ପ୍ରଭେଦ ନିର୍ଣ୍ଣୟ କରିବୁ କିପରି ?*

**ଶ୍ରୀମା** : ପୃଥିବୀର ବାତାବରଣରେ ଦିବ୍ୟସତ୍ୟର ଯେଉଁ ଆଲୋକର ଆଗମନ ହୋଇଛି ତାହାର ପ୍ରଥମ ପରିଣାମଗୁଡ଼ିକ ଭିତରୁ ଅନ୍ୟତମ ହେଉଛି ପ୍ରଭେଦ-ନିର୍ଣ୍ଣୟର ଏହି କ୍ଷମତା ।

ଅବଶ୍ୟ ଦିବ୍ୟସତ୍ୟର ଆଲୋକ ନିଜ ସଙ୍ଗରେ ଏହି ପ୍ରଭେଦ-ନିର୍ଣ୍ଣୟର ଯେଉଁ କ୍ଷମତା ଆଣି ଦେଇଛି ତାହା ଗ୍ରହଣ ନ କରିଥିବା ଯାଏ ମିଥ୍ୟାଶକ୍ତିର ଓ ସତ୍ୟଶକ୍ତିର ପ୍ରେରଣା ଭିତରେ ପ୍ରଭେଦ ନିର୍ଣ୍ଣୟ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ।

ତଥାପି ପ୍ରାରମ୍ଭିକ ଅବସ୍ଥାରେ ଏ ଦିଗରେ ସହାୟତା ପାଇବା ପାଇଁ ଜଣେ ପଥପ୍ରଦର୍ଶନସୂଚକ ଏହି ନିୟମକୁ ଗ୍ରହଣ କରିପାରେ ଯେ ଯାହାକିଛି ନିଜ ସଙ୍ଗରେ ଶାନ୍ତି, ବିଶ୍ୱାସ, ଆନନ୍ଦ, ସୁସମଞ୍ଜସତା, ପ୍ରସାର, ଐକ୍ୟ ଓ ଉତ୍ତରଣମୁଖୀ ଅଭିବୃଦ୍ଧିର ସ୍ପନ୍ଦନ ନେଇ ଆସେ ବା ଆମ ଭିତରେ ସେହି ସ୍ପନ୍ଦନସବୁ ସୃଷ୍ଟି କରେ ତାହା ଆସିଥାଏ ଦିବ୍ୟସତ୍ୟ ଭିତରୁ ଏବଂ ଯାହାକିଛି ନିଜ ସଙ୍ଗରେ ଅସ୍ଥିରତା, ସନ୍ଦେହ, ଅବିଶ୍ୱାସ, ବିଷାଦ, ବିବାଦ, ସ୍ୱାର୍ଥପର ସଂକୀର୍ଣ୍ଣତା, ଜଡ଼ତା, ହତୋତ୍ସାହ ଓ ହତାଶା ବହନ କରିଥାଏ, ସେଗୁଡ଼ିକ ସିଧା ଆସିଥାଏ ମିଥ୍ୟା ଭିତରୁ ।

୨୨ ଜାନୁଆରୀ ୧୯୬୫

# ହିତକାରୀ ଗଛ

## ଦୌଲତ ପାଣ୍ଡେ

ଏକଦା କାବେରୀ ନଦୀ କୂଳରେ ଏକ ବିରାଟ ହିତକାରୀ ଗଛ ଥିଲା । ଗଛଟିର ଗଣ୍ଡି ଏଡ଼େ ବିଶାଳ ଥିଲା ଯେ ବାର ଜଣରୁ ଅଧିକ ପିଲା ଏକାଠି ହାତ ଧରାଧରି ହୋଇ ଏହା ଚାରି ପାଖରେ ବୃତ୍ତ ଆକାରରେ ଠିଆ ହୋଇ ପାରୁଥିଲେ । ଗଛର ଡାଳଗୁଡ଼ିକ ଏତେ ଦୂରକୁ ବ୍ୟାପିଥିଲା ଯେ ଗୋଟିଏ ଗୋଠ ମେଣ୍ଢା ଏହା ତଳେ ଆଶ୍ରୟ ନେଇ ପାରୁଥିଲେ । ବସନ୍ତ ଋତୁରେ ଯେତେବେଳେ ସବୁ ଗଛ ନୂଆ ନୂଆ ପତ୍ରପୁଷ୍ପର ଆଭରଣରେ ଶୋଭା ପାଉଥିଲା ଏବଂ ଗଛ ତଳ ମାଟି ବଣୁଆ ଘାସ ଓ ଫୁଲରେ ଭରି ଯାଉଥିଲା, ବନ୍ଧୁତୁଲ୍ୟ ସେହି ଗଛଟି ମଧ୍ୟ ହଳଦିଆ ରଙ୍ଗର ଫୁଲ ଓ ଲାଲ ଫଳମାନ ଧାରଣ କରି ଅତି ମନୋରମ ଦୃଶ୍ୟ ସୃଷ୍ଟି କରୁଥିଲା । ମନେ ହେଉଥିଲା, ସତେ ଯେପରି ଗଛଟି ବହୁମୂଲ୍ୟ ନୂଆ ପୋଷାକରେ ସଜାଇ ହୋଇଛି ।

ପିଲାମାନେ ଗଛର କୋଳି ଖାଇବା ପାଇଁ ଦୂର ଦୂରାନ୍ତରୁ ଆସି ଗଛ ମୂଳରେ ଏକାଠି ହେଉଥିଲେ । ସେ ଅଞ୍ଚଳର ପ୍ରତ୍ୟେକ ଗୃହିଣୀ ଖାଦ୍ୟକୁ ଅଧିକ ସୁସ୍ୱାଦୁ କରିବା ପାଇଁ ଏହାର ସୁଗନ୍ଧ ଫୁଲ ତୋଳି ନେବାକୁ ଭୁଲୁ ନ ଥିଲେ । ଗଛଟିର ସ୍ୱାଦିଷ୍ଟ ପତ୍ରକୁ ମଧ୍ୟ ଖାଇବା ପାଇଁ ଗୋରୁ ଗାଈ ଓ ମେଣ୍ଢା ଆଦି ଗୃହପାଳିତ ପଶୁ ଅଧିକ ପସନ୍ଦ କରୁଥିଲେ । ଏପରି ଭାବେ ସମସ୍ତେ ମିଶି ଯେପରି ଗଛଟିକୁ ଲୁଟିବାରେ ଲାଗିଥିଲେ ! ମାତ୍ର ଗଛଟି ଅତି ଉଦାର ପ୍ରକୃତିର ଥିବା ହେତୁ ପୁଣି ନୂଆ ନୂଆ ଫୁଲ, ଫଳ ଓ ପତ୍ରରେ ଭରି ଯାଉଥିଲା । ଏପରି ଭାବେ ବର୍ଷ ପରେ ବର୍ଷ ଗଡ଼ି ଚାଲିଲା । ପିଢ଼ି ପରେ ପିଢ଼ିର ପିଲାମାନେ ଗଛମୂଳରେ ଖେଳି ବୁଲି ବଡ଼ ହେଲେ । କୃଷକ ଅବା ପଶୁପାଳକ ଭାବେ ଜୀବନ ବିତାଇ ବୁଢ଼ା ହେଲେ । ଶେଷରେ ମୃତ୍ୟୁ ବରଣ କରି ମଶାଣିକୁ ଗଲେ । ଗଛଟି କିନ୍ତୁ ସବୁକାଳେ ଜନତାର ବନ୍ଧୁ ଭାବେ ସେଇଠି ଠିଆ ହୋଇଥାଏ ।

ଥରେ ଏପରି ଦିନ ଆସିଲା ଯେତେବେଳେ ଗଛକୁ ଲାଗି ନଦୀ କୂଳରେ ଏକ ଅତି ବିରାଟ ରାଜପଥ ତିଆରି ଆରମ୍ଭ ହୋଇଗଲା । ବାଷ୍ପଚାଳିତ ବଡ଼ ବଡ଼ ରୋଡ୍ ରୋଲର୍ ସାରା ଦିନ ଆଗକୁ ଏବଂ ପଛକୁ ଯାଇ ମାଟି ପଥର ସବୁକୁ ଲୁହା ଚକତଳେ ଚାପିବାରେ ଲାଗିଲା । ଗାଁ ଲୋକଙ୍କୁ ଜଣାଇ ଦିଆଗଲା ଯେ ରାସ୍ତାକୁ ଚଉଡ଼ା କରିବା ପାଇଁ ହିତକାରୀ ଗଛଟିକୁ କାଟିବାକୁ ପଡ଼ିବ । ଏ କଥା ଶୁଣି ଗ୍ରାମବାସୀଙ୍କ ମନରେ କିଭଳି ଦୁଃଖ ହୋଇଥିବ ଆପଣମାନେ ଅନୁମାନ କରି ପାରୁଥିବେ । ସେମାନେ ଏକାଠି ହୋଇ ରାଜପଥ ନିର୍ମାଣ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କୁ ଭେଟି ଗଛଟିକୁ ବଞ୍ଚାଇବା ପାଇଁ ନିବେଦନ କଲେ । ବାଟୋଇମାନଙ୍କ ପାଇଁ ଗଛଟି କିଭଳି ଏକ ଆଶୀର୍ବାଦ ତାହା ସେମାନେ ବୁଝାଇବାକୁ ଚେଷ୍ଟା କଲେ । ମାତ୍ର ସବୁ ଚେଷ୍ଟା ବୃଥା ହେଲା । ଗଛଟିକୁ ବଞ୍ଚାଇବାକୁ କର୍ତ୍ତୃପକ୍ଷ ରାଜି ହେଲେ ନାହିଁ । ସେମାନଙ୍କ ଯୁକ୍ତି ହେଲା, ''ତୁମର ଏହି ଗଛଟିକୁ ରକ୍ଷା କରିବାକୁ ହେଲେ ରାସ୍ତାକୁ ସାମାନ୍ୟ ବୁଲାଇବାକୁ ପଡ଼ିବ ଏବଂ ସେଥିପାଇଁ ପ୍ରାୟ ହଜାରେ ଟଙ୍କା ଅଧିକ ଖର୍ଚ୍ଚ ହେବ । ଏହି ଅଧିକା ଅର୍ଥ କିଏ ଦବ ?'' ଏକଥା ଶୁଣି ବିଚରା ଗ୍ରାମବାସୀ ଦୁଃଖରେ ପରସ୍ପର ମୁହଁକୁ ଚାହିଁଲେ । ହଜାରେ ଟଙ୍କା ସେମାନଙ୍କ ପାଇଁ ବହୁତ ଅଧିକ ଥିଲା । ସେମାନଙ୍କ ଭିତରୁ ଜଣେ ଗ୍ରାମବାସୀ ଡରି ଡରି ପଚାରିଲେ, ''ଯଦି କେହି ହଜାରେ ଟଙ୍କା ଦିଏ, ଆପଣ ଏ ଗଛଟିକୁ ଛାଡ଼ିଦେବେ କି ?'' ଏଭଳି ପ୍ରସ୍ତାବକୁ ସେମାନେ ବିଚାର କରି ପାରନ୍ତି ବୋଲି କହି, କର୍ତ୍ତୃପକ୍ଷ ଗ୍ରାମବାସୀଙ୍କୁ ରୁକ୍ଷ ଭାବେ ବିଦା କରିଦେଲେ ।

ବିଚରା ଗ୍ରାମବାସୀମାନେ ନିରାଶରେ ଘରକୁ ଫେରିଲେ; ମାତ୍ର କେହି ହେଲେ ରାତିରେ ନିଦରେ ଶୋଇ ପାରିଲେ ନାହିଁ । ସମସ୍ତେ ନିଜ ନିଜର ସ୍ତ୍ରୀ ସହିତ ପରାମର୍ଶ କଲେ ଏବଂ ଆବଶ୍ୟକ ଅର୍ଥ ସଂଗ୍ରହ କରିବା ପାଇଁ ନିଜର ଗାଈ, ଗୋରୁ, ମେଣ୍ଢା ଅଥବା ଚାଷ ଜମିରୁ କିଛି ଦେବା ପାଇଁ ନିଷ୍ପତ୍ତି କଲେ । ଗାଁର ପ୍ରତ୍ୟେକ ମହିଳା ନିଜ ପିନ୍ଧା ଗହଣାରୁ ମଧ୍ୟ କିଛି ତ୍ୟାଗ କରିବା ପାଇଁ ଜିଦ୍ କଲେ । ଗଛ ତଳେ ଖେଳିବୁଲି ସେମାନେ ବଡ଼ ହୋଇ ଥିବାରୁ ଗଛଟିକୁ ସେମାନେ ଗାଆଁର ବୁଢ଼ା ମୁରବି ତୁଲ୍ୟ ମାନୁଥିଲେ । ଗଛଟିକୁ କାଟିଦେବା ସେମାନଙ୍କ କଳ୍ପନାର ବାହାରେ ଥିଲା । ତହିଁ ପରଦିନ ସେମାନେ ଖୁସି ମନରେ ସେମାନଙ୍କ ସଂପତ୍ତିରୁ କିଛି କିଛି ତ୍ୟାଗ କରି, ପାଖ ସହରରେ ସେସବୁକୁ ବିକ୍ରି କରି ଆବଶ୍ୟକ ଅର୍ଥ ଏକାଠି

କଲେ ଏବଂ କର୍ତ୍ତୃପକ୍ଷଙ୍କୁ ଦେଇଦେଲେ । ହିତକାରୀ ଗଛଟି ବଞ୍ଚିଯିବାରୁ ସତେ ଯେପରି କୃତଜ୍ଞତାର ନିଦର୍ଶନ ସ୍ୱରୂପ, ବର୍ଷ ପରେ ବର୍ଷ ପିଲାଠାରୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ଗାଁର ସଭିଙ୍କୁ ଅଧିକରୁ ଅଧିକ ସନ୍ତୁଷ୍ଟ କରିବାରେ ଲାଗିଲା ।

ଇତି ମଧ୍ୟରେ ବହୁ ବର୍ଷ ବିତିଗଲା । ଗଛଟି ଏତେ ବୁଢ଼ା ହୋଇଗଲା ଯେ ଅତି ବିପଜ୍ଜନକ ଭାବେ ନଈ ଆଡ଼କୁ ଢଳି ପଡ଼ିଲା । ତହିଁ ପର ବର୍ଷ ଭୀଷଣ ବର୍ଷା ହେତୁ ସମସ୍ତ ଚାଷ ନଷ୍ଟ ହୋଇଗଲା ଏବଂ ଗାଁ ଲୋକେ ମରୁଡ଼ିର ସମ୍ମୁଖୀନ ହେଲେ । ଏତିକିରେ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ଶେଷ ହେଲା ନାହିଁ । ସେମାନଙ୍କ ପ୍ରିୟ ଗଛଟି ଉପୁଡ଼ି ପଡ଼ିଲା ଏବଂ ନଈ ପାଣିରେ ପଡ଼ି ବନ୍ଧକୁ ଆଉଜି ରହିଗଲା । ବର୍ଷା ଛାଡ଼ିବା ମାତ୍ରେ ଗଛଟିକୁ କାଟି କାଠକୁ ବିକିବା ଛଡ଼ା ଅନ୍ୟ ଉପାୟ ନ ଥିଲା । ଗଛର କାଠ ବି ଜାଳେଣି ପାଇଁ ବେଶ୍ ଉପଯୋଗୀ ଥିଲା । ତା' ଛଡ଼ା ପିଲା କୁଟୁମ୍ବଙ୍କ ପାଇଁ ଖାଦ୍ୟ ସାମଗ୍ରୀ କିଣିବା ଉଦ୍ଦେଶ୍ୟରେ ସେମାନଙ୍କର ଅର୍ଥ ମଧ୍ୟ ଆବଶ୍ୟକ ଥିଲା । ତେଣୁ ଗଛଟି ପାଇଁ ମନରେ ଗଭୀର ଦୁଃଖ ହେଲେ ବି ସେମାନେ କାମରେ ଲାଗି ପଡ଼ିଲେ ।

ଡାଳଗୁଡ଼ିକ କାଟି ସାରିବା ପରେ ସେମାନେ ଯେତେବେଳେ ଗଣ୍ଡିକୁ କରତରେ କାଟିବା ଆରମ୍ଭ କଲେ କୌଣସି ଏକ କଠିନ ଜିନିଷରେ ବାଜି କରତର ଦାନ୍ତଗୁଡ଼ାକ ଥୁଣ୍ଟା ହୋଇଗଲା । ଆଉ ଅଧିକ କରତେଇବା ସମ୍ଭବ ହେଲା ନାହିଁ । ଏ ପ୍ରକାର ଅସ୍ୱାଭାବିକ ପ୍ରତିବନ୍ଧକରେ କିଂକର୍ତ୍ତବ୍ୟବିମୂଢ଼ ଗ୍ରାମବାସୀମାନେ କରତ ବଦଳରେ କୁରାଢ଼ି ଲଗାଇଲେ । ଗଛର ଗଣ୍ଡି ଭିତରୁ ସେମାନେ ଟଙ୍କା, ସୁନା, ମଣି, ମାଣିକ ଭରା ଏକ ପୁରାତନ ତମ୍ବା ପାତ୍ର ପାଇଲେ । ତା' ଭିତରକୁ ଏହା କିପରି ଆସିଲା କାହାକୁ ଜଣା ନ ଥିଲା । ହୁଏତ ପ୍ରାୟ ଶହେ ବର୍ଷ ପୂର୍ବେ ଗଛଟି ଯେତେବେଳେ କଅଁଳ ଥିଲା, କୌଣସି ଲୋକ ଏହାର ଗଣ୍ଡିକୁ ଖୋଳି ସେହି ଖୋଲରେ ଏହି ଧନ ସଂପତ୍ତିକୁ ଲୁଚାଇ ରଖିଥିଲେ । ପ୍ରିୟଗଛଟି ସତେ ଯେପରି ଅତି ବିଶ୍ୱସ୍ତ ଭାବେ ସେସବୁକୁ ଜଗି ରଖିଥିଲା, ଏବଂ ଭୋକିଲା ଗ୍ରାମବାସୀଙ୍କ ଆବଶ୍ୟକତା ପୂରଣ ପାଇଁ ଠିକଣା ସମୟରେ ସେମାନଙ୍କୁ ଧରାଇ ଦେଲା !

ଉପକାରୀ ଗଛଟି ମୃତ୍ୟୁରେ ମଧ୍ୟ ନିଜର ଆନୁଗତ୍ୟ ଏବଂ ଉପକାରିତା ପ୍ରମାଣ କରିଦେଲା । ଏବେ ବି ଯଦି ଆପଣ କାବେରୀ ନଦୀ କୂଳରେ ଥିବା ସେହି ସ୍ଥାନ ଦେଇ ଯିବେ ତେବେ ଗଛଟିର ଆତ୍ମଦାନର ନିଦର୍ଶନ ସ୍ୱରୂପ ସେଠାରେ ଏକ ପ୍ରସ୍ତର ଫଳକ ଦେଖିବାକୁ ପାଇବେ । ଫଳକରେ ଲେଖା ଥିବାର ଦେଖିବେ – ''ଉପକାରୀ ଗଛଟି ଏଇଠି ଥିଲା ।'' ଫଳକ ଚାରିପାଖରେ ଏକ ବିରାଟ ବୃତ୍ତ ସୃଷ୍ଟି କରି ରାସ୍ତାଟି ଆଗକୁ ଲମ୍ବି ଯାଇଛି ।

(The Tales of India - I ପୁସ୍ତକରୁ)

ଅନୁବାଦ : ସନାତନ ମହାନ୍ତି ❑

ଯାହାର ଜୀବନ ଓ ଏହାର ବାଧାବିପତ୍ତି ସବୁକୁ ଧୈର୍ଯ୍ୟ ଏବଂ ଦୃଢ଼ତାର ସହ ମୁକାବିଲା କରିବା ଲାଗି ସାହସ ନାହିଁ ସେ ସାଧନା କ୍ଷେତ୍ରରେ ଏହାଠାରୁ ଆହୁରି ବୃହତ୍ତର ଆନ୍ତର ବାଧାବିପତ୍ତି ମଧ୍ୟଦେଇ କେବେ ବି ଗତି କରିବା ଲାଗି ସମର୍ଥ ହୋଇ ପାରିବ ନାହିଁ । ଏ ଯୋଗର ସର୍ବ ପ୍ରଥମ ଶିକ୍ଷା ହେଉଛି ଏକ ସ୍ଥିର ମନ, ଦୃଢ଼ ସାହସ ଓ ଦିବ୍ୟଶକ୍ତି ଉପରେ ଏକ ପରିପୂର୍ଣ୍ଣ ନିର୍ଭରତା ସହ ଜୀବନ ଓ ତା'ର ପରୀକ୍ଷା ସମୂହର ମୁକାବିଲା କରିବା ।

– ଶ୍ରୀଅରବିନ୍ଦ

# ଜାଣିଚ କି ?

## ସଂଗ୍ରାହକ

### ଚାର୍ଲିଙ୍କର ପ୍ରଥମ ହାସ୍ୟରସ ପରିବେଷଣ

୧୮୮୯ ମସିହା ଏପ୍ରିଲ ୧୬ ତାରିଖରେ ଲଣ୍ଡନ ସହରରେ ଜଣେ ବାଳକ ଜନ୍ମ ହୋଇଥିଲା । ଯିଏ କି ତା'ର ଜୀବନ କାଳ ମଧ୍ୟରେ ସମସ୍ତଙ୍କୁ ହସାଇ ଚାଲିଥିଲା । ତା'ର ନାମ କ'ଣ ତୁମ୍ଭେମାନେ ଜାଣ ? ସେ ହେଲେ ଚାର୍ଲସ ସ୍ପେନସର ଚାପ୍‌ଲିନ୍ । ଆମ ସମସ୍ତଙ୍କ ନିକଟରେ ସେ ଚାର୍ଲିଚାପଲିନ୍ ନାମରେ ପରିଚିତ । ଏହି ମହାନ୍ କଳାକାରଙ୍କର ହସାଇବା ଥିଲା ଈଶ୍ୱରଦତ୍ତ ଗୁଣ । ଏପରିକି ଛୋଟ ପିଲାଟି ଦିନରୁ ସେ ସମସ୍ତଙ୍କୁ ହସାଇ ପାରୁଥିଲେ ।

ଚାର୍ଲିଙ୍କ ମା' ଲିଲିହାର୍ଲି ଓ ବାପା ଚାର୍ଲସ ଚାପଲିନ୍ । ସେମାନେ ଦୁଇଜଣଯାକ ଯାତ୍ରାଦଳରେ କାମ କରୁଥିଲେ । ଚାର୍ଲିଙ୍କର ମା' ଖୁବ୍ ସୁନ୍ଦର ଗୀତ ଗାଇ ପାରୁଥିଲେ ଓ ଭଲ ନାଚି ପାରୁଥିଲେ । ବାପା ଓ ମା' ଦୁଇଜଣଯାକ ରୋଜଗାର କରୁଥିଲେ ମଧ୍ୟ ସେମାନଙ୍କର ଛୋଟ ସଂସାରଟିରେ ସେପରି ସୁଖ ନଥିଲା । ସେମାନଙ୍କର ଅବସ୍ଥା ସେତେ ସ୍ୱଚ୍ଛଳ ନଥିଲା । ଚାର୍ଲିଙ୍କ ବାପା ଥିଲେ ଖୁବ୍ ନିଶାଖୋର । ପଇସାପତ୍ର ଏ ଦିଗରେ ସେ ସବୁ ଖର୍ଚ୍ଚ କରି ଦେଉଥିଲେ । ତେଣୁ ବାପା ଓ ମା'ଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ଲାଗୁଥିଲା । ଚାର୍ଲି ବିଚରା ଉପେକ୍ଷା ଓ ଅବହେଳା ମଧ୍ୟରେ ବଢ଼ୁଥିଲେ ।

ଦିନ ପରେ ଦିନ ଏଇପରି ଗଡ଼ି ଚାଲିଲା । କିନ୍ତୁ ମାତାଲ ବାପାଙ୍କ ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିବ ଭାବି ତାଙ୍କର ମା' ଅଲଗା ରହିବାକୁ ଲାଗିଲେ । ଏଥର ଚାର୍ଲିଙ୍କର ମା' ନିଜ ରୋଜଗାରରେ ଆପଣା ସଂସାର ଚଳାଇବାକୁ ଲାଗିଲେ । ଯାତ୍ରାଦଳରେ ଗୀତ ବୋଲି ଖୁବ୍ କଷ୍ଟରେ ସେ ତାଙ୍କର ଦୁଇ ପୁଅ – ଚାର୍ଲି ଓ ସିଡ୍‌ନିଙ୍କୁ ମଣିଷ କରିବାକୁ ପ୍ରୟାସୀ ଥିଲେ । ଚାର୍ଲିଙ୍କର ମାଆ ଆଗରୁ ଗଳାରୋଗରେ ଆକ୍ରାନ୍ତ ଥିଲେ । ଟିକେ ଥଣ୍ଡା ପଡ଼ିଲେ ତାଙ୍କର ଗଳା ବସିଯାଉଥିଲା । କିନ୍ତୁ ଗୀତ ଗାଇବା ଥିଲା ତାଙ୍କର ଏକମାତ୍ର ରୋଜଗାର । ନିଜ ଗଳା ବିଷୟରେ ଚିନ୍ତା କରି କରି ତାଙ୍କର ସ୍ୱାସ୍ଥ୍ୟ ବହୁତ ଖରାପ ହୋଇଗଲା । ସେ ସ୍ନାୟୁ ରୋଗରେ ଆକ୍ରାନ୍ତ ହେଲେ । ଏଥର ଦୁର୍ଦ୍ଦିନ ଆହୁରି ଘନେଇ ଆସିଲା । ଏହି ଅବସ୍ଥାରେ ମଧ୍ୟ ସେ ଗୀତ ବୋଲିବାକୁ ବାଧ୍ୟ ହେଉଥିଲେ । କାରଣ ଆଖି ଆଗରେ ତାଙ୍କର ଦୁଇଟି କଅଁଳ ପିଲାଙ୍କର ମୁହଁ ନାଚି ଯାଉଥିଲା ।

ଦିନେ ଲିଲିହାର୍ଲି ମଞ୍ଚ ଉପରେ ଗୀତ ଗାଉଥା'ନ୍ତି । ପରଦାର ଆଢୁଆଳରେ ପାଞ୍ଚବର୍ଷର ଚାର୍ଲି ଛିଡ଼ା ହୋଇଥା'ନ୍ତି । ହଠାତ୍ ଗୀତ ଗାଉ ଗାଉ ମା'ଙ୍କର ଗଳା ରହିଗଲା । ଦର୍ଶକ କ'ଣ ଅସଲ କଥା ବୁଝିବେ ? ଦର୍ଶକଙ୍କର ଥଟ୍ଟା ପରିହାସରେ ପୂରିଗଲା ପ୍ରେକ୍ଷାଳୟ । ମ୍ୟାନେଜର ଚାର୍ଲିଙ୍କ ମା'ଙ୍କ ଉପରେ ରାଗିଯାଇ ଚାର୍ଲିଙ୍କୁ ଜୋର୍ କରି ଭିଡ଼ିନେଲେ ରଙ୍ଗମଞ୍ଚ ଉପରକୁ । ପିଲାଟି ଦିନରୁ ଚାର୍ଲି ନାଚ, ଗୀତର ତାଲିମ ପାଇଥିଲେ ତାଙ୍କ ମା'ଙ୍କଠାରୁ । କିନ୍ତୁ ରଙ୍ଗମଞ୍ଚ ଉପରକୁ ସେ କେବେ ଉଠି ନ ଥିଲେ । ରଙ୍ଗମଞ୍ଚର ଉଜ୍ଜ୍ୱଳ ଆଲୋକରେ ଆଖି ଝଲସିଗଲା ଚାର୍ଲିଙ୍କର । ଆଗରେ ବସିଥିବା ଦର୍ଶକସବୁ ଧୂଆଁଳିଆ ଦିଶୁଥା'ନ୍ତି, ପରଦାର ଆଢୁଆଳରୁ ମାଆ ତାଙ୍କର କାତର ଦୃଷ୍ଟିରେ ଚାହିଁଥା'ନ୍ତି । ଅଭାବ, ଅନାଟନ, ଦାରିଦ୍ର୍ୟ ଏବଂ ଅବହେଳା ଏସବୁ ମିଶି କେମିତି ଗୋଟେ ଅଦ୍ଭୁତ ପରିବର୍ତ୍ତନ ଘଟିଗଲା ସେଇଦିନ ବାଳକ ଚାର୍ଲି ମନରେ । ଧୀରେ ଧୀରେ ସେ ଗାଇବାକୁ ଲାଗିଲେ ''ଜ୍ୟାକ୍ ଜୋନସ ଓ୍ୱେଲ ଆଣ୍ଡ୍ ନୋନ୍ ଟୁ ଏଭ୍ରିବଡ଼ି... ।'' ଗୀତଟି ଅଧା ହୋଇଛି କି ନାହିଁ ରଙ୍ଗମଞ୍ଚ ଉପରକୁ ପଡ଼ିବାକୁ ଲାଗିଲା ମୁଠା ମୁଠା ପଇସା । ଗୀତ ବନ୍ଦ କରି ଚାର୍ଲି ଘୋଷଣା କଲେ ''ମୁଁ ଆଗ ପଇସା ଗୋଟାଇସାରେ ତା'ପରେ ଗାଇବି ।'' ଏଥିରେ ଦର୍ଶକମଣ୍ଡଳୀ ଆହୁରି ହସିବାକୁ ଲାଗିଲେ ଏବଂ ଆହୁରି ଅଧିକ ପଇସା ପଡ଼ିବାକୁ ଲାଗିଲା ରଙ୍ଗମଞ୍ଚ ଉପରକୁ ।

ଚାର୍ଲି ପାଞ୍ଚବର୍ଷ ବୟସରୁ ବୁଢ଼ା ହେବାଯାଏଁ ହସେଇ ଚାଲିଥିଲେ ସାରା ପୃଥିବୀର ମଣିଷମାନଙ୍କୁ । ପିଲାଠାରୁ ବୁଢ଼ାଯାଏ ସମସ୍ତଙ୍କର ସେ ଆପଣାର । ଆଜି ମଧ୍ୟ ହାସ୍ୟପ୍ରେମୀ ଦର୍ଶକମାନେ ତାଙ୍କର ସିନେପରଦାର ଛାଇଛାଇକା ଚରିତ୍ରସବୁ ଦେଖି ଆମୋଦିତ ହୋଇଉଠନ୍ତି ।

❑❑❑

# ବ୍ୟକ୍ତିକୈନ୍ଦ୍ରିକତା

## ବାସୁଦେବ

ଆଶ୍ରମର ବିଭାଗୀୟ କର୍ମାବଳି ସହିତ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ସହ ସାକ୍ଷାତ୍କାର ଲାଗି ମା' ଯେଉଁ ନିର୍ଦ୍ଦିଷ୍ଟ କକ୍ଷଟି ବ୍ୟବହାର କରୁଥିଲେ ସେଥିରେ କାନ୍ଥ ଦେହରେ ଅଳ୍ପ ଉଚ୍ଚତାରେ ଗୋଟିଏ ଥାକ (shelf) ରହିଥିଲା । ଥାକର ଉଚ୍ଚତା କମ୍ ଥିବାରୁ ଅସାବଧାନ ଥିବାବେଳେ କାହାର ନା କାହାର ମୁଣ୍ଡ ସେଥିରେ ବାଜୁଥିଲା । କେହି ଜଣେ ବିଷୟଟି ପ୍ରତି ମା'ଙ୍କର ଦୃଷ୍ଟି ଆକର୍ଷଣ କରାଇଲେ । ଉଦାର ସେଠାରେ ଉପସ୍ଥିତ ଥିଲେ ଏବଂ ସଙ୍ଗେ ସଙ୍ଗେ ସେହି ଥାକଟିକୁ ଏକ ନିରାପଦ ଉଚ୍ଚତାକୁ ଟେକି ଦେବାକୁ ପ୍ରସ୍ତୁତ ହୋଇଗଲେ । କିନ୍ତୁ ମା' ଆଉ ତାହା କରିବାକୁ ଦେଲେ ନାହିଁ । ମା'ଙ୍କ ମତରେ ଯେଉଁମାନେ ପ୍ରତିଦିନ ତାଙ୍କୁ ସାକ୍ଷାତ୍ କରିବାକୁ ଆସନ୍ତି ସେମାନେ ନିଜ ଚେତନାର ବିକାଶ ଲାଗି ଚେଷ୍ଟିତ ହେବା ଦରକାର ଯେପରି ତାହା ସେମାନଙ୍କ ମୁଣ୍ଡରେ ନ ବାଜେ ।

ଆମର ବକ୍ତବ୍ୟ ବିଷୟଟି ଲାଗି କାହାଣୀର ଏତିକି ଅଂଶହିଁ ଯଥେଷ୍ଟ । କିନ୍ତୁ ପରେ ଯାହା ଘଟିଲା, ତାହା ମଧ୍ୟ ଖୁବ୍ ଚିତ୍ତାକର୍ଷକ । ତେଣୁ ମୋର ଆଗ୍ରହ ରହିଛି କାହାଣୀଟିକୁ ପୂରା କରିବା ଲାଗି । କିଛିଦିନ ପରେ ସେହି କକ୍ଷରେ ମା'ଙ୍କ ସହ କିଛି ଆଲୋଚନାରେ ଉପସ୍ଥିତ ପ୍ରାୟ ସମସ୍ତେ ବ୍ୟସ୍ତ ଥିଲାବେଳେ ହଠାତ୍ ଶୁଣାଗଲା ଏକ ଶବ୍ଦ । ସମସ୍ତେ ମୁହଁ ଫେରାଇ ଦେଖିଲେ 'ଅମୃତ' ନିଜ ମୁଣ୍ଡ ଆଉଁସୁଛନ୍ତି । ପ୍ରକୃତରେ କ'ଣ ଘଟିଥିଲା ତାହା ବୁଝିବାକୁ ଆଉ କାହାର ବାକି ରହିଲା ନାହିଁ । ମା' ଅମୃତଙ୍କୁ କ'ଣ ହୋଇଛି ବୋଲି ପଚାରିଲେ । ଉତ୍ତରରେ ଅମୃତ କହିଲେ, ''ଚେତନା ମୋ ମୁଣ୍ଡରେ ବାଜିଗଲା । ମୁଁ ତାକୁ ଭିତରେ ପ୍ରବେଶ କରାଉଛି ?'' (ଏହା ଅମୃତଙ୍କଠାରୁ ପ୍ରତ୍ୟାଶିତ ହାସ୍ୟରସାତ୍ମକ ଉତ୍ତର ଥିଲା ।)

ମା'ଙ୍କର ପୂର୍ବରୁ କହିଥିବା କଥାଟି ମୋତେ ଖୁବ୍ ଭଲ ଲାଗିଥିଲା – ''ଚେତନାର ବିକାଶ କର ।'' ଥାକଟିକୁ ଉଠାଇ ଦେଇଥିଲେ ସମସ୍ୟାର ସମାଧାନ ହୋଇ ଯାଇଥା'ନ୍ତା । ଅମୃତଙ୍କ ମୁଣ୍ଡରେ ଆଘାତ ଲାଗି ନଥା'ନ୍ତା । କିନ୍ତୁ ମା' ନାହିଁ କଲେ । ମୁଁ ଏହାକୁହିଁ କହେ 'ବ୍ୟକ୍ତିକୈନ୍ଦ୍ରିକତା' (Subjectivism) । ଗୋଟିଏ ସମସ୍ୟାର ସମାଧାନ ଲାଗି ପରିବେଶ ପରିବର୍ତ୍ତନର ଆବଶ୍ୟକତା ନାହିଁ । ଚେଷ୍ଟାକର ନିଜକୁ ପରିବର୍ତ୍ତନ କରିବାକୁ, ନିଜର ଚେତନାକୁ ପରିବର୍ତ୍ତନ କରିବାକୁ । ଏହା ବସ୍ତୁକୈନ୍ଦ୍ରିକତା ନୁହେଁ – 'ବ୍ୟକ୍ତିକୈନ୍ଦ୍ରିକତା' । ମୁଁ ଜାଣେନା ମୋ ମତରେ ମୁଁ କେତେ ଯୁକ୍ତିଯୁକ୍ତ । କିନ୍ତୁ ମୁଁ ନିଶ୍ଚିତ ଭାବରେ ଏହା କହିପାରେ ଯେ ମୋ ମନରେ ଏହା ମୋ ଲାଗି ଖୁବ୍ ସହାୟକ । ଏତଦ୍ଦ୍ୱାରା ମୁଁ ନିଜକୁ ଉତ୍କୃଷ୍ଟତର ବ୍ୟକ୍ତି ଭାବରେ ଗଢ଼ିପାରେ । ମୋ ମତରେ ଏହା ଏକ ଉତ୍ତମ ଲକ୍ଷ୍ୟ ।

ଆଉ ଏକ କାହାଣୀ । ଥରେ ସମ୍ରାଟ ଆକବର ଦୁଇଟି ଗାର ଟାଣିଲେ, ଗୋଟିଏ ଛୋଟ, ଅନ୍ୟଟି ଲମ୍ବା । ତପରେ ସେ ବୀରବଲଙ୍କୁ କହିଲେ ଲମ୍ବା ଗାରଟିକୁ ଛୋଟ କରିବାକୁ, ରବରର ସାହାଯ୍ୟରେ ନୁହେଁ କି କାଟିକରି ନୁହେଁ । ବୀରବଲ୍ ତତ୍‌କ୍ଷଣାତ୍ ଛୋଟ ଗାରଟିକୁ ଏତେ ଲମ୍ବା କରିଦେଲେ ଯେ ଲମ୍ବା ଗାରଟିହିଁ ତା' ତୁଳନାରେ ଛୋଟ ଲାଗିଲା । ବାସ୍ତବତଃ ଲମ୍ବା ଗାରଟିହିଁ ହୋଇଗଲା ଏବେ ଛୋଟ !

ଥରେ ଗୋଟିଏ ବାଳକକୁ ଏକ ସାଇକେଲ ଦିଆଯାଇଥିଲା । ତାହା ତା' ଲାଗି ଏତେ ଭାରି ଥିଲା ଯେ ସେ ତାକୁ ଉଠାଇବାକୁ କଷ୍ଟକର ମଣୁଥିଲା । ସେ ଗୋଟିଏ ହାଲୁକା ସାଇକେଲ ଚାହିଁଲା । କିନ୍ତୁ ତା'ର ବାପା ପିଲାଟିକୁ କିଛି ଦିନ ବ୍ୟାୟାମ କରାଇଲେ । କିଛିଦିନ ପରେ ପିଲାଟିକୁ ସେହି ସାଇକେଲ ହାଲୁକା ଲାଗିଲା । ତୁମେମାନେ ବି ସମସ୍ତେ ଜାଣିଥିବ ଯଦି ୧୮ ପାଉଣ୍ଡ ସଟ୍‌ପୁଟ୍ ଅଭ୍ୟାସ ସମୟରେ ବ୍ୟବହାର କରିଥାଅ ତେବେ ପ୍ରତିଯୋଗିତା ବେଳେ ୧୬ ପାଉଣ୍ଡ ସଟ୍‌ପୁଟ୍ ତୁମେ ବହୁତ ଅଧିକ ଦୂରତ୍ୱକୁ ଫିଙ୍ଗିପାର ।

ଏହି ବିଷୟମାନ ମନେରଖି ମୁଁ ଯେତେବେଳେ ବିରୋଧାତ୍ମକ ପରିବେଶର ସମ୍ମୁଖୀନ ହୁଏ ନିର୍ବୋଧ ପରି ଅନ୍ୟକୁ ଦୋଷାରୋପ ନକରି ବା ସେପରି ନଭାବି ମୁଁ ନିଜେ ନିଜର ଭୁଲ୍ ଦେଖିବାକୁ ଚେଷ୍ଟାକରେ । ଫଳାଫଳ ? ମୋ ପାଇଁ ସେଇ ବିରୋଧାତ୍ମକ ପରିବେଶ ତୁଚ୍ଛ ହୋଇଯାଏ ଏବଂ ମୁଁ ହୋଇଯାଏ ପୂର୍ବାପେକ୍ଷା ଉନ୍ନତ । ଏହା ଏକ ଉତ୍ତମ ଉପହାର ନୁହେଁ କି ?

ଏହା ଚେଷ୍ଟା-ଯୋଗ୍ୟ ବିଷୟ ନୁହେଁ କି ?

(Sportspirit, Jan. 1994ରୁ)

ଅନୁବାଦ : ପ୍ରତିଭା ଦାସ ❑

# ଜିଜ୍ଞାସୁର ପୃଷ୍ଠା

***ପ୍ରଶ୍ନ : ପରାତ୍ପର ସଚ୍ଚିଦାନନ୍ଦ ପରମବ୍ରହ୍ମଙ୍କର ମୂର୍ତ୍ତି ବା ବିଗ୍ରହ ଅଥବା ପ୍ରତୀକ ଶ୍ରୀଜଗନ୍ନାଥ, ଏହାର ପ୍ରମାଣ କ'ଣ ?***

**ଉତ୍ତର :** ଏହାର ପ୍ରମାଣ ହେଉଛି ଶ୍ରୀଜଗନ୍ନାଥଙ୍କ ବିଗ୍ରହର ନାମ ଏବଂ ଧାମର ନାମ । ଏହାକୁ ସମର୍ଥନ କରୁଛି ପ୍ରତ୍ୟକ୍ଷ ବ୍ୟବହାର କର୍ମ ତଥା ଶାସ୍ତ୍ର ।

ଶ୍ରୀଜଗନ୍ନାଥଙ୍କୁ କୁହାଯାଏ ଦାରୁବ୍ରହ୍ମ; ସେ ଯେଉଁ ସ୍ଥାନରେ ବିରାଜମାନ କରି ଅଛନ୍ତି ସେ ସ୍ଥାନର ନାମ ପୁରସ୍ତମ । ଅର୍ଥାତ୍ ପୁରୁଷୋତ୍ତମ କ୍ଷେତ୍ରର ଅପଭ୍ରଂଶ ପୁରସ୍ତମ ବା ପୁରୀକ୍ଷେତ୍ର ।

ଶ୍ରୀରାମ, ଶ୍ରୀକୃଷ୍ଣ, ନାରାୟଣ, ଶିବ – ଏସବୁ ବ୍ରହ୍ମଙ୍କ ସଗୁଣ ରୂପ; ଏହିସବୁ ସଗୁଣ ଭଗବାନଙ୍କ ବିଗ୍ରହକୁ ବ୍ରହ୍ମ କୁହାଯାଏ ନାହିଁ । ଶ୍ରୀଜଗନ୍ନାଥ ଭଗବାନଙ୍କର କୌଣସି ସଗୁଣ ରୂପର ପ୍ରତୀକ ବା ରୂପ ନୁହନ୍ତି, ସାକ୍ଷାତ୍ ସଚ୍ଚିଦାନନ୍ଦ ପୁରୁଷୋତ୍ତମଙ୍କର ମୂର୍ତ୍ତି ବା ବିଗ୍ରହ, ସେହି ସକାଶେ ତାଙ୍କୁ ଦାରୁବ୍ରହ୍ମ କୁହାଯାଏ ।

ଦ୍ୱିତୀୟ ହେଲା, ଶ୍ରୀଜଗନ୍ନାଥଙ୍କ ବିଗ୍ରହ । ବ୍ରହ୍ମଙ୍କର ରୂପ ମନରେ କଳ୍ପନା କରିହୁଏ ନାହିଁ । କେବଳ ଅତିମାନସ ଚେତନାରେ ଉପଲବ୍ଧି କରିହୁଏ । ବ୍ରହ୍ମସ୍ୱରୂପ – ଏକହିଁ ସମୟରେ ନିରାକାର ଏବଂ ତାହାର ବିପରୀତ ସାକାର, ସେହି ଏକହିଁ ସମୟରେ ସେ ସାକାର ଓ ନିରାକାର ଊର୍ଦ୍ଧ୍ୱରେ ପୁରୁଷୋତ୍ତମ ପରମବ୍ରହ୍ମ । ମନ ସୀମିତ ଥିବା ସତ୍ତ୍ୱେ ବସ୍ତୁ ନିରୂପଣ କରିବା ତା'ର ଧର୍ମ । ମନ ଚେତନାରେ ଆମ୍ଭେ ବ୍ରହ୍ମଙ୍କୁ ବିଚାର କରିବାକୁ ଗଲେ କହିବା, ବ୍ରହ୍ମଙ୍କର କୌଣସି ନିର୍ଦ୍ଦିଷ୍ଟ ରୂପ ନାହିଁ । ତାଙ୍କୁ ସାକାର ବି କହିବା, ନିରାକାର ବି କହିବା । ଯଥାର୍ଥରେ ସେ ଏହି ଉଭୟ ରୂପାରୂପର ଊର୍ଦ୍ଧ୍ୱରେ । ଶ୍ରୀଜଗନ୍ନାଥ ବ୍ରହ୍ମଙ୍କ ସ୍ୱରୂପ ଥିବାରୁ ତାଙ୍କ ବିଗ୍ରହର ରୂପ ପୂର୍ଣ୍ଣ ନୁହେଁ । ଅର୍ଥାତ୍, ହସ୍ତ ଓ ପଦ ନ ଥିବାରୁ ତାଙ୍କୁ କୌଣସି ନିର୍ଦ୍ଦିଷ୍ଟ ରୂପ କହିପାରିବା ନାହିଁ, କିନ୍ତୁ ସ୍ଥୂଳ ମୂର୍ତ୍ତି ଥିବାରୁ ତାଙ୍କୁ ଅରୂପ ବି କହିପାରିବା ନାହିଁ । ଶ୍ରୀଜଗନ୍ନାଥ ପୁରୁଷୋତ୍ତମ ପରମବ୍ରହ୍ମଙ୍କ ବିଗ୍ରହ ଥିବାରୁ ସେ ରୂପ ଏବଂ ଅରୂପର ଊର୍ଦ୍ଧ୍ୱରେ । ଶ୍ରୀଜଗନ୍ନାଥଙ୍କ ବିଗ୍ରହ, ନାମ ତଥା ଧାମରୁ ପ୍ରମାଣ ହୁଏ ଯେ ଶ୍ରୀଜଗନ୍ନାଥ ପରମବ୍ରହ୍ମଙ୍କ ମୂର୍ତ୍ତି ।

ତୃତୀୟ ହେଲା,ଏକ ବ୍ରହ୍ମ ସୃଷ୍ଟିରୂପ ହୋଇଛନ୍ତି ଏବଂ ସୃଷ୍ଟିକୁ ପରାର୍ଦ୍ଧ ଓ ଅପରାର୍ଦ୍ଧ ଦୁଇଭାଗରେ ବିଭକ୍ତ କରିଛନ୍ତି, ଅପରାର୍ଦ୍ଧ ଠିକ୍ ଅବିକଳ ପରାର୍ଦ୍ଧର ବିକୃତ ରୂପ । ଏହାକୁ ଶାସ୍ତ୍ର, ପୁରାଣ, ବେଦ, ଉପନିଷଦ୍ ପ୍ରତିପାଦନ କରିଛି; ଏହାକୁ ସନ୍ଥ, ମହାତ୍ମା, ମହାପୁରୁଷ ତଥା ଅବତାର ମଧ୍ୟ ସମର୍ଥନ କରିଛନ୍ତି । ଏହା ଯଥାର୍ଥ ସତ୍ୟ । ଏହାକୁ ପ୍ରତ୍ୟକ୍ଷରୂପେ ପ୍ରମାଣ କରୁଛି କ୍ରମବିକାଶ । ଏହିସବୁ ସତ୍ୟ ଏବଂ ପ୍ରତ୍ୟକ୍ଷ ଘଟନା ଦୃଷ୍ଟିରୁ ପରାର୍ଦ୍ଧର ସମସ୍ତ ବସ୍ତୁ ଏହି ଅପରାର୍ଦ୍ଧରେ ପ୍ରତୀକରୂପେ ବିଦ୍ୟମାନ । ଏହିସବୁ କାରଣରୁ ସ୍ପଷ୍ଟହୁଏ, ଶ୍ରୀଜଗନ୍ନାଥ ପରମବ୍ରହ୍ମଙ୍କ ପ୍ରତୀକ ଏବଂ ପୁରୀ ସଚ୍ଚିଦାନନ୍ଦ ଲୋକର ପ୍ରତୀକ ।

ଯଦି ବେଦ, ଉପନିଷଦ୍ ତଥା ଏହିସବୁ ପ୍ରତ୍ୟକ୍ଷ ଘଟଣା ବିଶ୍ୱାସ ନ କର, ତେବେ ଆସିବ ଅନୀଶ୍ୱରବାଦ । 'ଅନୀଶ୍ୱର' ଶବ୍ଦହିଁ ପ୍ରମାଣ କରେ 'ଈଶ୍ୱର' । 'ଈଶ୍ୱର' ଯଦି କୌଣସି ସତ୍ୟ ନୁହନ୍ତି, ତେବେ ତାଙ୍କୁ ଅସତ୍ୟ କହିବାର ଆବଶ୍ୟକତା କ'ଣ ? ଅସତ୍ୟ କହିବାହିଁ ହେଲା ସତ୍ୟର ପ୍ରମାଣ ।

ଏହି ବିଷୟଟିକୁ ସଂକ୍ଷେପରେ କହିବା ଉଦ୍ଦେଶ୍ୟରେ ଏତିକିରେ ସମାପ୍ତ କରାହେଲା ।

ଏହିସବୁ ଆଲୋଚନାରୁ ସ୍ପଷ୍ଟ ହେଲା ଉତ୍କଳବାସୀଙ୍କର ଜଗନ୍ନାଥ ଧର୍ମ ସେମାନଙ୍କ ଚେତନାରେ ପ୍ରତିଷ୍ଠିତ ହୋଇଛି । ସେହି କାରଣରୁ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଅଧ୍ୟାତ୍ମ-ସିଦ୍ଧାନ୍ତ କ୍ରମବିକାଶକୁ ସାହାଯ୍ୟ କରିବା ସକାଶେ ପୃଥିବୀରେ କ୍ରିୟାଶୀଳ ହେବା ସମୟରେ ସେମାନେ ତାହା ଗ୍ରହଣ କରିଛନ୍ତି; କିନ୍ତୁ ସେଥିରେ ଆବଦ୍ଧ ହୋଇ ନାହାନ୍ତି । ଅଜ୍ଞାତରୂପେ ଜୀବନର ଯଥାର୍ଥ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଛନ୍ତି । ବର୍ତ୍ତମାନ ଜୀବନର ଲକ୍ଷ୍ୟ ସ୍ପଷ୍ଟ ଭାବେ ଜାଣିବା ତଥା ପ୍ରାପ୍ତ ହେବାର ସମୟ ଆସିଛି । ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କଲେ ଯାହାଙ୍କୁ ଦାରୁବ୍ରହ୍ମ ରୂପେ ପୂଜା କରି ଆସୁଅଛନ୍ତି ତାଙ୍କରି ଯେଉଁ ଯଥାର୍ଥ ସ୍ୱରୂପ ସାକ୍ଷାତ୍ ପୁରୁଷୋତ୍ତମ ପରମବ୍ରହ୍ମ ତତ୍ତ୍ୱ ତାହା ଉପଲବ୍ଧି କରିବେ । ଏହାରି ଉପଲବ୍ଧିରେହିଁ ହେବ ନୂତନ ସତ୍ୟଯୁଗ । ସେଥିରେ ପ୍ରତିଷ୍ଠା ହେବେ ଅତିମାନବଜାତି । ସାକ୍ଷାତ୍‌ଭାବେ ପ୍ରକାଶ ହେବେ ସଚ୍ଚିଦାନନ୍ଦ ପରମବ୍ରହ୍ମ ।

***ପ୍ରଶ୍ନ : ପୁରୀ ଏବଂ ଶ୍ରୀଜଗନ୍ନାଥ ବହୁକାଳରୁ ଅଛନ୍ତି ।***

*ପୁରୀ, ପୁରୁଷୋତ୍ତମ ଧାମ ଏବଂ ଶ୍ରୀଜଗନ୍ନାଥ, ସଚ୍ଚିଦାନନ୍ଦ ତତ୍ତ୍ୱ ଶାସ୍ତ୍ରରେ ମଧ ପ୍ରତିପାଦ୍ୟ ହୋଇଛି । ତଥାପି ଆଜି ପର୍ଯ୍ୟନ୍ତ ତାହା ପ୍ରକାଶ ହୋଇ ନାହିଁ କାହିଁକି ?*

**ଉତ୍ତର :** ତା'ର ସମୟ ଆସି ନ ଥିଲା । ବର୍ତ୍ତମାନ ତା'ର ସମୟ ଆସିଛି । ମନର ବିକାଶ ଶେଷ ସୀମାରେ ପହଞ୍ଚିଥିବାରୁ ମନ ଗଠିତ ନୈତିକତା ଭାଙ୍ଗି ଯାଇଛି । ଏହାପରେ ପୃଥିବୀରେ ପ୍ରତିଷ୍ଠା ହେବ ଅତିମାନସ ବିଜ୍ଞାନ-ସତ୍ୟ । ଏହାହିଁ ଭଗବାନଙ୍କ ସଂକଳ୍ପ । ଏହି ସତ୍ୟ ପୃଥିବୀରେ ପ୍ରତିଷ୍ଠା କରିବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅଧ୍ୟାତ୍ମ-ସାଧନା ଦ୍ୱାରା ଅତିମାନସ ସତ୍ୟକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି । ବ୍ୟକ୍ତି ଏହି ସତ୍ୟକୁ ଗ୍ରହଣ କଲେ ତା'ର ସମସ୍ତ ସତ୍ତା ଦିବ୍ୟତତ୍ତ୍ୱରେ ରୂପାନ୍ତର ହେବ, ସେ ପୂର୍ଣ୍ଣରୂପେ ନିବାସ କରିବ ଭଗବାନଙ୍କ ଚେତନାରେ, ପରିଚାଳିତ ହେବ ଭାଗବତୀ ଶକ୍ତି ଦ୍ୱାରା, ପୃଥିବୀ ହେବ ସ୍ୱର୍ଗ, ଧାମମାନଙ୍କରେ ପ୍ରକାଶ ହେବ ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସ ଏବଂ ସଚ୍ଚିଦାନନ୍ଦ ଲୋକ, ଏହା ହେବ ପ୍ରଥମରେ ଭାରତବର୍ଷରେ । ଏହି ଭାରତବର୍ଷ ପଥପ୍ରଦର୍ଶକ ହେବ ସମସ୍ତ ସଂସାରର । ଭଗବାନ୍ ଏହି ସୌଭାଗ୍ୟ ଦେଇଛନ୍ତି ଭାରତବର୍ଷକୁ ।

ପୃଥିବୀରେ ଯେବେ ଯେବେ ଭଗବାନଙ୍କର କାର୍ଯ୍ୟ ସିଦ୍ଧ ହୁଏ, ଭଗବାନ୍ ମନୁଷ୍ୟ ଶରୀରରେ ଏହି ପୃଥିବୀକୁ ଆସନ୍ତି । ସେସମୟରେ ମନୁଷ୍ୟକୁ ସେବାର ଗୋଟିଏ ସୁଯୋଗ ମିଳେ । ଯେଉଁମାନେ ସଚେତ ହୁଅନ୍ତି, ସେମାନେ ସେଥିରେ ଅଂଶଗ୍ରହଣ କରନ୍ତି । ତାହାଦ୍ୱାରା ହୁଏ ସେମାନଙ୍କ ଆତ୍ମକଲ୍ୟାଣ ଏବଂ ଜଗତରୂପ ଜନାର୍ଦନଙ୍କ ସେବା ।

ଯେଉଁମାନେ ଏହି ସତ୍ୟକୁ ହୃଦୟଙ୍ଗମ କରିବେ, ତ୍ରେତାରେ ଶ୍ରୀରାମଙ୍କ ସେତୁବନ୍ଧରେ ଗୁଣ୍ଡୁଚିମୂଷା ପାଣିରେ ବୁଡ଼ି, ବାଲିରେ ଗଡ଼ି, ଧୂଳି ଝାଡ଼ି ଭଗବାନଙ୍କ ସେବାକରିବା ସଦୃଶ ସେମାନେ ଗ୍ରାମ, ସହରମାନଙ୍କରେ ପାଠଚକ୍ର, ଭିନ୍ନ ଭିନ୍ନ କାର୍ଯ୍ୟକ୍ଷେତ୍ରରେ ଯୁବ ସମାଜ, ସ୍କୁଲ କଲେଜମାନଙ୍କରେ ଶ୍ରୀଅରବିନ୍ଦ ଛାତ୍ର ସମାଜ ଗଠନ କରନ୍ତୁ । ବିଶେଷ ସମୟରେ ସମ୍ମିଳନୀ କରନ୍ତୁ । ଏହିସବୁ କର୍ମ ଦ୍ୱାରା କ୍ରମଶଃ ପୃଥିବୀରେ ସତ୍ୟ ପ୍ରତିଷ୍ଠା ହେବ ଏବଂ ଅସତ୍ୟ, ଅନ୍ୟାୟ ସଂସାରରୁ ତଥା ନିଜ ମଧ୍ୟରୁ ଦୂର ହେବ । ଆମ୍ଭମାନଙ୍କର ଚିର ଅଭିଳଷିତ ଯେଉଁ ପରମାନନ୍ଦ ପରମଶାନ୍ତି ସ୍ୱରୂପ ଭଗବତ୍ ପ୍ରାପ୍ତି ଲକ୍ଷ୍ୟ, ସେହି ଦିଗରେ ଆମ୍ଭେମାନେ ଅଗ୍ରସର ହୋଇପାରିବା ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*, ପ୍ରଥମ ଖଣ୍ଡ, ପୃଷ୍ଠା : ୫୦୬-୫୦୭ ଏବଂ ୫୧୧)

**– ରାମକୃଷ୍ଣ ଦାସ**

❑❑❑

ଯେଉଁ ଅଗ୍ରଗତି-ସାଧନ ଆମ ସମ୍ମୁଖରେ ରହିଛି ସେଥିଲାଗି *ସବୁକିଛିକୁ* ବ୍ୟବହାର କରାଯାଇପାରେ; *ପ୍ରତ୍ୟେକଟି* କଥା ଉପଯୋଗୀ ହୋଇପାରିବ ଯଦି ତାକୁ ଉପଯୋଗୀ କରିବାର ଉପାୟଟି ଆମକୁ ଜଣାଥାଏ ।

ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମେ ଉପଲବ୍ଧି କରିବାକୁ ଚାହୁଁଥିବା ଆଦର୍ଶକୁ ଓ ସକଳ ପରିସ୍ଥିତିକୁ ସେଇ ଲକ୍ଷ୍ୟଲାଭ ଦିଗରେ ବ୍ୟବହାର କରିବାର କଥାଟିକୁ କେବେ ବି ଯେପରି ଦୃଷ୍ଟିପଥର ଅନ୍ତରାଳ ହେବାକୁ ନ ଦେଉ ।

ପରିଶେଷରେ ସବୁ ସମୟ ପାଇଁ ଯାହା ଅପେକ୍ଷାକୃତ ଉତ୍ତମ ତାହା ହେଉଛି ବସ୍ତୁସକଳ ସପକ୍ଷରେ କିଂବା ବିପକ୍ଷରେ ଏକ ମନମୁଖି ସିଦ୍ଧାନ୍ତ ଗ୍ରହଣ ନ କରି ଏକ ସାକ୍ଷିପୁରୁଷର ନିରପେକ୍ଷ ଦୃଷ୍ଟି ନେଇ ଘଟଣା ସକଳର ଉନ୍ମୋଚନ ଉପରେ ଦୃଷ୍ଟିପାତ କରିବା ଏବଂ ଯାହା ସର୍ବୋତ୍ତମ ତାହା ନିର୍ଦ୍ଧାରଣ କରିବା ଓ ଯାହା ଆବଶ୍ୟକ ତାହା କରିବା ଲାଗି ଦିବ୍ୟପ୍ରଜ୍ଞା ଉପରେ ନିର୍ଭରତା ରଖିବା ।

– ଶ୍ରୀମା

**ଚେତନାର ଦିଗ୍‌ବଳୟ :**

# ଧର୍ମାଚରଣ ରହସ୍ୟ !

ଆମେରିକାର ଏକ ବିଶିଷ୍ଟ ସମ୍ବାଦପତ୍ର The Independentରେ ସଂପ୍ରତି ଗୋଟିଏ ଗବେଷଣାର ସିଦ୍ଧାନ୍ତ ପ୍ରକାଶ ପାଇଛି, ଯାହାକୁ ମଉଜିଆ କୁହାଯାଇପାରେ । କିନ୍ତୁ ବାସ୍ତବରେ ତାହା ଆମ ସମସାମୟିକ ସମାଜର ଗୋଟାଏ ବିକଳ ଦିଗର ଚିତ୍ର ଦେଖାଇ ଦେଉଛି । ଗବେଷକ ସାମୁଏଲ୍ ପେରି ଦର୍ଶାଇଛନ୍ତି ଯେ ଆଜିକାଲି ଅନେକ ଲୋକଙ୍କ ପାଇଁ ଅଶ୍ଳୀଳ ଭିଡ଼ିଓ 'ଉପଭୋଗ' କରିବା ଗୋଟାଏ ନିଶାରେ ପରିଣତ ହୋଇଯାଇଛି । କିନ୍ତୁ ଅଜବ କଥା ହେଲା, ଏ ଲୋକଗୁଡ଼ିକ ସଙ୍ଗେ ସଙ୍ଗେ ଅଧିକ ମାତ୍ରାରେ 'ଧାର୍ମିକ' ବନି ଯାଇଥିବା ଭଳି ମନେ ହୁଏ । ଅର୍ଥାତ୍ ସେମାନଙ୍କ ଭିତରୁ ଯେଉଁମାନେ ପୂର୍ବରୁ ରବିବାର ଦିନ ଉପାସନା ନିମନ୍ତେ ମୋଟେ ଗିର୍ଜାକୁ ଯାଉ ନଥିଲେ, ସେମାନେ ଏବେ ମଧ୍ୟେ ମଧ୍ୟେ ଯିବାକୁ ଆରମ୍ଭ କରିଛନ୍ତି; ଯେଉଁମାନେ ଅନିୟମିତ ଭାବରେ ଯାଉଥିଲେ, ସେମାନେ ନିୟମିତ ଯାଉଛନ୍ତି !

ଗବେଷକ ମହାଶୟ ଖାଲି ତଥ୍ୟ ଉପସ୍ଥାପନ କରିନାହାନ୍ତି, ଏଭଳି ଧର୍ମାଚରଣର କାରଣ ମଧ୍ୟ ଦର୍ଶାଇଛନ୍ତି । ଛଅ ବର୍ଷ ଧରି ସେ ଶହ ଶହ ଲୋକଙ୍କ ସହ ଅନ୍ତରଙ୍ଗ ଆଳାପ, ବିଧିବଦ୍ଧ ପ୍ରଶ୍ନୋତ୍ତର ଏବଂ ମନସ୍ତାତ୍ତ୍ୱିକ ସମୀକ୍ଷଣର ଧାରା ଅନୁସରଣ କରିଛନ୍ତି ନିଜ ସିଦ୍ଧାନ୍ତରେ ପହଞ୍ଚିବା ନିମନ୍ତେ । ତାଙ୍କ ସିଦ୍ଧାନ୍ତ ହେଲା, ଯେଉଁମାନେ ଅଶ୍ଳୀଳ ଚିତ୍ର ଉପଭୋଗ କରୁଛନ୍ତି, ସେମାନେ ସମାନ୍ତରାଳ ଭାବରେ ନିଜ ଭିତରେ ଗ୍ଲାନିବୋଧ ଦ୍ୱାରା ମଧ୍ୟ ପୀଡ଼ିତ ହୋଇ ଚାଲିଛନ୍ତି । ଗିର୍ଜାରେ ହାଜିରା ପକାଇ, ପ୍ରାର୍ଥନା କରି ସେମାନେ ନିଜ ଚେତନାରେ ଘଟିଥିବା କ୍ଷତି ପୂରଣ କରିବାକୁ ଆଶାୟୀ । (''Compensating for guilty feelings with prayer.'') 'ଧର୍ମାଚରଣ'ର ଏହାହିଁ ରହସ୍ୟ ।

ଜଣେ ବଙ୍ଗୀୟ ଆଇ.ସି.ଏସ୍ (ଅବସର ପ୍ରାପ୍ତ) ଅଫିସରଙ୍କ ଆତ୍ମଜୀବନୀରେ ପଢ଼ିଥିଲି, ତାଙ୍କ ପିତୃଦେବ ଥିଲେ ଏକ ନୈଷ୍ଠିକ ରକ୍ଷଣଶୀଳ ପରିବାରର ସନ୍ତାନ । କୁକୁଡ଼ା ଅଣ୍ଡା ଖାଇବା ପାପାଚାର ବୋଲି ବିଚାର କରୁଥିଲା ତାଙ୍କ ସମାଜ । ତେଣୁ ଭଦ୍ରଲୋକ ଗଣ୍ଡାଏ ସିଝା ଅଣ୍ଡା ଧରି ଗଙ୍ଗା ନଦୀରେ ଆବକ୍ଷ ପ୍ରବେଶ କରୁଥିଲେ ଏବଂ ସେହି ମୁଦ୍ରାରେ ଦଣ୍ଡାୟମାନ ଥାଇ ଅଣ୍ଡାତକ ଭକ୍ଷଣ କରୁଥିଲେ । ତା'ପରେ ସେ ବୁଡ ନେଉଥିଲେ । ଅର୍ଥାତ୍ ଅଣ୍ଡାଭକ୍ଷଣ ଜନିତ ପାପ ପବିତ୍ର ଗଙ୍ଗା ନୀରରେ ଧୋଇଧାଇ ଯିବା ଫଳରେ ସେ ଯେଉଁ ଧାର୍ମିକକୁ ସେହି ଧାର୍ମିକ ରହୁଥିଲେ ।

ଆମେ ମଣିଷମାନେ ନାନାବିଧ ଛଳନାରେ ବ୍ୟାପୃତ । ଛଳନା ଦ୍ୱାରା ଜଣେ ଅସାଧୁ ମଣିଷ ସମାଜରେ ସାଧୁ ଭାବରେ ସ୍ୱୀକୃତି ଲାଭ କରିପାରେ, ଜଣେ ଲୋଭୀ ଓ ସ୍ୱାର୍ଥପର ବ୍ୟକ୍ତି ସମାଜରେ ବଦାନ୍ୟ ଓ ନିଃସ୍ୱାର୍ଥପର ଭାବରେ – ଅନ୍ତତଃ କିଛି ସମୟ ପାଇଁ – ପ୍ରତିଷ୍ଠା ଲାଭ କରିପାରେ, କିନ୍ତୁ ଆମ ପ୍ରକୃତ ପାପପୁଣ୍ୟର ଯଥାର୍ଥ ମାପଚୁପ ବା ହିସାବନିକାଶ ଯଦି କୌଣସି ଅଦୃଶ୍ୟ ମହାଶକ୍ତିର କାର୍ଯ୍ୟାଳୟରେ ହୋଇଚାଲୁଥିବ, ତେବେ ଆମ ଚତୁର ଆଚରଣ ଦ୍ୱାରା ସେ ମହାଶକ୍ତିକୁ ପ୍ରଭାବିତ କରିବାର ଆଶା ବିଡ଼ମ୍ବନା ।

ଆହୁରି ଅଧିକ ବିଡ଼ମ୍ବନା ହେଲା, ଅଶ୍ଳୀଳ ଚିତ୍ର ଚେତନାର ଯେଉଁ କ୍ଷତି ଘଟାଉଛି, ତା'ର ପରିପୂରଣ ସକାଶେ 'ଧର୍ମାଚରଣ' ଏକ ଛଳନା, ଯାହା ଚେତନାର ଆହୁରି ଅଧିକ କ୍ଷତି ଘଟାଇବ । ଅର୍ଥାତ୍ ଅଶ୍ଳୀଳ ଚିତ୍ର ବିଳାସୀମାନେ କ୍ଷତିପୂରଣ ଉଦ୍ଦେଶ୍ୟରେ ଯାଇ ନିଜ ନିଜର ଦୁଇଗୁଣ କ୍ଷତି ସାଧନ କରୁଛନ୍ତି ।

ରୁଷିଆର ଶେଷ ସମ୍ରାଟ ଦ୍ୱିତୀୟ ନିକୋଲାସ୍‌ଙ୍କ ପରିବାରକୁ ବିପୁଳ ମାତ୍ରାରେ ପ୍ରଭାବିତ କରିଥିଲେ ଜଣେ ଧର୍ମଗୁରୁ, ନାମ ତାଙ୍କର ରାସ୍‌ପୁଟିନ୍ (୧୮୬୯-୧୯୧୬) । କୁହାଯାଏ, ସେ ଭଦ୍ରଲୋକଙ୍କର ଦର୍ଶନ ଥିଲା ଏହିପରି : ଆଗେ ପାପ କରିପକାଅ । ତା'ପରେ ଅନୁତାପ ଆସିବ । ଅନୁତାପ ଆସିଲେ ସିନା ଭଗବାନଙ୍କୁ ଡାକି କ୍ଷମାପ୍ରାର୍ଥନା କରିବ !

ପୃଥିବୀରେ ଉଦ୍ଭଟ ଦର୍ଶନର ଅଭାବ ନାହିଁ । ଅନେକ ସମୟରେ ସେସବୁ ମଣିଷର ସହଜାତ ପ୍ରବୃତ୍ତି ସବୁ ଭିତରୁ ନିମ୍ନ ପ୍ରବୃତ୍ତିଗୁଡ଼ିକୁ କୃତ୍ରିମ ଯୁକ୍ତି ଏବଂ ଭ୍ରାନ୍ତ ପ୍ରତିଶ୍ରୁତି ଦ୍ୱାରା କ୍ରିୟାଶୀଳ କରନ୍ତି । ଚେତନାର ଅଧୋଗତି ଏବଂ ମାନସିକ ଶାନ୍ତି ଓ ସ୍ଥିରତା, ଏ ଦୁଇଟି ପରସ୍ପର ବିରୋଧୀ କଥା ।

କାହିଁକି ? ଅଶ୍ଳୀଳ ସିନେମା, ଅଶ୍ଳୀଳ ସାହିତ୍ୟ

(ଅସାହିତ୍ୟ) ଜଣକୁ ସାମୟିକ ଆମୋଦ ଓ ଉତ୍ତେଜନା ଦେଇପାରେ, କିନ୍ତୁ ତା'ର ପ୍ରତିକ୍ରିୟା ସମ୍ପର୍କରେ ଜଣେ ସଚେତନ ରହି ନଥାଏ । ପ୍ରତିକ୍ରିୟା କିନ୍ତୁ ଅନିବାର୍ଯ୍ୟ : ତାହା ବିଷାଦ, ବିଦ୍ରୋହ, ବିରକ୍ତି ଭଳି ଆବେଗ ଦ୍ୱାରା ପ୍ରକଟିତ ହୁଏ । ଆମ ସମାଜରେ ଓ ପରିବେଶରେ ସେଭଳି ଆବେଗ ସ୍ଫୁରଣ କରିବା ନିମନ୍ତେ କାରଣର ଅଭାବ ନାହିଁ । କିନ୍ତୁ ସେସବୁ ପରିସ୍ଥିତିରେ ସୁସ୍ଥିର ଓ ଶାନ୍ତ ରହିପାରିବାହିଁ ପରିପକ୍ୱତାର ଲକ୍ଷଣ । ଆମ ଅନ୍ତଃସତ୍ତାର ଅଭୀପ୍ସା ଆନନ୍ଦ ଓ ସମତା ନିମନ୍ତେ । ଅଶ୍ଳୀଳ ଚିତ୍ର ସମ୍ଭୂତ ଉତ୍ତେଜନା ତା'ର ବିପରୀତ ପ୍ରତିକ୍ରିୟା ସୃଷ୍ଟି କରେ । ଫଳରେ ଅନ୍ତଃସତ୍ତା ଆଘାତ ପାଏ । ଆମ ଚେତନାର ପ୍ରଗତି (ଯାହା ଅଧିକାଂଶ କ୍ଷେତ୍ରରେ ମନ୍ଥର ରୂପେ ଚାଲିଥାଏ) ବାଧାପ୍ରାପ୍ତ ହୁଏ । ଆମର ଦୈନନ୍ଦିନ ଜୀବନଧାରା ଉପରେ ଅନ୍ତଃସତ୍ତାର ପ୍ରଭାବ ହ୍ରାସ ହେଲେ ବିଷାଦ ଏବଂ ଅସନ୍ତୋଷ, ଅନିବାର୍ଯ୍ୟ । ତଥାକଥିତ ଧର୍ମାଚରଣ ପରିସ୍ଥିତିରେ ତିଳେ ମଧ୍ୟ ପରିବର୍ତ୍ତନ ଆଣିପାରିବ ନାହିଁ ।

ଆମେରିକାବାସୀମାନଙ୍କ ଉପରେ ଗବେଷଣା କରି ସାମୁଏଲ୍ ପେରି ଯେଉଁ ସିଦ୍ଧାନ୍ତରେ ପହଞ୍ଚିଛନ୍ତି, ଭାରତର ପରିପ୍ରେକ୍ଷୀରେ ମଧ୍ୟ ତାହା ପ୍ରଣିଧାନଯୋଗ୍ୟ । ଖାଲି ସହର ନଗରରେ ନୁହେଁ ଗାଁ ଗହଳରେ ମଧ୍ୟ ବୈଦ୍ୟୁତିକ ମାଧ୍ୟମ ଜରିଆରେ ଅବିବେକୀ ଚିତ୍ରବେପାରୀମାନେ ଏକାପ୍ରକାର ଧନ୍ଦାରେ ବ୍ୟାପୃତ ବୋଲି ଖବର ମିଳୁଛି । ଏ ଦୁର୍ଭାଗ୍ୟଜନକ ମାନସିକ ଶୋଷଣ ରୋକିବା ଦିଗରେ ସଚେତନ ନାଗରିକମାନେ ତତ୍ପର ହେବା ଆବଶ୍ୟକ ।

**– ମନୋଜ ଦାସ** ❑

## ଯେଉଁମାନେ ମନିଅର୍ଡ଼ର ପଠାଉଛନ୍ତି :

ନବଜ୍ୟୋତି କାର୍ଯ୍ୟାଳୟ ଗ୍ରହଣ କରୁଥିବା EMO (Electronic Money Order) ଫର୍ମର ବାର୍ତ୍ତା ଉଲ୍ଲେଖ ଥିବା ସ୍ଥାନ (Space for Communication)ରେ ପ୍ରାୟଶଃ ଟଙ୍କା ପଠାଇବାର କାରଣ ସମ୍ପର୍କରେ ବାର୍ତ୍ତାଟି ଆସୁ ନାହିଁ । ତେଣୁ ଆପଣ ଏଠାକୁ ପଠାଇଥିବା ଗ୍ରାହକ (To) ଠିକଣାରେ ପ୍ରଣାମୀ ପଠାଉଥିଲେ, 'The Offering Section' କିଂବା ନବପ୍ରକାଶ ଓ ନବଜ୍ୟୋତି ପତ୍ରିକା ପାଇଁ ଟଙ୍କା ପଠାଉଥିଲେ 'The Magazine Section' ବୋଲି ନିଶ୍ଚିତ ଭାବରେ ଲେଖନ୍ତୁ । ତା'ଛଡ଼ା ପ୍ରେରକ(From) ଠିକଣାରେ ନିଜର ସମ୍ପୂର୍ଣ୍ଣ ଠିକଣା ସହ **Mobile** ନମ୍ବରଟିକୁ ଲେଖିବାକୁ ଯେମିତି ନଭୁଲନ୍ତି । ଯଦି ପତ୍ରିକାର ପୁରୁଣା ଗ୍ରାହକ ହୋଇଥା'ନ୍ତି ନିଜର ନାମ ସହ ଗ୍ରାହକ ନମ୍ବର ଲେଖିବା ଆବଶ୍ୟକ ।

କୌଣସି କାରଣରୁ ଗ୍ରାହକମାନେ ନବପ୍ରକାଶ ପାଇ ନଥିଲେ ତା'ର ପରବର୍ତ୍ତୀ ମାସର ପହିଲାଠାରୁ ପାଞ୍ଚ ତାରିଖ ମଧ୍ୟରେ ସକାଳ ୮.୩୦ରୁ ୧୧.୩୦ ମଧ୍ୟରେ ନବଜ୍ୟୋତି କାର୍ଯ୍ୟାଳୟକୁ ୦୪୧୩-୨୨୩୩୬୩୩ ଏହି ଫୋନ୍ ଯୋଗେ ଗ୍ରାହକ ନମ୍ବର ସହ ଜଣାଇ ଦେଲେ, ଆମ ପାଖରେ ପତ୍ରିକାଟି ମହଜୁଦ ଥିଲେ ପଠାଇବାକୁ ପ୍ରଯତ୍ନ କରିବୁ ।

**– ନବଜ୍ୟୋତି କାର୍ଯ୍ୟାଳୟ**

| ପତ୍ରିକାର ନାମ | ଖଣ୍ଡ ପ୍ରତି ମୂଲ୍ୟ | ବାର୍ଷିକ ଦେୟ | ଆଜୀବନ ଦେୟ (୨୦ ବର୍ଷ ପାଇଁ) |
|---|---|---|---|
| **ନବପ୍ରକାଶ** | ୧୫ ଟଙ୍କା | ୧୫୦ ଟଙ୍କା | ୧୫୦୦ ଟଙ୍କା |
| **ନବଜ୍ୟୋତି** | ୨୦ ଟଙ୍କା | ୮୦ ଟଙ୍କା | ୮୦୦ ଟଙ୍କା |

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

For enquiry and Home Delivery contact:
Kanti Enterprises, Bhubaneswar
PH: 7894465416 / 9938574182
Buy online at www.ayurlabsindia.com/indshop

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com